

ଟିଟିକିଆରୁ ସନ୍ୟାସ ନେଲେ ମାକ୍ସୱେଲ

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 71 | ଭାଗ ୩୪ | ସଂଖ୍ୟା ୭୧ | Bhubaneswar | Tuesday 3 June 2025 | Page 8 Rs. 4.00 | ● ଭୁବନେଶ୍ୱର ମଙ୍ଗଳବାର ୩ ଜୁନ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଦେଶରେ କରୋନା ଆକ୍ରାନ୍ତ ୪ ହଜାର ପାର୍



**ସରକାରଙ୍କୁ ରଥଯାତ୍ରା ଚିନ୍ତା**

ନୂଆଦିଲ୍ଲୀ,ଭୁବନେଶ୍ୱର,୨।୬: ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା। ଦେଶରେ ସକ୍ରିୟ ମାମଲା ୪ ହଜାର ପାଖାପାଖି ପହଞ୍ଚିଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟୀ, ସୋମବାର ସୁଦ୍ଧା ୩୯୬୧ ସକ୍ରିୟ ମାମଲା ରହିଛି। ସେହି ସମୟରେ ମୃତ୍ୟୁ ସଂଖ୍ୟା ୨୮କୁ ବୃଦ୍ଧି ପାଇଛି। ଦିଲ୍ଲୀରେ ମୋଟ ସକ୍ରିୟ ମାମଲା ସଂଖ୍ୟା ୪୩୬କୁ ବୃଦ୍ଧି ପାଇଛି। ଏଠାରେ ଗତ ୨୪ ଘଣ୍ଟାରେ ୬୧ଟି ମାମଲା ବୃଦ୍ଧି ପାଇଛି। ସେହିପରି ଉତ୍ତର ପ୍ରଦେଶରେ ସକ୍ରିୟ ମାମଲା ୧୪୯କୁ ବୃଦ୍ଧି ପାଇଛି। ଦେଶରେ କେରଳ ସଂକ୍ରମଣର ହଟସ୍ପଟ ପାଲଟିଛି। ଏଠାରେ ସକ୍ରିୟ ସଂକ୍ରମଣ ମାମଲା ୧୪୩୫ ରହିଛି। ମହାରାଷ୍ଟ୍ରରେ କୋଭିଡ୍-୧୯ ମାମଲା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ସ୍ୱାସ୍ଥ୍ୟ ବିଭାଗର ସଦ୍ୟତମ ରିପୋର୍ଟ ଅନୁଯାୟୀ, ସୋମବାର ରାଜ୍ୟରେ ୫୯ଟି ନୂତନ କରୋନା ମାମଲା ରିପୋର୍ଟ ହୋଇଛି। ତଥାପି, ଆଶ୍ୱସ୍ତିର ଖବର ହେଉଛି ଯେ ରାଜ୍ୟରେ ୩୦୦ ରୋଗୀ ସୁସ୍ଥ ମଧ୍ୟ ହୋଇଛନ୍ତି। ବର୍ତ୍ତମାନ ସକ୍ରିୟ କୋଭିଡ୍-୧୯ ରୋଗୀଙ୍କ ସଂଖ୍ୟା ୫୦୬। ରାଜସ୍ଥାନରେ ମଧ୍ୟ କରୋନା ମାମଲା ନିରନ୍ତର ବୃଦ୍ଧି ପାଉଛି। ଗତ ୨୪ ଘଣ୍ଟା ମଧ୍ୟରେ ୨୦ଟି ନୂତନ ମାମଲା ରିପୋର୍ଟ ହୋଇଛି। ନୂଆ ସଂକ୍ରମିତଙ୍କ ମଧ୍ୟରେ ୭୪ ଏବଂ ୮୨ ବର୍ଷ ବୟସର ଦୁଇ ଜଣ ବୃଦ୍ଧ ମଧ୍ୟ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ୧୯ ରୁ ୩୦ ବର୍ଷ ବୟସର ୭ ଜଣ ଯୁବକ ମଧ୍ୟ ଅନ୍ତର୍ଭୁକ୍ତ। ରାଜସ୍ଥାନରେ ଏପର୍ଯ୍ୟନ୍ତ ୯୮ ଜଣ ଲୋକ କରୋନା ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି। ୧୫ ଜଣ ରୋଗୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ରାଜଧାନୀ ଦିଲ୍ଲୀରେ ମୋଟ ସକ୍ରିୟ ମାମଲା ୪୩୬। ଏଠାରେ ମଧ୍ୟ ➪ପୃଷ୍ଠା-୬

# ଭଦ୍ରକ ପାଇଁ ପେଡ଼ି ଖୋଲିଦେଲେ ମୋହନ

- ୨୭୫ କୋଟିର ୧୩ ପ୍ରକଳ୍ପର ଉଦ୍‌ଘାଟନ ସହ ଶିଳାନ୍ୟାସ
- ପ୍ରତିଷ୍ଠା ହେବ ସରକାରୀ ବିଶ୍ୱବିଦ୍ୟାଳୟ
- ଖୁବ୍‌ଶୀଘ୍ର ବହୁଆକାଂକ୍ଷିତ ମେଡିକାଲ କଲେଜର ଶିଳାନ୍ୟାସ
- ଜିଲ୍ଲାରେ ଶିଳ୍ପ ବିକାଶକୁ ଗୁରୁତ୍ୱ ଦେଉଛନ୍ତି ସରକାର
- ଆଇସିଏଲ୍ କରିବ ୪,୩୭୭ କୋଟି ଟଙ୍କାର ଟିଟିସି
- କାର୍ଯ୍ୟକ୍ଷମ ହେବ ପଲିଷ୍ଟର ଉତ୍ପାଦନ କମ୍ପାନୀ
- ଜିଲ୍ଲାର ସମସ୍ତ ଶହୀଦ ପୀଠର ସୌନ୍ଦର୍ଯ୍ୟକରଣ
- ଆମ ସରକାରଙ୍କ ସଫଳତା ଫର୍ଦ୍ଦ ବେଶ୍ ଲମ୍ବା



ଭୁବନେଶ୍ୱର,୨।୬(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭଦ୍ରକ ଗସ୍ତରେ ଯାଇଥିବା ବେଳେ ଜିଲ୍ଲାବାସୀଙ୍କ ପାଇଁ ପ୍ରକଳ୍ପର ଭଣ୍ଡାର ଖୋଲିଦେଇଛନ୍ତି। ଜିଲ୍ଲାର ବାଲିଆପଡ଼ାଠାରେ ପ୍ରାୟ ୨୭୫ କୋଟି ଟଙ୍କାର ସମୁଦାୟ ୧୩ଟି ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଭଦ୍ରକରେ ସରକାରୀ ବିଶ୍ୱବିଦ୍ୟାଳୟ ସ୍ଥାପନ ହେବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ବହୁ ଦିନର ଦାବି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଖୁବ୍‌ଶୀଘ୍ର ଶିଳାନ୍ୟାସ ହେବ ଓ ଆଗାମୀ ଦିନରେ ଜିଲ୍ଲାରେ ଆଇଓସିଏଲ୍ ଟେକ୍ନିକାଲ ଟେକ୍ସଟାଇଲ କମ୍ପ୍ଲେକ୍ସ (ଟିଟିସି) ପ୍ରତିଷ୍ଠା କରିବ। ତା'ଛଡ଼ା ଏମ୍‌ସିପିଆଇ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଜିଲ୍ଲାରେ ଗୋଟିଏ ଏଚ୍‌ଏମ୍‌ଏଲ୍‌ଏସ୍ ପଲିଷ୍ଟର ଉତ୍ପାଦନ କମ୍ପାନୀ ପ୍ରତିଷ୍ଠା କରାଯିବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିସହ ଭଦ୍ରକରେ ଥିବା ସମସ୍ତ ଶହୀଦ ପୀଠର ସୌନ୍ଦର୍ଯ୍ୟକରଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଆମ ସରକାର କ୍ଷମତାକୁ ଆସିବା ପରେ ବିପ୍ଲବୀ ମାଟି ଭଦ୍ରକରେ ଆଜି ବିକାଶର ଗତି ତ୍ୱରାନ୍ୱିତ ହୋଇଛି। କ୍ଷମତାକୁ ଆସିବା ପରେ ଆମେ ଗୋଟିଏ ମିନିଟ୍ ବି ନଷ୍ଟ କରିନାହୁଁ। ଏହି ଭାବନାକୁ ମନରେ ରଖି ଗତ ପ୍ରାୟ ବର୍ଷେ ହେଲା ଆମ ସରକାର ଜନତାଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଛି। କ୍ଷମତାକୁ ଆସିବାର ୨୪ ମିନିଟ୍ ଭିତରେ ଆମ ସରକାର ୪ଟି ପ୍ରମୁଖ ପ୍ରତିଶ୍ରୁତି ପାଳନ କରି ରାଜ୍ୟବାସୀଙ୍କ ବିଶ୍ୱାସଭାଜନ ହୋଇପାରିଛି। ସେହିପରି ଗତ ୧୨ ମାସରେ ସରକାରଙ୍କ ସଫଳତାର ଫର୍ଦ୍ଦ ବେଶ୍ ଲମ୍ବା। ଏହାର ହିସାବ ଆସନ୍ତା ୧୨ରେ ଜନତା ଜନାର୍ଦ୍ଦନଙ୍କୁ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବିରୋଧୀକୁ ଟାର୍ଗେଟ୍ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗୁଣାତ୍ମକ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଯୋଗାଇଦେବା କୌଣସି ଜନକଲ୍ୟାଣମୂଳକ ସରକାରଙ୍କ ପ୍ରଥମ କର୍ତ୍ତବ୍ୟ। କିନ୍ତୁ ବିଶ୍ୱସ୍ତରୀୟ ସେବା ନାଁରେ ୨୪ ବର୍ଷ ଧରି ବିଜେଡି କେବଳ ରଙ୍ଗ ମାରିବା ଏବଂ ନିଜ ବାହାଦୁରୀ ଦେଖାଇବାରେ ବିତାଇଥିଲା। କିନ୍ତୁ ଅସଲ ବିକାଶ ଏବେ ଆରମ୍ଭ ହୋଇଛି। ଫଳସ୍ୱରୂପ ଆଗାମୀ କିଛି ବର୍ଷରେ ରାଜ୍ୟରେ ପ୍ରାଥମିକ ଶିକ୍ଷାର ଦଶା ଓ ଦିଶା ସମ୍ପୂର୍ଣ୍ଣ ବଦଳିଯିବ। ୫-ଟି'ର ରଙ୍ଗମରା ଶିକ୍ଷା ନୁହେଁ, ବାସ୍ତବ ଅର୍ଥରେ ଓଡ଼ିଶାର ବିକାଶ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଓଡ଼ିଶାରେ ଯେଉଁ ➪ପୃଷ୍ଠା-୬

### 'ବିକଶିତ କୃଷି ସଂକଳ୍ପ ଅଭିଯାନ'ରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

## କୃଷିଜାତ ସାମଗ୍ରୀର ଉତ୍ପାଦନ ବୃଦ୍ଧି ମୁଖ୍ୟ ଲକ୍ଷ୍ୟ



- ଶୀତଳଭଣ୍ଡାର ପ୍ରତିଷ୍ଠା ସହ କୃଷି ବ୍ୟବସାୟକୁ ମିଳିବ ପ୍ରୋତ୍ସାହନ
- ବିଦେଶୀ ବଜାରରେ ପହଞ୍ଚିବ ସମ୍ବଲପୁର ଫଳ ଓ ପନିପରିବା
- 'କୃଷି ରଥ'ର ଶୁଭାରମ୍ଭ, ଚାଷୀଙ୍କୁ ସଏଲ୍ ହେଲଥ୍ କାର୍ଡ ବିତରଣ

ରେଙ୍ଗାଲି/ସମ୍ବଲପୁର,୨।୬(ସଂଚାର ବ୍ୟୁରୋ): ସମ୍ବଲପୁର ଜିଲ୍ଲାରେ ଚାଷୀଙ୍କ ଆୟକୁ ବଢ଼ାଇବା ସହ ସବୁ ପ୍ରକାର ଚାଷର ଉତ୍ପାଦନ ବଢ଼ାଇବା ଆମର ମୂଳ ଉଦ୍ଦେଶ୍ୟ ବୋଲି ସୋମବାର ସମ୍ବଲପୁର ଜିଲ୍ଲା ରେଙ୍ଗାଲିଠାରେ 'ବିକଶିତ କୃଷି ସଂକଳ୍ପ ଅଭିଯାନ'ରେ ଯୋଗଦେବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତ ଦେଇଛନ୍ତି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର କୃଷି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ସହ ଉତ୍ପାଦନ ବୃଦ୍ଧି ଓ ଚାଷୀଙ୍କ ଆୟକୁ ଦୁଇ ଗୁଣ କରିବା ପାଇଁ ଓଡ଼ିଶା ସମେତ ସାରା ଦେଶରେ 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଆରମ୍ଭ କରିଛନ୍ତି। ଏହା ଏକ ସାଧୁ ଉଦ୍ୟମ। ଏହି ଅଭିଯାନରେ ଦେଶର ୭୦୦ ଜିଲ୍ଲାରେ ୨ ହଜାରରୁ ଅଧିକ ବୈଜ୍ଞାନିକ ଦଳ ଗାଁଗାଁକୁ ଯାଇ ୧.୫ କୋଟିରୁ ଅଧିକ ଚାଷୀଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବେ। ଚାଷୀମାନଙ୍କୁ ନୂତନ ପ୍ରଯୁକ୍ତିବିଦ୍ୟା ଓ ସରକାରୀ ଯୋଜନା ସମ୍ବନ୍ଧୀୟ ସୂଚନା ପ୍ରଦାନ କରାଯିବ। କୃଷି ➪ପୃଷ୍ଠା-୬

**ଆସାମରେ ବନ୍ୟା ସ୍ଥିତି ଗମ୍ଭୀର**

## ଫସିଛନ୍ତି ୫ ଲକ୍ଷ, ୨ ଜୀବନ ହାନି



ଗୌହାଟି,୨।୬: ଲଗାଣ ବର୍ଷାରେ ବେହାଲ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ । ଆସାମ, ମଣିପୁର, ସିକ୍କିମର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସାଙ୍ଗକୁ ବନ୍ୟା ଓ ଭୂସ୍ଖଳନ ସ୍ଥିତି। ରାସ୍ତାଘାଟ, ଘରଦ୍ୱାର ଚାରିଆଡ଼େ ପାଣି ହିଁ ପାଣି ଦେଖିବାକୁ ମିଳିଛି । ଅନେକ ଗାଁ ଜଳମଗ୍ନ ହୋଇଛି। ରାସ୍ତାରେ ଡଙ୍ଗା ଚାଲୁଛି । ଏନଡିଆରଏଫ୍, ଏସଡିଆରଏଫ ଟିମ୍ ପକ୍ଷରୁ ବନ୍ୟା ପ୍ରଭାବିତଙ୍କୁ ଉଦ୍ଧାର କରାଯାଉଛି। ସୋମବାର ଦିନ ଆସାମରେ ବନ୍ୟା ପରିସ୍ଥିତି ଗମ୍ଭୀର ରହିଛି ଏବଂ ରାଜ୍ୟର ଅନେକ ସ୍ଥାନରେ ଜଳସ୍ତର ବୃଦ୍ଧି ପାଇଥିବା କହିଛନ୍ତି ସରକାରୀ ଅଧିକାରୀ।

ଗୌହାଟିରେ ଥିବା ଭାରତୀୟ ପାଣିପାଗ ବିଭାଗର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଆସାମର ଅଧିକାଂଶ ସ୍ଥାନରେ ମଧ୍ୟମ ଧରଣର ବର୍ଷା, କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ବିଚ୍ଛିନ୍ନ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଗତକାଲି ରାତିରେ ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଏକ ରିପୋର୍ଟରେ କୁହାଯାଇଛି ଯେ କଛାର ଏବଂ ଶ୍ରୀଭୂମି ଜିଲ୍ଲାରେ ଆଉ ଦୁଇଜଣ ପ୍ରାଣ ହରାଇଛନ୍ତି ଏବଂ ୧୫ଟି ➪ପୃଷ୍ଠା-୬

**ସିକ୍କିମରେ ଭୂସ୍ଖଳନ, ଧସିଗଲା ସାମରିକ କ୍ୟାମ୍ପ୍**

### ୩ ଯବାନ ମୃତ, ୬ ନିଖୋଜ

ସିକ୍କିମ, ୨।୬: ପ୍ରବଳ ବର୍ଷା ପରେ ସିକ୍କିମରେ ଭୟଙ୍କର ଭୂସ୍ଖଳନ ଘଟିଛି। ଉତ୍ତର ସିକ୍କିମର ଛାଟେନ୍ ଅଞ୍ଚଳରେ ଭୟଙ୍କର ଭୂସ୍ଖଳନରେ ଧସିଛି ସାମରିକ କ୍ୟାମ୍ପ୍। ଏଥିରେ ୩ ଜଣ ଯବାନ ମୃତ୍ୟୁବରଣ କରିଥିବା ବେଳେ ୬ ଜଣ ନିଖୋଜ ଅଛନ୍ତି। ଘଟଣା ପରେ ୪ ଜଣ ଯବାନଙ୍କୁ ଗୁରୁତର ଭାବେ ଉଦ୍ଧାର କରାଯାଇଥିବା ବେଳେ ୩ ଯବାନଙ୍କ ମୃତଦେହ





ଉଦ୍ଧାର କରାଯାଇଛି। ମୃତ୍ୟୁବରଣ କରିଥିବା ୩ ଯବାନ ହେଲେ ହାବିଲଦାର ଲଖବିନ୍ଦର ସିଂହ, ଲାନ୍ସ ନାଏକ ମନୀଷ ଠାକୁର ଓ ଅଭିଷେକ ଲାକ୍ରା। ନିଖୋଜ ଯବାନଙ୍କୁ ଉଦ୍ଧାର ପାଇଁ ଅପରେସନ ଜାରି ରହିଛି। ତେବେ ➪ପୃଷ୍ଠା-୬

## ମୁଖ୍ୟସ୍ରୋତକୁ ଫେରିଲେ ୧୬ ମାଓବାଦୀ

- ୨ ପିଏଲ୍‌ଜିଏ ସଦସ୍ୟ ସାମିଲ୍
- ୬ ଜଣଙ୍କ ମୁଣ୍ଡରେ ଥିଲା ୨୫ ଲକ୍ଷର ପୁରସ୍କାର



ମାଲକାନଗିରି,୨।୬(ସଂଚାର ବ୍ୟୁରୋ): ଛତିଶଗଡ଼ରେ କ୍ରମାଗତ ଭାବେ ମାଓବାଦୀ ସଂଗଠନଗୁଡ଼ିକୁ ଝଟ୍‌କା ପରେ ଝଟ୍‌କା ମିଳିଚାଲିଛି। କାରଣ କେନ୍ଦ୍ର ସରକାରଙ୍କ ମାଓବିରୋଧୀ ପଦକ୍ଷେପ ଓ ଛତିଶଗଡ଼ ସରକାରଙ୍କ ଆକର୍ଷଣୀୟ କ୍ଷତିପୂରଣ ପ୍ୟାକେଜ୍ ମାଓବାଦୀମାନଙ୍କୁ ଅସ୍ତ୍ର ତ୍ୟାଗ କରି ଶାନ୍ତିରେ ଜୀବନ ବିତାଇବାକୁ ପ୍ରେରିତ କରୁଛି। ଏହି କାରଣରୁ ଆଜି ଛତିଶଗଡ଼ ରାଜଧାନୀ ରାୟପୁରଠାରୁ ପାଖାପାଖି ୪୫୦ କିମି ଦୂରବର୍ତ୍ତୀ ସୁକୁମା ଜିଲ୍ଲାରେ ୧୬ ଜଣ ମାଓବାଦୀ ଆତ୍ମସମର୍ପଣ କରିବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ଦୁଇ ଜଣ କୁଖ୍ୟାତ ମାଓ ନେତା ଅଛନ୍ତି, ଯେଉଁମାନେ ପିପଲ୍ସ ଲିବରେସନ୍ ଗରିଲା ଆର୍ମି (ପିଏଲ୍‌ଜିଏ)ର ସକ୍ରିୟ ସଦସ୍ୟ ଥିଲେ। ଏମାନଙ୍କ ମୁଣ୍ଡରେ ୧୬ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ସେହିପରି ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରୁ ୬ ଜଣଙ୍କୁ ଧରାଇଦେଲେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ୨୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ଏମାନେ ସୁକୁମା ବିଜାପୁର ଓ ଦନ୍ତେୱାଡା ଜିଲ୍ଲାର ଅନେକ ହିଂସାକାଣ୍ଡରେ ଜଡ଼ିତ ଥିବା ସୁକୁମା ଏସପି କିରଣ ଚୌହାନ ସୂଚନା ➪ପୃଷ୍ଠା-୬

## କଠୁଆରେ ୩ ସନ୍ଦିଗ୍ଧ ଆତଙ୍କୀ ସର୍ଚ୍ଚ ଅପରେସନ ଜାରି

ଶ୍ରୀନଗର,୨।୬: ଜମ୍ମୁ- କାଶ୍ମୀରର କଠୁଆ ଜିଲ୍ଲାରେ ସୋମବାର ତିନି ଜଣ ସନ୍ଦିଗ୍ଧ ଆତଙ୍କୀ ଲୁଚିଥିବା ସୂଚନା ମିଳିଛି। ତେଣୁ ତୁରନ୍ତ ସୁରକ୍ଷା ବଳ ପକ୍ଷରୁ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସର୍ଚ୍ଚ ଅପରେସନ ଜାରି ରହିଥିଲେ ବି ସୁରକ୍ଷାକର୍ମୀମାନଙ୍କୁ ଉକ୍ତ ସନ୍ଦିଗ୍ଧଙ୍କୁ ଠାବ କରିବା ଦିଗରେ ସଫଳତା ମିଳିପାରିନାହିଁ। ସୁରକ୍ଷା ବଳର ଅଧିକାରୀ ଦେଇଥିବା ସୂଚନାନୁସାରେ, କଠୁଆର ହୀରାନଗର ଅଞ୍ଚଳରେ ଜଣେ ସ୍ଥାନୀୟ ବାସିନ୍ଦା ତିନି ଜଣ ଯୁବକଙ୍କୁ ସନ୍ଦିଗ୍ଧ ଅବସ୍ଥାରେ ଦେଖିଛନ୍ତି। ଏନେଇ ଖବର ମିଳିବା ପରେ ନିକଟସ୍ଥ ଜଙ୍ଗଲରେ ତୁରନ୍ତ ସୁରକ୍ଷାକର୍ମୀମାନେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ସେନା ଓ ରାଜ୍ୟ ପୁଲିସ ମିଳିତ ଭାବରେ ଏହି ଅଭିଯାନ ଚଳାଇଛନ୍ତି। ସେପଟେ ସର୍ଚ୍ଚ ଅପରେସନ ପାଇଁ ସୁରକ୍ଷା ବଳ ହୀରାନଗର ଅଞ୍ଚଳ ଏବଂ ଏହା ସହ ଜଡ଼ିତ ରାଜପଥରେ ସୁରକ୍ଷାକୁ ଅଧିକ କଡ଼ାକଡ଼ି କରିଛି। ପହଲଗାମ ଆତଙ୍କୀ ହମ୍‌ଲା ପରେ ସୁରକ୍ଷା ବଳ ବେଶ୍ ଆଲର୍ଟ ରହିଛି। କେଉଁଠି କିଛି ➪ପୃଷ୍ଠା-୬

## ସରକାରୀ ଅଧିକାରୀଙ୍କ ଦକ୍ଷତା ମପାଯିବ

- ଚିହ୍ନଟ ହେବେ ଟହଲିଆ ଅଫିସର
- ଦକ୍ଷତା ଆଧାରରେ ଦିଆଯିବ ପୁରସ୍କାର
- କର୍ମଚାରୀଙ୍କ ମୂଲ୍ୟାୟନ କରିବେ ଉପରିସ୍ଥ ଅଧିକାରୀ

ଭୁବନେଶ୍ୱର,୨।୬(ସଂଚାର ବ୍ୟୁରୋ): ସବୁ ସରକାରୀ ଅଧିକାରୀଙ୍କ ଦକ୍ଷତା ମପାଯିବ। ସେହି ଅନୁଯାୟୀ ସେମାନଙ୍କୁ ପୁରସ୍କୃତ କରାଯିବ। ଗତ ୨୦ ତାରିଖରେ ଉନ୍ନୟନ କମିଶନଙ୍କ ଅଧ୍ୟକ୍ଷତାରେ ପ୍ରଶାସନିକ ଓ ସରକାରୀ ଦକ୍ଷତା ବୃଦ୍ଧି ସମ୍ପର୍କିତ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଆଧାରରେ ଯୋଜନା ଓ ସଂଯୋଜନା ବିଭାଗ ଗତ ୨୮ ତାରିଖରେ ସବୁ ବିଭାଗୀୟ ମୁଖ୍ୟଙ୍କୁ ଚିଠି କରିଛନ୍ତି। ବୈଠକରେ ନିଆଯାଇଥିବା





ନିଷ୍ପତ୍ତି ଆନୁଯାୟୀ ଏଣିକି ସବୁ ସରକାରୀ ବାବୁଙ୍କ ପ୍ରଦର୍ଶନ ଉପରେ କଡ଼ା ନଜର ରଖିବେ ସରକାର । କିଏ କାମ କରୁଛି, କିଏ ଟହଲ ମାରୁଛି, ଏହାର ମାସିକିଆ ହିସାବ ରହିବ। ସବୁ କର୍ମଚାରୀଙ୍କ ମୂଲ୍ୟାୟନ କରିବେ ବିଭାଗର ଉପରିସ୍ଥ ଅଧିକାରୀ। ସବୁ ସରକାରୀ ଅଧିକାରୀଙ୍କ ପ୍ରଦର୍ଶନ ରିପୋର୍ଟ ସବୁ ମାସରେ ପ୍ରସ୍ତୁତ କରାଯିବ। ସେହି ଆଧାରରେ ପ୍ରତି ମାସରେ ଶ୍ରେଷ୍ଠ କର୍ମଚାରୀଙ୍କୁ ଦିଆଯିବ ପୁରସ୍କାର। ବାୟୋମେଟ୍ରିକ ଉପସ୍ଥାନ ଓ ସମୟାନୁବର୍ତ୍ତିତା, ଓସ୍ୱାସ ଜରିଆରେ ଅଧିକ ଫାଇଲ ପଠାଇବା, ଭଲ ଡ୍ରାଫ୍ଟିଙ୍ଗ୍ କରିପାରିବା, ଓଡ଼ିଆ ଡ୍ରାଫ୍ଟିଙ୍ଗ୍‌ରେ ଦଖଲ ଥିବ, ଏସବୁ ମାନଦଣ୍ଡ ପୂରଣ କରୁଥିବା ଅଧିକାରୀଙ୍କୁ ପ୍ରତି ମାସରେ ପୁରସ୍କୃତ କରି ଉତ୍ସାହିତ କରାଯିବ।

ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, କିଛି ଏଏସଓ ଓ ଏସଓ ସଂଖ୍ୟାଧିକ ଫାଇଲ ପ୍ରସ୍ତୁତ କରୁଥିବା ବେଳେ ଆଉ କେତେ ଜଣ ଗୋଟିଏ କି ଦୁଇଟିରେ ଅଟକିଯାଉଛନ୍ତି। ଯାହା ଫଳରେ ସବୁ ଫାଇଲ କାମ ଠିକ୍ ➪ପୃଷ୍ଠା-୬



**କାନ ଡେରିଥା**

ଟୁଙ୍ଗୁର ପ୍ରେମଟା ଥମି ଆସିଥିଲା
ଦ୍ୱିତୀୟ ପର୍ଯ୍ୟାୟ ନାଟ
ଅଡ଼ି ଗାଡିରେ ବା ଝିଅଟେ ପଟୁନି
ଦେଖି ଟୋକା ଛଟପଟ
ଭାଉଜ ଦେଖିକି ଅଟୋ...
କଷି ଟୁଙ୍ଗୁରୁକୁ ବୟସ୍କା ଭାଉଜ
ଅଟୋ ପରା ତାଙ୍କ ଖଟ।

■ ଦେବାଶିଷ

# ରଥ ଓ ପଥକୁ ନେଇ ଇସ୍କନର ଖେଳ

**ରଥରେ ଖଞ୍ଜୁଛି ବିମାନ ଚକା**

**କାହାରି କଥାକୁ ଖାତିର ନାହିଁ**

ଭୁବନେଶ୍ୱର,୨।୬(ସଂଚାର ବ୍ୟୁରୋ): କୃଷ୍ଣଙ୍କ ପ୍ରଚାର ପ୍ରସାର ପାଇଁ ଗଠିତ ଆର୍ନ୍ତଜାତିକ ସଂସ୍ଥା ଇସ୍କନ ଏବେ ରଥ ଓ ପଥକୁ ନେଇ ଖେଳ ଖେଳିବାରେ ଲାଗିଛି। କେତେବେଳେ ବିଦେଶରେ ଶ୍ରୀଜଗନ୍ନାଥଙ୍କର ଅଦିନିଆ ରଥଯାତ୍ରା ଆୟୋଜନ କରୁଛି ତ ଆଉ କେତେବେଳେ ରଥରେ ଯୁଦ୍ଧ ବିମାନ ଚକା ଲଗାଇ ତାହାକୁ ପ୍ରଚାରର ମାଧ୍ୟମ କରିଛି। ଇସ୍କନର ସଦ୍ୟ ଖେଳ ହେଲା କୋଲକତାରେ ଥିବା ଇସ୍କନ ମନ୍ଦିର ତା'ର ରଥଯାତ୍ରା ପାଇଁ ପ୍ରସ୍ତୁତ ରଥରେ ସୁଖୋଇ ଯୁଦ୍ଧ ବିମାନର ଚକା ଲଗାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ବିରାଜମାନ ହେଉଥିବା ରଥରେ କାଠର ଚକ ଲାଗିଥାଏ। କେବଳ ପୁରୀର ଜଗନ୍ନାଥ ଧାମ ନୁହେଁ, ଦେଶବିଦେଶରେ ମଧ୍ୟ ଏଭଳି ଦେଖିବାକୁ ମିଳିଥାଏ। କୋଲକତାରେ ମଧ୍ୟରେ କାଠର ଅଭାବ ନାହିଁ। ହେଲେ ଇସ୍କନ କର୍ତ୍ତୃପକ୍ଷ ଜାଣିଶୁଣି ଯୁଦ୍ଧ ବିମାନର ଚକା ଲଗାଇ ତାହାକୁ ପ୍ରଚାର କରାଇଛନ୍ତି। ଏହା ଯେଭଳି ଓଡ଼ିଶା, ଓଡ଼ିଆ ଓ ଜଗନ୍ନାଥପ୍ରେମୀଙ୍କୁ ଆଘାତ ପହଞ୍ଚାଇବ, ତାହାର ସମସ୍ତ ବ୍ୟବସ୍ଥା ହୋଇଛି। ସାଧାରଣରେ ଇସ୍କନର ଏଭଳି କାରନାମାକୁ କେହି ବି ପସନ୍ଦ କରୁନାହାନ୍ତି।



ଅଳ୍ପଦିନ ତଳେ ପଶ୍ଚିମବଙ୍ଗର ଦୀଘାରେ ନିର୍ମିତ ଜଗନ୍ନାଥ ମନ୍ଦିରର ବିଗ୍ରହ ଓ ସେହି ସ୍ଥାନର ନାମ ସହ ଧାମ ଯୋଡ଼ାଯିବା ନେଇ ଢେର ବିବାଦ ହୋଇଥିଲା। ଏହି ବିବାଦକୁ ପ୍ରଶମିତ କରିବା ପାଇଁ ଓଡ଼ିଶା ସରକାରଙ୍କଠାରୁ ଆରମ୍ଭ କରି ପୁରୀ ଗଜପତିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ତେବେ ଏଭଳି କାରନାମା ପଛରେ ଇସ୍କନର ହାତ ଥିବା ଅନେକ ସନ୍ଦେହ କରିଥିଲେ। ଅବଶ୍ୟ ଏଭଳି କାର୍ଯ୍ୟ ପଛରେ ଇସ୍କନ ନଥିବା କୁହାଯାଇଥିଲା।

ଏହାର କିଛିଦିନ ପୂର୍ବରୁ ଦକ୍ଷିଣ ଆଫ୍ରିକାର ସାଣ୍ଡଟନ୍ ସହରରେ ଅଦିନିଆ ରଥଯାତ୍ରା କରି ବିବାଦକୁ ଆସିଥିଲା। ଇସ୍କନ ଏବେ ସାରା ବିଶ୍ୱରେ ଜଗନ୍ନାଥଙ୍କୁ ରଥରେ ବସାଇ ବୁଲାଇବାରେ ଲାଗିଛି। ପୁରୀ ଗଜପତିଙ୍କ ବାରଣ ସତ୍ତ୍ୱେ ମଝିରେ ମଝିରେ ବିଦେଶରେ ଅଦିନିଆ ରଥଯାତ୍ରା ଆୟୋଜନ କରି ବିବାଦୀୟ ସୃଷ୍ଟି କରୁଛି। ଏହାକୁ ନେଇ ବ୍ୟାପକ ହୋହାଲ୍ଲା ହେଲା ପରେ ଇସ୍କନ କର୍ତ୍ତୃପକ୍ଷ ସଫେଇ ଦେବା ସହ ଏଥିରୁ କ୍ଷାନ୍ତ ରହୁଛନ୍ତି। ➪ପୃଷ୍ଠା-୬

## ଓଡ଼ିଶା ପୁଲିସ୍‌କୁ ଅଧିକ କ୍ଷମତା ଦିଆନଯାଉ

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ଘରୋଇ ବସ୍ ସଂଘ**

ଭୁବନେଶ୍ୱର,୨।୬(ସଂଚାର ବ୍ୟୁରୋ): ଓଡ଼ିଶା ପୁଲିସକୁ ଅଧିକ କ୍ଷମତା ଦେଲେ ଦୁର୍ନୀତି ବଢ଼ିବାର ଆଶଙ୍କା ରହିଛି। ସୀମିତ ମାନବ ସମ୍ବଳରେ ଓଡ଼ିଶା ପୁଲିସ ଅପରାଧ ନିୟନ୍ତ୍ରଣ କରିପାରୁନି। ଘରୋଇ ବସ ଚେକିଂ ପାଇଁ ପୁଲିସକୁ କ୍ଷମତା ଦେବାକୁ ସରକାର ଚିନ୍ତା କରୁଛନ୍ତି। କିନ୍ତୁ ଏଭଳି କରାଗଲେ ଘରୋଇ ବସ ମାଲିକମାନେ ଅଧିକ ନିର୍ଯାତିତ ହେବେ, ପୁଲିସ ବିଭାଗରେ ଦୁର୍ନୀତି ବଢ଼ିବା ସହ ସରକାର ବଦନାମ ହେବେ। ତେଣୁ ସରକାର ନେବାକୁ ଯାଉଥିବା ନିଷ୍ପତ୍ତିର ପୁର୍ନବିଚାର କରିବାକୁ ଘରୋଇ ବସ ମାଲକ ସଂଘ ଦାବି କରିଛି। ଏନେଇ ସଂଘ ପକ୍ଷରୁ ଆଜି ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ମଧ୍ୟ ଲେଖାଯାଇଛି।

ସଡକ ଦୁର୍ଘଟଣାକୁ ହ୍ରାସ କରିବାକୁ ପୋଲିସକୁ ହେଲମେଟ ଚେକିଂ, ଦୁଇ ଚକିଆ ଯାନରେ ତିନିଜଣ ବସିବା, ନିଶା ସେବନ କରି ଗାଡି ଚଳେଇବା, ସିଟ ବେଲ୍ଟ ନଲଗାଇବା ଆଦି ଯାଞ୍ଚ କରିବାର କ୍ଷମତା ଦିଆଯାଇଛି। ଘରୋଇ ବସରୁ ନିୟନ୍ତ୍ରିତ କରିବାକୁ ସରକାର ପୋଲିସକୁ ଅଧିକ କ୍ଷମତା ଦେବାକୁ ଯେଉଁ ଚିନ୍ତା ➪ପୃଷ୍ଠା-୬

### ପ୍ରାକ୍ ମୌସୁମୀ ଓ ଲଘୁଚାପ ବର୍ଷା ପରେ ଚାଷ ପାଇଁ ତତ୍ପରତା

# ମିଳୁନି ସରକାରୀ ବିହନ, ଚାଷୀ ହତାଶ

### ବାଧ୍ୟ ହୋଇ ବେସରକାରୀ ବିହନ କିଣୁଛି ଚାଷୀ



**କେନ୍ଦ୍ରାପଡା, ୨।୬ (ସଂଚାର ବ୍ୟୁରୋ) :** ଚଳିତ ବର୍ଷ ଶୀଘ୍ର ମୌସୁମୀ ବର୍ଷା ଆସିବାର ସମ୍ଭାବନା ରହିଛି। କେରଳକୁ ମୌସୁମୀ ଛୁଇଁଲା ପରେ ଏହାର ପ୍ରଭାବରେ ହେଉଥିବା ବର୍ଷାରେ ଚାଷୀକୁଳ ବେଶ୍ ଉତ୍ସାହିତ। ଗତ କିଛିଦିନ ଧରି ବର୍ଷା ହେବାପରେ କେନ୍ଦ୍ରାପଡା ଜିଲ୍ଲାର ଚାଷୀ ବିଲ ମୁହାଁ ହୋଇଛନ୍ତି। ଧାନବୁଣିବାକୁ ଚାଷୀ ଜମି ପ୍ରସ୍ତୁତ କରିବାରେ ଲାଗିଛନ୍ତି। ବିଲରେ ଖତଲଗା କାମ ପ୍ରାୟ ସରିଆସିଲାଣି। ହେଲେ ଜମିରେ ବୁଣିବା ଓ ତଳି ପକାଇବା ପାଇଁ ସରକାରୀ ବିହନର ଅଭାବ ପରିସ୍ଥିତିକୁ ଜଟିଳ କରିଦେଇଛି। ଚାଷୀ ସରକାରୀ ବିହନକୁ ଚାହିଁ ହତାଶ ହୋଇପଡ଼ିଛନ୍ତି। କେତେକ ସ୍ଥାନରେ ବିହନ ଯୋଗାଇ ପାରୁନି କୃଷି ବିଭାଗ। ବୁଣିବା ଓ ତଳିପକାଇବା ଚିନ୍ତାରେ ଚାଷୀ ଘରୋଇ ବ୍ୟବସାୟୀଙ୍କଠାରୁ ଚଢ଼ା ଦରରେ ଚାଷୀ ବିହନ କିଣି ଚାଷ କାର୍ଯ୍ୟ ଆରମ୍ଭ କରିଥିବା ଦେଖିବାକୁ ମିଳିଛି।

ଅକ୍ଷୟ ତୃତୀୟାଠାରୁ ଖରିଫ୍ ଚାଷକାର୍ଯ୍ୟର ଅନୁକୂଳ ହୋଇଥାଏ। ଚାଷୀମାନେ ଏହି ଦିନକୁ ଶୁଭଦିନ ଭାବେ ଧରି ବିଲରେ ଧାନ ବିହନ ବୁଣିବା ଆରମ୍ଭ କରିଥାନ୍ତି। ଅଖିମୁଠି ଅନୁକୂଳର କିଛିଦିନ ବିତି ଯାଇଥିଲେ ମଧ ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରିନଥିଲେ। କିନ୍ତୁ ଚଳିତବର୍ଷ ଧାର୍ଯ୍ୟ ସମୟର ଦୁଇସପ୍ତାହ ପୂର୍ବରୁ ମୌସୁମୀ କେରଳ ଛୁଇଁଥିଲା। ଏହାର ପ୍ରଭାବ ଏବଂ ଲଘୁଚାପ ଜନିତ ଗତ ୪-୫ ଦିନ ଧରି ଲଗାଣ ବର୍ଷା ହୋଇଥିଲା। ଅନୁକୂଳ ପାଗ ଯୋଗୁଁ ଚାଷୀମାନେ ଶୀଘ୍ର ଧାନ କାର୍ଯ୍ୟ ଆରମ୍ଭ ପାଇଁ ପ୍ରସ୍ତୁତ କରିଛନ୍ତି। ବିଲରେ ହଳ କରାଗଲାଣି। ଧାନ ବୁଣିବା ଓ ତଳି ପକାଇବା ପାଇଁ ଚାଷୀ ତତ୍ପରତା ଦେଖାଇଲେଣି। ଏ ବର୍ଷା ଭଲ ବର୍ଷା ହେବାର ଥିବାରୁ ଯେପରି ଧାନ ଚାଷ ଭଲ ହେବ ସେହି ହିସାବରେ ସରକାରୀ ବିହନ ଆଣି ଚାଷ କରିବାକୁ ଚାଷୀ ଲକ୍ଷ୍ୟ ରଖିଛନ୍ତି। ହେଲେ ଠିକଣା ସମୟରେ ସରକାରୀ ବିହନ ମିଳୁନଥିବା ନେଇ କେନ୍ଦ୍ରାପଡା ଜିଲ୍ଲାର ଅଧିକାଂଶ ଚାଷୀ ଅଭିଯୋଗ କରିଛନ୍ତି।

ଚାଷଜମି ଅନୁସାରେ ଚାଷୀଙ୍କ ସର୍ବାଧିକ ଚାହିଦା ଥିବା ସ୍ୱର୍ଣ୍ଣ, ପୂଜା, କଳାଚମ୍ପା, ୧୦୧୮ କିସମ ଆଦି ବିହନ ଅତି କମ୍ ପରିମାଣରେ ଆସିଥିବାରୁ ଚାଷୀମାନେ ତାହାକୁ ପାଇପାରୁ ନାହାନ୍ତି। ବିହନ ଯୋଗାଣରେ ଅହେତୁକ ବିଳମ୍ବ ଯୋଗୁଁ କେତେକ ଚାଷୀ ଦେଶୀ ବିହନ ବୁଣିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଅଳ୍ପ କେତେକ ଚାଷୀ ନିଜ ପାଖରେ ଗଚ୍ଛିତ ରଖୁଥିବା ପୁରୁଣା ବିହନରେ ଚାଷ କାର୍ଯ୍ୟ ଆରମ୍ଭ କରିଥିବାର ଜଣାପଡ଼ିଛି। କେତେକ କ୍ଷେତ୍ରରେ ଚାଷୀ ଚାହିଦା ବିହନକୁ ଘରୋଇ ଡିଲରଙ୍କଠାରୁ ଅଧିକ ଦାମ୍ ଦେଇ କିଣୁଛନ୍ତି। ପୁରୁଣା ବିହନ ରଖିନଥିବା ଚାଷୀ ସରକାରୀ ବିହନକୁ ଅପେକ୍ଷା କରି ବସିଛନ୍ତି।

ଏ ନେଇ ମାର୍ଶାଘାଇ ଅଞ୍ଚଳର ଚାଷୀ ପ୍ରକାଶ ନାୟକ କହିଛନ୍ତି, ଆମ ଅଞ୍ଚଳରେ ରହିଥିବା ପ୍ୟାକ୍ସକୁ ଥରେ ମାତ୍ର ବିହନ ଆସିଥିଲା। ତାହାକୁ କିଛି ଚାଷୀ ନେଇଛନ୍ତି। ସମସ୍ତଙ୍କ ପାଖରେ ବିହନ ପହଞ୍ଚି ପାରିନି। ଶତାଧିକ ଚାଷୀ ସରକାରୀ ବିହନ ପାଇବା ଆଶାରେ ରହିଛନ୍ତି। ବିହନ ନଥିବା ଫଳରେ ଚାଷ କାର୍ଯ୍ୟ ଆଗେଇ ପାରୁନଥିବା ଶ୍ରୀ ନାୟକ କହିଛନ୍ତି।




## ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶବ ବ୍ୟବଚ୍ଛେଦ କେନ୍ଦ୍ର ସ୍ଥାପନ ପାଇଁ ଦାବି

**ସାଲେପୁର, ୨।୬ (ସଂଚାର ବ୍ୟୁରୋ) :** ସାଲେପୁର ଅଞ୍ଚଳ ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ହୋଇଥିବାବେଳେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କେନ୍ଦ୍ର ନଥିବାରୁ ସାଲେପୁର ଥାନା ଅଞ୍ଚଳରେ ବିଭିନ୍ନ ସମୟରେ ଅସ୍ୱାଭାବିକ ମୃତ୍ୟୁବରଣ କରିଥିବା ଶବ ଗୁଡିକୁ କଟକ ବଡ଼ ମେଡ଼ିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଯାଉଛି। ମୃତକଙ୍କ ସମ୍ପର୍କୀୟମାନେ ଅଯଥାରେ ୧୦ରୁ ୧୨ହଜାର ଟଙ୍କା ଖର୍ଚ୍ଚାନ୍ତ ହେବାର ସମ୍ମୁଖୀନ ହେଉଛନ୍ତି। ସେହିପରି ମୃତଦେହ ଗୁଡିକ ପରଦିନ ବ୍ୟବଚ୍ଛେଦ କରାଯାଉଥିବାରୁ ବାସୀମଢ଼ା ବୋଲି ଲୋକମାନେ ତାକୁ ବିବେଚନା କରିବା ସହ ଅସନ୍ତୋଷ ପ୍ରକାଶ କରୁଛନ୍ତି।

ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କିଶୋରନଗର, ମାହାଙ୍ଗା ନିର୍ବାଚନ ମଣ୍ଡଳୀର କିଛି ପଞ୍ଚାୟତର ଲୋକ ନିର୍ଭର କରିଥାନ୍ତି। ତେଣୁ ନିୟମିତ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସାଲେପୁର ଅଞ୍ଚଳ ସମେତ ଏହି ସବୁ ଅଞ୍ଚଳର ଲୋକମାନେ ଚିକିତ୍ସିତ ହେବାକୁ ଆସିଥାନ୍ତି। ଚିକିତ୍ସା ସମୟରେ ଯଦି କୌଣସି ରୋଗୀର ମୃତ୍ୟୁ ହୁଏ, ତେବେ ସେମାନଙ୍କ ଶବକୁ ସରକାରୀ ନିୟମ ଅନୁଯାୟୀ ବ୍ୟବଚ୍ଛେଦ କରିବାର ବ୍ୟବସ୍ଥା ରହିଛି। କିନ୍ତୁ ଦୁଃଖର ବିଷୟ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା ନଥିବାରୁ ବାଧ ହୋଇ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ଅଞ୍ଚଳର ଶବ ଗୁଡିକୁ କଟକ ବଡ଼ ମେଡ଼ିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଯାଏ। ଫଳରେ ଶବର ସମ୍ପର୍କୀୟମାନେ ୧୨ରୁ ୨୪ଘଣ୍ଟା ସମୟ ନଷ୍ଟ କରିବା ସହ ଅଯଥାରେ ଖର୍ଚ୍ଚର ସମ୍ମୁଖୀନ ହୋଇଥାନ୍ତି। ତେଣୁ ସରକାର ଏହି ସବୁ ବିଷୟକୁ ଗୁରୁତ୍ୱ ଦେଇ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଶବ ବ୍ୟବଚ୍ଛେଦ କେନ୍ଦ୍ର ସ୍ଥାପନ ପାଇଁ ସାଲେପୁର ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

### ରାଜନଗରରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ

## ୬ରେ ଥାନା ଆଗରେ ଧାରଣା ଦେବେ ସରପଞ୍ଚ ଓ ସମିତିସଭ୍ୟ

**ରାଜନଗର, ୨।୬ (ସଂଚାର ବ୍ୟୁରୋ) :** ରାଜନଗର ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ବିଗିଡି ଗଲାଣି। ସାଧାରଣ ଲୋକ ଦୂରର କଥା ଲୋକ ପ୍ରତିନିଧିଙ୍କୁ ସମ୍ମାନ ମିଳୁନି। ଲୋକ ପ୍ରତିନିଧିଙ୍କ ବଦଳରେ ସରକାରୀ ଦଳର କର୍ମୀଙ୍କ କଥା ଶୁଣାଯାଉଛି। ଏହା ବାଦେ ରାଜନଗର ବ୍ଲକରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ପାଇଁ ଆସିଥିବା ଅର୍ଥ ରାଶିକୁ ସରକାରୀ ନୀତି ନିୟମ ଆଧାରରେ ବାତ୍ୟା ଆଶ୍ରୟସ୍ଥଳ କମିଟି ମରାମତି କାମ କରୁଥିବା ବେଳେ କୌଣସି କାରଣ ନଥାଇ କିଛି ଅସମାଜିକ ଯୁବକମାନେ ବିଶୃଙ୍ଖଳା ପରିସ୍ଥିତ ସୃଷ୍ଟି କରୁଛନ୍ତି।

ହାତିନା ପଞ୍ଚାୟତର ପେଣ୍ଠ ବାତ୍ୟା ଆଶ୍ରୟସ୍ଥଳୀରେ ପରିଚାଳନା କମିଟିର ସଦସ୍ୟମାନେ କାମ କରୁଥିବା ବେଳେ କିଛି ଅସମାଜିକ ଯୁବକ ରାତିରେ ବାତ୍ୟା ଆଶ୍ରୟସ୍ଥଳିର କବାଟ ଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରି କରି ନେଇଛନ୍ତି। ପରିଚାଳନା କମିଟି ପକ୍ଷରୁ ରାଜନଗର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଉନାହିଁ। ଏହି ଘଟଣାକୁ ନେଇ ରାଜନଗର ବ୍ଲକର ସରପଞ୍ଚ ଓ ସମିତି ସଭ୍ୟମାନେ ଲିଖିତ ଭାବେ ଆଇଆଇସିଙ୍କୁ ଜଣାଇଛନ୍ତି। ଚଳିତ ମାସ ୬ ତାରିଖ ଠାରୁ ସରପଞ୍ଚ ଓ ସମିତି ସଭ୍ୟମାନେ ରାଜନଗର ଥାନା ସମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିବେ ବୋଲି ଜଣାଇଛନ୍ତି। ୨୫ରୁ ଉର୍ଦ୍ଧ୍ୱ ସମିତି ସଭ୍ୟ ଓ ସରପଞ୍ଚଙ୍କ ଦସ୍ତକତ ସମ୍ବଳିତ ଏହି ଲେଖା କେନ୍ଦ୍ରପଡା ଜିଲ୍ଲାପାଳ, ଏସପିଙ୍କୁ ପ୍ରଦାନ କରାଯାଇଛି।

## ଅବକାରୀ ବିଭାଗର ଚଢ଼ାଉ, ଚୋରା ମଦ ଜବତ



**କେନ୍ଦ୍ରାପଡ଼ା, ୨।୬ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ଡେରାବିଶ ଓ କେନ୍ଦ୍ରାପଡ଼ା ସଦର ଥାନା ଅଧିନିସ୍ତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଚାତରଚକୋଡା ଗ୍ରାମର ଚିନ୍ମୟ ମହାନ୍ତିଙ୍କ ଠାରୁ ୨୮ ଲିଟର ବିଦେଶୀ ମଦ ଓ ଟିଟନ ସେଠିଙ୍କ ଠାରୁ ଗୋଟିଏ ମୋଟର ସାଇକଲ ସହ ୪୫ ଲିଟର ଦେଶୀ ମଦ, ଚାତରପଟଣା ଗ୍ରାମର ରଘୁନାଥ ନାୟକଙ୍କ ଠାରୁ ୨୫ ଲିଟର ଦେଶୀ ମଦ ଏବଂ ସାନ୍ତାସାହି ଗ୍ରାମର ମନରଞ୍ଜନ ସାହୁଙ୍କ ଠାରୁ ୩୭ ଲିଟର ଦେଶୀ ମଦ ଜବତ କରି ଏମାନଙ୍କୁ ଗିରଫ କରାଯାଇଅଛି। ଏମାନଙ୍କ ପାଖରୁ ସମୁଦାୟ ୧୩୫ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇ ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି । ଏହି ଚଢ଼ାଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଳିକ, ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

## ଓକିଲଙ୍କ ସିରସ୍ତା ଜଳିଗଲା



**ମାର୍ଶାଘାଇ, ୨।୬ (ସଂଚାର ବ୍ୟୁରୋ) :** ମାର୍ଶାଘାଇ ତହସିଲରେ କାର୍ଯ୍ୟରତ ଓକିଲ ଯଶୋବନ୍ତ ରାଉତଙ୍କ ସିରସ୍ତା ଘର ସୋମବାର ଅପରାହ୍ନରେ ହୁତୁହୁତି ହୋଇ ଜଳିଯାଇଛି । ଘର ଭିତରେ ଥିବା ଲାପଟପ,ଜେରକ୍ସ ମେସିନ, ଚେୟାର,ଟେବୁଲ,ପଙ୍ଖା ସମେତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡି ପାଉଁଶ ହୋଇଯାଇଛି । ସକାଳୁଆ ଅଫିସ ଚାଲୁଥିବାରୁ ଦିନ ପ୍ରାୟ ସାଢେ ଗୋଟିଏ ସମୟରେ ସିରସ୍ତା ବନ୍ଦ କରି ନିକଟସ୍ଥ ପୁରୁଷୋତ୍ତମପୁର ଗ୍ରାମସ୍ଥ ନିଜ ଘରକୁ ଖାଇବାକୁ ଯାଇଥିଲେ । ସିରସ୍ତାରେ ଅଗ୍ନିକାଣ୍ଡ ଘଟିଥିବା ଖବର ପାଇ ଘଟଣା ସ୍ଥଳରେ ପହଁଚିଲା ବେଳକୁ ସବୁ ପୋଡି ପାଉଁଶ ହୋଇଯାଇଥିବା ଦେଖିବାକୁ ପାଇଲେ ବୋଲି ଶ୍ରୀ ରାଉତ କହିଛନ୍ତି। ତେବେ ଅଗ୍ନିକାଣ୍ଡର କାରଣ ସଠିକ ଭାବେ ଜଣାପଡ଼ିନାହିଁ । ଏ ନେଇ ଓକିଲ ଯଶୋବନ୍ତ ରାଉତ ମାର୍ଶାଘାଇ ଥାନାରେ ଅଭିଯୋଗ କରିଛନ୍ତି ।

## ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଲେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟ



**ମାର୍ଶାଘାଇ, ୨।୬ (ସଂଚାର ବ୍ୟୁରୋ) :** ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ସଦସ୍ୟମାନେ ରବିବାର ସନ୍ଧ୍ୟାରେ କାନପୁର ସ୍ଥିତ ମାନସୀ ବାରିକଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ୟୁଥ୍ ଗ୍ରୁପ୍ ର ଉପସଭାପତି ବିଭୂତି ରାଉତଙ୍କ ଶାଶୁ ମାନସୀ ବାରିକଙ୍କ ଗତ ୨୨ ତାରିଖରେ ଦେହାନ୍ତ ହୋଇଥିଲା। ବିଭୁତି ରାଉତଙ୍କ ନିମନ୍ତ୍ରଣ କ୍ରମେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ତରଫରୁ ସଦସ୍ୟମାନେ କାନପୁର ସ୍ଥିତ ବାସଭବନରେ ପହଞ୍ଚି ପୁଷ୍ପ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଅମର ଆତ୍ମାର ସଦଗତି କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରତାପ ମହାନ୍ତି,ମମତା ପ୍ରତିହାରୀ,ବିଶ୍ୱବିଜୟୀ ପରିଡ଼ା, ସୁନିଲ୍ ଗନ୍ତାୟତ, ହେମନ୍ତ ନାୟକ, ସୂର୍ଯ୍ୟପ୍ରକାଶ ପାଣି, ଅମୂଲ୍ୟ ରାଉତ, ଲକ୍ଷ୍ମିଧର ସ୍ୱାଇଁ, ସୁବାଷ ସ୍ୱାଇଁ, ରମାକାନ୍ତ ନାୟକ, ପ୍ରଭାତ ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

● ଜାତୀୟ ଉପ କନିଷ୍ଠ ଉଷୁ ପ୍ରତିଯୋଗିତା

## ପଟ୍ଟାମୁଣ୍ଡାଇ ପାଇଁ ଗୌରବ ଆଣିଲେ ମଣ୍ଡପଡା ସ୍କୁଲ ଛାତ୍ରଛାତ୍ରୀ




**ପଟ୍ଟାମୁଣ୍ଡାଇ, ୨।୬ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ସହାୟତାରେ ଓଡିଶାରୁ ୬୫ ଜଣିଆ ଦଳ, ଜାତୀୟ ଉପ କନିଷ୍ଠ ଉଷୁ ପ୍ରତିଯୋଗିତା ଅଂଶ ଗ୍ରହଣ କରିଥିଲେ। ତାମିଲନାଡୁ ର ନମକ୍କାଲା ତିରୁ ଚେଙ୍ଗଡ଼େ ଠାରେ ଗତ ୨୬ ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରତିଯୋଗିତା କେନ୍ଦ୍ରାପଡ଼ା ଜିଲ୍ଲା ରୁ ବିଶେଷ କରି ପଟ୍ଟାମୁଣ୍ଡାଇ ବ୍ଲକ ମଣ୍ଡପଡା ସ୍କୁଲ ର ଏକାଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରଥିଲେ ମୁଖ୍ୟ କୋଚ ସୁଶୀଲ କୁମାର ସାମଲଙ୍କ ପ୍ରତକ୍ଷ୍ୟ ତତ୍ୱାବଧାନରେ ତଥା ଜିଲ୍ଲା ଉଷୁ ସଂଘ ସଭାପତି ସଂଗ୍ରାମ ସାମଲ, ଉପସଭାପତି ଅବିନାଶ ପ୍ରଧାନ ଓ ସମ୍ପାଦିକା ପଲ୍ଲବୀ ସାମଲଙ୍କ ପ୍ରୋତ୍ସାହନ ରେ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ଅନନ୍ୟା ଗେରୁ ଓ ଆଦର୍ଶ ପ୍ରଧାନ ବ୍ରୋଞ୍ଜ ମେଡାଲ ପାଇଛନ୍ତି। ସ୍ମରଣଯୋଗ୍ୟ ବିଗତ କିଛି ବର୍ଷ ହେବ ରାଜ୍ୟ ଓ ଜାତୀୟ ସ୍ତରୀୟ ଉଷୁ ପ୍ରତିଯୋଗିତାରେ ପଟ୍ଟାମୁଣ୍ଡାଇ ମଣ୍ଡପଡା ସ୍କୁଲ ଛାତ୍ର ଛାତ୍ରୀ ସଫଳତା ପାଇ କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଗୌରବ ଆଣୁଛନ୍ତି।

## ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ



**ପଟ୍ଟାମୁଣ୍ଡାଇ, ୨।୬ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକର ସିଡ଼ିପିଓ ଅଫିସ ସଂଲଗ୍ନ ବିଲଡିଂରେ ଆଜି ପୂର୍ବାହ୍ନ ୧୨ଟ ସମୟରେ ବିଦ୍ୟୁତ ସଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା । କିନ୍ତୁ ତତକ୍ଷଣାତ ଅଗ୍ନିଶମ ଓ ବିଦ୍ୟୁତ ବିଭାଗ ପହଂଚି ସ୍ଥିତି ନିୟଂତ୍ରଣ କରିବା ସହିତ ଏକ ବଡ଼ ଅଘଟଣକୁ ଏଡାଇ ଦେଇଥିଲେ। ଅଗ୍ନିଶମ ବିଭାଗ ତୁରନ୍ତ ନିଆଁକୁ ଆୟତ୍ତ କରିବା ସହିତ ବିଦ୍ୟୁତ ବିଭାଗ ପୁରୁଣା ସର୍ଭିସ ତାର ବଦଳାଇ ସ୍ଥିତି ସ୍ୱାଭାବିକ କରିଥିଲେ । ଏହି ଅଗ୍ନିକାଣ୍ଡରେ କୌଣସି କ୍ଷୟକ୍ଷତି ଘଟିନାହିଁ । ପଟ୍ଟାମୁଣ୍ଡାଇ ବ୍ଲକର ସମସ୍ତ ଯନ୍ତ୍ରାଂଶ ଓ ନଥିପତ୍ର ସୁରକ୍ଷିତ ରହିଛି। ଖବର ପାଇ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ବିଡ଼ିଓ ଅଶୋକ ମହାନ୍ତି ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧାନ କରିବା ସହିତ ତତ୍କାଳ ପଦକ୍ଷେପ ପାଇଁ ଅଗ୍ନିଶମ ଓ ବିଦ୍ୟୁତ ବିଭାଗକୁ ଧନ୍ୟବାଦ ଦେଇଛନ୍ତି।

## ଅଗ୍ନିବିପନ୍ନ ପରିବାରକୁ ସହାୟତା



**ମହାକାଳପଡ଼ା, ୨।୬ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ତିଖିରି ଗ୍ରାମ ପଞ୍ଚାୟତ ୧୧୮ନଂ ବୁଥର ଗଗୁଲି ମଲିକଙ୍କ ମାଟିଘର ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ଏହି ଖବର ଜାଣିବା ପରେ ପଞ୍ଚାୟତର ପୂର୍ବତନ ଜୋନ ସଭାପତି କଳ୍ପତରୁ ବେହେରା ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହିତ ସାହାଯ୍ୟର ହାତ ବଢ଼ାଇଛନ୍ତି ।

## ବ୍ଲକ ବିଜେଡି ପକ୍ଷରୁ ପାଳିତ ହେଲା ବିଜୟ ଉତ୍ସବ

▶ ଅଧକ୍ଷାଙ୍କ ସମେତ ହଜାରରୁ ଉର୍ଦ୍ଧ୍ୱ ସମର୍ଥକଙ୍କ ଯୋଗଦାନ



**ନିଶ୍ଚିନ୍ତକୋଇଲି, ୨।୬ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ପଞ୍ଚାୟତ ସମିତି ଅଧକ୍ଷାଙ୍କ ବିରୋଦ୍ଧରେ ବିରୋଧିଙ୍କ ପକ୍ଷରୁ ଅଣା ଯାଇଥିବା ଅନାସ୍ଥା ପ୍ରସ୍ତାବ ଆଗତ କାଟ୍ ଖାଇବା ପରେ ଏବେ ସତ୍ୟର ଜୟ ଓ ଅସତ୍ୟର ପରାଜୟ ହୋଇଛି ବୋଲି ସମଗ୍ର ମାହାଙ୍ଗ ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚାର ବିଷୟ ପାଲଟିଥିବା ସ୍ଥଳେ ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ଗୋଟି ଚାଳନାରେ ଅଧକ୍ଷାଙ୍କ ବିରୋଧି ମାନଙ୍କ ପରାଜୟ ହୋଇଥିବା କଥା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। କିଛିଦିନ ପୂର୍ବରୁ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଉପାଧକ୍ଷ ପଦରୁ ଅଶୋକ ଓଝା ଇସ୍ତଫା ଦେବା ପରେ ନୂତନ ଭାବେ ସହଜରେ ମାହାଙ୍ଗା ବିଧାୟକଙ୍କ ସମର୍ଥିତ ସମିତି ସଭ୍ୟ ନୃସିଂହ ଚରଣ ମିଶ୍ର ଉପାଧକ୍ଷ ପଦ ହାସଲ କରିଥିଲେ। ଏହା ପରେ ନିଶ୍ଚିନ୍ତକୋଇଲି ବ୍ଲକରେ ରାଜନୈତିକ ଉଷ୍ମତା ଜୋର ଧରିଥିଲା। ଉପାଧକ୍ଷ ପରେ ବ୍ଲକ ଅଧକ୍ଷା ରୋଜି ସେଠୀଙ୍କ ଅନସ୍ଥା ପାଇଁ ଆରମ୍ଭ ହୋଇଥିଲା ଅଙ୍କକଷା। ଶେଷରେ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅଧକ୍ଷା ରୋଜି ସେଠୀଙ୍କ ବିରୁଦ୍ଧରେ ଆସିଥିବା ଅନାସ୍ଥା କାଟ୍ ଖାଇଥିଲା। ଆଜି ବ୍ଲକ ଅଧକ୍ଷା ରୋଜି ସେଠୀଙ୍କ ଆହ୍ୱାନ କ୍ରମେ ନିଶ୍ଚିନ୍ତକୋଇଲି ବ୍ଲକର ୪୧ ଟି ପଞ୍ଚାୟତରୁ ବହୁ ସରପଞ୍ଚ ଓ ସମିତି ସଭ୍ୟସଭ୍ୟାଙ୍କ ସହ ହଜାରରୁ ଉର୍ଦ୍ଧ ସମର୍ଥକ ନିଶ୍ଚିନ୍ତକୋଇଲି ମେଡିକାଲ ଛକରୁ ଏକ ଶୋଭାଯାତ୍ରାରେ ଆସି ପଞ୍ଚାୟତ ସମିତି ସଭା ଗୃହରେ ବିଜୟ ଉତ୍ସବ ପାଳନ କରିଥିଲେ। ବ୍ଲକର ପ୍ରତି ପଞ୍ଚାୟତରେ ଉନ୍ନୟନ ମୂଳକ କାର୍ଯ୍ୟକୁ ସଠିକ ଢଙ୍ଗରେ କରିବା ସହ ଅଧକ୍ଷାଙ୍କ ବିରୋଧୀ କୁଚକ୍ରୀଙ୍କୁ ଆଗାମୀ ଦିନରେ ଉଚିତ ଜବାବ ଦିଆଯିବ ବୋଲି ସଂକଳ୍ପ ନେଇଥିଲେ।

## ଶ୍ରୀ ବଳଦେବଜୀଉ ଦେବୋତ୍ତର ସଂସ୍ଥାର ମଧବର୍ତ୍ତୀକାଳୀନ ଟ୍ରଷ୍ଟବୋର୍ଡ ଗଠନ

**କେନ୍ଦ୍ରାପଡ଼ା, ୨।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ର ଆରାଧ ଦେବ ତଥା ରାଜ୍ୟର ଦ୍ୱିତୀୟ ବୃହତମ ଦୋବୋତର ସଂସ୍ଥା ଶ୍ରୀ ବଳଦବେଜୀଉ ଦେବୋତର ସଂସ୍ଥାର ମଧବର୍ତୀ କାଳୀନ ଟ୍ରଷ୍ଟବୋର୍ଡ ଗଠନ କରା ଯାଇଥିବା ଜଣାପଡିଛି । ଦୀର୍ଘ ୨ ବର୍ଷ ହେବ ପୂର୍ବ ଟ୍ରଷ୍ଟବୋର୍ଡ ର ସମୟ ପୁରି ଯାଇଥିଲେ ମଧ ବହୁ ଦାବି ଫଳରେ ତାହା ଗଠନ କରାନଯାଇ ଏବେ ମଧବର୍ତୀ କାଳୀନ ବୋର୍ଡ ଗଠନ କରାଯାଇଛି । ଯାହାର ଆୟୁଷ ମାତ୍ର ୧ ବର୍ଷ ବୋଲି ଜଣାପଡିଛି । ତେବେ ଏହି ଟ୍ରଷ୍ଟ ବୋର୍ଡରେ ସ୍ଥାନୀୟ ଅଂଚଳକୁ ଅଣଦେଖା କରାଯାଇ ସରକାରୀ କର୍ମଚାରୀ ମାନଙ୍କୁ ଗୁରୁତ୍ୱ ଦିଆଯାଇଥିବାରୁ ନାନା ଆଲୋଚନା ଶୁଣିବାକୁ ମିଳୁଛି । ତେବେ ଏହି ବୋର୍ଡରେ ଦେବୋତର ଆୟୁକ୍ତଙ୍କ ଅର୍ଡର ନଂ-୪୯୯୫/୫୪ସି ତା-୩୧.୦୫.୨୦୨୫ ଅନୁଯାୟୀ ଏକ ୭ ଜଣିଆ ବୋର୍ଡ ଗଠନ କରାଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଉପ ଜିଲ୍ଲାପାଳ, ଏସଡିପିଓ, ମୁିସିପାଲିଟି ଏକ୍ସଜୁକିଟିଭ ଅଫିସର ପ୍ରମୁଖ ୪ଜଣ ସରକାରୀ କର୍ମଚାରୀ ଥିବାବେଳେ ବିଜେଡି ଜିଲ୍ଲା ସଭାପତି ଧିରେନ କୁମାର ସାହୁ, ହୃଷିକେଶ ରଥ ଓ ନୃସିଂହ ପ୍ରସାଦ ପତ୍ରୀ ପ୍ରମୁଖ ବ୍ୟକ୍ତିଙ୍କୁ ସଭ୍ୟ ରଖାଯାଇଛି । ତେବେ ବିଜେଡି ଓ ବିଜେପି ମିଳିତ ଭାବେ ଏହି ବୋର୍ଡରେ ସ୍ଥାନ ପାଇଥିବାରୁ ଏହାକୁ ନେଇ ଅନ୍ୟ ବିରୋଧୀ ମାନେ ଆଲୋଚନା ଆରମ୍ଭ କରି ଦେଇଛନ୍ତି । ମନ୍ଦିରର ଦୈନନ୍ଦିନ କାର୍ଯ୍ୟ ସହ ସଂପୃକ୍ତ ଥିବା ଲୋକଙ୍କୁ ରଖା ନଯାଇ ବାହାର ଲୋକଙ୍କୁ ରଖା ଯାଇଥିବାରୁ ଏହାକୁ ନେଇ ବିଭିନ୍ନ ଆଲୋଚନା କରାଯାଉଥିବା ଜଣାପଡିଛି ।

### ନାବାଳିକାକୁ ଅପହରଣ ଅଭିଯୋଗ ଘଟଣା

## ପରିବାର ଓ ଗାଁ'ର ମହିଳାଙ୍କ ଥାନା ଆଗରେ ଅନଶନ




**ରାଜନଗର, ୨।୬ (ସଂଚାର ବ୍ୟୁରୋ):** ରାଜନଗର ଥାନା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରାଯାଇଛି। ମାର୍ଚ୍ଚ ୧୩ ତାରିଖରୁ ନାବାଳିକାକୁ ଅପହରଣ କରାଯାଇଥିବା ବେଳେ ପରିବାର ଲୋକେ ମାର୍ଚ୍ଚ ୧୫ ତାରିଖରେ ରାଜନଗର ଥାନାରେ ଅଭିଯୋଗ କରିଥିଲେ। ବାଂଲା ଅନୁପ୍ରବେଶକାରୀ ନାବାଳିକାକୁ ଅପହରଣ କରିନେଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିବାର ୮୦ ଦିନ ବିତିଗଲାଣି। ପରିବାର ଲୋକେ ରାଜନଗର ଥାନାକୁ ବାରମ୍ବାର ଦୌଡିବା ସହିତ କେନ୍ଦ୍ରାପଡା ଏସପି ଓ ପଟ୍ଟାମୁଣ୍ଡାଇ ଏସଡିପିଓ ଭେଟି ଅଭିଯୋଗ କରିଥିଲେ ବି ପୁଲିସ ନିଖୋଜ ମାମଲା କରି ଚୁପ କରି ବସିଛି।

ପରିବାର ଲୋକେ ବାରମ୍ବାର ଅଭିଯୋଗ ଓ ନେହୁରା ହେବା ସତ୍ତ୍ୱେ ପୁଲିସ ନାବାଳିକାକୁ ଉଦ୍ଧାର ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିବା ଅଭିଯୋଗ କରି ଆଜି ନାବାଳିକାର ପରିବାର ରାଜନଗର ଥାନା ସମୁଖରେ ଆମରଣ ଅନଶନରେ ବସିଥିଲେ। ଏହି ଘଟଣାକୁ ସମର୍ଥନ କରି ଗାଁର ମହିଳାମାନେ ଅନଶନରେ ବସି ରହିଥିଲେ। ଆଇଆଇସି ନରେଶ କୁମାର ସାହୁ ପରିବାର ଓ ଗାଁ ଲୋକଙ୍କ ସହ ଆଲୋଚନା କରି ଚଳିତ ମାସ ୧୦ତାରିଖ ସୁଦ୍ଧା ଝିଅକୁ ଉଦ୍ଧାର କରି ଆଣିବେ ବୋଲି ପତିଶ୍ରୁତି ଦେବା ପରେ ଆମରଣ ଅନଶନରୁ ପରିବାର ଲୋକେ ଉଠିଥିଲେ।

## କେନ୍ଦ୍ରାପଡ଼ାରେ ମିଳିତ ଅଭିଯୋଗ ଶୁଣାଣି ଶିବିର

● ମୋଟ୍ ୧୫୨ଟି ଅଭିଯୋଗ ମଧ୍ୟରୁ ୨୯ଟି ସାମୂହିକ ଏବଂ ୧୨୩ଟି ବ୍ୟକ୍ତିଗତ

**କେନ୍ଦ୍ରାପଡ଼ା, ୨।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସଦର ମହକୁମାରେ ସୋମବାର ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ କେନ୍ଦ୍ରାପଡ଼ା ମୁନିସିପାଲିଟି ଟାଉନହଲ୍ ଠାରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିୟା, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଉପ-ଜିଲ୍ଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁ, ଡେପୁଟି କଲେକ୍ଟର ତୃପ୍ତି ମହାନ୍ତି, କେନ୍ଦ୍ରାପଡ଼ା ପୌରପରିଷଦ ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି ଓ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଅଭିଯୋଗ ଶୁଣାଣିରେ ଯୋଗ ଦେଇଥିଲେ।



ଏହି ଅଭିଯୋଗ ଶୁଣାଣିରେ ମୋଟ୍ ୧୫୨ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥି ମଧ୍ୟରୁ ୨୯ ଗୋଟି ସାମୁହିକ ଏବଂ ୧୨୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ସାମୁହିକ ଅଭିଯୋଗ ମଧ୍ୟରେ ପାଟନାଳିରୁ ଦଳ ସଫା, ଭୂମିହୀନଙ୍କୁ ଜମି ପ୍ରଦାନ, ବସୁଧାଯୋଜନାରେ ପାନୀୟ ଜଳ ଯୋଗାଣ, ରାସ୍ତା ଅବରୋଧ ହଟାଇବା, ବରିଷ୍ଠ ନାଗରିକ ପରିଚୟ ପତ୍ର ପ୍ରଦାନ ଆଦି। ସେହିପରି ବ୍ୟକ୍ତିଗତ ଅଭିଯୋଗ ସୁଭଦ୍ରା ଯୋଜନାରେ ଅର୍ଥରାଶି ପ୍ରଦାନ, ଆୟୁଷ୍ମାନ କାର୍ଡ ପ୍ରଦାନ, ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା, ବିଦ୍ୟୁତ ଟ୍ରାନ୍ସଫର୍ମର ବସାଇବା, ନୂତନ ରେଶନ କାର୍ଡରେ କାର୍ଡରେ ନାମ ପଞ୍ଜୀକରଣ, କୁମ୍ଭୀର ଦାଉରୁ ରକ୍ଷା ପାଇଁ ଗାଧୁଆ ତୁଠ ନିର୍ମାଣ ଓ ମରାମତି, ବଗପାଟିଆବାସୀଙ୍କୁ ଥଇଥାନ, ବର୍ଷା ଜଳନିଷ୍କାସନ, ରାଜସ୍ୱ ନିରୀକ୍ଷକଙ୍କ ବିରୁଦ୍ଧରେ ଅଭିଯୋଗଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା ଏବଂ ୧୩ ଜଣଙ୍କୁ ଚିକିତ୍ସା ସହାୟତା ବାବଦରେ ୬୭,୦୦୦/- ଅର୍ଥରାଶି ପ୍ରଦାନ ନିମନ୍ତେ ମଞ୍ଜୁର କରାଯାଇଥିଲା।

# ରାଜଧାନୀରେ ତାତି ତାଉ, ୩୯.୪ ଡିଗ୍ରୀ ସହ ସବୁଠୁ ଉତ୍ତପ୍ତ ସହର



**ଭୁବନେଶ୍ୱର, ୨।୬ (ସଂଚାର ବ୍ୟୁରୋ) :** ରାଜ୍ୟରେ ପୁଣି ଉପର ମୁହାଁ ତାତି। ଉପକୂଳ ଜିଲ୍ଲାରେ ତାତି ସହ ଅହସ୍ୟ ଗୁଳୁଗୁଳି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଗରମରୁ ନିସ୍ତାର ନାହିଁ। ପାଞ୍ଚଦିନ ପାଇଁ ସତର୍କ ରହିବାକୁ ପରାମର୍ଶ ଦେଲା ପାଣିପାଗ ବିଭାଗ। ଆଜି ରାଜଧାନୀ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି । ଆଜି ଦିନ ୨ଟା ୩୦ ସୁଦ୍ଧା ଭୁବନେଶ୍ୱର ୩୯.୪ ଡିଗ୍ରୀ ସେଲସିଅସ ସହ ସବୁଠୁ ଉତ୍ତପ୍ତ ସହର ପାଲଟିଛି।ସେହିପରି ହୀରାକୁଦରେ ୩୮.୪, ଚାନ୍ଦବାଲି ଓ ବାଲେଶ୍ୱର ୩୮, ଝାରସୁଗୁଡା ଓ ସମ୍ବଲପୁରରେ ପାରଦ ୩୯ ଡିଗ୍ରୀ ରେକର୍ଡ କରାଯାଇଛି। ମୌସୁମୀ ହଜିବା ସହ ରାଜ୍ୟକୁ ପୁଣି ଫେରିଛି ଗ୍ରୀଷ୍ମ ପ୍ରକୋପ । ତାପମାତ୍ରା ପ୍ରାୟ ୨ରୁ ୪ଡିଗ୍ରୀ ସେଲସିୟସ ବୃଦ୍ଧି ପାଇପାରେ ବୋଲି ପୂର୍ବନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଆସନ୍ତାକାଲି ଯାଏଁ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ମୌସୁମୀ ନଥିବା ଯୋଗୁ ରାଜ୍ୟରେ ମେଘମୁକ୍ତ ଆକାଶର ପ୍ରଭାବ ଯୋଗୁଁ ବିଭିନ୍ନ ସ୍ଥାନରେ ତାପମାତ୍ରା ବୃଦ୍ଧି ସହ ଗୁଳୁଗୁଳି ବଢ଼ିଛି।

### ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସବିସ୍ତୃତ ସମୀକ୍ଷା କଲେ ମନ୍ତ୍ରୀ

# ‘ଅନ୍ତ୍ୟୋଦୟ ଗୃହ ଯୋଜନା’ ସରକାରଙ୍କ ଦାୟିତ୍ୱର ଅଭିବ୍ୟକ୍ତି

**ଭୁବନେଶ୍ୱର, ୨।୬ (ସଂଚାର ବ୍ୟୁରୋ):** ସ୍ଥାନୀୟ ଲୋକସେବା ଭବନସ୍ଥିତ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ବିଭାଗର ବିଭିନ୍ନ ଯୋଜନାର ସବିସ୍ତୃତ ସମୀକ୍ଷା କରିଛନ୍ତି । ଏଥିରେ ମନ୍ତ୍ରୀ ବିଭାଗୀୟ ସମସ୍ତ ଅଧିକାରୀ, ସମସ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦିଗଦର୍ଶନ ଦେଇ ‘ବିକଶିତ ଗାଁ ବିକଶିତ ଓଡ଼ିଶା’ କାର୍ଯ୍ୟକ୍ରମ ରାଜ୍ୟର ସମୃଦ୍ଧିକୁ ବହୁଗୁଣିତ କରିପାରିବ ବୋଲି ମତ ଦେଇଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମୀକ୍ଷା ବୈଠକ ମଧ୍ୟରେ ‘ବିକଶିତ ଗାଁ ବିକଶିତ ଓଡ଼ିଶା’, ‘ଅନ୍ତ୍ୟୋଦୟ ଗୃହ ଯୋଜନା’, ‘ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)’, ‘ଏମଜିଏନଆରଇଜିଏସ’ ଓ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ ଉପରେ ବିଶେଷ ଅଲୋଚନା ହୋଇଥିଲା।



ବୈଠକରେ ମନ୍ତ୍ରୀ ଏହି ଯୋଜନାଗୁଡ଼ିକର ଅଗ୍ରଗତି ବିଷୟରେ ସୂଚନା ପାଇବା ପରେ ଆବଶ୍ୟକ ଦିଗଦର୍ଶନ ଦେଇଛନ୍ତି। ଏଥିସହ ଅନ୍ତ୍ୟୋଦୟ ଗୃହ ଯୋଜନା ରାଜ୍ୟ ସରକାରଙ୍କ ଦାୟିତ୍ୱର ଅଭିବ୍ୟକ୍ତି ବୋଲି ମଧ୍ୟ କହିଛନ୍ତି। ‘ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା’ରେ ପ୍ରତି ଗାଁ, ପଞ୍ଚାୟତ, ବ୍ଲକରେ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦିଆଯିବା ପାଇଁ ଭଲ ରାସ୍ତା, ଗାଁ ପୋଖରୀର ପୁନରୁଦ୍ଧାର, ପୋଖରୀ ତୁଠର ନବୀକରଣ, ଭାଗବତ ଟୁଙ୍ଗୀ, ବିଦ୍ୟାଳୟ ସମ୍ପ୍ରସାରଣ, ପ୍ରତି ବ୍ଲକରେ ପାଠାଗାର, ଛୋଟ ପର୍ଯ୍ୟଟନସ୍ଥଳୀର ଉନ୍ନତୀକରଣ, ପିଲାଙ୍କ ଖେଳକୁଦ ପାଇଁ ଭିତ୍ତିଭୂମି ପ୍ରସ୍ତୁତି ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ରାଜ୍ୟର ସମୃଦ୍ଧିକୁ ବହୁଗୁଣିତ କରିବ ବୋଲି ମନ୍ତ୍ରୀ କହିଛନ୍ତି। ବୈଠକରେ ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବ ଗିରୀଶ ଏସ୍‌ଏନ୍ ବିଭାଗର ବିଭିନ୍ନ ପ୍ରକଳ୍ପ ଓ ଯୋଜନାର ଅଗ୍ରଗତି ସମ୍ବନ୍ଧରେ ସୂଚନା ଦେଇଥିଲେ। ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ, ପାନୀୟ ଜଳ ନିର୍ଦ୍ଦେଶକ ଭିନିତ ଭରଦ୍ୱାଜ, ଓର୍‌ମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚକ୍ରବର୍ତ୍ତୀ ସିଂ ରାଠୋଡ୍, ପଞ୍ଚାୟତିରାଜ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଆଭାସୀରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ନିଜ ନିଜ ଅଞ୍ଚଳରେ କାର୍ଯ୍ୟର ସଫଳ ରୂପାୟନ ପାଇଁ ମନ୍ତ୍ରୀଙ୍କଠାରୁ ଦିଗଦର୍ଶନ ନେଇଥିଲେ।

## ଓଡ଼ିଶା ଜନଗଣନା ନିର୍ଦ୍ଦେଶକ ହେଲେ ନିଖିଲ ପୱନ କଲ୍ୟାଣ



**ଭୁବନେଶ୍ୱର, ୨।୬ (ସଂଚାର ବ୍ୟୁରୋ) :** ରାଜ୍ୟ ଜନଗଣନା ପରିଚାଳନା ନିର୍ଦ୍ଦେଶକ ଏବଂ ନାଗରିକ ପଞ୍ଜିକରଣ ନିର୍ଦ୍ଦେଶକ ଭାବେ ନିଖିଲ ପୱନ କଲ୍ୟାଣଙ୍କୁ ନିଯୁକ୍ତି ଦିଆଯାଇଛି । ୨୦୧୨ ବ୍ୟାଚ୍ ଆଇଏଏସ୍ ହେଉଛନ୍ତି ନିଖିଲ ପୱନ କଲ୍ୟାଣ। ସେ ଏବେ ରାଜ୍ୟ ମୃତ୍ତିକା ସଂରକ୍ଷଣ ଓ ଉଦ୍ୟାନ କୃଷି ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି । କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ରାଜ୍ୟ ମୁଖ୍ୟ ସଚିବଙ୍କୁ ଏ ନେଇ ଚିଠି କରାଯାଇଛି। ଏଥିରେ ଆଇଏଏସ୍ ନିଖିଲ ପୱନ କଲ୍ୟାଣଙ୍କୁ ଓଡ଼ିଶାର ଜନଗଣନା କାର୍ଯ୍ୟକ୍ରମ ଓ ନାଗରିକ ପଞ୍ଜିକରଣ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଥିବା ନେଇ ଅବଗତ କରାଇଛନ୍ତି। ଶ୍ରୀ କଲ୍ୟାଣ ୨୦୨୫ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଅଥବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିବେ ।

## ରାଜ୍ୟରେ ନ୍ୟାୟିକ ବ୍ୟବସ୍ଥା ପଙ୍ଗୁ: କଂଗ୍ରେସ



### ତୁରନ୍ତ ନିଯୁକ୍ତି ନ ହେଲେ ଆନ୍ଦୋଳନ

**ଭୁବନେଶ୍ୱର, ୨।୬ (ସଂଚାର ବ୍ୟୁରୋ):** ରାଜ୍ୟରେ ଦିନକୁ ଦିନ ନାରୀ ନିର୍ଯ୍ୟାତନା ଘଟଣା ବଢ଼ି ଚାଲିଛି। ଏନସିଆରବି ମଧ୍ୟ ନାରୀ ନିର୍ଯାତନା ବଢ଼ିବା ନେଇ ରାଜ୍ୟ ସରକାରଙ୍କୁ ତାଗିଦ୍ କରିଛନ୍ତି। କିନ୍ତୁ ରାଜ୍ୟ ସରକାରଙ୍କର ଏଥିପ୍ରତି ନିଘା ନାହିଁ। ଫଳସ୍ୱରୂପ ରାଜ୍ୟରେ ମହିଳା କମିଶନର୍ ପଦରେ କେହି ବି ନିଯୁକ୍ତି ପାଇପାରିନାହାନ୍ତି। ନାରୀ ହିଂସା ନେଇ ପୂର୍ବରୁ ବିଜେଡିକୁ ଘେରୁଥିବା ବିଜେପି ଏବେ କ୍ଷମତାକୁ ଆସିଥିଲେ ମଧ୍ୟ ମହିଳା କମିଶନ୍ ନିଯୁକ୍ତି ଦିଗରେ ପଦକ୍ଷେପ ନେଉନାହିଁ। କମିଶନ୍‌ସଦସ୍ୟ ପଦ ମଧ୍ୟ ଖାଲି ପଡ଼ିଛି। ରାଜ୍ୟ ସରକାର ଏକଛତ୍ରବାଦ ଶାସନ ଚଳାଇଛନ୍ତି ବୋଲି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ଅଭିଯୋଗ କରିଛନ୍ତି। ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ର କହିଛନ୍ତି ଯେ ରାଜ୍ୟରେ ମହିଳାଙ୍କ ପ୍ରତି ନିର୍ଯାତନା ଘଟଣା ସହ ତାଳ ଦେଇ ଶିଶୁ ନିଖୋଜସଂଖ୍ୟା ବି ବଢ଼ି ଚାଲିଛି। କିନ୍ତୁ ଏ ଦିଗରେ ପଦକ୍ଷେପ ନେବା ଦିଗରେ ସରକାରଙ୍କର କୌଣସି ଆନ୍ତରିକତା ନ ଥିବା ସ୍ପଷ୍ଟ ବାରି ହୋଇପଡୁଛି। ଗତ ମାର୍ଚ୍ଚରୁ ଶିଶୁ ସୁରକ୍ଷା ଆୟୋଗ ପଦବୀ ଖାଲି ପଡ଼ିଛି। ଲୋକାୟୁକ୍ତଙ୍କ ନିଯୁକ୍ତି ଦିଗରେ ମଧ୍ୟ ବିଜେପି ସରକାର ପଦକ୍ଷେପ ନେଉନାହିଁ। ଏପରି ସ୍ଥିତିରେ କିପରି ସୁରୁଖୁରୁରେ ଶାସନ ବ୍ୟବସ୍ଥା ଚାଲିପାରିବ ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ବିଜେପି ସରକାର ନିଜକୁ ଲୋକଙ୍କ ସରକାର କହୁଥିଲେ ମଧ୍ୟ ସରକାର ରାଜ୍ୟରେ ନ୍ୟାୟିକ ବ୍ୟବସ୍ଥାକୁ ପୂରାପୂରି ପଙ୍ଗୁ କରିଦେଇଛନ୍ତି ବୋଲି କହିଲେ ଚଳେ। ଏପରି ଅବ୍ୟବସ୍ଥାକୁ କଂଗ୍ରେସ ଆଦୌ ବରଦାସ୍ତ କରିବ ନାହିଁ। ଆଗାମୀ ମାସେ ମଧ୍ୟରେ ସରକାର ପଦବୀ ପୂରଣ ସହ ସ୍ଥିତିରେ ସୁଧାର ଆଣିବା ଦିଗରେ ଠୋସ୍ ପଦକ୍ଷେପ ନ ନେଲେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ମିଶ୍ର ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଉତ୍କଳ ବିଶ୍ୱବିଦ୍ୟାଳୟ ପୂର୍ବତନ ସଭାପତି ହିମାଂଶୁ ଲେଙ୍କା ଓ ମନୀଷା ଦାସ ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ।

## ଚାଲିଗଲେ ହରି ସାର୍

**କେନ୍ଦ୍ରାପଡ଼ା, ୧।୬ (ସଂଚାର ବ୍ୟୁରୋ) :** ଆଜି ପୂର୍ବାହ୍ନରେ ବଡ଼ ଠାକୁର ବଳଦେବଜୀଉଙ୍କ ସେବକ ତଥା କେନ୍ଦ୍ରାପଡା ଅଞ୍ଚଳର ପରିଚିତ ପୂର୍ବତନ ଆଦର୍ଶ ଶିକ୍ଷକ ଓ କେନ୍ଦ୍ରାପଡ଼ା ପୌର ପରିଷଦର ପୂର୍ବତନ ସଭ୍ୟ ହରିହର ପଣ୍ଡାଙ୍କର ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ବାର୍ଦ୍ଧକ୍ୟଜନିତ ରୋଗରେ ୮୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ହରି ସାର ବେଶ୍ ଚଳଚଞ୍ଚଳ ଥିଲେ। ତାଙ୍କର ଅନ୍ତିମ ସଂସ୍କାର ନିଜସ୍ୱ ଗ୍ରାମ ଟାଉନ ବଳରାମପୁରର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ଦେହାନ୍ତରେ କେନ୍ଦ୍ରାପଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଦେହାନ୍ତ ଖବର ପାଇ କେନ୍ଦ୍ରାପଡାର ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ କିଶୋର ତରାଇ, ସିପ୍ରା ମଲ୍ଲିକ , ସଞ୍ଜୟ ରାଉତ, ସମୀର ଚାନ୍ଦ, ହୃଷୀକେଶ ସାହୁ ଓ ଅନ୍ୟାନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

## ବଢ଼ିଲା +୩ ନାମଲେଖା ଆବେଦନ ଅବଧି

**ଭୁବନେଶ୍ୱର, ୨।୬ (ସଂଚାର ବ୍ୟୁରୋ) :** ବଢ଼ିଲା +୩ ନାମଲେଖା ଆବେଦନ ଅବଧି । ଜୁନ୍ ୪ତାରିଖ ଯାଏଁ କରିପାରିବେ ଆବେଦନ । ୪ ତାରିଖ ରାତି ୧୧ଟା ୪୩ ଯାଏ ଆବେଦନ କରିପାରିବେ । ଛାତ୍ରଛାତ୍ରୀ ଅଭିଭାବକଙ୍କ ଦାବି ପରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି ।ଜୁନ୍ ୧ ତାରିଖ ରାତି ୧୧.୪୫ରେ ଶେଷ ହୋଇଥିବା ଆବେଦନ ଅବଧିକୁ ଜୁନ୍ ୪ ତାରିଖ ରାତି ୧୧.୪୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଆବେଦନକାରୀମାନଙ୍କୁ ବର୍ଦ୍ଧିତ ସମୟସୀମା ମଧ୍ୟରେ ପ୍ରକ୍ରିୟା ସମାପ୍ତ କରିବାକୁ ପରାମର୍ଶ ଦିଆଯାଇଛି। ଫର୍ମ ପୂରଣ ପାଇଁ ଛାତ୍ରଛାତ୍ରୀମାନଙ୍କୁ ଅଫିସିଆଲ୍ ୱେବସାଇଟରେ ଲଗ୍ ଇନ୍ କରିବାକୁ ପଡିବ ।

## ସଚେତନତାଧର୍ମୀ ଚଳଚ୍ଚିତ୍ର ‘ଆସକ୍ତ’ର ସ୍ୱତନ୍ତ୍ର ସ୍କ୍ରିନିଂ



**ଭୁବନେଶ୍ୱର, ୨।୬ (ସଂଚାର ବ୍ୟୁରୋ):** ନିଶା ସେବନ ଆଧୁନିକ ସମାଜର ବିପର୍ଯ୍ୟୟର ପ୍ରମୁଖ କାରଣ। ଏହା ଏକ ସାମାଜିକ ବ୍ୟାଧି। ଏହା ସମାଜରେ ଅପରାଧ ବୃଦ୍ଧି କରିବା ସହ ଜାତୀୟ ପ୍ରଗତିରେ ବାଧକ ସାଜିଆସିଛି। ଯୁବ ଓ ଛାତ୍ର ସମାଜର ଭବିଷ୍ୟତକୁ ଏହା ଅନ୍ଧକାରକୁ ଠେଲିଦେଇଥାଏ। ତେଣୁ ଏନେଇ ସଚେତନତା ସୃଷ୍ଟି କରାଯିବା ନିହାତି ଜରୁରୀ। ଅଭିନେତା ତଥା କର ଫାଉଣ୍ଡେସନର ଅଧ୍ୟକ୍ଷ ଚନ୍ଦନ କରଙ୍କ ଉଦ୍ୟମ ଏବଂ ଏଫଏମ୍‌ଡି ଫିଲ୍ମ ପକ୍ଷରୁ ଏକ ସଚେତନତାମୂଳକ ଚଳଚ୍ଚିତ୍ର ‘ଆସକ୍ତ’ର ସ୍ୱତନ୍ତ୍ର ପ୍ରଦର୍ଶନ ସ୍ଥାନୀୟ ଜୟଦେବ ଭବନ ପରିସରରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଓଡ଼ିଶା ପାଇକ ଆଖଡ଼ା ମହାସଂଘର ସଭାପତି ତଥା ବିଶିଷ୍ଟ ସମାଜସେବୀ ଡ. ପ୍ରକାଶ ଶ୍ରୀଚନ୍ଦନ ଓ ହାସ୍ୟ ଅଭିନେତା ଜୀବନ ପଣ୍ଡା ଓ ସାମାଜିକ କର୍ମୀ ମୀର ଅହମ୍ମଦ ଅଲ୍ଲୀ ଯୋଗଦେଇ ଚନ୍ଦନଙ୍କ ସାଧୁ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଚଳଚ୍ଚିତ୍ରରେ ଅଭିନେତା ଚନ୍ଦନ କର, ଜ୍ଞାନ ବାରିକ, ସୁରଭି ପ୍ରିୟଦର୍ଶିନୀ, ଦୀପକ ମହାରଣା, କୁସୁମ ତ୍ରିପାଠୀ, ମାନସ ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି। ରାକେଶ ସାମଲ୍ ନିର୍ଦ୍ଦେଶନା ଦେଇଥିବା ବେଳେ ସାଇ ପ୍ରସାଦ ପଣ୍ଡା କ୍ରିଏଟିଭ୍ ଦାୟିତ୍ୱ ତୁଲାଇଛନ୍ତି।

### ● ଓଡିଶାରେ ସମ୍ପୂର୍ଣ୍ଣ ଜଳ ଉତ୍ସର ଗଣନା ସମ୍ପର୍କିତ ସମୀକ୍ଷା ବୈଠକ

# ପ୍ରଭାବୀ ତଥ୍ୟ ସଂଗ୍ରହ ଉପରେ ଡିସିଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ୨।୬ (ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ଜଳଶକ୍ତି ବିଭାଗ, ନଦୀ ବିକାଶ ଏବଂ ଗଙ୍ଗା ସଂରକ୍ଷଣ ବିଭାଗ ମନ୍ତ୍ରାଳୟଙ୍କ ପରାମର୍ଶକ୍ରମେ ଏବଂ ଓଡ଼ିଶା ରାଜ୍ୟ ସରକାରଙ୍କ ସହଯୋଗରେ ଓଡ଼ିଶାରେ କେତେ ଜଳସମ୍ପଦ ତଥା ଜଳ ଉତ୍ସ ରହିଛି, ସେସବୁର ଗଣନା ଓ ବିସ୍ତୃତ ତଥ୍ୟ ସଂଗ୍ରହ ବା ଡାଟା ବେସ୍ ପ୍ରସ୍ତୁତି ନିମନ୍ତେ ଜାରି ରହିଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଏକ ବୈଠକ ଆଜି ଅପରାହ୍ଣରେ ଉନ୍ନୟନ କମିଶନର (ଡିସି) ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। କମ୍ପ୍ୟୁଟର-ସହାୟତାରେ ପ୍ରଶ୍ନୋତ୍ତର ଆଧାରିତ ଏକ ସର୍ବେକ୍ଷଣ ପ୍ରାସଙ୍ଗିକ ସାକ୍ଷାତକାର ପଦ୍ଧତି (କାପି) ଜରିଆରେ ଓ ୱେବ୍ ଆଧାରିତ ପ୍ରୟୋଗରେ ଏହି ଗଣନା କାର୍ଯ୍ୟ ସମ୍ପାଦନ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ପ୍ରଥମ ଥର ବୃହତ୍, ମଧ୍ୟମ ଜଳସେଚନ ପ୍ରକଳ୍ପ ଓ ଝରଣାକୁ



ଗଣନାରେ ସାମିଲ କରାଯାଇଛି। ଏଥିରେ ସପ୍ତମ କ୍ଷୁଦ୍ର ଜଳସେଚନ ଗଣନା ହେବା ସଙ୍ଗେ ସଙ୍ଗେ ଦ୍ୱିତୀୟ ଜଳାଶୟ ଗଣନା ବି ସାମିଲ୍ ରହିଛି। ଏହାଦ୍ୱାରା ରାଜ୍ୟ ପାଇଁ ଗ୍ରାମରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ସମସ୍ତ ଜଳସମ୍ପଦର ଏକ ସମ୍ପୂର୍ଣ୍ଣ ଡେଟାବେସ୍ ପ୍ରସ୍ତୁତି ପାଇଁ ଅନନ୍ୟ ସୁଯୋଗ ସୃଷ୍ଟି ହୋଇଛି। ପ୍ରଥମ ଥର ଏହା ଜଳସମ୍ପଦ ବିଭାଗ ଏବଂ ଯୋଜନା ଓ ସଂଯୋଜନ ବିଭାଗ ଦ୍ୱାରା ଏକ ସମନ୍ୱିତ ଓ ସଂଯୋଜିତ ପ୍ରକ୍ରିୟାରେ କରାଯାଉଛି। ଏହା ତଥ୍ୟ ବ୍ୟବହାର କରୁଥିବା ଅଂଶୀଦାରୀ ବିଭାଗ ଏବଂ ତଥ୍ୟ ପ୍ରସ୍ତୁତି କରୁଥିବା ପରିସଂଖ୍ୟାନ ବିଭାଗର ଅଧିକାରୀ ତଥା କର୍ମଚାରୀମାନଙ୍କୁ ଏକାଠି କାର୍ଯ୍ୟକରି ଗୁଣାତ୍ମକ ତଥ୍ୟ ପ୍ରସ୍ତୁତ କରିବାର ଅନନ୍ୟ ସୁଯୋଗ ସୃଷ୍ଟି କରିଛି।

ଶ୍ରୀମତୀ ଗର୍ଗ ଏହି ଗଣନା କାର୍ଯ୍ୟକ୍ରମ ସ୍ଥିତି ସମ୍ପର୍କରେ ସବିଶେଷ ସମୀକ୍ଷା କରିଥିଲେ। ବୈଠକରେ ପ୍ରମୁଖ ଅଂଶୀଦାର ବିଭାଗ ଯଥା ଜଳସମ୍ପଦ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି, ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ମୁଖ୍ୟଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ, ଓଡିଶା ଉଠା ଜଳସେଚନ ନିଗମ, ଭାରତ ସରକାରଙ୍କ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ, ରାଜ୍ୟ ଭୂତଳ ଜଳ ବୋର୍ଡଙ୍କ ଅଧିକାରୀ ତଥା ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ଏଥିସହ ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ଉପନିର୍ଦ୍ଦେଶକ, ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟର ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଆଭାସୀ ମାଧ୍ୟମରେ ଭାଗ ନେଇଥିଲେ। ପ୍ରଭାବୀ କାର୍ଯ୍ୟାନ୍ୱୟନ ମାଧ୍ୟମରେ କିପରି ଜଳସେଚନ ଓ ଝରଣା ଗଣନା ସମ୍ପର୍କରେ ଗୁଣାତ୍ମକ ତଥ୍ୟ ସଂଗ୍ରହ ହୋଇପାରିବା ଉପରେ ଆଲୋକପାତ କରାଯାଇଥିଲା। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମସ୍ତ ଅଂଶୀଦାରୀ ବିଭାଗ ତଥା ଅନୁଷ୍ଠାନମାନଙ୍କୁ ସମନ୍ୱିତ ଓ ସଂଯୋଜିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଜଳସମ୍ପଦ ବିଭାଗର ଏକ ବିସ୍ତୃତ ଡାଟା ବେସ୍ ପ୍ରସ୍ତୁତ ହୋଇପାରିବ।

## ୨୫୮ ଗ୍ରାମ ଓଜନର ବ୍ରାଉନସୁଗର ଜବତ, ୨ ଗିରଫ



**ଖୋର୍ଦ୍ଧା, ୨।୬ (ସଂଚାର ବ୍ୟୁରୋ):** ଜଙ୍କିଆ ଥାନା ପକ୍ଷରୁ ଚଢ଼ାଉ କରାଯାଇ ଦୁଇ ଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ୨୫୮ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରାଯାଇଛି। ମିଳିଥିବା ସୂଚନାନୁଯାୟୀ, ଖୋର୍ଦ୍ଧା ଭାଲିଆବାଡ଼ି ଅଞ୍ଚଳର ଦୁଇ ଜଣ ଯୁବକ ଏକ ବୁଲେଟରେ ବ୍ରାଉନ ସୁଗର ନେଇ ଖୋର୍ଦ୍ଧା ଆଡ଼କୁ ଆସୁଥିଲେ। ଏନେଇ କୌଣସି ସୂତ୍ରରୁ ଖବର ପାଇ ଜଙ୍କିଆ ପୁଲିସ ଛଣଗିରି ରାସ୍ତାରେ ଛକି ବସିଥିଲା। ଯୁବକମାନଙ୍କୁ ପୁଲିସ୍ ମାଡ଼ି ବସିବା ସହ ସେମାନଙ୍କଠାରୁ ବ୍ରାଉନ୍‌ସୁଗର୍ ଓ ବାଇକ୍‌କୁ ଜବତ କରିଛି। ଗିରଫ ପରେ ଦୁଇ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଖୋର୍ଦ୍ଧା ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି।

## ରେଭେନ୍ସା ବିଶ୍ୱବିଦ୍ୟାଳୟ ୟୁଜି ପରୀକ୍ଷା ଫଳ ପ୍ରକାଶିତ

### ମୋଟ ପାସ୍ ହାର ୮୪.୧୦ ପ୍ରତିଶତ

**କଟକ, ୨।୬ (ସଂଚାର ବ୍ୟୁରୋ):** ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟର ସ୍ନାତକ (ୟୁଜି) ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଏଥିରେ ମୋଟ ପାସ୍ ହାର ୮୪.୧୦ ପ୍ରତିଶତ ରହିଛି। କଳା, ବାଣିଜ୍ୟ, ବିଜ୍ଞାନ ଏବଂ ବୃତ୍ତିଗତ ପାଠ୍ୟକ୍ରମରେ ମୋଟ ୧୩୮୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ବିଭିନ୍ନ ଷ୍ଟ୍ରିମ୍‌ରେ ୧୧୬୪ ଜଣ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ଚଳିତ ବର୍ଷ କଳା ସ୍ନାତକ ପରୀକ୍ଷାରେ ୫୪୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୪୭୨ ଜଣ ପାସ୍ କରିଛନ୍ତି ଓ ପାସ୍ ହାର ରହିଛି ୮୫.୯୭ ପ୍ରତିଶତ। ସେହିପରି ବିଜ୍ଞାନ ଷ୍ଟ୍ରିମ୍‌ରେ ୩୩୩ ଜଣ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୭୭.୧୭ ପ୍ରତିଶତ ଅର୍ଥାତ୍ ୨୫୭ ଜଣ ପାସ୍ କରିଛନ୍ତି। ଏହାଛଡ଼ା ବାଣିଜ୍ୟ ଷ୍ଟ୍ରିମ୍‌ରେ ମୋଟ ୨୫୬ ଜଣ ପରୀକ୍ଷା ଦେଇଥିଲେ ଓ ସେମାନଙ୍କ ମଧ୍ୟରୁ ମାତ୍ର ୨୧୩ ଜଣ ପାସ୍ କରିଛନ୍ତି। ଏହି ଷ୍ଟ୍ରିମ୍‌ରେ ମୋଟ ପାସ୍ ହାର ୮୩.୨୦ ପ୍ରତିଶତ ରହିଛି। ଆହୁରି ବୃତ୍ତିଗତ ପାଠ୍ୟକ୍ରମରେ ୨୪୬ ଜଣ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୨୬ ଜଣ ପାସ୍ କରିଛନ୍ତି ଓ ଏଥିରେ ପାସ୍ ହାର ୯୦.୨୪ ପ୍ରତିଶତ ରହିଛି। ସେହିପରି ଟପ୍ପର୍ ତାଲିକାରେ ଉଦ୍ଭିଦ ବିଜ୍ଞାନରେ ରୋଜାଲିନ୍ ରାଉତ, ରସାୟନ ବିଜ୍ଞାନରେ ଯାଜ୍ଞସେନୀ ବେଉରିଆ, ବାଣିଜ୍ୟରେ ଫରହତ ତବସୁମ୍, କମ୍ପ୍ୟୁଟର ସାଇନ୍ସରେ ତୃପ୍ତିଶ୍ରୀ ନନ୍ଦୀ, ଅର୍ଥନୀତିରେ ଶ୍ୱେତାପୁଷ୍ପା ସମାଦର୍ଶିନୀ, ଶିକ୍ଷାରେ ଜ୍ୟୋତି ପ୍ରକାଶ ରଣା, ଇଂରାଜୀରେ ଆଦ୍ୟାଶା ପଣ୍ଡା, ଭୂଗୋଳରେ ଶ୍ରୀୟା ମିଶ୍ର, ଭୂତତ୍ତ୍ୱରେ ଓମ୍‌ଶ୍ରୀ ବିଶ୍ୱାଳ, ହିନ୍ଦୀରେ ସୋନାଲିକା ନାୟକ, ଇତିହାସରେ ଦତ୍ତାତ୍ରେୟ ସ୍ୱାଇଁ, ଗଣିତରେ ପ୍ରିୟଙ୍କା ସାହୁ, ଓଡ଼ିଆରେ ଶ୍ରୀୟା ବାରିକ, ଦର୍ଶନରେ ବନାନି ଭୂୟାଁ, ପଦାର୍ଥ ବିଜ୍ଞାନରେ ସୁବ୍ରତ କୁମାର ସ୍ୱାଇଁ ରହିଛନ୍ତି। ସେହିପରି ରାଜନୀତି ବିଜ୍ଞାନରେ ସୂର୍ଯ୍ୟସ୍ନାତା ପାତ୍ର, ମନସ୍ତତ୍ତ୍ୱରେ ଝିଲିକ୍ ବାନାର୍ଜୀ, ସଂସ୍କୃତରେ ପ୍ରତିଭା ସାହୁ, ସମାଜଶାସ୍ତ୍ରରେ ଉଜ୍ଜ୍ୱଳା ରାୟ, ପରିସଂଖ୍ୟାନରେ ଶ୍ରାବଣୀ ବାରିକ, ପ୍ରାଣୀ ବିଜ୍ଞାନରେ ଋତୁପର୍ଣ୍ଣା ଚଇନି, ବିବିଏରେ ସମ୍ବିତ ଶୁଭଙ୍କର ସାହୁ, ଆଇଏସସିରେ ଶବନମ୍ ବେହେରା, ଆଇଟିଏମରେ ତାରା ପ୍ରସାଦ ତ୍ରିପାଠୀ, କଳା ବିଏଡ୍‌ରେ ଶ୍ୱେତାଞ୍ଜଳି ଚୌଧୁରୀ ଓ ବିଜ୍ଞାନ ବିଏଡ୍‌ରେ ଓମ୍ ଜ୍ୟୋତି ପ୍ରକାଶ ସାହୁ ଟପ୍ପର୍ ହୋଇଛନ୍ତି।

### କେନ୍ଦ୍ର ସରକାରଙ୍କ ୧୧ ଓ ରାଜ୍ୟ ସରକାରଙ୍କ ବର୍ଷେ ପୂର୍ତ୍ତି ପାଇଁ ରାଜ୍ୟସ୍ତରୀୟ କର୍ମଶାଳା

# ସେବା ଓ ସୁଶାସନକୁ ନେଇ ଲୋକଙ୍କ ପାଖକୁ ଯିବୁ: ସମୀର

**ଭୁବନେଶ୍ୱର, ୨।୬ (ସଂଚାର ବ୍ୟୁରୋ):** ବିକଶିତ ଭାରତ ଗଠନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗତ ୧୧ ବର୍ଷ ମଧ୍ୟରେ ଅନେକ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ କରାଯାଇଛି। ସେହିପରି ଓଡିଶାରେ ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ଏକାକୀ ସରକାର ଗଠନ କରିଛି। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ ପରେ ରାଜ୍ୟବାସୀ ଅନେକ ସୁଫଳ ପାଉଛନ୍ତି। ରାଜ୍ୟରେ କେନ୍ଦ୍ରୀୟ ଯୋଜନାର

### ୯ରୁ ରାଜ୍ୟବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ

ସଫଳ ରୂପାୟନ କରାଯାଉଛି। ସଂକଳ୍ପପତ୍ରର ପ୍ରତିଶ୍ରୁତିଗୁଡିକୁ ପୂରଣ କରାଯାଉଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ନେତୃତ୍ୱ ବିଜେପି ସରକାର ଗତ ବର୍ଷେ ମଧ୍ୟରେ ଉଭୟ ରାଜ୍ୟ ଓ କେନ୍ଦ୍ରୀୟ ଯୋଜନାଗୁଡିକୁ ଯେଭଳି ସଫଳତାର ସହ ଆଗକୁ ନେଉଛନ୍ତି, ସେ ବିଷୟରେ ଓଡିଶାବାସୀଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବ। କେନ୍ଦ୍ରରେ




ମୋଦି ସରକାରଙ୍କ ୧୧ ବର୍ଷ ଓ ରାଜ୍ୟରେ ବିଜେପି ସରକାରଙ୍କ ପ୍ରଥମ ବର୍ଷ ପୂର୍ତ୍ତି ଉପଲକ୍ଷେ ସେବା, ସୁଶାସନ ଓ ଗରିବ କଲ୍ୟାଣକୁ ଆଧାର କରି ବିଜେପି ଜନସାଧାରଣଙ୍କ ପାଖକୁ ଯିବ। ଆଜିର ‘ସଶକ୍ତ ଭାରତ, ସୁରକ୍ଷିତ ଭାରତ’ ସମ୍ପର୍କିତ ବାର୍ତ୍ତା କାର୍ଯ୍ୟକର୍ତ୍ତାମାନେ ଲୋକଙ୍କ ପାଖରେ ପହଞ୍ଚାଇବେ। ବିଶେଷକରି ‘ଆୟୁଷ୍ମାନ ବୟୋବନ୍ଦନ ଯୋଜନା’ରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବ୍ୟକ୍ତି ଯେପରି ସାମିଲ ହେବେ, ସେ ଦିଗରେ ବ୍ୟାପକ କାର୍ଯ୍ୟକ୍ରମ କରାଯିବ। ଏଥିସହ ଗତ ବର୍ଷକ ମଧ୍ୟରେ ରାଜ୍ୟରେ ବିଜେପି ସରକାର ସମସ୍ତ ପ୍ରତିଶ୍ରୁତିକୁ ପ୍ରତିବଦ୍ଧତା ସହ ପାଳନ କରିଆସୁଛି। ଡବଲ ଇଞ୍ଜିନ ସରକାରଙ୍କ ସଫଳତାର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବା ସକାଶେ ଆସନ୍ତା ୯ରୁ ରାଜ୍ୟବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ପୂର୍ବତନ ରାଜ୍ୟ ସଭାପତି ତଥା ବିଜେପି ସରକାର ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ସଂଯୋଜକ ସମୀର ମହାନ୍ତି କହିଛନ୍ତି ।

ଏହି ଅବସରରେ ଆଜି ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସହପ୍ରଭାରୀ ଲତା ଉସେଣ୍ଡି, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ସାଂସଦ ବଳଭଦ୍ର ମାଝୀ ଉପସ୍ଥିତ ରହି ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। କର୍ମଶାଳାରେ ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି, ପୂର୍ବତନ ଜିଲ୍ଲା ସଭାପତି, ଜିଲ୍ଲାସ୍ତରୀୟ ଟିମର ସଦସ୍ୟମାନେ ଯୋଗ ଦେଇଥିଲେ ।

କର୍ମଶାଳା ନେଇ ଶ୍ରୀ ମହାନ୍ତି କହିଛନ୍ତି ଯେ ଗତ ୭୮ ବର୍ଷ ଧରି ଓଡ଼ିଶାକୁ ପଛୁଆ କରି ରଖିବାରେ କଂଗ୍ରେସ ଓ ବିଜେଡି ପ୍ରମୁଖ ଭୂମିକା ଗହଣ କରିଥିଲେ। ଗତ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ପାଇଁ ରାଜ୍ୟବାସୀଙ୍କୁ ବହୁ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଥିଲା। ସେହିପରି କେନ୍ଦ୍ରରେ ଗତ ୫୦ ବର୍ଷ ମଧ୍ୟରେ ଉପା ସରକାରର କୁଶାସନ ଯୋଗୁଁ ଦେଶର ପ୍ରଗତି ବାଧାପ୍ରାପ୍ତ ହୋଇଥିଲା। ଏସବୁ ବିଷୟରେ ଲୋକଙ୍କୁ ଅବଗତ କରାଯିବ। ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ପ୍ରମୁଖ ସହର ଏବଂ ଜିଲ୍ଲା ମୁଖ୍ୟାଳୟଗୁଡ଼ିକରେ କେନ୍ଦ୍ରମନ୍ତ୍ରୀ ତଥା କେନ୍ଦ୍ରୀୟ ନେତୃତ୍ୱମାନେ ଗସ୍ତ କରି ସାଧାରଣ ଜନତାଙ୍କୁ ଅବଗତ କରାଇବେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିଭିନ୍ନ ସ୍ଥାନରେ ବୁଦ୍ଧିଜୀବୀ ସମ୍ମିଳନୀ, ସାମ୍ବାଦିକ ସମ୍ମିଳନୀ, ଆଲୋଚନାଚକ୍ର ଆଦି ଅନୁଷ୍ଠିତ ହେବ। ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ ଏଥିରେ ଭାଗ ନେବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

## ମାଟି ତଳୁ ବାହାରିଲା ଶିବ ଲିଙ୍ଗ



**ବଲାଙ୍ଗୀର, ୨।୬ (ସଂଚାର ବ୍ୟୁରୋ):** କଥାରେ ଅଛି ବିଶ୍ୱାସେ ମିଳଇ ହରି । ସତରେ ଏମିତି ବିଶ୍ୱାସ ଟିକିଏ ଅଛି ବୋଲି ତ ବଲାଙ୍ଗିର ସହରରେ ଭକ୍ତଙ୍କ ଭିଡ ଜମିଛି । ସହରର ବରପାଲି ପଡାରେ ଆବିର୍ଭାବ ହୋଇଛନ୍ତି ଦେବ ଦେବ ମହାଦେବ । ଶୀତଳ ଷଷ୍ଠୀ ଅବସରରେ ମାଟି ତଳୁ ବାହାରିଛନ୍ତି ଶିବ ଲିଙ୍ଗ । ପୁଣି ଏହି ଲିଙ୍ଗ ଏବେ ଦିନକୁ ଦିନ ବଢୁଥିବା କୁହାଯାଉଛି । ଖବରଟି ଗାଁରେ ପ୍ରଘଟ ହେବା ପରେ ଆଖ ପାଖ ଅଞ୍ଚଳରୁ ଭକ୍ତମାନେ ଧାଇଁ ଆସୁଛନ୍ତି । ଏବେ ବାବାଙ୍କୁ ଦର୍ଶନ କରିବା ପାଇଁ ପ୍ରବଳ ଭିଡ଼ ଜମିଛି । ଘର ମାଲିକ ଅଶୋକ ବେହେରାଙ୍କ କହିବା କଥା କି ଗତ ୨୫ ତାରିଖ ଦିନ ସେମାନେ ଘର ଭିତରେ ଏକ ସାପ ଦେଖିଲେ । ସାପଟି ଅଚାନକ କେଉଁଆଡ଼େ ଚାଲିଗଲା । ତାପରେ ଘର କୋଣରୁ କ୍ଷୀର ଭଳି କିଛି ବାହାରିଲା ଏବଂ ଶିବ ଲିଙ୍ଗ ଉଭା ହେଲେ । ଶିବଲିଙ୍ଗର ଉଚ୍ଚତା ଦିନକୁ ଦିନ ବଢୁଥିବା କହିଛନ୍ତି ଭକ୍ତ । ସେଠାରେ ପୂଜାର୍ଚ୍ଚନା ଚାଲିଛି । ଏବେ ଶୀତଳ ଷଷ୍ଠୀ ସମୟରେ ଠାକୁରଙ୍କ ଏଭଳି ଆବିର୍ଭାବ ଭକ୍ତଙ୍କୁ ଭାବବିହ୍ୱଳ କରିଦେଇଛି । ଆଉ ଭକ୍ତମାନେ ପ୍ରଭୁଙ୍କୁ ଦର୍ଶନ କରି ମନସ୍କାମନା ଜଣାଉଛନ୍ତି ।

## ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର



ମଙ୍ଗଳବାର ୩ ଜୁନ ୨୦୨୫, ଭୁବନେଶ୍ୱର
Tuesday 3 June 2025, Bhubaneswar

# ବିରୋଧ ନାମରେ ଆନ୍ଦୋଳନ

କିଛି ବର୍ଷ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନ୍ଦୋଳନଜୀବୀ ନାମରେ ଏକ ଶବ୍ଦ ବ୍ୟବହାର କରିଥିଲେ। ସିଏଏ ବିରୋଧୀ ଆନ୍ଦୋଳନ, କୃଷକ ଆନ୍ଦୋଳନ ଇତ୍ୟାଦିକୁ ଲକ୍ଷ୍ୟ କରି ସେ ଏହି ମନ୍ତବ୍ୟ ଦେଇଥିଲେ ଯାହାର ଯଥାର୍ଥତା ରହିଛି। ବର୍ତ୍ତମାନ ଯୁଗ ବଦଳି ଗଲାଣି। ଏବେ ଶାନ୍ତି ଏବଂ ବିକାଶର ଯୁଗ। ଆନ୍ଦୋଳନ ନାମରେ ରାସ୍ତାରୋକ, ରେଳରୋକ, ହିଂସାକାଣ୍ଡ ଏବଂ ବନ୍ଦ ଆହ୍ୱାନ ଆଉ ଗ୍ରହଣୀୟ ହେଉନାହିଁ। ଏହା କିଛି ଲୋକଙ୍କର ସମ୍ବିଧାନପ୍ରଦତ୍ତ ମୌଳିକ ଅଧିକାର ହୋଇପାରେ, କିନ୍ତୁ କୋଟି କୋଟି ଲୋକଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରୁଛି। ବନ୍ଦ ପାଳନ ହେତୁ ଦେଶର ବିପୁଳ କ୍ଷତି ହେଉଛି, ଅନେକ ଉପାସରେ ଶୋଇବାକୁ ବାଧ ହେଉଛନ୍ତି। ଏହା ଦେଶର ସ୍ୱାର୍ଥ ବିରୋଧୀ ଏବଂ ଜନସ୍ୱାର୍ଥ ବିରୋଧୀ। କିଛି ଲୋକ ଆନ୍ଦୋଳନକୁ ଏକ ପ୍ରକାର ଜୀବୀକା କରି ବଂଚୁଛନ୍ତି। କିଛି କାମ ନକରି କେବଳ ସଙ୍ଗଠନ ଗଠନ କରିବା, ଚାନ୍ଦା ଆଦାୟ କରିବା ଏବଂ ସରକାରଙ୍କୁ ବ୍ଲାକ ମେଲ କରି କୋଟି କୋଟି ଟଙ୍କାର ମାଲିକ ହୋଇ ଆୟସରେ ଜୀବନ ବିତାଇବା ହେଉଛି ଏମାନଙ୍କ ଉଦ୍ଦେଶ୍ୟ ଏବଂ ଜୀବନ ଧାରଣର ମାଧ୍ୟମ। ତେଣୁ ପ୍ରଧାନମନ୍ତ୍ରୀ ଆନ୍ଦୋଳନଜୀବୀ ବୋଲି ଯେଉଁ ଶବ୍ଦ ବ୍ୟବହାର କରିଥିଲେ ତାହାର ଯଥାର୍ଥତା ରହିଛି। ଏବେ ପଞ୍ଜାବରେ ନିଜକୁ ଚାଷୀ ବୋଲି ଦାବି କରୁଥିବା କିଛି ବ୍ୟକ୍ତି ଆନ୍ଦୋଳନରତ ଅଛନ୍ତି। ସେମାନେ ଯେଉଁ ଦାବି କରୁଛନ୍ତି ତାହା ପୂରଣ କରିବା ଅସମ୍ଭବ। ସେମାନେ ସେକଥା ଜାଣିଛନ୍ତି। କିନ୍ତୁ କେବଳ ସରକାରଙ୍କୁ ବଦନାମ କରିବା ହେଉଛି ସେମାନଙ୍କର ଉଦ୍ଦେଶ୍ୟ। କିଛି ସପ୍ତାହ ତଳେ ଦିଲ୍ଲୀର ଶମ୍ଭୁସୀମାରେ ଧାରଣାରତ ଦୁଇଜଣ ଚାଷୀ ଆତ୍ମହତ୍ୟା କରିଥିଲେ। ଉ୍ଆତ୍ମହତ୍ୟା କରିଥିବା ଉଭୟେ କ୍ଷୁଦ୍ରଚାଷୀ ଥିଲେ। ସେମାନେ ଆତ୍ମହତ୍ୟା କରିବାର କିଛି ଯଥାର୍ଥତା ନଥିଲା। ସମ୍ଭବତଃ ସେମାନଙ୍କୁ କେହି ଆତ୍ମହତ୍ୟା କରିବାକୁ କେହି ବାଧ କରିଛି ବା ପ୍ରରୋଚିତ କରିଛନ୍ତି। ଏମଏସପିକୁ ଆଇନଗତ ସ୍ୱୀକୃତି ମିଳିଲେ ସେମାନେ କେତେଦୂର ଲାଭବାନ ହୋଇଥାଆନ୍ତେ ତାହା ଆକଳନ କରାଯାଇପାରିବନି। କିନ୍ତୁ କିଛି ଦଲାଲଙ୍କ ରାଜନୀତିରେ ସେମାନେ ବଳି ପଡ଼ିଲେ। ଭାରତରେ କୃଷକ ଆନ୍ଦୋଳନ ଏକ ନିୟମିତ ପ୍ରକ୍ରିୟାରେ ପରିଣତ ହୋଇଗଲାଣି। ପ୍ରତିବର୍ଷ ରାଜଧାନୀ ଦିଲ୍ଲୀର ପ୍ରାବେଶ ପଥକୁ କୃଷକମାନେ ଅବରୋଧ କରୁଛନ୍ତି। ଏଥିରେ ପଞ୍ଜାବ ଓ ହରିୟାନର କଅଷକମାନେ ବେଶୀ ମାତ୍ରାରେ ସାମିଲ ହେଉଛନ୍ତି। ଏହି ଦୁଇ ରାଜ୍ୟ ଦିଲ୍ଲୀ ସୀମାକୁ ଲାଗିଛି। ତେଣୁ ସେମାନେ ଟ୍ରାକ୍ଟର ଧରି ଦିଲ୍ଲୀ ସୀମାରେ ଆସି ହାଜର ହୋଇଯାଉଛନ୍ତି। ଅନେକ ସମୟରେ ସେମାନେ ଚାଲିଚାଲି ମଧ ଦିଲ୍ଲୀ ସୀମାରେ ଆସି ପହଞ୍ଚି ଯାଉଛନ୍ତି। କହିବା ବାହୁଲ୍ୟ ଯେ, ଉଭୟ ପଞ୍ଜାବ ଏବଂ ହରିୟାନା ହେଉଛି କୃଷି ପ୍ରଧାନ ରାଜ୍ୟ। କେବଳ ଏହି ଦୁଇ ରାଜ୍ୟ ନୁହେଁ, ରାଜସ୍ଥାନ ଏବଂ ପଶ୍ଚିମ ଯୁପିରୁ ମଧ ଅନେକ ଚାଷୀ ଏହି ଆନ୍ଦୋଳନରେ ସାମିଲ ହେଉଛନ୍ତି। ସେମାନଙ୍କର ମୁଖ୍ୟଦାବି ହେଲା ଏମଏସପି ବୃଦ୍ଧି ଏବଂ ଏହାକୁ ସାମ୍ବିଧାନିକ ସ୍ୱୀକୃତି। ଦିଲ୍ଲୀ ସୀମାରେ ପୋଲିସ ସେମାନଙ୍କୁ ଅଟକାଉଛନ୍ତି। ଫଳରେ ସେମାନେ ସେହିଠାରେ ରାସ୍ତା ଉପରେ ଧାରଣାରେ ବସି ରହୁଛନ୍ତି। ୪ ବର୍ଷ ତଳେ କୃଷକମାନେ ସାଧରଣତନ୍ତ୍ର ଦିବସରେ ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହି ସମୟରେ ଦିଲ୍ଲୀରେ ଯେଉଁ ଅରାଜକତା ସୃଷ୍ଟି ହୋଇଥିଲା ତାହା ସାରା ଦେଶବାସୀଙ୍କୁ ଚକିତ କରିଥିଲା। ତେଣୁ ଏହା ପରେ କୃଷକମାନଙ୍କୁ ଆଉ ଦିଲ୍ଲୀରେ ପ୍ରବେଶ କରିବାକୁ ଅନୁମତି ଦିଆଯାଉନି। କାରଣ ଗଣତାନ୍ତ୍ରିକ ଅଧିକାର ନାମରେ ଅରାଜକତା ଗ୍ରହଣୀୟ ନୁହେଁ। ଏବେ ପୁନର୍ବାର ଦିଲ୍ଲୀରେ କୃଷକ ଆନ୍ଦୋଳନ ମୁଣ୍ଡ ଟେକିଛି। ଆନ୍ଦୋଳନ ନାମରେ ଦିଲ୍ଲୀରେ ଅନେକ ସମୟରେ ଅରାଜକତା ସୃଷ୍ଟି ହୋଇଛି। ସରକାର ଧୈର୍ଯ୍ୟର ସହ ଏହାକୁ ବରଦାସ୍ତ କରିଛନ୍ତି। ଆନ୍ଦୋଳନକାରୀ କୃଷକଙ୍କ ବିରୋଧରେ ସର୍ବନିମ୍ନ ବଳ ପ୍ରୟୋଗ କରାଯାଇଛି। କିନ୍ତୁ କୃଷକ ଆନ୍ଦୋଳନରୁ ରାଜନୈତିକ ଫାଇଦା ହାସଲ ନିମନ୍ତେ ବିରୋଧୀ ଦଳ ବରାବର ଉଦ୍ୟମ କରି ଆସୁଛନ୍ତି। ଅନେକ କୃଷକ ସଙ୍ଗଠନ ଭିନ୍ନ ଭିନ୍ନ ରାଜନୈତିକ ଦଳ ସହ ସମ୍ପୃକ୍ତ। ଅନେକ କୃଷକ ନେତା ପ୍ରତ୍ୟକ୍ଷ ବା ପରୋକ୍ଷରେ ବିଭିନ୍ନ ରାଜନୈତିକ ଦଳ ସହ ଜଡ଼ିତ। ତେଣୁ ଅନେକ ସମୟରେ କୃଷକ ଆନ୍ଦୋଳନ ଏକ ରାଜନୈତିକ ଆନ୍ଦୋଳନ ଭଳି ମନେ ହେଉଛି। ଆଉ ଯେଉଁମାନେ ରାଜଧାନୀ ଦିଲ୍ଲୀକୁ ଆସି ଧାରଣା ଦେଉଛନ୍ତି, ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଧନୀ କୃଷକ। ନିଜକୁ କୃଷକ ନେତା ଭାବେ ଦାବି କରୁଥିବା ଅନେକ ବାସ୍ତବରେ କୃଷକ ନୁହଁନ୍ତି ବା କୃଷି କାର୍ଯ୍ୟ ସହ ସେମାନଙ୍କର ସମ୍ପର୍କ ନାହିଁ। ଉଦାହରଣ ସ୍ୱରୂପ ଅତୀତରେ ଉତ୍ତର ଭାରତର ଜଣେ ଟାଣୁଆ କୃଷକ ନେତାଭାବେ ପରିଚତତ ହେଉଥିବା ମହେନ୍ଦ୍ର ସିଂହ ଟିକାୟତଙ୍କ ପୁଅ ରାକେଶ ଟିକାୟତ ଏବେ ନିଜକୁ ବଡ଼ କୃଷକ ନେତା ବୋଲି ଦାବି କରୁଛନ୍ତି। ସେ କେବେ ଚାଷ କରି ନାହାଁନ୍ତି ବା ଚାଷ କାମ ସମ୍ପର୍କରେ ତାଙ୍କର ଧାରଣା ନାହିଁ। ପୈତୃକ ସମ୍ପତ୍ତିର ଉତ୍ତରାଧିକାରୀ ଭାବେ ସେ କୃଷକ ସଙ୍ଗଠନର ନେତା ହୋଇଛନ୍ତି। ଯାହା ବି ହେଉ କୃଷକମାନଙ୍କ ଦାବି ଅନେକାଂଶରେ ଯଥାର୍ଥ ଏବଂ ଏହାକୁ ସହୃଦୟତାର ସହିତ ସରକାର ବିଚାର କରିବା ଉଚିତ। ସବୁ ଦାବି ଏକକାଳୀନ ପୂରଣ ହେବା ଅସମ୍ଭବ। କିନ୍ତୁ କୃଷକଙ୍କ ମୌଳିକ ଦାବି ପୂରଣ ଏବଂ ସମସ୍ୟା ଦୂର ପାଇଁ ସବୁ ବେଳେ ଉଦ୍ୟମ ହେବା ଉଚିତ। ପ୍ରତିବର୍ଷ କୃଷକମାନେ ନୂଆ ନୂଆ ସମସ୍ୟା ଏବଂ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ତେଣୁ କୃଷକଙ୍କ ସମସ୍ୟା ସମ୍ପର୍କରେ ସରକାର ନିୟମିତ ସମୀକ୍ଷା କରିବା ଉଚିତ। କାରଣ ଭାରତ ଏକ କୃଷି ପ୍ରଧାନ ରାଜ୍ୟ ଏବଂ ଭାରତର ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ। ସର୍ବାଧିକ ସଂଖ୍ୟକ ବ୍ୟକ୍ତି କୃଷି ଉପରେ ନିର୍ଭର କରି ଚଳନ୍ତି। ତେଣୁ କୃଷିକୁ ଉପେକ୍ଷା କରାଯାଇପାରିବନି। ସ୍ୱାଧୀନତା ପରେ ଭାରତର ଜନସଂଖ୍ୟା ୪ଗୁଣ ହୋଇଛି କିନ୍ତୁ ଖାଦ୍ୟ ଉତ୍ପାଦନ ସେହି ଅନୁପାତରେ ବୃଦ୍ଧି ପାଇନି। ତା ଛଡ଼ା ଭାରତ ଅନେକ ପ୍ରକାର କୃଷିଜାତ ସାମଗ୍ରୀ ବିଦେଶକୁ ରପ୍ତାନୀ କରାଯାଉଛି। ବଳକା ସାମଗ୍ରୀ ରପ୍ତାନୀ କଲେ ନିଅଣ୍ଟିଆ ସାମଗ୍ରୀକୁ ଆମଦାନୀ କରାଯାଇପାରିବ। କୃଷିଜାତ ସାମଗ୍ରୀର ରପ୍ତାନୀ ଦ୍ୱାରା କୃଷକମାନେ ଉପକୃତ ହେଉଛନ୍ତି। କିନ୍ତୁ ଏହା ଦ୍ୱାରା ଅନେକ ସମୟରେ ପିଆଜ, ଟମାଟୋ, ଗହମ, ଚାଉଳ ଆଦି ବିଦେଶକୁ ରପ୍ତାନୀ ହେବା ଦ୍ୱାରା ଏହାର ଦର ବୃଦ୍ଧି ପାଉଛି। ଖାଉଟୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି, କିନ୍ତୁ କୃଷକମାନେ ବିଶେଷ ଲାଭବାନ ହେଉ ନାହାଁନ୍ତି। ଏହାର ସମାଧାନ ନିମନ୍ତେ କେନ୍ଦ୍ର ସରକାର କିଛି ବର୍ଷ ତଳେ ନୂଆ କୃଷି ଆଇନ ପ୍ରଣୟନ କଲେ। କିନ୍ତୁ ପଞ୍ଜାବ ଓ ହରିୟାନାର କିଛି କୃଷକ ଏହା ବିରୋଧରେ ଆନ୍ଦୋଳନ କଲେ। ଦେଶର ୮୦ ପ୍ରତିଶତ କୃଷକ ନୂଆ କୃଷି ଆଇନକୁ ସମର୍ଥନ କରୁଥିଲେ। କିଛି ମୁଷ୍ଟିମେୟ କୃଷକ ନେତା ନିଜକୁ ଦେଶର କୃଷକମାନଙ୍କ ପ୍ରତିନିଧି ବୋଲି ଦାବି କରି ଏହା ବିରୋଧରେ ଅରାଜକତା ସୃଷ୍ଟି କଲେ। ନୂଆ କୃଷି ଆଇନ ଦ୍ୱାରା ସାଧାରଣ କୃଷକ ଫାଇଦାରେ ରହିବେ, କୃଷିକୁ ଶିଳ୍ପ ମାନ୍ୟତା ମିଳିବ ଏବଂ ଉତ୍ପାଦନ ୪ଗୁଣ ହେବ, ଏକଥା ସରକାର ଯେତେ ବୁଝାଇଲେ ମଧ କେହି ସେ କଥା ବୁଝିଲେ ନାହିଁ। କୃଷକ ଆନ୍ଦୋଳନ ଏଭଳି ଅରାଜକତା ସୃଷ୍ଟି କଲା ଯେ, ସରକାର ବାଧ ହୋଇ ଏହାକୁ ପ୍ରତ୍ୟାହାର କଲେ। ଏକ ଉନ୍ନତ ଚିନ୍ତାଧାରା ନଷ୍ଟ ହୋଇଗଲା। ପଞ୍ଜାବର କୃଷକଙ୍କ ପାଇଁ ସାରା ଦେଶର କୃଷକ କ୍ଷତିଗ୍ରସ୍ତ ହେଲେ। ଯାହା ବି ହେଉ ସରକାର କୃଷକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ବୃଦ୍ଧି କରାଯାଇଛି। କିନ୍ତୁ କୃଷକମାନେ ସେଥିରେ ସନ୍ତୁଷ୍ଟ ନୁହଁନ୍ତି। ସେମାନେ ଏମଏସପିକୁ ଆଇନଗତ ସ୍ୱିକୃତି ଦାବି କରି ପୁଣି ରାସ୍ତାକୁ ଓହ୍ଲାଇଛନ୍ତି। ତେବେ ସରକାର ସେମାନଙ୍କର ଦାବିକୁ କାହିଁକି ମାନୁ ନାହାଁନ୍ତି? କାହିଁକି ବାରମ୍ବାର କୃଷକଙ୍କ ରୋଷର ଶିକାର ହେଉଛନ୍ତି? ଏହାର କାରଣ ହେଲା ବିଭିନ୍ନ କୃଷିଜାତ ସାମଗ୍ରୀର ଏମଏସପିକୁ ଆଇନଗତ ମାନ୍ୟତା ପ୍ରଦାନ କରାଗଲେ ଏହା ଦ୍ୱାରା ସରକାରଙ୍କ ଉପରେ ଆର୍ôଥକ ବୋଝ ବଢ଼ିଚାଲିବ। ଏହାର ପରୋକ୍ଷ ପ୍ରଭାବରେ ଟିକସ ବୋଝ ବଢ଼ିବ ଏବଂ କୃଷକମାନେ ମଧ ଏହାର ଶିକାର ହେବେ। ଏମଏସପି ବଢ଼ିଲେ ସେମାନଙ୍କର ଆୟ ବଢ଼ିବ, କିନ୍ତୁ ବ୍ୟୟ ମଧ ଚାରିଗୁଣ ହୋଇଯାଇପାରେ। ତେଣୁ ଏମଏସପି ବୃଦ୍ଧି ଯେତିକି ଜରୁରୀ ତାଠାରୁ ଅଧିକ ଜରୁରୀ କୃଷି ଉତ୍ପାଦନ ବୃଦ୍ଧି ଏବଂ କୃଷି ଉତ୍ପାଦନ ଲାଗି ଖର୍ଚ୍ଚ ହ୍ରାସ ଅଧିକ ଜରୁରୀ। ସରକାର ବିଭିନ୍ନ ପ୍ରକାର କୃଷି ଉପକରଣ, ସାର, କୀଟନାଶକ, ବିହନ ଉପରେ ଟିକସ ହ୍ରାସ କଲେ, ଜଳ ଏବଂ ବିଜୁଳି ଟିକସ ହ୍ରାସ କଲେ କୃଷି ଉତ୍ପାଦନ ଖର୍ଚ୍ଚ କମିବ ଏବଂ କୃଷକଙ୍କ ସହ ସାଧାରଣ ଖାଉଟୀ ମଧ ଆଶ୍ୱସ୍ତ ହେବେ। ଏଥିଲାଗି୍ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ମିଳିତ ଭାବେ ଏହାର ଅନୁଧାନ କରି ଉଚିତ ନିଷ୍ପତ୍ତି ନେବା ଉଚିତ। ଆନ୍ଦୋଳନ କରିବାର ଗଣତାନ୍ତ୍ରିକ ଅଧିକାର କୃଷକମାନଙ୍କର ରହିଛି। କିନ୍ତୁ ଚାଷକାମ ଛାଡ଼ି କୃଷକ ମାନେ ସବୁ ବେଳେ ଆନ୍ଦୋଳନ କରିବା, ଦିଲ୍ଲୀରେ ରାସ୍ତା ଅବରୋଧ କରିବା ସ୍ପୃହଣୀୟ ଲାଗୁନାହିଁ। ଏଥିଲାଗି ସେମାନଙ୍କୁ ସମ୍ପୂର୍ଣ୍ଣ ଦାୟୀ କରାଯିବାର ଯଥାର୍ଥତା ନାହିଁ। ଏଥିପାଇଁ ସରକାର ଏବଂ ସବୁ ରାଜନୈତିକ ଦଳ ଦାୟୀ। ସେମାନେ କୃଷକଙ୍କ ଦାବି ବା ସମସ୍ୟା ଦୂର କରିବାଲାଗି ଯେତିକି ତ୍ପର ନୁହଁନ୍ତି, କୃଷକ ଆନ୍ଦୋଳନରୁ ରାଜନୈତିକ ପାଇଦା ହାସଲ ଲାଗି ସେତିକି ତତ୍ପର। ଆଗାକୁ ସଂସଦର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହା ପ୍ରାୟ ଅଢ଼େଇ ମାସ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ କୃଷକ ଆନ୍ଦୋଳନ ତେଜିବାର ସମ୍ଭାବନା ରହିଛି। ସେମାନଙ୍କ ସହ ସରକାର ଆଲୋଚନା କରନ୍ତୁ। ନିର୍ଦ୍ଧିଷ୍ଟ ସମୟସୀମା ଭିତରେ ସମସ୍ୟାର ସମାଧାନ ନହେଲେ ସରକାର ଏହାକୁ ବେଆଇନ ଘୋଷଣା କରନ୍ତୁ।

# ପ୍ରେମର ପରିଧି



ସତ୍ୟଜିତ୍ ରାଉତ

ସବୁଦିନ ଜଣଙ୍କ ସହିତ ଅନ୍ୟଜଣେ କ'ଣ ପାଦଛନ୍ଦି ବାଟ ଚାଲିବାକୁ ଆମେ ପ୍ରେମ କହିପାରିବା କି ? ଆପଣ ଯଦି ଏହି କଥାରେ ଏକମତ ତେବେ ଆପଣ ଆଉ ମୁଁ ଏ ଦୁନିଆଭରା ଲୋକ ସମସ୍ତଙ୍କ ସହିତ ତ ଆମ ଛାଇ ପାଦ ମିଳେଇ ବାଟଚାଲେ। ସେ କେବେ ହେଲେ ସେଥିରୁ ବିରତ ହୁଏ ନାହିଁ। ଏସବୁ ପରେ ମଧ ଆମେ ତାକୁ ଆମ ପ୍ରେମର ପ୍ରତୀକ ଭାବରେ ତ ଆବୋରି ବସିନାହୁଁ ନା ଏହା ଭିତରେ ଆଉ କିଛି ଗଭୀର ଉପାଦାନ ଥାଏ। ଯାହା ବିଷୟରେ ଆମେ ଅବଗତ ନୋହୁଁ।

ପ୍ରେମକୁ ବିଶ୍ଳେଷଣ କରିବା ସଳଖ ପାଠ ନୁହେଁ। ଯେଉଁ କଥା ଆମକୁ ସହଜିଆ ଲାଗେ ତାରି ଭିତରେ ସବୁଠାରୁ ଟାଣୁଆ ଉପାଦାନଟାଏ ଥାଏ। ପ୍ରେମକୁ ନେଇ ଅଜସ୍ର କଥା ଉଙ୍କିମାରେ। ଏ ସଂସାରରେ ଯେତେ ସାହିତ୍ୟିକ ଅଛନ୍ତି କେତେ କଥା ନ ଗାରେଇଛନ୍ତି ନିଜ କଲମ ମୁନରେ ଏଇ ପ୍ରେମକୁ ନେଇ। ତଥାପି ଆଉକିଛି ବଳିପଡୁଛି ବୋଲି ଅନ୍ୟଜଣେ ସେଇଠୁ ପାଳି ଧରୁଛି। ପ୍ରେମ ଶବ୍ଦର ବିଶ୍ଳେଷଣରେ ସେହିପରି ଶୀର୍ଷତମ ତୃପ୍ତି ଦାୟକ କଥାଟି ତେବେ କ'ଣ ? ପ୍ରେମ ଶବ୍ଦକୁ ତମେ ମନପ୍ରାଣ ଢାଳିଦେଇ ଯେତେ ଅନ୍ତର ଭିତରେ ଉଖାରିବ ସେତେ ମହମହ ବାସ୍ନା ପାଇବ। ଏଇ ବାସ୍ନା ଟିକକ ତୋଳିଆଣି ପାଖରେ ସାଇତିବାକୁ ସମସ୍ତେ ସେଇ ଦିଗରେ ପଡିଉଠି ଧାଇଁଛନ୍ତି। ଏହା ପାଖରେ ବେଳଉବେଳର କଥା ବା କିଏ ପଚାରେ। ବିଞ୍ଚିହୋଇ ପଡିଥିବା ଆଲୁଅରେ ଝୁଣ୍ଟି ପଡୁଥିବା ପିଲାକୁ ଯିଏ ଅନ୍ଧାରରେ ପହଁରିବାକୁ ପ୍ରେରଣା ଖଞ୍ଜିଦିଏ ତାକୁହିଁ ପ୍ରକୃତ ପ୍ରେମ କୁହାଯାଏ।

ଆମେ ଜନ୍ମରୁ କିଛି ଆୟତ୍ତ କରିନଥିଲେ। କେହି ଜଣେ ତା ବେଳରୁ କାଟି ଆମକୁ ଅଧା ଦେଇଗଲା ବୋଲି ତ ଆମେ ସବୁର ଧାରା ଧରି ଆଗକୁ ଗଲେ। ନହେଲେ ସଳଖ ବାଟରେ ବି ଖାଲି ଝୁଣ୍ଟୁ ଥାଆନ୍ତେ। ସେଇ ଧାରା ଧରେଇଥିବା ଉପାଦାନଟି ହେଉଛି ଆମ ପରିବାର। ପ୍ରେମ ଯଦି ଆମ ପରିବାର ମନଲାଖି ହୁଏ ନାହିଁ ଆମେ କ'ଣ ସେଠି ଆଉ ପରିବାରର କଥା ଶୁଣୁ ? ନା ସମସ୍ତଙ୍କ କଥାକୁ ଦେହରୁ ଝାଡି ଦେଇ ମନର ମଣିଷକୁ ଆପଣେଇ ନେଉ। ଯେଉଁ ଶକ୍ତି ଆମ ପରିବାର ଜନଙ୍କ ଶକ୍ତି ଆଗରେ ଆକାମି ହୋଇପଡେ ଭାବନ୍ତୁ ତ ପ୍ରେମଟା ତାହାଲେ କେତେ ଶକ୍ତିକୁ ବହନ କରେ ? ଯଦି ପ୍ରେମକୁ ମନଦେଇ ଗଢୁଛନ୍ତି ଲୁହକୁ ପଛେ ଟିକେ ପଛରେ ଥୋଇବେ କିନ୍ତୁ ଉଲଙ୍ଘନ ଶବ୍ଦଟା ଆଗରେ ରହିବା କଥା। ପ୍ରେମରେ ଉଲଙ୍ଘନ ମୋକ୍ଷ ପରି ଐଶ୍ୱର୍ଯ୍ୟଭରା। ଯଦି ଏଇ ଶବ୍ଦଟିର ପୂଜା କରିବା ପ୍ରେମିକ, ପ୍ରେମିକା ଜାଣନ୍ତି ନାହିଁ ତାହା ଗୋଦର ଗୋଡପରି ଅବସ୍ଥା ସୃଷ୍ଟି କରିବ। ଗୋଦର ଗୋଡ ପରା ଆମକୁ ଆଗକୁ ହଉ କି ପଛକୁ ଯେଉଁଠିକି ବଢେଇଲେ ତାହା ବୋଝପରି ଲାଗେ। ଯଦି ଉଲଙ୍ଘନର ଭାବଧାରା ମଣିଷର ଖୋଳପା ଭିତରେ ଖେଳୁଥିବ ତେବେ ପାହାଡ଼ ଗଡେଇ, ସମସ୍ତଙ୍କ ବିରୋଧି ମତକୁ ଏଡେଇ ପ୍ରେମ ଆଗକୁ ବହିଯିବ। ନହେଲେ ହତାଶାର ଗଣ୍ଡିଲି ଭିତରେ ଯୋକପରି ଖାଲି ଦେହରୁ ରକ୍ତ ଶୋଷିବ।

ମୁଖ୍ୟ କଥାଟା ଏବେ କୁହୋ ପ୍ରେମ କ'ଣ ଠାକୁର ପୂଜା ଠାରୁ କୌଣସି ମତେ କମ୍ କି ? ମଣିଷ ଯେମିତି ଈଶ୍ୱରଙ୍କୁ ଡାକିଲା ବେଳେ ତା ମନ ଦେଉଳର ସବୁ କବାଟକୁ ମେଲା କରି ଡାକେ, ମନ ଭିତରେ ଆଉ କିଛି ସାଇତି ରଖେନି ପ୍ରେମ ଠିକ୍ ସେହିପରି ହେବାକଥା। ନହେଲେ ପ୍ରକୃତି ପରି ଯଦି ପ୍ରେମ ଋତୁ ପରିବର୍ତ୍ତନ କରେ ସେ ଆରାଧନାର କିଛି ଫଳ ରୁହେନା। କିନ୍ତୁ ସବୁ କାଳ ଖଣ୍ଡରେ ଦେଖାଯାଏ ଯେ, ଜଣେ ନିଜର ସର୍ବସ୍ୱକୁ ପ୍ରେମର ପାଦରେ ଢାଳିଦେଇ ଆରାଧନା କରେ ମାତ୍ର ଅନ୍ୟନଙ୍କର ସାଧନା ଶୀଘ୍ର ମଉଳିଯାଏ। ଏପରି ଘଟେ ଅଧିକ ପାଇବାର ଲାଳସାରୁ। ଯାହା ଅନ୍ୟ ଜଣଙ୍କର ବ୍ରତକୁ ଭାଙ୍ଗି ପକାଏ। ପ୍ରେମବ୍ରତ ରଖିବା ପାଇଁ ଅବଶ୍ୟ ଫଳମୂଳ ଖାଇବାର ଅବସର ନଥାଏ। ଯଦି ସମର୍ପଣ ଭାବନା ଟିକକ ବସାବାନ୍ଧି ରହିବ ସେଇ ଭାବଧାରା ଟିକକ ଦୁଇ ପ୍ରେମ ପକ୍ଷୀଙ୍କୁ ଆଜୀବନ ଏକାଠି ରଖିବାର ସମସ୍ତ ସାମଗ୍ରି ସବୁ



ଶୂନ୍ୟତା ଭିତରେ ଖଞ୍ଜିଦେବ।

କିଏ କ'ଣ ଭାବିବ ? ଏଇ ଧାରଣା ଯଦି ମନ ଭିତରେ ବିଛେଇ ହୋଇଥାଏ ତେବେ ପ୍ରେମ ସାଗରକୁ ପାଦ ପଢେଇବା ଅପେକ୍ଷା ଫେରିଆସିବା ଶ୍ରେୟସ୍କର ହେବ। କାରଣ ପ୍ରେମ ନିର୍ଭୟତାର ଶିକ୍ଷା ଦିଏ ଭୟ ଭିତରେ ପ୍ରେମ ଉଧେଇ ପାରେନି। ଦ୍ୱାପର ଯୁଗର କଥା ଦେଖୁନ ଶିଶୁପାଳ ବରବେଶ ଧରି କେତେ ସ୍ୱପ୍ନଭିଜା ମନନେଇ ଆସିଥିଲା ମାତ୍ର ରୁକ୍ମିଣୀଙ୍କର ଶ୍ରୀକୃଷ୍ଣଙ୍କ ପ୍ରତି ଥିବା ଭଲପାଇବାରେ ତାର ବରବେଶ କିଛି କାମ ଦେଲା ନାହିଁ। ରୁକ୍ମିଣୀ ନିଜ ସ୍ୱଜନ ମାନଙ୍କ କଥାକୁ ଆଡ କରି ଚକ୍ରପାଣିଙ୍କ ପାଖରେ ନିଜକୁ ଢାଳିଦେଇ ଚାଲିଗଲେ। ଏ ଘଟଣାକୁ କ'ଣ କିଏ ବାଡଦେଇ ରୋଧି ପାରିଲା କି ?

ଲୁହକୁ ପ୍ରେମରେ ଭୁଲିବାର କଥା ନୁହେଁ। ଲୁହରେ ପ୍ରେମ ପରା ଲୁହାପରି କଠିନ ହୁଏ। ଯେଉଁ ପ୍ରେମରେ ତକିଆ ଭିଜିନାହିଁ କିମ୍ବା ଆଖିରେ ପଲକ ଘୋଡାଉ ଘୋଡାଉ ନିଦ ବୋଲି ହୋଇ ଯାଉଛି ତାକୁ କ'ଣ ପ୍ରେମ କହିହେବ କି ? ଯେତେ ଯାଏଁ ଏସବୁ ମଣିଷକୁ ଘାରିଛି ସେତେ ଯାଏଁ ଧରିନେବାକୁ ହେବ ପ୍ରେମଟି ସଦ୍ୟ ପ୍ରସବ ଗ୍ରହଣ କରିଛି। ଯେତେବେଳେ ଟେଳାଟେଳା ଲୁହବୁନ୍ଦା ଉଭୟଙ୍କର ଉଭୟଙ୍କ ପ୍ରତି ନିହାତି ଛୋଟ କଥାରେ ନିଗିଡି ଆସିବ ଭାବି ନେବାକୁ ହେବ ପ୍ରେମ କୌଶୋର ଆଡେ ମୁହାଁଇଛି। ଶୁଖିଲା ବିଛଣାରେ ପଡିରହିବା ସମୟରେ ଦେହ ଯେତେବେଳେ ପ୍ରେମିକ ପୁରୁଷର ସାହାରା ଟିକିଏ ଖୋଜିଛି ସେ ପ୍ରେମ ଯୌବନର ମାଦକତାରେ ପହଞ୍ଚିଛି ବୋଲି ଧରିନେବାକୁ ହେବ।

ପ୍ରେମରେ ପ୍ରତିରୋଧ ଦୁଃଖପରି ସତ୍ୟ। କେଉଁଠି ସମ୍ମାନର ହତ୍ୟା ତ ପୁଣି କେଉଁଠି ଆମକୁ ଗଢିଥିବା ଲୋକଙ୍କର ନିଜକୁ ଶେଷ କରିଦେବାର ଧମକ ଆସେ। ପୁନେଇ ଆଣିବାକୁ ହେଲେ ଅମାବାସ୍ୟାକୁ ନ ଭୋଗିବାର ବାଟ ଟିଏ କ'ଣ ବାହାରିଲାଣି କି ? ଏ ସବୁ ଖାଲଖମାକୁ ହାତରେ ସାଉଁଳେଇ ସମତୁଳ କରିନେଲେ ଅବଶ୍ୟ ଝଡ ଥମି ନୀରବତା ଖେଳିବ। ପ୍ରେମ ଗଛର ମୂଳ ଖୁରୁଶେଇ ଯଦି ଠିକ୍ ସମୟରେ ପାଣିଟିକେ ଶୋଷ ଉଣ୍ଡି ଦେଉଥିବ ପ୍ରେମ କଣ ପାଇଁ ଭୂଇଁରେ ଲୋଟିବ। ବଂର ଆକାଶକୁ ଛୁଇଁବ ବୋଲି ଡେଣା ପିଟିବ।

ସବୁ ପ୍ରେମରେ ବିଶ୍ୱାସର ମାଟି ଯେତେ ଛାଟିଲେ ସବୁ ମାଟି କ'ଣ ତା ଦେହରେ ଲେସିହେଇ ରହିବ। ଅଧା ରହିବ ଅଧା ଝଡିବ। ସେଇମିତି ସବୁ ପ୍ରେମର ପରିଣତି ପ୍ରେମିକା ଆଙ୍ଗୁଠିର ଝୁଣ୍ଟିଆ ହୋଇ ଲାଗିରହିବା ପାଇଁ ହୋଇ ନଥାଏ। ଏମିତିବି ପ୍ରେମଥାଏ ଯାହା ନିଜ ପାଖରେ ଉଦୟ ହୋଇ ସେଇ ନିଜ ପାଖରେ ଅସ୍ତ ହୋଇଯାଏ। ଅପର ପକ୍ଷକୁ ତାହା ସ୍ପର୍ଶ କରିପାରେନି।

ସୁପଣେଖା ଭାବପ୍ରବଣ ହୋଇ ରମଚନ୍ଦ୍ରଙ୍କର ରୂପ ମାଧୁରିମାରେ ନିଜକୁ ହଜେଇ ଦେଲେ। ଅବଶ୍ୟ ତାଙ୍କର ଏଥିରେ କୌଣସି ବିଚ୍ୟୁତି ନଥିଲା। ବିବାହ ପରେ ଯେ ଆମକୁ ଜଣେ ପ୍ରେମ ନ କରିବ ସେପରି କଥା ତ ନୁହେଁ। ଏଠିକିନ୍ତୁ କାମ ପ୍ରବଣତା ସୁପନ୍ନଖାଙ୍କୁ ପ୍ରଥମରୁ ହତଶିରୀ କରିପକାଇଲା। କାମ ପ୍ରବଣତା ଲୁଚିରହି ଯଦି ଖାଲି ନିରୁତା ପ୍ରେମ ତାଙ୍କ ପାଖରେ ଥାଆନ୍ତା ତେବେ କଥା ଏତେ ବାଟ ଯାଇ ନଥାନ୍ତା। ଆଜିର ପ୍ରେମରେ କାମନାକୁ କ'ଣ ମୁଁ ମନାକଲେ ବି ସେ ଲୁଚିବ ? ପ୍ରେମ ଭୂଇଁରେ ଆଜି କାମନା ପ୍ରଥମେ ଗଜା ମାରୁଛି !! ବାହ୍ୟ ସୌନ୍ଦର୍ଯ୍ୟରୁ ପ୍ରେମର ଝରଣା ବହି ଆସି ଦେହରେ କ୍ରିଡାକରି ମିଶୁଛି। ମଣିଷ କାମର ବଶବର୍ତ୍ତି ହେଉ ତାହା ତ ଈଶ୍ୱରର ପ୍ରଦତ୍ତ। ମାତ୍ର ସେ କାମନାର ନିଆଁରୁ କେବଳ ପ୍ରେମିକ ଓ ପ୍ରେମିକା ତାର ଉତ୍ତାପକୁ ଅନୁଭବ କରନ୍ତୁ। ଦୁହିଁଙ୍କୁ ଅତିକ୍ରମ ନକରି ତାହା ଅନ୍ୟମାନଙ୍କ ନିକଟକୁ ନଯାଇ ଅଣାୟତ୍ତ ପରିସ୍ଥିତି ସୃଷ୍ଟି ନ କରୁ। ଯଦି ତାହା ଅମାନିଆ ହୋଇ ବହୁ ଜଣଙ୍କ ପାଖକୁ ଚାଲିଯାଏ ନିଜର ଶୋଷ ମେଣ୍ଟେଇବା ନିମନ୍ତେ ତେବେ ତାହା ମନୁଷ୍ୟକୁ ଆନନ୍ଦ ଦେବନାହିଁ ବରଂ କଞ୍ଚା ଜୁଇରେ ମଣିଷର ବ୍ୟକ୍ତିତ୍ୱକୁ ଜାଳିଦେବ। ଯେଉଁ ରଙ୍ଗକୁ ଦେହରେ ମାଖିଲେ ଜୀବନ ଉଜ୍ଜଳ ଦିଶେ ସେଇତକ ହିଁ ବାସ୍ତବ ପ୍ରେମ।

**ସ୍ନାତକୋତ୍ତର ପ୍ରଥମ ବର୍ଷ, ଓଡିଆ ଭାଷା ଓ ସାହିତ୍ୟ ବିଭାଗ**
**ଉତ୍କଳ ବିଶ୍ୱବିଦ୍ୟାଳୟ, ମୋବାଇଲ୍: ୯୩୩୭୪୫୪୩୨୯**

# ବାର୍ଦ୍ଧକ୍ୟର ବୋଝ

ସୁବାସ କୁମାର ତାରେଣିଆଁ

ପ୍ରତିଦିନ ସକାଳୁ ଉଠି ଚା ପିଇବାକୁ ଯିବାବେଳେ, ଲକ୍ଷ୍ୟ କରେ, ଜଣେ ଭଦ୍ରବ୍ୟକ୍ତି ରାସ୍ତାକଡ଼ରେ ଛିଡ଼ାହୋଇ ବୁଲା କୁକୁରଙ୍କୁ ବିସ୍କୁଟ ଖାଇବାକୁ ଦେବା, ସେମାନଙ୍କ ଦେହରେ ଲାଗିଥିବା ପୋକ ଓ ଅଳିଆଗୁଡ଼ିକୁ କାଢି ସଫାସୁତୁରା କରିବା, ବୁଲା ଗୋରୁଗାଈଙ୍କୁ ରୁଟି, ପରିବା ଚୋପା ଖାଇବାକୁ ଦିଅନ୍ତି। କିଛିଦିନ ଯିବାଆସିବା ଭିତରେ ସେହି ଭଦ୍ରବ୍ୟକ୍ତିଙ୍କ ସହିତ ମୋର ପରିଚୟ ସୃଷ୍ଟି ହେଲା। ଦିନେ ଚା ପିଇ ଫେରିବା ସମୟରେ ସେ ମୋତେ ହଠାତ୍ ଡାକି କହିଲେ, ଦେଖନ୍ତୁ, ଆପଣ ଭାବୁଥିବେ ଏ ଲୋକଟି ସବୁଦିନେ ବୁଲା କୁକୁର, ଗୋରୁ, ଗାଈଙ୍କୁ କାହିଁକି ଖାଇବାକୁ ଦେଉଛି? ଆମେ ହେଲୁ ମଣିଷ, ଭଗବାନ କଥା କହିବାର ଶକ୍ତି ଆମକୁ ଦେଇଛନ୍ତି, ଆମର ଦୁଃଖ ଯନ୍ତ୍ରଣାକୁ ଆମେ ଅନ୍ୟ ଆଗରେ ପରିପ୍ରକାଶ କରିପାରିବା। ମାତ୍ର ଏ ବୁଲା କୁକୁର, ଗୋରୁଗାଈ, ପକ୍ଷୀମାନଙ୍କର ତ କଥା କହିବାର ଶକ୍ତି ନାହିଁ। ତେଣୁ ସେମାନଙ୍କ ଦୁଃଖ ବା ସମସ୍ୟା କାହା ଆଗରେ ପ୍ରକାଶ କରିବେ? ଭୋକ ଶୋଷ ଲାଗିଲେ, ସେମାନେ ଏ ଦୋକାନ ଆଗରେ ସେ ଘର ଦୁଆରେ ଖାଦ୍ୟ ଆଶାରେ ପଇଁତରା ମାରନ୍ତି। ତେଣୁ ଆମେ ମଣିଷ ହୋଇ ନିଜର ମାନବିକତା ଦୃଷ୍ଟିରୁ ବୁଲା କୁକୁର, ଗୋରୁଗାଈଙ୍କୁ କିଛି ଖାଇବାକୁ ଦେଲେ ସେମାନଙ୍କ ଦୁଃଖ ଦୂର ହୋଇଥାଏ। ମଣିଷ ହେଉଛି ସାମାଜିକ ପ୍ରାଣୀ, ତେଣୁ ମଣିଷ କୌଣସି ମଠ, ମନ୍ଦିର ଯାଇ ପଥର ଉପରେ କ୍ଷୀର ନଢାଳି ବରଂ ବୁଲା କୁକୁର, ଗୋରୁ ଗାଈ ଓ ନିଜ ପିତାମାତାଙ୍କ ସେବା ଶୁଶ୍ରୁଷା କରିପାରିଲେ, ସେମାନଙ୍କ ଆଶୀର୍ବାଦ ସଦା ସର୍ବଦା ତୁମ ଉପରେ ରହିବ। ପିତାମାତଙ୍କ ଆଶୀର୍ବାଦ ରହିଲେ, ଦୁନିଆର କୌଣସି ଶକ୍ତି ତୁମକୁ ପରାଜିତ କରିପାରିବ ନାହିଁ। ସେହି ଭଦ୍ରବ୍ୟକ୍ତିଙ୍କ କଥା ଶୁଣିବା ପରେ ମୋତେ ବହୁତ ଖୁସି ଲାଗିଲା। ମନେ ମନେ ଭାବିଲି ବୁଲା ପଶୁପକ୍ଷୀମାନଙ୍କ ଅସୁବିଧାକୁ ହୃଦୟଙ୍ଗମ କରି ସେମାନଙ୍କ ମୁହଁରେ ଟିକେ ଖୁସି ଆଣିପାରିଲେ ମଣିଷ ଜୀବନର ସାର୍ଥକତା ପ୍ରତିପାଦନ ହୋଇପାରିବ। ଏମିତି କିଛିଦିନ ବିତିଗଲା ପରେ ହଠାତ୍ ଦିନେ ସେହି ଭଦ୍ରବ୍ୟକ୍ତି ଆସି ମୋ ପାଖରେ ପହଞ୍ଚିଗଲେ। ପେଶାରେ ମୁଁ ଜଣେ ଡିଟିପି ଅପରେଟର ହୋଇଥିବାରୁ ସେ କିଛି ଚୁକ୍ତିପତ୍ର ଡିଟିପି କରିବା ପାଇଁ ମୋ ପାଖକୁ ଆସିଥିଲେ। ଯେହେତୁ ପୂର୍ବରୁ ତାଙ୍କ ସହିତ ମୋର ପରିଚୟ ହୋଇସାରିଥିଲା, ତତ୍‌କ୍ଷଣାତ ତାଙ୍କ ଚୁକ୍ତିପତ୍ର ଡିଟିପି କରିବା ଆରମ୍ଭ କଲି। ଡିଟିପି କରିବା ସମୟରେ ଜାଣିବାକୁ ପାଇଲି ଯେ, ପିତାମାତାଙ୍କ ବାର୍ଦ୍ଧକ୍ୟର ବୋଝକୁ ବୋହିବା ପାଇଁ ଦୁଇଭାଇଙ୍କ ମଧରେ ସମସ୍ୟା ସୃଷ୍ଟି ହେବାରୁ, ଏହାର ସମାଧାନ ପାଇଁ ଚୁକ୍ତିପତ୍ରଟି ଉଦ୍ଦିଷ୍ଟ। ସାରାଜୀବନ ପାହାଡ଼ ପରି ଯାବତୀୟ ବୋଝକୁ ମୁଣ୍ଡରେ ମୁଣ୍ଡାଇ, ମୁଣ୍ଡଝାଳ ତୁଣ୍ଡରେ ମାରି, ଲହୁଲୁହାଣ ହୋଇ ନଖାଇ, ନପିଇ ନିଜ ପିଲାମାନଙ୍କ ମୁହଁରେ ଟିକିଏ ହସ ଫୁଟାଇବା ପାଇଁ ଦିନରାତି ପରିଶ୍ରମ କରୁଥିବା ମଣିଷଟି କେତେବେଳେ ବାର୍ଦ୍ଧକ୍ୟରେ ଉପନୀତ ହୋଇଥାଏ, ସେକଥା ସେ ନିଜେ ମଧ ଜାଣିପାରେ ନାହିଁ। ବୁଝିବାର ଶକ୍ତି ଓ କାର୍ଯ୍ୟ କରିବାର ଦକ୍ଷତା ଥାଇ ସୁଦ୍ଧା ପରିବାର ଲୋକଙ୍କ ପାଇଁ ସେ ଏକ ଅଲୋଡ଼ା ଓ ଅଦରକାରୀ ବସ୍ତୁ ପାଲଟି ଯାଆନ୍ତି। ସାରାଜୀବନ ଅଭିଜ୍ଞତା ହାସଲ କରିଥିବା ମଣିଷକୁ ଯେତେବେଳେ ସ୍ଥାଣୁ କରି ରଖାଯାଏ, ସେତେବେଳେ ତାଙ୍କୁ ଗଭୀର ଆଘାତ ପହଞ୍ଚାଇଥାଏ। ବାର୍ଦ୍ଧକ୍ୟର ବୋଝକୁ ବୋହିବା ପାଇଁ ସେମାନେ ଅସମର୍ଥ ହୋଇ ପଡ଼ିଥିବା ବେଳେ ପୁତ୍ରବୋହୁମାନଙ୍କ ସେବା ଶୁଶ୍ରୁଷା ସେମାନଙ୍କ ସାତ ସପନ ପାଲଟିଯାଏ। ଲୋକ ଲଜ୍ଜାରୁ ବର୍ତ୍ତିବା ପାଇଁ ଭାଇ ଭାଇ ମଧରେ ପ୍ରତିଯୋଗିତା ଚାଲେ, କିଏ ବାପାବୋଉଙ୍କ ଭରଣପୋଷଣ ଦାୟିତ୍ୱ ନେବ। ସେଥିପାଇଁ ଚୁକ୍ତିପତ୍ର ସ୍ୱାକ୍ଷରିତ ହୁଏ। ଚୁକ୍ତିପତ୍ର ଅନୁସାରେ ବାଧବାଧକତାରେ ପିତାମାତାଙ୍କୁ ପାଖରେ ରଖନ୍ତି ସତ, ମାତ୍ର ନା ସେମାନଙ୍କୁ ମିଳିଥାଏ ପୁଅବୋହୁ ମାନଙ୍କ ସ୍ନେହଁ ମମତା ନା ମିଳିଥାଏ ଟିକେ ସହାନୁଭୂତି, କେବଳ ବାର୍ଦ୍ଧକ୍ୟର ବୋଝରେ ଜର୍ଜରିତ ହେବା ଛଡ଼ା ସେମାନଙ୍କ ପାଖରେ ଆଉ କିଛି ବିକଳ୍ପ ରାସ୍ତା ନଥାଏ। ମଣିଷ ହୋଇ ପିତାମାତାଙ୍କ ବାର୍ଦ୍ଧକ୍ୟର ବୋଝକୁ ଯଦି ବୋହିନପାରିବା, ସେମାନଙ୍କ ସେବା ନକରିବା, ତେବେ ସେ ମଣିଷ ଜୀବନ ବୃଥା। ଯାହା ସେ ଭଦ୍ରବ୍ୟକ୍ତିଙ୍କ ଠାରେ ମୁଁ ଅନୁଭବ କରିଥିଲି। ଯେଉଁ ବ୍ୟକ୍ତି ଦିନେ କୁକୁର, ବୁଲା ଗୋରୁଗାଈ ଓ ପିତାମାତାଙ୍କ ସେବା କରିବା ପାଇଁ ପରାମର୍ଶ ଦେଉଥିଲେ, ଆଜି ସେହି ବ୍ୟକ୍ତି ନିଜ ବୃଦ୍ଧ ପିତାମାତଙ୍କ ଯତ୍ନ ନେବା ପାଇଁ କୁଣ୍ଠାବୋଧ ପ୍ରକାଶ କରିବା ମୋତେ ଆଶ୍ଚର୍ଯ୍ୟ କରିଥିଲା।

ଆମ ସମାଜରେ ଅନେକ ପିତାମାତା ଅଛନ୍ତି, ସେମାନଙ୍କ ପିଲାମାନଙ୍କୁ ଭଲ ମଣିଷଟିଏ କରିବା ପାଇଁ ସବୁକିଛି ତ୍ୟାଗ କରିଦିଅନ୍ତି। ପାଠପଢା ହେଉ ବା ଚାକିରି, ଦରକାର ପଡ଼ିଲେ ନିଜ ଜମି ବନ୍ଧକ ରଖି ନିଜ ପିଲାଙ୍କ ସବୁ ଅଭାବ ଅସୁବିଧାକୁ ଦୂର କରିଥାନ୍ତି। ପୁଅ ଯେତେବେଳେ ଚାକିରି ଖଣ୍ଡିଏ ପାଇଯାଏ, ସେତେବେଳେ ବାପାମାଆ ସବୁଠୁ ବେଶି ଖୁସି ହୁଅନ୍ତି, ଏହାପରେ ଉପଯୁକ୍ତ ଝିଅଟିଏ ଦେଖି ପୁଅର ବିବାହ କରାନ୍ତି। ମାତ୍ର ବାପାମାଆ ଯେତେବେଳ ବାର୍ଦ୍ଧକ୍ୟରେ ପହଞ୍ଚନ୍ତି, ସେତେବେଳେ ସେମାନଙ୍କୁ ଟିକେ ସେବା ଯୋଗାଇଦେବା ପାଇଁ ପୁଅବୋହୁ ସମ୍ପୂର୍ଣ୍ଣ ଅସମର୍ଥ ହୋଇପଡ଼ନ୍ତି। ସେମାନଙ୍କ ଯୁକ୍ତି ଆଜିକାଲି ବ୍ୟସ୍ତବହୁଳ ଜୀବନରେ ଆମେ ନିଜେ ନିଜ ପାଇଁ ନିଜ ପିଲାମାନଙ୍କ ପାଇଁ ସମୟ ଦେଇପାରୁନୁ, ବୃଦ୍ଧ ବାପାମାଆଙ୍କ ସେବା କିପରି କରିବୁ? କିନ୍ତୁ ଯେତେବେଳେ ବାପା ମାଆ ପରିଣତ ବୟସରେ ପାଦ ଦିଅନ୍ତି, ସେତେବେଳେ ପିତାଙ୍କ ସମ୍ପତ୍ତି ଓ ପେନସନକୁ ନେଇ ଭାଇ ଭାଇ ମଧରେ ମାଲି ମକଦ୍ଦମା କରିବାକୁ ଢେର୍ ସମୟ ଥାଏ, ସେ ଦିଗରେ ପଇସା ଖର୍ଚ୍ଚ କରିବା ପାଇଁ ପ୍ରଚୁର ପରିମାଣରେ ଅର୍ଥ ଥାଏ, ମାତ୍ର ବୃଦ୍ଧ ପିତାମାତାଙ୍କ ସ୍ୱାସ୍ଥ୍ୟସେବା ପାଇଁ ସେମାନଙ୍କ ପାଖରେ ପଇସାର ଅଭାବ ଦେଖାଦେଇଥାଏ। ଯିଏ ପିତାଙ୍କ ପେନସନ ଓ ସମ୍ପତ୍ତି ହାତେଇବ, ସେ ହିଁ ପିତାଙ୍କ ଭରଣପୋଷଣ ଦାୟିତ୍ୱ ବହନ କରିବ। ଏହି ମାନସିକତାଟି ଏବେ ପ୍ରତି ପୁଅବୋହୁଙ୍କୁ ଘାରିଛି। ବୃଦ୍ଧାବସ୍ଥାରେ ପିତାମାତାମାନେ କେତେ ଯେ ଦୁଃଖ ଯନ୍ତ୍ରଣାକୁ ସମ୍ମୁଖୀନ କରନ୍ତି, ଏହି ପୁଅବୋହୁମାନେ ଦିନେ ନା ଦିନେ ବାର୍ଦ୍ଧକ୍ୟରେ ଉପନୀତ ହେଲେ ଜାଣିପାରିବେ। ସମ୍ପ୍ରତିକ ସମୟରେ ମାନବିକତାର ଅବକ୍ଷୟ ଘଟିଛି। ବିଜ୍ଞାନର ଦ୍ରୁତ ଅଗ୍ରଗତି ତଥା ନୂଆ ନୂଆ ଆବିଷ୍କାର ମାନବ ଜୀବନରୁ ମାନବପ୍ରେମ ଲୋପ ପାଇଯାଉଛି। ସଂସାରରେ ନ୍ୟାୟ, ଧର୍ମ, ସତ୍ୟ, ସ୍ନେହଁ, ଶ୍ରଦ୍ଧା, ସଦ୍ଭାବ, ସହାନୁଭୂତି, ଶାନ୍ତି, ପ୍ରୀତି, ମୈତ୍ରୀ, ବିଶ୍ୱାସ ଓ ସମନ୍ୱୟର ଅବକ୍ଷୟ ଘଟିବାରେ ଲାଗିଛି। ହିଂସା, ପ୍ରତିହିଂସାର ମାତ୍ରା ଚରମ ସୀମା ଅତିକ୍ରମ କଲାଣି। ନାନା ପ୍ରକାର ପରମାଣୁ ଅସ୍ତ୍ରଶସ୍ତ୍ରର ଆବିଷ୍କାର ବିଶ୍ୱର ସ୍ଥିତି ପ୍ରତି ବିପଦ ସୃଷ୍ଟି କଲାଣି। ସକଳ ଶ୍ରେଣୀର ବ୍ୟକ୍ତି କେବଳ ଆପଣାର ସୁଖ, ସମ୍ଭୋଗ ଓ ସମୃଦ୍ଧିର ସମ୍ପତ୍ତି ଠୁଳ କରିବାରେ ବ୍ୟସ୍ତ। ବର୍ତ୍ତମାନ ବିଶ୍ୱରେ ଧର୍ମ ଅଧୋଗତି, ମନ କଳୁଷିତ, ଚିନ୍ତା ଅସ୍ଥିର, ମତି ଚଞ୍ଚଳ, ବିବେକ ଅସ୍ଥିର, ବିଚାର ବିଭ୍ରାଟ, ଶିକ୍ଷା ବିବର୍ଣ୍ଣ, ଖାଦ୍ୟ ଦୂଷିତ, ପରିବେଶ ଦୁର୍ବିସହ, ସମୟ ଦାରୁଣ, ପ୍ରବୃତ୍ତି ନୀଚ, ପ୍ରକୃତି ବିଷର୍ଣ୍ଣ, ବସୁଧା ବିପନ୍ନ ଓ ସତ୍ୟନ୍ୟାୟ ତମସାଛନ୍ନ। ଏହି ପରିପ୍ରେକ୍ଷୀରେ ମାନବିକତାର ଉଚ୍ଚତମ ଚେତନା ପ୍ରସୂତ ସୂକ୍ଷ୍ମ ବିଚାରବୋଧରେ ମାନବ ସମାଜକୁ ଉଦ୍‌ବୁଦ୍ଧ କରାଇବାରେ ବିଫଳ। ଯେଉଁଥି ପାଇଁ ପୁଅବୋହୁମାନେ ଭୋଗବିଳାସରେ ବଞ୍ଚିବା ପାଇଁ ବୃଦ୍ଧାବସ୍ଥାରେ ନିଜ ପିତାମାତାଙ୍କୁ ଘରୁ ବାହାର କରିଦିଅନ୍ତି ଓ ସମ୍ପତ୍ତି ପାଇଁ ଭାଇ ଭାଇ ମଧରେ ବିଭେଦର ପ୍ରାଚୀର ଛିଡ଼ା ହେଉଛି, ପରିବାର ପରିବାର ମଧରେ ବାଦ ବିବାଦ ଉଗ୍ରରୂପ ନେଉଛି। ଯୌଥ ପରିବାର ଆଜି ଖଣ୍ଡ ବିଖଣ୍ଡିତ ହେଉଛି, ପରିବାରରେ ସ୍ନେହଁ, ଶାନ୍ତି, ସହଂତି ଓ ସଦ୍‌ଭାବନା ଲୋପ ପାଉଛି ଏବଂ ଶତୃତା ବୃଦ୍ଧି ପାଉଛି। ସତରେ ମଣିଷ କେଡ଼େ ବିଚିତ୍ର ଜୀବ!! ସମାଜରେ ବହୁତ ଗରିବ, ଖଟିଖିଆ ଓ ଅନାଥ ଶିଶୁମାନେ ଟୋପେ କ୍ଷୀର ପିଇବାକୁ ନପାଇ ଅପପୁଷ୍ଟିର ଶିକାର ହେଉଥିବା ବେଳେ ଲୋକମାନେ ପ୍ରତିଦିନ ମନ୍ଦିର ଯାଇ ପଥର ଉପରେ ଲିଟର ଲିଟର କ୍ଷୀର ଢାଳିଥାନ୍ତି। ଘରେ ନିଜର ଚଳନ୍ତି ଠାକୁର ପିତାମାତା ଉପବାସ ଥାଉଥାଉ ଠାକୁରଙ୍କ ପାଖରେ ମହୁ ଘିଅର ଭୋଗ ଲଗାଇ ପୂଣ୍ୟ ଅର୍ଜନ କରନ୍ତି ଓ ପିତାମାତାଙ୍କୁ ବୃଦ୍ଧାଶ୍ରମରେ ଛାଡିଆସନ୍ତି ଏବଂ ମୃତ୍ୟୁବରଣ କରିବା ପରେ ବନ୍ଧୁ ପ୍ରିୟଜନଙ୍କୁ ଭୋଜିଭାତ ଦେଇ ନିଜକୁ ଭାଗ୍ୟବାନ ବୋଲି ମନେ କରିଥାନ୍ତି। ହେଲେ ଏହାର କୁପରିଣାମ ଦିନେ ନା ଦିନେ ଭୋଗିବାକୁ ପଡ଼ିବ, ସେ କଥା ବୁଝିବାକୁ ସେ ନାରାଜ। ଏମିତି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ କି ଅନ୍ୟମାନଙ୍କୁ ଭଲ ଭଲ ଉପଦେଶ ଓ ପ୍ରବଚନ ଦେଇ ଲୋକଙ୍କ ମନରେ ଜାଗରଣ ସୃଷ୍ଟି କରନ୍ତି, କିନ୍ତୁ ନିଜ ପିତାମାତାଙ୍କୁ ହଇରାଣ ହରକତ କରନ୍ତି। ଯେଉଁଦିନ ସେ ନିଜେ ବାର୍ଦ୍ଧକ୍ୟରେ ପାଦ ଦେଇ, ବାର୍ଦ୍ଧକ୍ୟର ବେଦନାକୁ ଅଙ୍ଗେ ନିଭାଇବ, ସେଇଦିନ ଅତୀତର ସେହି କର୍ମଫଳକୁ ମନେ ପକାଇ ଅଖିରୁ ଲୁହ ଗଡ଼ାଇବା ସାର ହେବ।

**କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର**
**ମୋବାଇଲ୍: ୮୩୨୮୮୪୦୨୧୪**

# ଜଳବାୟୁ ପରିବର୍ତ୍ତନ

ସୌଭାଗ୍ୟ ରଂଜନ ମହାନ୍ତି(ରାଜା)



ବିଶ୍ୱ ଜଳବାୟୁ ପରିବର୍ତ୍ତନ ଏବଂ ତାପମାତ୍ରା ବୃଦ୍ଧି ପ୍ରଭାବରେ ଭାରତରେ ପ୍ରତିକୂଳ ପାଣିପାଗ ଜନସାଧାରଣଙ୍କ ପାଇଁ ଘାତକ ସାଜିଛି। ଯାହାର ପ୍ରଭାବରେ ୧୯ବର୍ଷ ମଧରେ ଅର୍ଥାତ ୨୦୦୧ ରୁ ୨୦୧୯ ମଧରେ ୩୪ ହଜାରରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ଭାରତୀୟ ପାଣିପାଗ ବିଭାଗ ଏବଂ ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋର ତଥ୍ୟକୁ ଏନେଇ ଦେଶର ଏକ ମର୍ଯ୍ୟଦା ସମ୍ପନ୍ନ ବିଶ୍ୱବିଦ୍ୟାଳୟ ତରଫରୁ କରାଯାଇଥିବା ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଅସ୍ୱାଭାବିକ ଜଳବାୟୁ ପରିବର୍ତ୍ତନ ତଥା ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଏବଂ ମାତ୍ରାଧିକ ଶୀତ ଲହରି କେବଳ ଜୀବନ ନେଉନାହିଁ, ଜନଜୀବନକୁ ଏକ ପ୍ରକାର ବିପର୍ଯ୍ୟାସ୍ତ କରିଦେଇଛି। ସର୍ଭେ ରିପୋର୍ଟ ଅନୁଯାୟୀ ୨୦୦୧ରୁ ୨୦୧୯ ମଧରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ସହ ଅଂଶୁଘାତରେ ୧୯ହଜାର ୬୯୩ ଜଣଙ୍କ ଜୀବନ ଯାଇଥିବାବେଳେ ମାତ୍ରାଧିକ ଥଣ୍ଡା ତଥା ଶୀତ ଲହରି ଯୋଗୁଁ ୧ହଜାର ୧୯୭ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଓଡିଶା, ଆନ୍ଧ୍ରପ୍ରଦେଶ, ଉତରପ୍ରଦେଶ ଓ ପଞ୍ଜାବରେ ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତର ପ୍ରଭାବ ଅଧିକ ରହିଥିବାବେଳେ ଉତରପ୍ରଦେଶ, ପଂଜାବ, ବିହାର, ରାଜସ୍ଥାନ ଓ ଦିଲ୍ଲୀରେ ମାତ୍ରାଧିକ ଶୀତର ପ୍ରକୋପ ଅନୁଭୂତ ହୋଇଥିଲା। ସେହିପରି ଶକ୍ତି, ପରିବେଶ ଓ ଜଳପରିଷଦ (ସିଇଇଡବ୍ଲ୍ୟୁ) ପକ୍ଷରୁ ହୋଇଥିବା ଆଉ ଏକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଦେଶରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସହ ଅନିୟମିତ ପାଣିପାଗ ଦେଖିବାକୁ ମିଳିଛି। ଗୋଟିଏ ଅଂଚଳର ଉତାପ ବା ତାପମାତ୍ରା ବଢି ଚାଲିଥିବାବେଳେ ଅନ୍ୟ ଅଂଚଳରେ ଅପ୍ରତ୍ୟାଶିତ ବର୍ଷା ହେଉଛି। ଦେଶରେ ଛଅଟି ଋତୁ ମଧରୁ ସାଧାରଣତଃ ତିନୋଟି ଗ୍ରୀଷ୍ମ, ବର୍ଷା ଓ ଶୀତକୁ ଲୋକେ ବୁଝୁଥିବା ବେଳେ ଏବେ ଋତୁକୁ ବୁଝିବା ଏକ ଦୁରୁହ ବ୍ୟପାର ହୋଇଛି। ଆହୁରି ମଧ ଦେଶର କେତେକ ଅଂଚଳରେ ଅସ୍ୱାଭାବିକ ଭାବେ ଦିନର ତାପମାତ୍ରା ବୃଦ୍ଧି ପାଉଥିବାବେଳେ ଆଉ କେତେକ ଅଂଚଳରେ ରାତ୍ରିର ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ୨୦୧୨ରୁ ୨୦୨୨ ମଧରେ ଦେଶର ପ୍ରାୟ ୭୦ ପ୍ରତିଶତ ଜିଲ୍ଲାରେ ପ୍ରତି ଗ୍ରୀଷ୍ମ ଋତୁରେ ୫ରୁ ଅଧିକ ଉଷ୍ମ ରାତି ଅନୁଭୂତ ହୋଇଛି। ୨୮ ପ୍ରତିଶତ ଜିଲ୍ଲାରେ ଦିନର ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଥିବାବେଳେ ମୁମ୍ବାଇରେ ଗତ ଦଶନ୍ଧିରେ ପୂର୍ବ ୩ଦଶନ୍ଧି ତୁଳନାରେ ପ୍ରତି ଗ୍ରୀଷ୍ମ ଋତୁରେ ୧୫ଦିନ ଉତପ୍ତ ରାତି ଅନୁଭବ କରିଥିବାବେଳେ ଜୟପୁର, ଚେନ୍ନାଇ, ଭୁବନେଶ୍ୱର ଆଦି ସହରରେ ୭ରୁ ୧୦ ରାତିରେ ଅତ୍ୟଧିକ ଉତାପ ଅନୁଭବ କରିଥିଲେ। ତେବେ ସବୁଠାରୁ ଚିନ୍ତାଜନକ ପ୍ରସଙ୍ଗ ହେଉଛି ଦେଶରେ ୫୭ ପ୍ରତିଶତ ଜିଲ୍ଲା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବଣ, ଯେଉଁଠାରେ ଦେଶର ୭୬ ପ୍ରତିଶତ ଅର୍ଥାତ ୧୧୦ କୋଟିରୁ ଉଦ୍ଧ୍ୱର୍ ଲୋକ ବାସ କରନ୍ତି। ଏହି ଅଂଚଳ ମଧରେ ୧୦ଟି ରାଜ୍ୟ ତଥା ଆନ୍ଧ୍ରପ୍ରଦେଶ, ଗୋଆ, କେରଳ, ମହାରାଷ୍ଟ୍ର. ଗୁଜରାଟ, ରାଜସ୍ଥାନ, ଓଡିଶା, କର୍ଣ୍ଣାଟକ, ତାମିଲନାଡୁ ଓ ଉତରପ୍ରଦେଶ ସର୍ବାଧିକ ତାପ-ବିପଦପ୍ରବଣ ରହିଛି। ଆମ ରାଜ୍ୟର ଭୁବନେଶ୍ୱର ତଥା ଖୋର୍ଦ୍ଧା ଜିଲ୍ଲା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ତାଲିକାରେ ରହିଛି। ଏହା ବ୍ୟତୀତ ରାଜ୍ୟର କଟକ, ପୁରୀ, ଢେଙ୍କାନାଳ, ନୟାଗଡ, ଗଂଜାମ, ଗଜପତି, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୁରଭଞ୍ଜ, ବରଗଡ, ବଲାଙ୍ଗୀର, ନବରଙ୍ଗପୁର, ସମ୍ବଲପୁର ଏବଂ ଝାରସୁଗୁଡା ଉଚ୍ଚ ଗ୍ରୀଷ୍ମ ପ୍ରବଣ ଅଂଚଳରେ ରହିଛି। ଏହି ଜିଲ୍ଲାଗୁଡିକ ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲା ମଧମ ବିପଦ ତାଲିକାରେ ରହିଛି। ସେହିପରି ସର୍ଭେ ପରିସରଭୁକ୍ତ ଥିବା ଦେଶର ୭୩୪ଟି ଜିଲ୍ଲା ମଧରୁ ୪୧୭ଟି ଜିଲ୍ଲା ଉଚ୍ଚ ଓ ଅତ୍ୟନ୍ତ ଉଚ୍ଚ ବିପଦ ବର୍ଗରେ ରହିଥିବା ରିପୋର୍ଟରେ କୁହାଯାଇଛି। ଦେଶର ବିଭିନ୍ନ ଅଂଚଳରେ ଗ୍ରୀଷ୍ମ ପ୍ରବାହ, ଅନିୟମିତ ବର୍ଷା ଏବଂ ପ୍ରବଳ ଶୀତ ଲହରି କେବଳ ଜନଜୀବନକୁ ଠପ କରିନାହିଁ, ଲୋକଙ୍କ ଆର୍ଥୀକ ସ୍ଥିତିକୁ ମଧ ବିପର୍ଯ୍ୟାସ୍ତ କରିଦେଇଛି। ଜୀବନ ସହ ଧନ ସମ୍ପତି କ୍ଷୟକ୍ଷତି ହୋଇଛି। ଖରା, ବର୍ଷା, ଓ ଶୀତ ପ୍ରଭାବରେ ଲୋକେ ଘରୁ ବାହାରିପାରୁନଥିବା ବହୁ ଚାଷ ବାସ, ଶ୍ରମ କ୍ଷତି ବଢିଚାଲିଥିବା ସହ ଆର୍ଥୀକ ବିପର୍ଯ୍ୟାୟର ସମ୍ମୁଖୀନ ହେଉଛନ୍ତି। ଆହୁରି ମଧ ମଣିଷର ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ପ୍ରଭାବ ପକାଉଛି। ବିଶେଷ କରି ବୃଦ୍ଧ, ବାହ୍ୟ ଶ୍ରମିକ, ପିଲା, ଉଚ୍ଚ ରକ୍ତଚାପ ଓ ମଧୁମେହ ଭଳି ରୋଗରେ ପିଡିତ ଲୋକଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଦେଶର ନୀତି ନିର୍ଦ୍ଧାରକମାନେ ପରିସ୍ଥିତି ଦେଖି ଏହାର ନିୟନ୍ତ୍ରଣ ପାଇଁ କ୍ରିୟାନୁଷ୍ଠାନ କରିଥାନ୍ତି। କିନ୍ତୁ ଏବେ ଯେପରି ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପାଣିପାଗରେ ଅନିୟମିତତା ବୃଦ୍ଧି ପାଇବାରେ ଲାଗିଛି, ତାହାର ମୁକାବିଲା ପାଇଁ ଦୀର୍ଘମିଆଦି ଭିତିରେ ଜରୁରୀକାଳୀନ ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶା କରାଯାଏ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**



## ୩୮ ଜଣଙ୍କ ମୃତ୍ୟୁ, ୧୯ ହଜାର ବାସଚ୍ୟୁତ

# ଉତ୍ତର-ପୂର୍ବାଞ୍ଚଳରେ ବର୍ଷା ବିପ୍ଳାତ ଜାରି



**ନୂଆଦିଲ୍ଲୀ,୨।୬:** ଉତ୍ତର-ପୂର୍ବାଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ଏବଂ ଭୂସ୍ଖଳନ ଜାରି ରହିଛି। ଫଳରେ ଅତି କମରେ ୩୮ ଜଣଙ୍କର ମୃତ୍ୟୁ ହୋଇଛି। ଆସାମରୁ ଆଉ ଦୁଇଜଣଙ୍କ ମୃତ୍ୟୁ ଖବର ମିଳିଛି, ଯାହା ଫଳରେ ମୃତ୍ୟୁ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି। ଆସାମରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି କାରଣ ଅଧିକାରୀମାନେ ଆହୁରି ବନ୍ୟା ନେଇ ସତର୍କ କରାଇଛନ୍ତି, ଏହି ଅଞ୍ଚଳର ସମସ୍ତ ସାତଟି ପ୍ରମୁଖ ନଦୀ ବିପଦ ସ୍ତର ଅତିକ୍ରମ କରିଛି। ଭାରତୀୟ ସେନା ଏବଂ ଆସାମ ରାଇଫଲ୍ସର ସୈନ୍ୟମାନେ ବନ୍ୟା ରିଲିଫ୍ କାର୍ଯ୍ୟ କରୁଛନ୍ତି। ସେନା ତ୍ରିପୁରା, ଦକ୍ଷିଣ ଆସାମ ଏବଂ ମଣିପୁରର ଜିରିବାମରେ ରିଲିଫ୍ କାର୍ଯ୍ୟ ଜାରି ରଖିଛନ୍ତି, ଲୋକମାନେ ପ୍ରଶାସନ ସହିତ ସମନ୍ୱୟ ରଖି ଜଳମଗ୍ନ ଅଞ୍ଚଳରୁ ୧୦୦ ରୁ ଅଧିକ ଲୋକଙ୍କୁ ଉଦ୍ଧାର କରିଛନ୍ତି। ଆସାମର ପଡ଼ୋଶୀ ରାଜ୍ୟ ମଣିପୁରରେ ଗତ ଚାରି ଦିନ ଧରି ଲଗାତାର ପ୍ରବଳ ବର୍ଷା ଯୋଗୁଁ ବ୍ୟାପକ ବନ୍ୟା ଫଳରେ ୧୯ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି ଏବଂ ୩୩୦୦ରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଛି। ପ୍ରବଳ ବର୍ଷା ଯୋଗୁଁ ଇମ୍ଫାଲ ନଦୀରେ ବନ୍ୟା ଆସିବା ପରେ ମଣିପୁରର ରାଜଧାନୀ ଇମ୍ଫାଲ ଏବଂ ଏହାର ଆଖପାଖ ଅଞ୍ଚଳରେ ଅନେକ ସ୍ଥାନ ପାଣିରେ ବୁଡ଼ି ରହିଛି। ଅରୁଣାଚଳ ପ୍ରଦେଶ ପୂର୍ବ କାମେଙ୍ଗ ଜିଲ୍ଲାର ଜାତୀୟ ରାଜପଥ ୧୩ ରେ ଏକ କାର ଭୂସ୍ଖଳନରେ ପିଟି ହୋଇଯିବାରୁ ଗୋଟିଏ ପରିବାରର ଅନ୍ୟୂନ ୭ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି, ଯେଉଁଥିରେ ଦୁଇଜଣ ମହିଳା ଏବଂ ଦୁଇଜଣ ଶିଶୁ ମଧ୍ୟ ସାମିଲ ଥିଲେ। ସରକାରୀ ତଥ୍ୟ ଅନୁଯାୟୀ, ସମଗ୍ର ରାଜ୍ୟରେ ନଦୀଗୁଡ଼ିକ ଆବାସିକ ଅଞ୍ଚଳରେ ପାଣି ମାଡ଼ି ଆସିବା ଏବଂ ଭୂସ୍ଖଳନ ହେବା ଯୋଗୁଁ ୩,୩୬୫ ଘର କ୍ଷତିଗ୍ରସ୍ତ ହୋଇଛି ଏବଂ ୧୯,୮୧୧ ଜଣ ଲୋକ ବାସସ୍ଥାନ ହରାଇଛନ୍ତି। ଇମ୍ଫାଲ ପୂର୍ବ, ବିଶେଷକରି ହେଇଙ୍ଗାଙ୍ଗ, ୱାଙ୍ଗଖେଇ ଏବଂ ଖୁରାଇ ବିଧାନସଭା ନିର୍ବାଚନମଣ୍ଡଳୀ, ସେନାପତି ଜିଲ୍ଲା ସହିତ ସବୁଠାରୁ କ୍ଷତିଗ୍ରସ୍ତ ଅଞ୍ଚଳ ମଧ୍ୟରୁ ଅନ୍ୟତମ। ଜଳମଗ୍ନ ଅଞ୍ଚଳରୁ ସ୍ଥାନାନ୍ତରିତ ଲୋକଙ୍କୁ ସ୍ଥାପିତ କରିବା ପାଇଁ ୩୧ଟି ରିଲିଫ୍ କ୍ୟାମ୍ପ ସ୍ଥାପନ କରାଯାଇଛି। ଗତ ଚାରି ଦିନ ମଧ୍ୟରେ ରାଜ୍ୟରେ ୪୭ଟି ଭୂସ୍ଖଳନ ମଧ୍ୟ ଘଟିଛି, ଯାହା ସଙ୍କଟକୁ ଆହୁରି ଘନୀଭୂତ କରିଛି। ଇମ୍ଫାଲ ନଦୀ ପ୍ରବାହିତ ହେବା ପରେ ଖୁରାଇ, ହେଇଙ୍ଗାଙ୍ଗ ଏବଂ ଚେକନ୍ ସମେତ ରାଜଧାନୀ ଇମ୍ଫାଲ ଏବଂ ଆଖପାଖ ଅଞ୍ଚଳଗୁଡ଼ିକ ବୁଡ଼ି ଯାଇଥିଲା। ଯାହା ବନ୍ଧ ଭାଙ୍ଗି ଦେଇଥିଲା। ଅଲ୍ ଇଣ୍ଡିଆ ରେଡିଓ ଇମ୍ଫାଲ୍ କମ୍ପ୍ଲେକ୍ସ ଏବଂ ରାଜ୍ୟ ପରିଚାଳିତ ଜବାହରଲାଲ ନେହରୁ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ସମେତ ପ୍ରମୁଖ ପ୍ରତିଷ୍ଠାନଗୁଡ଼ିକରେ ପାଣି ଜମି ରହିଥିବା ରିପୋର୍ଟ କରାଯାଇଛି। ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ରାଜ୍ୟପାଳ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ଇମ୍ଫାଲ୍ ପୂର୍ବ, ଇମ୍ଫାଲ୍ ପଶ୍ଚିମ ଏବଂ ସେନାପତି ଉପ-ବିଭାଗରେ ଅବସ୍ଥିତ ସ୍କୁଲଗୁଡ଼ିକରେ ଗ୍ରୀଷ୍ମ ଛୁଟି ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି। ଭାରତୀୟ ସେନା ଏବଂ ଆସାମ ରାଇଫଲ୍ସ ପ୍ରାୟ ୮୦୦ ଲୋକଙ୍କୁ ଉଦ୍ଧାର କରିଛନ୍ତି।



# କେଦାରନାଥ ଓ ବଦ୍ରିନାଥ ଦର୍ଶନ କଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ

● ଯମୁନା ସଫା ପାଇଁ କଲେ ପ୍ରତିଜ୍ଞା

**ଡେରାଡୁନ, ୨।୬:** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ସୋମବାର କେଦାରନାଥ ଏବଂ ବଦ୍ରିନାଥରେ ପ୍ରାର୍ଥନା କରିବା ସହ ଦର୍ଶନ କରିଛନ୍ତି। ରବିବାର ତାଙ୍କର ତୀର୍ଥଯାତ୍ରା ହରିଦ୍ୱାର ଗସ୍ତ ସହିତ ଆରମ୍ଭ ହୋଇଥିଲା। ସେ ପୂଜାର୍ଚ୍ଚନା କରିଥିଲେ ଏବଂ ଆଶୀର୍ବାଦ ଲୋଡ଼ିଥିଲେ। ସୋମବାର ସକାଳେ ମୁଖ୍ୟମନ୍ତ୍ରୀ କେଦାରନାଥ ଧାମରେ ପହଞ୍ଚିଥିଲେ, ସେଠାରେ ସେ ଜାତିର ସମୃଦ୍ଧି ଏବଂ ମଙ୍ଗଳ ପାଇଁ ବାବା କେଦାରଙ୍କୁ ପ୍ରାର୍ଥନା କରିଥିଲେ। କେଦାରନାଥ ଗସ୍ତ ପରେ ସେ ତାଙ୍କର ଆଧ୍ୟାତ୍ମିକ ଯାତ୍ରା ଜାରି ରଖିବା ପାଇଁ ବଦ୍ରିନାଥ ଧାମକୁ ଯାଇଥିଲେ। ରବିବାର ମୁଖ୍ୟମନ୍ତ୍ରୀ ତାଙ୍କ ସ୍ୱାମୀଙ୍କ ସହିତ ହରିଦ୍ୱାରରେ ତାଙ୍କର ଗସ୍ତ ଆରମ୍ଭ କରିଥିଲେ। ତାଙ୍କର ପ୍ରଥମ ରହଣି ଥିଲା ପ୍ରତୀକାତ୍ମକ ହର କି ପାଉରୀ, ଯେଉଁଠାରେ ସେ ପବିତ୍ର ଗଙ୍ଗା ନଦୀରେ ପବିତ୍ର ବୁଡ଼ ପକାଇଥିଲେ। ଗଙ୍ଗା ସଭା ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲା, ମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରିବା ପରେ ଏହା ତାଙ୍କର ପ୍ରଥମ ହରିଦ୍ୱାର ଗସ୍ତ ଥିଲା। ଏହି ମୁହୂର୍ତ୍ତର ଗୁରୁତ୍ୱ ଉପରେ ପ୍ରତିଫଳିତ କରି ମୁଖ୍ୟମନ୍ତ୍ରୀ ଗୁପ୍ତା କହିଛନ୍ତି, ମା ଗଙ୍ଗାରେ ପବିତ୍ର ସ୍ନାନ ମୋ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ସେ ଆହୁରି ମଧ୍ୟ କହିଛନ୍ତି, ମୋ ସରକାରଙ୍କ କାର୍ଯ୍ୟକାଳର ୧୦୦ ଦିନ ପୂରଣ କରିବା ପରେ ମୁଁ ହର କି ପଉରିର ପବିତ୍ର ଭୂମିକୁ ଆସିଛି। ମୁଁ ମା ଗଙ୍ଗାଙ୍କ ପାଦ ତଳେ ପ୍ରଣାମ କରିଛି ଏବଂ ଭାରତ ବିକଶିତ ହେବା ପାଇଁ ପ୍ରାର୍ଥନା କରିଛି, ଦିଲ୍ଲୀ ମଧ୍ୟ ଏହାର ଉପଯୁକ୍ତ ସ୍ଥାନ ପାଇବ। ହରିଦ୍ୱାର ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଏକ ସଫା ଯମୁନା ନଦୀ ପାଇଁ ତାଙ୍କର ଆକାଂକ୍ଷା ମଧ୍ୟ ପ୍ରକାଶ କରିଥିଲେ। ରବିବାର କଙ୍ଖାଲରେ ବାତ୍ସଲ୍ୟ ଗଙ୍ଗା ଆଶ୍ରମର ଉଦଘାଟନ ଅବସରରେ ସେ ମନ୍ତବ୍ୟ ଦେଇଥିଲେ, ସନ୍ଥମାନଙ୍କ ପରି ମୁଁ ମଧ୍ୟ ଇଚ୍ଛା କରେ ଯେ ଗୋଟିଏ ଦିନ ଆମେ ଯମୁନାରେ ସ୍ନାନ କରିପାରିବା। ଏଥିପାଇଁ ଯମୁନା ନଦୀର ସ୍ୱଚ୍ଛତା ପାଇଁ ଅଭିଯାନ ମୋର କାର୍ଯ୍ୟକାଳ ମଧ୍ୟରେ ଜାରି ରହିବ।

# ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ସର୍ବଦଳୀୟ ପ୍ରତିନିଧିମଣ୍ଡଳୀ



**ନୂଆଦିଲ୍ଲୀ, ୨।୬:** ଅପରେସନ ସିନ୍ଦୂର ବାବଦରେ ବିଶ୍ୱକୁ ଅବଗତ କରାଇବା ପାଇଁ ବିଦେଶ ଗସ୍ତରେ ଥିବା ସର୍ବଦଳୀୟ ପ୍ରତିନିଧିମଣ୍ଡଳୀ ସଦସ୍ୟ ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ । ବିଦେଶ ଗସ୍ତରୁ ଫେରିବା ପରେ ପ୍ରତିନିଧିମଣ୍ଡଳୀର ସମସ୍ତ ସଦସ୍ୟଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ସାକ୍ଷାତ କାର୍ଯ୍ୟକ୍ରମ ରହିଛି। ଏହି ବୈଠକ ଜୁନ୍ ୯ କିମ୍ବା ୧୦ରେ ହେବାର ସମ୍ଭାବନା ରହିଛି। ଏହି ଅବସରରେ ପ୍ରତିନିଧିମଣ୍ଡଳୀ ନିଜ ନିଜ ବିଦେଶ ଯାତ୍ରାର ସୂଚନା ଓ ଅନୁଭବ ବାବଦରେ ପ୍ରଧାନମନ୍ତ୍ରୀଙ୍କୁ ଜଣାଇବେ। ଭାରତର କୂଟନୈତିକ ରଣନୀତି ଅଧିନରେ ସାତ ପ୍ରତିନିଧିମଣ୍ଡଳୀ ବିଦେଶ ଗସ୍ତରେ ଅଛନ୍ତି । ପ୍ରତିନିଧିମଣ୍ଡଳୀ ପ୍ରାୟ ୩୩ ଦେଶ, ଯେଉଁଥିରେ-ଆମେରିକା, ୟୁରୋପ, ମଧ୍ୟପୂର୍ବ, ଆଫ୍ରିକା ଓ ପୂର୍ବ ଏସିଆ ପରି ଦେଶ ଗସ୍ତ କରିଛନ୍ତି । ପ୍ରମୁଖ ପ୍ରତିନିଧିମଣ୍ଡଳରେ ଶଶି ଥରୁର (କଂଗ୍ରେସ) ଆମେରିକା, ପନାମା, ଗୁୟାନା, ବ୍ରାଜିଲ୍ ଓ କୋଲମ୍ବିଆ ଗସ୍ତ କରିଥିଲେ । ରବି ଶଙ୍କର ପ୍ରସାଦ (ବିଜେପି) ୟୁରୋପର ପ୍ରମୁଖ ଦେଶ ୟୁକେ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଡେନମାର୍କ ଓ ୟୁରୋପୀୟ ସଂଘ ଗସ୍ତ କରିଥିଲେ । ଶିବସେନାର ଶ୍ରୀକାନ୍ତ ସନ୍ଦେ ମଧ୍ୟ-ପ୍ରାଚ୍ୟ ଓ ଆଫ୍ରିକାର କିଛି ଦେଶ ଯାତ୍ରା କରିଥିଲେ। ବିଜେପିର ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱାଧିନ ପ୍ରତିନିଧିମଣ୍ଡଳ ସାଉଦି ଆରବ, କୁଏତ, ବହରୀନ ଓ ଆଲଜେରିଆରେ ଅପରେସନ ସିନ୍ଦୂର ବାବଦରେ ଜଣାଇଥିଲେ। ଭାରତୀୟ ପ୍ରତିନିଧିମାନେ ବିଭିନ୍ନ ଦେଶର ଅଧିକାରୀ ଓ ପ୍ରତିନିଧିଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରି ଭାରତର ଦୃଷ୍ଟିକୋଣକୁ ପ୍ରଭାବୀ ଢଙ୍ଗରେ ଉପସ୍ଥାପନା କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏହି ବିଦେଶ ଯାତ୍ରାବେଳେ ହୋଇଥିବା କଥାବାର୍ତ୍ତା ଓ ଆଲୋଚନା ବାବଦରେ ସୂଚନା ଦିଆଯିବ । ଏପ୍ରିଲ ୨୨ରେ ପହଲଗାମରେ ୨୬ ଜଣ ନିରୀହ ନାଗରିକଙ୍କୁ ଆତଙ୍କୀମାନେ ହାତ୍ୟା କରିଥିଲେ। ଏହାପରେ ଭାରତ ସରକାର ଅପରେସନ ସିନ୍ଦୂରରେ ପାକିସ୍ତାନ ମାଟିରେ ଥିବା ଆତଙ୍କୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିଥିଲେ।

# ଲରେନ୍ସ ନାଁରେ ଆସିଥିବା ପାର୍ସଲର ତଦନ୍ତ ଆରମ୍ଭ



**ଅହମଦାବାଦ, ୨।୬:** ସାବରମତୀ କେନ୍ଦ୍ରୀୟ କାରାଗାରର ଏକ ଉଚ୍ଚ- ସୁରକ୍ଷା ପ୍ରକୋଷ୍ଠରେ ବନ୍ଦୀ ଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କୁ ଅଷ୍ଟ୍ରେଲିଆର ଜଣେ ରହସ୍ୟମୟ ମହିଳା ପଠାଇଥିବା ଏକ ପାର୍ସଲର ତଦନ୍ତ ଆରମ୍ଭ କରିଛି ସୁରକ୍ଷା ଏଜେନ୍ସି। ବିଷ୍ଣୋଇଙ୍କ ନିକଟକୁ ପଠାଯାଇଥିବା ପାର୍ସଲ୍ ଅଷ୍ଟ୍ରେଲିଆରେ ତାଲିକାଭୁକ୍ତ ଥିବା ବନ୍ଦନା ଗୌର ନାମକ ଜଣେ ମହିଳାଙ୍କ ନାମରେ ପଠାଯାଇଥିବା ଜଣାପଡ଼ିଛି। ତଦନ୍ତରୁ ଠିକଣାଟି ନକଲି ଥିବା ଜଣାପଡିଛି। ପ୍ୟାକେଜରେ କେବଳ ଏକ ଗାମୁଛା ଏବଂ ଏକ ସେଭର ଥିଲା। ତଥାପି ସରଳ ଦେଖାଯାଉଥିବା ସାମଗ୍ରୀ ବିଦେଶରୁ ଆସିଥିବାରୁ ସୁରକ୍ଷା ଅଧିକାରୀଙ୍କ ସନ୍ଦେହକୁ ଆହୁରି ଘନିଷ୍ଠ କରିଛି। ତେଣୁ ଏହାର ଯାଞ୍ଚ କରାଯିବ। ଗୁଜରାଟର ବିଦେଶୀ ପୋଷ୍ଟ ଅଫିସରେ ସନ୍ଦିଗ୍ଧ ପ୍ୟାକେଜଟି ଜେଲରେ ପହଞ୍ଚିବା ପୂର୍ବରୁ ଅଟକାଯାଇଛି। ସାବରମତୀ କେନ୍ଦ୍ରୀୟ କାରାଗାରର ଅଧୀକ୍ଷକ ନିଧି ଠାକୁର ସ୍ଥାନୀୟ ଗଣମାଧ୍ୟମକୁ କହିଛନ୍ତି, ଆଜି ଆମେ ଲରେନ୍ସ ବିଷ୍ଣୋଇଙ୍କ ନାମରେ କୌଣସି ପାର୍ସଲ ପାଇନାହୁଁ। କଏଦୀମାନଙ୍କ ପାଇଁ ଆମର କଠୋର ପ୍ରୋଟୋକଲ ଅଛି; ସେମାନଙ୍କ ପାଖକୁ ସିଧାସଳଖ କୌଣସି ପାର୍ସଲ ପଠାଯାଇପାରିବ ନାହିଁ। ବିଷ୍ଣୋଇଙ୍କ ନିକଟକୁ ପଠାଯାଇଥିବା ପାର୍ସଲଟି ଆନ୍ତର୍ଜାତୀୟ ଡାକ ଭାବରେ ପ୍ରାୟ ୭ ହଜାର ଟଙ୍କା ପ୍ରଦାନ କରାଯାଇଥିବା ପ୍ରକାଶ ପାଇବା ପରେ ଆହୁରି ଚିନ୍ତା ସୃଷ୍ଟି କରିଛି। କେବଳ ଏକ ଗାମୁଛା ଏବଂ ଏକ ଶେଭର ଥିବା ଏକ ପ୍ୟାକେଜ ପାଇଁ ଏହା ଏକ ଅସାଧାରଣ ପରିମାଣ। ବିଷ୍ଣୋଇ ଜଣେ କୁଖ୍ୟାତ ବ୍ୟକ୍ତି ଯାହାଙ୍କ ଅନେକ ହାଇ-ପ୍ରୋଫାଇଲ୍ ଅପରାଧ ସହିତ ଲିଙ୍କ୍ ଥିବା ଅଭିଯୋଗ ହୋଇଛି। ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲାଙ୍କ ହତ୍ୟା, ବଲିଉଡ୍ ଅଭିନେତା ସଲମାନ ଖାନଙ୍କୁ ଧମକ ଏବଂ ଏନସିପି ନେତା ବାବା ସିଦ୍ଦିକୀଙ୍କ ହତ୍ୟା ମାମଲାରେ ତାଙ୍କ ନାମ ସାମ୍ନାକୁ ଆସିଛି।

● କଂଗ୍ରେସ ଟାର୍ଗେଟ୍‌ରେ ସଲମାନ ଖୁର୍ଶିଦ

# କହିଲେ ଦେଶ ଭକ୍ତ ହେବା କଣ ଏତେ କଷ୍ଟ ?



**ନୂଆଦିଲ୍ଲୀ,୨।୬:** ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସଲମାନ ଖୁର୍ଶିଦ ନିଜ ମନର ଯନ୍ତ୍ରଣାକୁ ସେୟାର କରିଛନ୍ତି। କହିଛନ୍ତି ଦେଶଭକ୍ତ ହେବା କଣ ଏତେ କଷ୍ଟକର ? ଖୁର୍ଶିଦ ସୋସିଆଲ ମିଡ଼ିଆରେ ଏହି ଯନ୍ତ୍ରଣାକୁ ଏମିତି ସମୟରେ ସେୟାର କରିଛନ୍ତି, ଯେତେବେଳେ ସେ ଆତଙ୍କବାଦ ବିରୋଧରେ ଭାରତ ଦ୍ୱାରା ନିଆଯାଇ ଥିବା ପଦକ୍ଷେପରେ ଅନ୍ୟ ଦେଶଗୁଡ଼ିକୁ ଅବଗତ କରାଉଥିବା ସର୍ବଦଳୀୟ ପ୍ରତିନିଧିମଣ୍ଡଳର ସଦସ୍ୟ ହୋଇଛନ୍ତି ଏବଂ ବିଦେଶକୁ ଯାଇ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଦ୍ୱାରା ନିଆଯାଇ ଥିବା ପଦକ୍ଷେପର ପ୍ରଶଂସା କରୁଛନ୍ତି। ଶଶି ଥରୁରଙ୍କ ପରେ ସଲମାନ ଖୁର୍ଶିଦ ଏମିତି ଦ୍ୱିତୀୟ ବଡ଼ କଂଗ୍ରେସ ନେତା ଯିଏ ନିଜର ହିଁ ପାର୍ଟିର ନେତାଙ୍କ ଟାର୍ଗେଟ୍‌ରେ ଅଛନ୍ତି। ଖୁର୍ଶିଦ ସୋମବାର ସୋସିଆଲ ମିଡ଼ିଆ ଏକ୍ସରେ କହିଛନ୍ତି , ଏହାକୁ ନେଇ ଦୁଃଖିତ ଯେ, ଦେଶରେ ଲୋକେ ତାଙ୍କର ରାଜନୀତିକ ନିଷ୍ଠାର ଗଣନା କରୁଛନ୍ତି। ସେ ପଚାରିଛନ୍ତି ଯେ, ଯେତେବେଳେ ଆତଙ୍କବାଦ ବିରୋଧରେ ଅଭିଯାନ ଚାଲୁଛି ତ ଦେଶଭକ୍ତ ହେବା କଣ ଏତେ ମୁସ୍କିଲ ? ଖୁର୍ଶିଦ ସର୍ବଦଳୀୟ ପ୍ରତିନିଧିମଣ୍ଡଳର ଗସ୍ତ ମାଧ୍ୟମରେ ଆତଙ୍କବାଦରୁ ବର୍ତ୍ତିବାକୁ ଭାରତର ଚେଷ୍ଟା ମଧ୍ୟରେ, ରାଜନୀତିକ ବିଭାଜନକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ଭାରତ ଆତଙ୍କବାଦ ଉପରେ ନିଜର ଆଭିମୁଖ୍ୟକୁ ସାରା ବିଶ୍ୱକୁ ଜଣାଉଛି , ଅନ୍ୟପଟେ ଦେଶରେ କିଛି ଲୋକ ଏକତା ପରିବର୍ତ୍ତେ ତାଙ୍କର ରାଜନୀତିକ ନିଷ୍ଠାଗୁଡିକ ଉପରେ ଧ୍ୟାନ କେନ୍ଦ୍ରିତ କରୁଛନ୍ତି।

# ତିନି ବର୍ଷରେ ୫ହଜାର ବେଆଇନ ବାଂଲାଦେଶୀଙ୍କୁ ଫେରାଇଛି ବିଏସଏଫ

**ନୂଆଦିଲ୍ଲୀ, ୨।୬:** କେନ୍ଦ୍ର ସରକାରଙ୍କ ଅବୈଧ ବାଂଲାଦେଶୀ ପ୍ରବାସୀମାନଙ୍କ ଉପରେ ତୀବ୍ର କାର୍ଯ୍ୟାନୁଷ୍ଠାନର ପୃଷ୍ଠଭୂମିରେ ସୀମା ସୁରକ୍ଷା ବାହିନୀ ବିଏସଏଫ ଗତ ତିନି ବର୍ଷ ମଧ୍ୟରେ ଭାରତର ପୂର୍ବ ଏବଂ ଉତ୍ତର-ପୂର୍ବ ସୀମାରେ ବାଂଲାଦେଶରୁ ଆସିଥିବା ୫ ହଜାରରୁ ଅଧିକ ବ୍ୟକ୍ତିଙ୍କ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଛି। ବିଏସଏଫ ତଥ୍ୟ ଅନୁଯାୟୀ, ୨୦୨୩ରେ ୨୪୦୬ ଜଣଙ୍କୁ ଅଟକାଇ ଫେରାଇ ଦିଆଯାଇଥିଲା। ୨୦୨୫ରେ ଏହି ସଂଖ୍ୟା ସାମାନ୍ୟ ବୃଦ୍ଧି ପାଇ ୨୪୨୫ରେ ପହଞ୍ଚିଥିଲା। ୨୦୨୫ ମେ ସୁଦ୍ଧା ୫୫୭ ଜଣଙ୍କୁ ତଡି ଦିଆଯାଇଛି। ବିଏସଏଫ କହିଛି ଯେ ଅନୁପ୍ରବେଶ ଉଦ୍ୟମ ମୁଖ୍ୟତଃ ପଶ୍ଚିମବଙ୍ଗ, ମିଜୋରାମ ଏବଂ ତ୍ରିପୁରାର ସୀମାରେ ଅଧିକ ହୋଇଥିଲା। ତୃଣମୂଳ କଂଗ୍ରେସ ଟିଏମସି ଦ୍ୱାରା ଶାସିତ ପଶ୍ଚିମବଙ୍ଗରେ ସର୍ବାଧିକ ସଂଖ୍ୟକ ଏପରି ଘଟଣା ରେକର୍ଡ କରାଯାଇଛି। ଗତ ତିନି ବର୍ଷ ମଧ୍ୟରେ ମୋଟ ୨୬୮୮ ବାଂଲାଦେଶୀ ନାଗରିକଙ୍କୁ ଗିରଫ ଏବଂ ପ୍ରତିହତ କରାଯାଇଥିଲା। କେବଳ ଦକ୍ଷିଣ ବଙ୍ଗ ସେକ୍ଟରରେ ଏହି ମାମଲା ୨,୪୧୦ଟି ଘଟିଥିବା ବେଳେ ଉତ୍ତର ବଙ୍ଗରେ ୨୭୮ଟି ମାମଲା ରହିଛି। ପଶ୍ଚିମ ବଙ୍ଗର ବର୍ଷୱାରୀ ବିଭାଜନ ଦର୍ଶାଉଛି ଯେ ୨୦୨୩ ମସିହାରେ ୧,୧୮୧ଟି, ୨୦୨୪ ମସିହାରେ ୧,୫୧୬ଟି ଏବଂ ୨୦୨୫ ମାର୍ଚ୍ଚ ସୁଦ୍ଧା ୩୮୪ଟି ମାମଲା ରହିଛି। ଏହି ତଥ୍ୟ ରାଜନୈତିକ ଦୋଷାରୋପ ଖେଳକୁ ପୁନଃଜୀବିତ କରିଛି। କେନ୍ଦ୍ରରେ ଶାସନ କରୁଥିବା ବିଜେପି ସୀମା ପରିଚାଳନାରେ ଅବହେଳା ପାଇଁ ବାରମ୍ବାର ଟିଏମସିକୁ ଟାର୍ଗେଟ କରୁଛି। ମିଜୋରାମ ଦ୍ୱିତୀୟ ସର୍ବାଧିକ ଅବୈଧ ପ୍ରବେଶ ପ୍ରୟାସ ରିପୋର୍ଟ କରିଛି। ୨୦୨୩ ପରଠାରୁ ୧,୬୭୯ ଜଣଙ୍କୁ ଦେଶର ସୀମାରୁ ହଟା ଯାଇଛି। ଏହି ସଂଖ୍ୟା ୨୦୨୩ ମସିହାରେ ୧,୦୮୪ ରୁ ହ୍ରାସ ପାଇ ୨୦୨୪ ମସିହାରେ ୫୧୯ କୁ ଖସି ଆସିଛି ଏବଂ ୨୦୨୫ ମାର୍ଚ୍ଚ ସୁଦ୍ଧା ୭୬ ରେ ରହିଛି।

# ନିଟ ପିଜି ପରୀକ୍ଷା ସ୍ଥଗିତ

● ଘୋଷଣା ହେବ ନୂଆ ତାରିଖ

**ନୂଆଦିଲ୍ଲୀ, ୨।୬:** ଜୁନ ୧୫ରେ ହେବାକୁ ଥିବା ନିଟ ପିଜି ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ସମଗ୍ର ଦେଶରେ ଗୋଟିଏ ସିଫ୍ଟରେ ପରୀକ୍ଷା ଆୟୋଜିତ କରାଯିବା ନେଇ ସୁପ୍ରିମକୋର୍ଟଙ୍କ ଆଦେଶ ପରେ ନ୍ୟାସନାଲ ବୋର୍ଡ ଅଫ ଏକଜାମିନେସନ ଏନବିଇଏମଏସ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏଥିସହ ଶୀଘ୍ର ପରୀକ୍ଷାର ନୂତନ ତାରିଖ ଘୋଷଣା କରାଯିବ। ସୂଚନା ଅନୁଯାୟୀ, ପ୍ରଥମେ ଏହି ପରୀକ୍ଷା ଜୁନ ୧୫ରେ ହେବାର ଥିଲା। ଏଥିପାଇଁ ପରୀକ୍ଷା କେନ୍ଦ୍ରର ଚୟନ ବ୍ୟତୀତ ଅନ୍ୟ ସମସ୍ତ ପ୍ରସ୍ତୁତି ସରିଥିଲା। ଏହି ପରୀକ୍ଷା ଦୁଇଟି ସିଫ୍ଟରେ ଆୟୋଜନ ହେବାର ଥିଲା। ହେଲେ ସୁପ୍ରିମକୋର୍ଟ ପରୀକ୍ଷାର୍ଥୀଙ୍କ ପିଟିସନ ଉପରେ ଶୁଣାଣି କରି ଗୋଟିଏ ସିଫ୍ଟରେ ପରୀକ୍ଷା ଆୟୋଜିତ କରାଇବାକୁ ଆଦେଶ ଦେଇଥିଲେ। କୋର୍ଟଙ୍କ ଏହି ନିଷ୍ପତ୍ତିରେ ନ୍ୟାସନାଲ ବୋର୍ଡ ଅଫ ଏକଜାମିନେସନକୁ ବଡ଼ ଝଟକା ଲାଗିଥିଲା। ନିଟ ପିଜିକୁ ଗୋଟିଏ ସିଫ୍ଟରେ ପରିଚାଳନା କରିବା ପାଇଁ ଅତିରିକ୍ତ ପରୀକ୍ଷା କେନ୍ଦ୍ର ବ୍ୟବସ୍ଥା କରିବାର ଆବଶ୍ୟକତା ଥିବାରୁ, ଶୀଘ୍ର ନୂତନ ପରୀକ୍ଷା ତାରିଖ ଘୋଷଣା କରାଯିବ। ନିଟ ପିଜି ହେଉଛି ଭାରତରେ ଡାକ୍ତରୀ ସ୍ନାତକମାନଙ୍କ ପାଇଁ ଏକ ଜାତୀୟ ସ୍ତରୀୟ ପ୍ରବେଶିକା ପରୀକ୍ଷା। ଯାହା ଏମଡି, ଏମଏସ ଏବଂ ପିଜି ଡିପ୍ଲୋମା ପ୍ରୋଗ୍ରାମ ଭଳି ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଜରୁରୀ ଅଟେ।

# ପାଣି ପାଇଁ ପାକିସ୍ତାନରେ ହାହାକାର

## କାନ୍ଦିଲେଣି ପ୍ରଧାନମନ୍ତ୍ରୀ ଶେହବାଜ୍ !



**ନୂଆଦିଲ୍ଲୀ,୨।୬:** ପାଣି ପାଇଁ ଏବେ ବଡ ହିନସ୍ତା ହେଉଛି ପାକିସ୍ତାନ। ଖାଲି ଆଖିର ଲୁହ ଛାଡିଦେଲେ, ପାକିସ୍ତାନ ପାଖରେ ପାଣିର ବିକଳ୍ପ କିଛି ନାହିଁ। ଫାଟି ଆଁ କଲାଣି ପାକିସ୍ତାନର କୃଷି ଜମି। ଭାରତ ସାଙ୍ଗରେ ଲାଗିବା ଏବେ ପାକିସ୍ତାନକୁ ବଡ ମହଙ୍ଗା ପଡ଼ିଛି। ସିନ୍ଧୁ ଜଳ ଚୁକ୍ତିନାମା ବନ୍ଦ କରିବାର ଦେଢ଼ ମାସ ମଧ୍ୟରେ ପାକିସ୍ତାନ ପାଣି ପାଇଁ ହାହାକାର କରିବା ଆରମ୍ଭ କଲାଣି। ଖରିଫ ଫସଲ ପାଇଁ ନଦୀ ନାଳରୁ ପାଣି ନ ମିଳିବାରୁ ଚାଷୀମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ପ୍ରବଳ ଗରମ ଏବଂ ପାଣି ଅଭାବ ଯୋଗୁଁ କ୍ଷେତରେ ବଡ଼ ବଡ ଫାଟ ଦେଖାଦେଇଛି। ଯାହାକୁ ନେଇ ଏବେ ମୁଣ୍ଡରେ ହାତ ଦେଲେଣି ଚାଷୀ। ଏମିତିକି ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ବି କାନ୍ଦିଲେଣି। ପୂର୍ବରୁ ବିପର୍ଯ୍ୟସ୍ତ ଆର୍ଥିକବ୍ୟସ୍ଥା, ଆଉ ତା ଉପରେ ପହଲଗାମ ଆକ୍ରମଣ ପରେ ଅପରେସନ ସିନ୍ଦୂର ପାକିସ୍ତାନ ଅଣ୍ଟା ଭାଙ୍ଗିଦେଇଥିବା ବେଳେ ଏବେ ଝେଲମ ନଦୀ ଉପରେ ନିର୍ମିତ ମଙ୍ଗଲା ବନ୍ଧ ଏବଂ ପାକିସ୍ତାନରେ ସିନ୍ଧୁ ନଦୀ ଉପରେ ନିର୍ମିତ ତରବେଲା ବନ୍ଧରେ କେନାଲ ମାଧ୍ୟମରେ କ୍ଷେତକୁ ପହଞ୍ଚିବା ପାଇଁ ପର୍ଯ୍ୟାପ୍ତ ପାଣି ନାହିଁ। ଯାହା ପାକିସ୍ତାନରେ ବହୁଳ ପରିମାଣରେ କରାଯାଇଥିବା ଧାନ ଚାଷକୁ ଖୁବ୍ ପ୍ରଭାବିତ କରିଛି। ଏନେଇ ପାକିସ୍ତାନର ସିନ୍ଧୁ ଜଳ ପ୍ରାଧିକରଣ କହିଛି ଯେ ବର୍ତ୍ତମାନ ଦେଶରେ ଜଳ ପ୍ରବାହ ୨୧ ପ୍ରତିଶତ କମ୍। ଏହା ସହିତ ଦୁଇଟି ବଡ଼ ଡ୍ୟାମରେ ଜଳର ସଂରକ୍ଷଣ ୫୦ ପ୍ରତିଶତ ହ୍ରାସ ପାଇଛି। ଏହି ଡ୍ୟାମଗୁଡ଼ିକ ପଞ୍ଜାବ ଏବଂ ସିନ୍ଧ ପ୍ରଦେଶରେ ଜଳସେଚନ ଏବଂ ବିଦ୍ୟୁତ୍ ଉତ୍ପାଦନ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଏଥିସହିତ ଖରିଫ ଋତୁ ଆରମ୍ଭରେ ଏହା ଫସଲ ବୁଣାକୁ ବି ଶକ୍ତ ପ୍ରହାର ଦେଇଛି। ଏଭଳି ପରିସ୍ଥିତିରେ ଯଦି ମୌସୁମୀ ସମୟରେ ଭଲ ବର୍ଷା ନହୁଏ, ତେବେ ପାକିସ୍ତାନର କୃଷି ଅର୍ଥନୀତିର ମେରୁଦଣ୍ଡ ସଂପୂର୍ଣ୍ଣ ଭାଙ୍ଗିଯିବ। ରିପୋର୍ଟ ଅନୁଯାୟୀ, ପାକିସ୍ତାନର ମଙ୍ଗଳା ଡ୍ୟାମର ଜଳ ସଂରକ୍ଷଣ କ୍ଷମତା ୫.୯ ନିୟୁତ ଏକର ଫୁଟ, କିନ୍ତୁ ଏଥିରେ ୨.୭ ନିୟୁତ ଏକର ଫୁଟ ଅର୍ଥାତ୍ ପ୍ରାୟ ୫୦ ପ୍ରତିଶତ ପାଣି ଅଛି। ସେହିପରି ତରବେଲା ଡ୍ୟାମରେ ବର୍ତ୍ତମାନ ୧୧.୬ ମେଟ୍ରିକ୍ ଏକର ଫୁଟ ବଦଳରେ ୬ ମେଟ୍ରିକ୍ ଏକର ଫୁଟ ପାଣି ରହିଛି। ଭାରତ ସିନ୍ଧୁ ଜଳ ଚୁକ୍ତି ମାଧ୍ୟମରେ ପାକିସ୍ତାନ ସହିତ ଜଳ ତଥ୍ୟ ବି ବାଣ୍ଟିବା ବନ୍ଦ କରିଦେଇଛି।

# ବିହାର ନିର୍ବାଚନ ଲଢ଼ିପାରନ୍ତି ଚିରାଗ



**ରାୟପୁର, ୨।୬:** କେନ୍ଦ୍ର ମନ୍ତ୍ରୀ ଏବଂ ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ) ଅଧ୍ୟକ୍ଷ ଚିରାଗ ପାସୱାନ ସୋମବାର କହିଛନ୍ତି ଯେ ଯଦି ତାଙ୍କ ପ୍ରାର୍ଥୀତ୍ୱ ତାଙ୍କ ଦଳର ସ୍ଥିତି ଏବଂ ଷ୍ଟ୍ରାଇକ୍ ହାରକୁ ସୁଦୃଢ଼ କରେ, ତେବେ ସେ ନିଶ୍ଚିତ ଭାବରେ ଆଗାମୀ ବିହାର ନିର୍ବାଚନରେ ଲଢ଼ିବେ। ସେ ଏହା ମଧ୍ୟ କହିଛନ୍ତି ଯେ ପୂର୍ବ ରାଜ୍ୟର ମୁଖ୍ୟମନ୍ତ୍ରୀ ପଦ ପାଇଁ କୌଣସି ପଦବୀ ଖାଲି ନାହିଁ କାରଣ ଚଳିତ ବର୍ଷ ଅକ୍ଟୋବର-ନଭେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନ ପରେ ବର୍ତ୍ତମାନର ନୀତୀଶ କୁମାର ନେତୃତ୍ୱ ଜାରି ରଖିବେ। ଏକ ଆଞ୍ଚଳିକ ସମାଚାର ଚ୍ୟାନେଲର କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପହଞ୍ଚିବା ପରେ ପାସୱାନ ଏଠାରେ ସ୍ୱାମୀ ବିବେକାନନ୍ଦ ବିମାନବନ୍ଦରରେ ସାମ୍ବାଦିକମାନଙ୍କ ସହ ଆଲୋଚନା କରିଥିଲେ। ବିହାର ବିଧାନସଭା ନିର୍ବାଚନ ଲଢ଼ିବା ବିଷୟରେ ପଚରାଯିବାରୁ ପାସୱାନ କହିଥିଲେ, ମୁଁ ପୂର୍ବରୁ କହିସାରିଛି ଯେ ମୁଁ ନିଜକୁ କେନ୍ଦ୍ରର ରାଜନୀତିରେ ଅଧିକ ସମୟ ପାଇଁ ଦେଖୁନାହିଁ। ରାଜନୀତିରେ ମୋର ପ୍ରବେଶର କାରଣ ହେଉଛି ବିହାର ଏବଂ ବିହାରୀ (ବିହାରର ଲୋକମାନେ)। ମୋର ନିଜସ୍ୱ ଦୃଷ୍ଟିକୋଣ ଅଛି। ବିହାର ପ୍ରଥମ, ବିହାରୀ ପ୍ରଥମ। ଏପରି ପରିସ୍ଥିତିରେ, ମୁଁ ଚାହୁଁଛି ଯେ ମୋର ରାଜ୍ୟ ବିହାର ବିକଶିତ ରାଜ୍ୟମାନଙ୍କ ସହିତ ସମକକ୍ଷ ହେଉ। ତୃତୀୟ ଥର ପାଇଁ ସାଂସଦ ହେବା ପରେ ମୁଁ ଅନୁଭବ କଲି ଯେ ଦିଲ୍ଲୀରେ ରହି (ବିହାର ପାଇଁ କାମ କରିବା) ସମ୍ଭବ ନୁହେଁ। ସେ ଦୃଢ଼ତାର ସହିତ ତାଙ୍କ ଦଳକୁ କହିଛନ୍ତି ଯେ ସେ ଶୀଘ୍ର ବିହାର (ରାଜନୀତି)କୁ ଫେରିବାକୁ ଚାହାଁନ୍ତି।

# ଇଣ୍ଡିଗୋରେ ପିଟି ହେଲା ଶାଗୁଣା

● ଜରୁରୀ ଅବତରଣ ସହ ସମସ୍ତେ ସୁରକ୍ଷିତ



**ନୂଆଦିଲ୍ଲୀ, ୨।୬:** ୪ ହଜାର ଫୁଟ୍ ଉଚ୍ଚରେ ଉଡୁଥିବା ବେଳେ ଶାଗୁଣା ସହ ପିଟି ହେଲା ଇଣ୍ଡିଗୋ ବିମାନ। ଦୁର୍ଘଟଣାଗ୍ରସ୍ତ ହେବା ପରେ ବିମାନଟିକୁ ଜରୁରୀ ଅବତରଣ କରିବାକୁ ପଡ଼ିଛି। ପାଟନାରୁ ରାଞ୍ଚି ଯାଉଥିବା ଏହି ବିମାନରେ ୧୭୫ ଜଣ ଯାତ୍ରୀ ଥିଲେ। ବିମାନଟି ରାଞ୍ଚିର ବିର୍ସା ମୁଣ୍ଡା ବିମାନବନ୍ଦରରେ ସୁରକ୍ଷିତ ଅବତରଣ କରିଛି ବୋଲି ବିମାନବନ୍ଦର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ପିଟିଆଇକୁ ସୂଚନା ଦେଇ ବିମାନବନ୍ଦର କର୍ତ୍ତୃପକ୍ଷ କହିଛନ୍ତି ରାଞ୍ଚି ନିକଟରେ ଏକ ଇଣ୍ଡିଗୋ ବିମାନ ସହ ଏକ ଶାଗୁଣା ଧକ୍କା ହୋଇଥିଲା। ଘଟଣା ଘଟିବା ସମୟରେ ବିମାନ ପ୍ରାୟ ୧୦ ରୁ ୧୨ ନଟିକାଲ ମାଇଲ ଦୂରରେ ବା ୩,୦୦୦ ରୁ ୪,୦୦୦ ଫୁଟ ଉଚ୍ଚତାରେ ଥିଲା। ହେଲେ ଦୁର୍ଘଟଣା ପରେ ପାଇଲଟଙ୍କୁ ଏଠାରେ ଜରୁରୀକାଳୀନ ଅବତରଣ କରିବାକୁ ପଡିଲା ବୋଲି ରାଞ୍ଚିର ବିର୍ସା ମୁଣ୍ଡା ବିମାନବନ୍ଦରର ନିର୍ଦ୍ଦେଶକ ଆର ଆର ମୌର୍ଯ୍ୟ କହିଛନ୍ତି। ଯାତ୍ରୀଙ୍କ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି, କିନ୍ତୁ ଏକ ଶାଗୁଣା ସହ ଧକ୍କା ହେବା ପରେ ବିମାନଟି ଫାଟି ଯାଇଥିଲା। ଇଞ୍ଜିନିୟରମାନେ କ୍ଷୟକ୍ଷତି ଆକଳନ କରୁଛନ୍ତି। ଘଟଣାଟି ଅପରାହ୍ନ ୧.୧୪ ରେ ଘଟିଛି। ଅନ୍ୟ ଜଣେ ଅଧିକାରୀ କହିଛନ୍ତି ଯେ ରାଞ୍ଚି ଆସୁଥିବା ବିମାନଟି କୋଲକାତା ଯିବାର କାର୍ଯ୍ୟକ୍ରମ ଥିଲା। ହେଲେ ଦୁର୍ଘଟଣା ପରେ ବର୍ତ୍ତମାନ ଏହାର କ୍ଷୟକ୍ଷତି ଆକଳନ କାର୍ଯ୍ୟ ଜାରି ରହିଛି।

ଜେଇଇ ଆଡଭାନ୍ସ ଫଳ ପ୍ରକାଶ

# ରଜିତ ଗୁପ୍ତା ସର୍ବଭାରତୀୟ ଟପ୍ପର



## ହଂସ ଦାରୁକା ଓଡ଼ିଶା ଟପ୍ପର

**କୋଟା, ୨।୬:** ଜେଇଇ ଆଡଭାନ୍ସ ଫଳ ପ୍ରକାଶିତ ହୋଇଛି। ଚଳିତବର୍ଷ ପରୀକ୍ଷାର ଆୟୋଜନ ଆଇଆଇଟି କାନପୁରରେ ହୋଇଥିଲା। ପରୀକ୍ଷାର୍ଥୀ ନିଜର ରେଜଲ୍ଟ ଅଫିସିଆଲ ୱେବସାଇଟ jeeadv.ac.in କୁ ଯାଇ ଚେକ୍ କରିପାରିବେ। ରଜିତ ଗୁପ୍ତା ଚଳିତବର୍ଷ ଅଲ ଇଣ୍ଡିଆ ର୍ୟାଙ୍କ ୧ ହାସଲ କରି ସମଗ୍ର ଦେଶରେ ଟପର ହୋଇଛନ୍ତି । ତାଙ୍କ ସହିତ କୋଟାର ଅନ୍ୟ ୪ ଜଣ ଛାତ୍ର ଟପର ରହିଛନ୍ତି। ଆଇଆଇଟି ଦିଲ୍ଲୀ ଜୋନର ରଜିତ ଟପ୍ପର ହୋଇଛନ୍ତି। ଚମକିଲା କୋଟାରେ ଥିବା ଆଲେନ୍ କ୍ୟାରିଅର ଇନଷ୍ଟିଚ୍ୟୁଟ୍। ପୁଣି ଥରେ ଜେଇଇ ଆଡଭାନ୍ସଡ ପରୀକ୍ଷାରେ ଭଲ ପ୍ରଦର୍ଶନ କରି ଦେଶର ପ୍ରମୁଖ କୋଚିଂ ଇନଷ୍ଟିଚ୍ୟୁଟ୍ ଭାବରେ ନିଜର ଦକ୍ଷତାକୁ ପ୍ରମାଣ କଲା ଆଲେନ୍। ଚଳିତ ବର୍ଷ ଆଲେନ୍‌ରେ ପଢ଼ୁଥିବା ଛାତ୍ର ରଜିତ୍ ଗୁପ୍ତା ଜେଇଇ ଆଡଭାନ୍ସଡ୍ ୨୦୨୫ରେ ଅଲ୍ ଇଣ୍ଡିଆ ର୍ୟାଙ୍କ-୧ ହାସଲ କରି ଇନଷ୍ଟିଚ୍ୟୁଟ୍ ଗୌରବାନ୍ୱିତ କରିଛନ୍ତି। ରଜିତ୍‌ଙ୍କ ସଫଳତା କେବଳ ଆଲେନ୍‌କୁ ନୁହେଁ ବରଂ କୋଟା ସହରକୁ ମଧ୍ୟ ଗର୍ବିତ କରିଛି। କୋଟାର ବାସିନ୍ଦା ରଜିତ୍ ପୂର୍ବରୁ ଜେଇଇ ମେନ୍ ୨୦୨୫ରେ ଅଲ୍ ଇଣ୍ଡିଆ ର୍ୟାଙ୍କ ୧୬ ପାଇଛନ୍ତି ଏବଂ ୧୦୦ପ୍ରତିଶତ ସ୍କୋର କରିଛନ୍ତି। ତାଙ୍କ ପ୍ରସ୍ତୁତି ବିଷୟରେ ଜଣାଇ ସେ କହିଛନ୍ତି, 'ମୁଁ କେବେବି ଘଣ୍ଟା ଘଣ୍ଟା ବସି ପାଠ ପଢୁନଥିଲି। ଯେତେବେଳେ ମୋତେ ପଢ଼ିବାକୁ ବହୁତ ଇଚ୍ଛା ହେଉଥିଲା ଏବଂ ଧ୍ୟାନ କେନ୍ଦ୍ରିତ କରିପାରିବି ବୋଲି ଅନୁଭବ କରୁଥିଲି, ସେତେବେଳେ ହିଁ ପାଠ ପଢୁଥିଲି। ତେବେ ରଜିତ୍‌ଙ୍କ ବ୍ୟତୀତ ସକ୍ଷମ ଜିନ୍ଦଲ ମଧ୍ୟ ଅଲ୍ ଇଣ୍ଡିଆ ରାଙ୍କ-୨ ହାସଲ କରି ଆଲେନ୍‌କୁ ଗର୍ବିତ କରିଛନ୍ତି। ରଜିତ୍, ସକ୍ଷମଙ୍କ ବ୍ୟତୀତ ଅକ୍ଷତ ଚୌରାସିଆ ଓ ଦେବେଶ ପି. ଭଇଆ ଯଥାକ୍ରମେ ଅଲ୍ ଇଣ୍ଡିଆ ର୍ୟାଙ୍କ-୬ ଓ ଅଲ୍ ଇଣ୍ଡିଆ ର୍ୟାଙ୍କ-୮ରେ ରହିଛନ୍ତି। ଶ୍ରେଷ୍ଠ-୧୦ ର୍ୟାଙ୍କରେ ଆଲେନର ୪ଜଣ ଛାତ୍ର ରହିଛନ୍ତି। ଚଳିତବର୍ଷ ୧.୮୭ ଲକ୍ଷ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥିରୁ ପାସ୍ କରିଛନ୍ତି ୫୪,୩୭୮। ସେହିପରି ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି ହଂସ ଦାରୁକା ଓ ନବନିତ। ହଂସ ଦାରୁକା ଓଡ଼ିଶା ଟପ୍ପର ହୋଇଛନ୍ତି। ଅଲ୍ ଇଣ୍ଡିଆ ର୍ୟାଙ୍କ ୩୯ରଖି ଟପର ହୋଇଛନ୍ତି ହଂସ। ସେହିଭଳି ନବନିତ ଅଲ୍ ଇଣ୍ଡିଆ ର୍ୟାଙ୍କ ୯୭ ରଖି ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି।

# ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କଲେ କ୍ଲାସେନ୍




**ନୂଆଦିଲ୍ଲୀ, ୨।୬:** ବହୁତ କଷ୍ଟକର ଥିଲାଦକ୍ଷିଣ ଆଫ୍ରିକାର ଅଭିଜ୍ଞ ଖେଳାଳି ହେନରିଚ୍ କ୍ଲାସେନ୍ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଦେଶକୁ ପ୍ରତିନିଧିତ୍ୱ କରିବା ତାଙ୍କ ପାଇଁ ସବୁଠାରୁ ବଡ଼ ସମ୍ମାନ ଏବଂ ଅବସର ନେବାର ନିଷ୍ପତ୍ତି ତାଙ୍କ ପାଇଁ। କ୍ଲାସେନ୍ ଦକ୍ଷିଣ ଆଫ୍ରିକା ପାଇଁ ତାଙ୍କ ସମଗ୍ର ଅନ୍ତର୍ଜାତୀୟ କ୍ୟାରିୟରରେ ୩୨୪୫ ରନ୍ କରିଥିଲେ।

ହେନରିଚ୍ କ୍ଲାସେନ୍ ଇନ୍ଷ୍ଟାଗ୍ରାମ୍‌ରେ ତାଙ୍କ ପରିବାର ସହିତ ଏକ ଫଟୋ ସେୟାର କରିଛନ୍ତି, ଯାହା ମାଧମରେ ସେ କ୍ରିକେଟ ଛାଡିବା ଘୋଷଣା କରିଛନ୍ତି। ସେ କହିଛନ୍ତି, "ଦେଶକୁ ପ୍ରତିନିଧିତ୍ୱ କରିବା ମୋ ପାଇଁ ଗର୍ବର ବିଷୟ, ମୁଁ ପିଲାଦିନରୁ ଏହି ସ୍ୱପ୍ନ ଦେଖୁଥିଲି।" କ୍ଲାସେନ୍ ଏହା ମଧ କହିଛନ୍ତି ଯେ ଏହି ଚମତ୍କାର କ୍ରିକେଟ କ୍ୟାରିୟରରେ, ସେ ଏପରି ଲୋକଙ୍କୁ ମଧ ଭେଟିଥିଲେ, ଯାହାଙ୍କ ସହିତ ତାଙ୍କ ଜୀବନ ବଦଳି ଯାଇଥିଲା।

ହେନରିଚ୍ କ୍ଲାସେନ୍ ଅବସରର କାରଣ ଜଣାଇ କହିଛନ୍ତି, "ମୁଁ ଏବେ ଆଶା କରୁଛି ଯେ ମୁଁ ପରିବାର ସହିତ ଅଧିକ ସମୟ ବିତାଇ ପାରିବି କାରଣ ମୁଁ ଅବସର ପରେ ଏହା କରିପାରିବି।" କ୍ଲାସେନ୍ ସେହି ସମସ୍ତ ଲୋକଙ୍କୁ ଧନ୍ୟବାଦ ଜଣାଇଛନ୍ତି ଯେଉଁମାନେ ତାଙ୍କୁ କ୍ରିକେଟରେ ଏହି ସ୍ଥାନରେ ପହଞ୍ଚିବାରେ ସାହାଯ୍ୟ କରିଛନ୍ତି। ଗତ ବର୍ଷ ଜାନୁଆରୀରେ ହେନରିଚ୍ କ୍ଲାସେନ୍ ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ। ସେ ତାଙ୍କ ରେଡ୍-ବଲ୍ କ୍ୟାରିୟରରେ କେବଳ ୪ଟି ମ୍ୟାଚ୍ ଖେଳିଥିଲେ ଯେଉଁଥିରେ ସେ କେବଳ ୧୦୪ ରନ୍ କରିପାରିଥିଲେ। ଏବେ ସେ ଦିନିକିଆ ଏବଂ ଟି୨୦ ଫର୍ମାଟକୁ ମଧ ଅଲବିଦା କହିସାରିଛନ୍ତି। ତାଙ୍କର ୬୦ଟି ଦିନିକିଆ କ୍ୟାରିୟରରେ, ସେ ୪ଟି ଶତକ ଏବଂ ୧୧ଟି ଅର୍ଦ୍ଧଶତକ ସହିତ ୨୧୪୧ ରନ୍ କରିଥିଲେ। ଟି୨୦ରେ ତାଙ୍କର ବିସ୍ଫୋରକ ବ୍ୟାଟିଂ ପାଇଁ ସେ ପରିଚୟ ପାଇଥିଲେ, ଯେଉଁଠାରେ ସେ ଦକ୍ଷିଣ ଆଫ୍ରିକା ପାଇଁ ୫୮ଟି ମ୍ୟାଚ୍ ରେ ୧୦୦୦ ରନ୍ କରିଥିଲେ। ହେନରିଚ୍ କ୍ଲାସେନ୍ ଆଇପିଏଲ ୨୦୨୫ରେ ସନରାଇଜର୍ସ ହାଇଦ୍ରାବାଦ ପାଇଁ ଏପର୍ଯ୍ୟନ୍ତ ତାଙ୍କର ଶେଷ ମ୍ୟାଚ୍ ଖେଳିଛନ୍ତି। ତାଙ୍କର ଶେଷ ମ୍ୟାଚ୍ ରେ, ସେ କେକେଆର ବିପକ୍ଷରେ ଅପରାଜିତ ୧୦୫ ରନ୍ ର ଶତକ ହାସଲ କରିଥିଲେ। ସେହି ସମୟରେ, ଦକ୍ଷିଣ ଆଫ୍ରିକା ପାଇଁ ଶେଷ ମ୍ୟାଚ୍ ମାର୍ଚ୍ଚ ୨୦୨୫ରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଖେଳିଥିଲେ।

## ଦିନିକିଆରୁ ସନ୍ୟାସ ନେଲେ ଗ୍ଲେନ୍ ମାକ୍ସୱେଲ



**ନୂଆଦିଲ୍ଲୀ, ୨।୬:** ଦିନିକିଆ କ୍ରିକେଟରୁ ଅବସର ନେଲେ ଅଷ୍ଟ୍ରେଲିଆର ବିସ୍ଫୋରକ ବ୍ୟାଟ୍ସମ୍ୟାନ୍ ଗ୍ଲେନ୍ ମ୍ୟାକ୍ସୱେଲ୍। ହଠାତ୍ ଏହି ଷ୍ଟାର କ୍ରିକେଟର ଅବସର ଘୋଷଣା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ଦିନିକିଆରୁ ଅବସର ନେଇଥିଲେ ବି ମ୍ୟାକ୍ସୱେଲ୍ ଟି-୨୦ କ୍ରିକେଟ୍ ଖେଳିବା ଜାରି ରଖିବେ। ୨୦୧୨ରେ ଆଫଗାନିସ୍ତାନ ବିପକ୍ଷ ଦିନିକିଆରେ ଡେବ୍ୟୁ ପରେ, ମ୍ୟାକ୍ସୱେଲ୍ ଅଷ୍ଟ୍ରେଲିଆ ପାଇଁ ୧୪୯ଓଡିଆଇ ଖେଳିଥିଲେ, ଯେଉଁଥିରେ ସେ ୩୩.୮୧ ହାରରେ ଏବଂ ୧୨୬.୭୦ଷ୍ଟ୍ରାଇକ୍ ରେଟ୍ ସହିତ ୩,୯୯୦ ରନ୍ କରିଥିଲେ। ମ୍ୟାକ୍ସୱେଲ୍ ତାଙ୍କର ଉତ୍କୃଷ୍ଟ ଅଫ୍-ସ୍ପିନ୍ ବୋଲିଂ ସହିତ ୫୦ଓଭର ଫର୍ମାଟରେ ୭୭ୱିକେଟ୍ ନେବା ସହ ୯୧ଟି କ୍ୟାଚ୍ ମଧ୍ୟ କରିଥିଲେ। 'ଫାଇନାଲ ୱାର୍ଡ ପୋଡକାଷ୍ଟ'ରେ ମ୍ୟାକ୍ସୱେଲ ତାଙ୍କ ଅବସର ବିଷୟ ଜଣାଇ କହିଥିଲେ ଯେ, " ମୋତେ ଲାଗିଲା ଯେ, ମୁଁ ମୋ ଟିମ୍‌କୁ ନିରାଶ କରୁଛି। ଏବିଷୟରେ ମୁଁ (ଚୟନକର୍ତ୍ତାଙ୍କ ଅଧ୍ୟକ୍ଷ) ଜର୍ଜ ବେଲିଙ୍କ ସହ କଥା ହୋଇଥିଲି ଏବଂ ତାଙ୍କୁ ପଚାରିଥିଲି ଯେ, ମୋ ଭବିଷ୍ୟତ ବିଷୟରେ ତାଙ୍କର ମତ କ'ଣ। ଆମେ ୨୦୨୭ବିଶ୍ୱକପ୍ ବିଷୟରେ କଥା ହୋଇଥିଲୁ ଏବଂ ମୁଁ ତାଙ୍କୁ କହିଥିଲି, 'ମୁଁ ଭାବୁନାହିଁ ଯେ ମୁଁ ଏଥିରେ ସଫଳ ହୋଇପାରିବି। ଏବେ ମୋ ସ୍ଥାନରେ ଅନ୍ୟ ଖେଳାଳିଙ୍କୁ ନେବା ପାଇଁ ଯୋଜନା କରିବାର ସମୟ ଆସିଛି, ଯାହା ଦ୍ୱାରା ସେମାନେ ଏହି ଦଳକୁ ଆସି ଦଳକୁ ଆଗକୁ ନେଇପାରିବେ। ଆଶା କରୁଛି ସେମାନେ ସେହି ଭୂମିକା ବଜାୟ ରଖିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ପାଇବେ। ଭଲ ଖେଳିପାରୁଥିଲେ ମୁଁ କେତେ ବି ଦିନିକିଆରୁ ଅବସର ନେଇ ନଥାନ୍ତି। ମୋ ହିସାବରେ ମୋର ଶରୀର ଏବେ ପରିସ୍ଥିତି ଅନୁଯାୟୀ ପ୍ରତିକ୍ରିୟା ଦେଇପାରୁନାହିଁ।"

## ପୁରୀ ବକ୍ସିଂ ଏକାଡେମୀର ଗ୍ରୀଷ୍ମ କାଳୀନ ବକ୍ସିଂ ଶିବିର ସମାପନ



**ପୁରୀ, ୨।୬ (ସଂଚାର ବ୍ୟୁରୋ):** ପୁରୀ ବକ୍ସିଂ ଏକାଡେମୀ ତରଫରୁ ଆୟୋଜିତ ଗ୍ରୀଷ୍ମକାଳୀନ ବକ୍ସିଂ ଶିବିର ୨୦୨୫ ର ଉତ୍ସାହବର୍ଦ୍ଧକ ଓ ସଫଳ ଉଦ୍ ଯାପନୀ ସମାରୋହ ପୁରୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବଡି ବିଲ୍ଡର ଅନୀଲ ଗୋଚ୍ଛିକାର ଙ୍କ ସହଯୋଗରେ ଏକ ନୂତନ ଗ୍ରାଉଣ୍ଡ-ଲେଭେଲ ବକ୍ସିଂ ରିଙ୍ଗ ଉଦ୍‌ଘାଟନ ମଧ୍ୟ ହୋଇଥିଲା, ଯାହା ପୁରୀ ଜିଲ୍ଲାରେ ବକ୍ସିଂ ପ୍ରଶିକ୍ଷଣ ପାଇଁ ଏକ ନୂଆ ମାଇଲ୍‌ସ୍‌ଟୋନ୍ ସୃଷ୍ଟି କରିବ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଓଡିଶା ଅଲମ୍ପିକ ସଙ୍ଘ କୋଷାଧ୍ୟକ୍ଷ ରବି ଶଙ୍କର ପ୍ରତିହାରୀ, ସମ୍ପାଦକ ପ୍ରତିହାରୀ ନିଯୋଗ କେଦାରନାଥ ଖୁଣ୍ଟିଆ ,ବିନୋଦ ସିଂ, ବିମଳ ପ୍ରସାଦ ମହାନ୍ତି, ଆୟୁଷ ଆଥେଲେଟିକ୍ସ ରଶ୍ମି ରଞ୍ଜନ ପାତ୍ର, ପୂର୍ବତନ ପୌର ସଦସ୍ୟ ସୁବାସ ସାହୁ ପ୍ରମୁଖ ଯୋଗ ଦେଇଥିଲେ ଏବଂ ବିଭିନ୍ନ ବୟସର ଶିକ୍ଷାର୍ଥୀ ଓ ବକ୍ସରମାନେ ତାଙ୍କର ଦକ୍ଷତା ପ୍ରଦର୍ଶନ କରିଥିଲେ। ବକ୍ସିଂ ଏକାଡେମୀର ପ୍ରତିଷ୍ଠାତା ଶ୍ରୀ ସୁଦର୍ଶନ ସାହୁ ଏହି ଉଦ୍‌ଘାଟନ ଅବସରରେ କହିଲେ, "ଏହି ନୂଆ ବକ୍ସିଂ ରିଙ୍ଗ ଆମ ପ୍ରଶିକ୍ଷାର ଗୁଣତ୍ୱ ବଢ଼ାଇବ ଓ ଅଭିଯାନରେ ଗତି ଆଣିବ। ମଦନ ନାୟକ, ଦୀପକ ପରିଡା, ଲକ୍ଷ୍ମୀଧର ମୁଦୁଲି, ବସନ୍ତ ବେଜ, ଚନ୍ଦନ ଥାପା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଶିବିରରେ ଜିଲ୍ଲା ଓ ଜିଲ୍ଲା ବାହାର ର ଅନେକ ନବଯୁବକ ଓ ଶିଶୁ ମାନେ ଅଂଶଗ୍ରହଣ କରି ବକ୍ସିଂ ନେଇ ଉତ୍ସାହ ଓ ଅନୁଶାସନ ଶିଖିଛନ୍ତି । ପୁରୀ ବକ୍ସିଂ ଏକାଡେମୀ ପୂର୍ବରୁ ଅନେକ ରାଜ୍ୟ ଓ ଜାତୀୟ ମାନ୍ୟତାପ୍ରାପ୍ତ ଖେଳାଳି ତିଆରି କରିଛି ।

### ନରୱେ ଚେସ୍ ଟୁର୍ଣ୍ଣାମେଣ୍ଟ

## ମ୍ୟାଗନସ୍ କାର୍ଲସନ୍‌ଙ୍କୁ ହରାଇଲେ ଭାରତର ଡି ଗୁକେଶ

**ନୂଆଦିଲ୍ଲୀ,୨।୬:** ବିଶ୍ୱ ଚେସ୍ ଚାମ୍ପିଅନ ଡୋମାରାଜୁ ଗୁକେଶ ନରୱେ ଚେସ୍ ୨୦୨୫ ଟୁର୍ଣ୍ଣାମେଣ୍ଟର ଷଷ୍ଠ ରାଉଣ୍ଡରେ ପୂର୍ବତନ ବିଶ୍ୱ ନମ୍ବର ୱାନ୍ ମାଗନସ୍ କାର୍ଲସେନଙ୍କ ବିପକ୍ଷରେ ଏକ ଚମତ୍କାର ବିଜୟ ହାସଲ କରିଛନ୍ତି। ତାଙ୍କ କ୍ୟାରିୟରରେ ପ୍ରଥମ ଥର ପାଇଁ କ୍ଲାସିକାଲ ଟାଇମ୍ କଣ୍ଟ୍ରୋଲରେ ମ୍ୟଗ୍‌ନସ୍‌ଙ୍କୁ ପରାସ୍ତ କରିଥିଲେ ଗୁକେଶ। ସଫେଦ୍ ମୋହର୍ ବା ହ୍ୱାଇଟ୍ ପନ୍ସ ଅର୍ଥାତ୍ ଧଳା ଗୋଟି ସହିତ ଖେଳି, ଯୁବ ଭାରତୀୟ ଖେଳାଳି ଚାପ ଭିତରେ ମଧ ଖେଳ ଉପରେ ନିଜର କବଜା ବଜାୟ ରଖିଥିଲେ ଏବଂ ଶେଷ ରାଉଣ୍ଡରେ ୩୪ ବର୍ଷୀୟ ନରୱେଜିଆନ୍ ଗ୍ରାଣ୍ଡମାଷ୍ଟରଙ୍କ ଏକ ବିରଳ ଭୁଲର ସୁଯୋଗ ନେଇ ଏହାକୁ ଏକ ସ୍ମରଣୀୟ ବିଜୟରେ ପରିଣତ କରିଥିଲେ। ଷ୍ଟାଭେଞ୍ଜରରେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳୁଥିବା କାର୍ଲସେନ ଖେଳର ଅଧିକାଂଶ ସମୟ ପାଇଁ ଗୁକେଶ ଡିଙ୍କ ବିପକ୍ଷରେ ଅପର ହ୍ୟାଣ୍ଡ ବଜାୟ ରଖିଥିଲେ ଏବଂ ଏକ ଭଲ ସ୍ଥିତିରେ ଥିବା ଭଳି ଦେଖାଯାଉଥିଲେ।




କିନ୍ତୁ ଗୁକେଶ ଅନୁଶାସନ ଏବଂ ଧର୍ଯ୍ୟର ସହିତ କାର୍ଲସେନଙ୍କ ପ୍ରତ୍ୟେକ ପଦକ୍ଷେପର ଜବାବ ଦେଇଥିଲେ ଏବଂ ତା'ପରେ ଏକ ସଠିକ୍ ପ୍ରତିଆକ୍ରମଣ ସହିତ ଖେଳର ଗତି ବଦଳାଇଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସମୟ ନିୟନ୍ତ୍ରଣ ଅର୍ଥାତ୍ ଟାଇମ୍ କଣ୍ଟ୍ରୋଲର ନିୟମ ଲାଗୁ ହୋଇଥାଏ, ଯାହାର ଅର୍ଥ ହେଉଛି ଅଧିକ ସମୟ ନ ନେଇ ଶୀଘ୍ର ଚାଲ୍ ଚଳାଇବାକୁ ପଡ଼ିବ। ଟୁର୍ଣ୍ଣାମେଣ୍ଟର ଏହି ନିୟମ ଯୋଗୁଁ କାର୍ଲସେନ ଅସ୍ତବ୍ୟସ୍ତ ହେଉଥିଲେ, ଏବଂ ଗୁକେଶ ତାଙ୍କର ଏହି ଦୁର୍ବଳତାର ସୁଯୋଗ ନେଇ ଖେଳର ଶେଷ ରାଉଣ୍ଡରେ ତାଙ୍କୁ ପରାସ୍ତ କରିଥିଲେ। ଗୁକେଶ ଏହି ବିଜୟରେ ବହୁତ ଖୁସି ଦେଖାଯାଉଥିଲେ। ପ୍ଲେଇଂ ଏରିନା ଲବିରେ, ସେ ତାଙ୍କର ଦୀର୍ଘକାଳୀନ ପୋଲିଶ୍ ପ୍ରଶିକ୍ଷକ ଗ୍ରେଜୋର୍ଜ ଗାଜେୱସ୍କିଙ୍କୁ ଏକ ହାଇ ପଞ୍ଚ ସହିତ ସ୍ୱାଗତ କରିଥିଲେ। ଏହା ଗୁକେଶଙ୍କ ପାଇଁ ଏକ ପ୍ରତ୍ୟାବର୍ତ୍ତନ ବିଜୟ ଥିଲା, ଯିଏକି ନରୱେ ଚେସ୍‌ର ପ୍ରଥମ ରାଉଣ୍ଡରେ କଳା ଗୋଟିରେ ଖେଳି ମ୍ୟାଗ୍‌ନସ୍ କାର୍ଲସନ୍‌ଙ୍କ ଠାରୁ ହାରିଯାଇଥିଲେ। ନରୱେ ଚେସ୍ ଟୁର୍ଣ୍ଣାମେଣ୍ଟରେ କ୍ଲାସିକ୍ ଫର୍ମାଟରେ ଦୁଇ ବର୍ଷ ମଧରେ ଏହା ଦ୍ୱିତୀୟ ଥର ଘଟୁଛି ଯେ, ଜଣେ ଯୁବ ଭାରତୀୟ ଖେଳାଳି କାର୍ଲସେନଙ୍କୁ ପରାସ୍ତ କରିଛନ୍ତି। ଗତ ବର୍ଷ, ଆର. ପ୍ରଜ୍ଞାନନ୍ଦା ତାଙ୍କୁ ସମାନ ଟୁର୍ଣ୍ଣାମେଣ୍ଟରେ ପରାସ୍ତ କରିଥିଲେ। ଏହି ବର୍ଷ, ବିଶ୍ୱ ଚାମ୍ପିଅନ ଡି. ଗୁକେଶ କାର୍ଲସେନଙ୍କୁ ପରାସ୍ତ କରିଛନ୍ତି। କାର୍ଲସନ ଅଧିକାଂଶ ଖେଳ ପାଇଁ ଅଧିକାଂଶ ସମୟ ନିୟନ୍ତ୍ରଣରେ ଥିବା ପରି ମନେ ହେଉଥିଲା, କିନ୍ତୁ ଷ୍ଟାଭେଞ୍ଜରର ଅପ୍ରତ୍ୟାଶିତ ପାଗ ପରି, ଆଖି ପିଛୁଳାକେ ସବୁକିଛି ବଦଳିଗଲା।

ହଙ୍ଗେରିଆନ ବଂଶୋଦ୍ଭବ ମହାନ ଆମେରିକୀୟ ଚେସ୍ ଖେଳାଳି ସୁସାନ ପୋଲଗାର ଗୁକେଶଙ୍କ ହାତରେ କାର୍ଲସେନଙ୍କ ପରାଜୟକୁ ତାଙ୍କ କ୍ୟାରିୟରର ସବୁଠାରୁ ଯନ୍ତ୍ରଣାଦାୟକ ପରାଜୟ ବୋଲି କହିଥିଲେ। ସେ ଏକ୍ସରେ ଏକ ପୋଷ୍ଟରେ ଲେଖିଛନ୍ତି, 'କାର୍ଲସେନ କ୍ୱଚିତ୍ କ୍ଲାସିକାଲ ଚେସ୍ ଫର୍ମାଟରେ ହାରିଥାନ୍ତି, ଏବଂ ସେ କ୍ୱଚିତ୍ ବଡ଼ ଭୁଲ କରନ୍ତି। ନରୱେରେ ଗୁକେଶଙ୍କ ବିପକ୍ଷରେ ଷଷ୍ଠ ରାଉଣ୍ଡରେ, ସେ କଳା ଗୋଟି ସହିତ ବହୁତ ଭଲ ଖେଳୁଥିଲେ। ଘଣ୍ଟାରେ ଅଧିକ ସମୟ ଥିବାରୁ ସେ ଜିତିବା ସ୍ଥିତିରେ ଥିଲେ। କିନ୍ତୁ ଗୁକେଶ ହାର ମାନି ନଥିଲେ। ସେ ଲଢ଼ି ଚାଲିଥିଲେ ଏବଂ କାର୍ଲସେନଙ୍କ ବାଜି ଧିରେ ଧିରେ ଶେଷ ହୋଇଗଲା। ତା'ପରେ ଯେତେବେଳେ ଉଭୟ ସମୟ ଚାପରେ ଥିଲେ, କାର୍ଲସେନ ଏକ ବଡ଼ ଭୁଲ କରିଥିଲେ, ହେଉଁଥିପାଇଁ ତାଙ୍କୁ ହାରିବାକୁ ପଡ଼ିଥିଲା। ଏହା ତାଙ୍କ ଚମତ୍କାର କ୍ୟାରିୟରର ସବୁଠାରୁ ଯନ୍ତ୍ରଣାଦାୟକ ପରାଜୟ ମଧରୁ ଗୋଟିଏ।'

## ବିସିସିଆଇର ଅନ୍ତରୀଣ ଅଧ୍ୟକ୍ଷ ହେବେ ରାଜୀବ ଶୁକ୍ଲା

### ରୋଜର ବିନ୍ନିଙ୍କ ନେବେ ସ୍ଥାନ

**ନୂଆଦିଲ୍ଲୀ,୨।୬:** ଆସନ୍ତା ମାସ ବିସିସିଆଇକୁ ମିଳିବ ନୂତନ ଅଧ୍ୟକ୍ଷ। ବର୍ତ୍ତମାନର ଅଧ୍ୟକ୍ଷ ରୋଜର ବିନ୍ନିଙ୍କ ଶେଷ ହେବାକୁ ଯାଉଛି କାର୍ଯ୍ୟକାଳ। ତାଙ୍କ ସ୍ଥାନରେ ବିସିସିଆଇର ଅଧ୍ୟକ୍ଷ ହେବେ ରାଜୀବ ଶୁକ୍ଲା। ସେ ୩ ମାସ ପାଇଁ ଅନ୍ତରୀଣ ଅଧ୍ୟକ୍ଷ ଭାବରେ ନିଯୁକ୍ତ ହେବେ ବୋଲି ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ଭାରତୀୟ କ୍ରିକେଟ କନଟ୍ରୋଲ ବୋର୍ଡ ବା



ବିସିସିଆଇକୁ ମିଳିବେ ନୂଆ ବସ୍। ବର୍ତ୍ତମାନର ଅଧ୍ୟକ୍ଷ ରୋଜର ବିନ୍ନିଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ତାଙ୍କ ସ୍ଥାନ ଦାୟିତ୍ୱ ଗ୍ରହଣ କରିବେ ରାଜୀବ ଶୁକ୍ଲା। ୭୦ ବର୍ଷୀୟ ବିନ୍ନି ୧୯ ଜୁଲାଇରେ ଅବସର ଗ୍ରହଣ କରିବେ। ସେ ଯିବା ପରେ ଶୁକ୍ଲାଙ୍କ ହାତରେ ରହିବ ବୋର୍ଡର ନିୟନ୍ତ୍ରଣ। ତେବେ ସେପ୍ଟେମ୍ବରରେ ବିସିସିଆଇର ବାର୍ଷିକ ସାଧାରଣ ବୈଠକ ହେବ। ସେତେବେଳେ ଶୁକ୍ଲାଙ୍କୁ ୬୬ ବର୍ଷ ହୋଇଯାଇଥିବ। ଏହି ସମୟରେ ସେ ପୂର୍ଣ୍ଣକାଳୀନ ଅଧ୍ୟକ୍ଷ ନିର୍ବାଚନ ଲଢ଼ି ପାରନ୍ତି। ବିନ୍ନି ଅକ୍ଟୋବର ୨୦୨୨ ରେ ବିସିସିଆଇର ମୁଖ୍ୟ ହୋଇଥିଲେ। ସେ ପୂର୍ବତନ କ୍ୟାପଟେନ୍ ସୌରଭ ଗାଙ୍ଗୁଲିଙ୍କ ସ୍ଥାନ ଗ୍ରହଣ କରିଥିଲେ। ୧୯ ଜୁଲାଇରେ ବିନ୍ନିଙ୍କୁ ୭୦ ବର୍ଷ ହେଉଛି। ଏହି ଦୃଷ୍ଟିରୁ ତାଙ୍କ କାର୍ଯ୍ୟକାଳ ସମ୍ପୂର୍ଣ୍ଣ ହେଉଛି। ଜଷ୍ଟିସ୍ ଲୋଧା କମିଟିର ସୁପାରିଶରେ ସର୍ବୋଚ୍ଚ ନ୍ୟାୟଳର ରାୟ ଅନୁସାରେ, ବିସିସିଆଷର କୌଣସି ପଦାଧିକାରୀ ୭୦ ବର୍ଷରୁ ଅଧକ ବୟସର ହୋଇଥିଲେ ରହିପାରିବେନି। ତେଣୁ ବିସିସିଆଇକୁ ନୂଆ ଅଧ୍ୟକ୍ଷ ଚୟନ କରିବାକୁ ହେବ। ରାଜୀବ ଶୁକ୍ଲା ବର୍ତ୍ତମାନ ବିସିସିଆଇର ଉପାଧ୍ୟକ୍ଷ ଅଛନ୍ତି। ସେ ୨୦୨୦ ରୁ ଏହି ପଦରେ ଅଛନ୍ତି। ପରମ୍ପରା ଅନୁସାରେ, ଏଭଳି ସ୍ଥିତିରେ ବିସିସିଆଇର ସବୁଠାରୁ ବରିଷ୍ଠ ପଦାଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥାଏ। ତେଣୁ ଶୁକ୍ଲା ସେପ୍ଟେମ୍ବର ପର୍ଯ୍ୟନ୍ତ ଆଗାମୀ ନିର୍ବାଚନ ହେବା ପର୍ଯ୍ୟନ୍ତ ଏହି ପଦରେ ରହିବେ।'

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦେଶରେ...

କୋଭିଡ୍ ଯୋଗୁଁ ୩ ଜଣ ପ୍ରାଣ ହରାଇଛନ୍ତି। ଗୁଜରାଟରେ ୩୨୦ ସକ୍ରିୟ ମାମଲା ଅଛି। ଏଠାରେ କରୋନା ଯୋଗୁଁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ହରିୟାଣାରେ ୩୦ ସକ୍ରିୟ ମାମଲା ରହିଛି। ଉତ୍ତର ପ୍ରଦେଶରେ ୧୪୯ ଏବଂ ପଶ୍ଚିମବଙ୍ଗରେ ୨୮୭ ସକ୍ରିୟ ମାମଲା ରହିଛି। ୟୁପିରେ କୋଭିଡ୍ ଯୋଗୁଁ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ତାମିଲନାଡୁରେ ୧୯୯ ଜଣ କୋଭିଡ୍ ସକ୍ରିୟ ମାମଲା ଅଛନ୍ତି। ଦେଶରେ କୋଭିଡ୍ ଯୋଗୁଁ ପ୍ରାଣ ହରାଇଥିବା ଲୋକଙ୍କ ସଂଖ୍ୟା ୨୮ରେ ପହଞ୍ଚିଛି।
ଅନ୍ୟପକ୍ଷରେ ଓଡ଼ିଶାରେ ବଢୁଥିବା କୋଭିଡ ରୋଗୀଙ୍କ ସଂଖ୍ୟାକୁ ଦେଖି ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ିଛି । ତେଣୁ ଆସନ୍ତାକାଲି କିମ୍ବା ଦୁଇଦିନ ମଧ୍ୟରେ ହେବ ସମୀକ୍ଷା ବୈଠକ । ସମୀକ୍ଷା ପରେ ରଥଯାତ୍ରା ନେଇ ନିଆ ଯାଇପାରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି । ରାଜ୍ୟ ଅଥରିଟିଙ୍କ ପାଖରେ ପ୍ରେଜେଣ୍ଟ କରାଯିବ। ରାଜ୍ୟବାସୀଙ୍କୁ ସତର୍କ ରହିବାକୁ ଆହ୍ୱାନ ଦେଲା ସ୍ୱାସ୍ଥ୍ୟ ବିଭାଗ। ଷ୍ଟାଣ୍ଡାର୍ଡ ପ୍ରୋଟୋକୋଲ ମାନିବା ସହ ଗହଳିକୁ ନ ଯିବା, ହାତ ଧୋଇବା ସହ ଗ୍ଲୋଭ୍‌ସ ପିନ୍ଧିବା ଓ ମାସ୍କ ବ୍ୟବହାର କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

### ଭଦ୍ରକ...

ଶିଳ୍ପ ବିପ୍ଳବ ଆରମ୍ଭ ହୋଇଛି, ସେଥିରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଭଦ୍ରକ ଜିଲ୍ଲା ପାଇଁ ରହିଛି। ଏଥିରୁ ଗୋଟିଏ ଭଦ୍ରକ ଟେକ୍ସଟାଇଲ ପାର୍କ ଓ ଅନ୍ୟଟି ଆଇଓସିଏଲ୍ ପକ୍ଷରୁ ୪,୩୭୭ କୋଟି ଟଙ୍କା ବିନିଯୋଗରେ ପ୍ରତିଷ୍ଠା ହେବାକୁ ଥିବା ଟେକ୍ନିକାଲ ଟେକ୍ସଟାଇଲ କମ୍ପ୍ଲେକ୍ସ। ଏହି ଦୁଇଟି ପ୍ରକଳ୍ପ ପ୍ରାୟ ୪୩୦୦ ଲୋକଙ୍କୁ ନିଯୁକ୍ତି ଦେଇପାରିବ। ତା'ଛଡ଼ା ୨୨୨୩.୨୫ କୋଟି ଟଙ୍କା ବିନିଯୋଗରେ ଏମ୍‌ସିପିଆଇ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟ ଭଦ୍ରକରେ ଗୋଟିଏ ଏଚ୍‌ଏମ୍‌ଏଲ୍‌ଏସ୍ ପଲିଷ୍ଟର ଉତ୍ପାଦନ କମ୍ପାନୀ ପ୍ରତିଷ୍ଠା କରିବ, ଯାହା ୧୧୫୦ ଲୋକଙ୍କୁ ନିଯୁକ୍ତି ଦେଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।
କାର୍ଯ୍ୟକ୍ରମରେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ଭଦ୍ରକ ମାଟି ବୀରତ୍ୱର ମାଟି। ଲୋକଙ୍କ ବିଶ୍ୱାସ ଓ ଭରସାକୁ ବଜାୟ ରଖି ଆମ ସରକାର ଗୋଟିଏ ବର୍ଷ ଭିତରେ ଯେଉଁ ସବୁ କାର୍ଯ୍ୟ କରିଛନ୍ତି ଏବଂ କରୁଛନ୍ତି, ତାହା ଲୋକଙ୍କ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ସୂଚାଉଛି। କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବାସୁଦେବପୁର ବିଧାୟକ ଅଶୋକ ଦାସ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ଉପସ୍ଥିତ ଥିଲେ। ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଧନ୍ୟବାଦ ଦେଇଥିଲେ।

### କୃଷିଜାତ...

ଓ ଆନୁଷଙ୍ଗିକ କ୍ଷେତ୍ର ଉପରେ ନିର୍ଭରଶୀଳ ଓଡ଼ିଶାରେ ମଧ୍ୟ କୃଷି ପରାମର୍ଶ ଓ ସୂଚନାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦେଶର ଅନ୍ନଦାତାଙ୍କ ହାତମୁଠାକୁ ମଜବୁତ କରିବା ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧପରିକର। ସମ୍ବଲପୁର ଚଷାଚାଷୀଙ୍କର ଅଞ୍ଚଳ। ଏଠାରେ ମୂଳ ଜୀବିକା ହେଉଛି ଚାଷ। ଏଠାରେ ଉତ୍ପାଦିତ ଆମ୍ବ ବାହାର ଦେଶକୁ ରପ୍ତାନୀ ହେଉଛି। ଆଗାମୀ ଦିନରେ ଡବଲ ଇଞ୍ଜିନ ସରକାର ସହଯୋଗରେ ଏହି ଜିଲ୍ଲାରେ ଜଳସେଚନକୁ ସୁବ୍ୟବସ୍ଥିତ କରାଯିବା ସହ କୃଷିଜାତ ଦ୍ରବ୍ୟ, ଉଦ୍ୟାନ ଜାତ କୃଷି ଦ୍ରବ୍ୟ, ପଶୁପାଳନ, ମତ୍ସ୍ୟଚାଷ, ଗୋପାଳନ ଓ ଦୁଗ୍ଧ ଚାଷ ସମେତ ଆନୁଷାଙ୍ଗିକ କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି କରାଯିବା ପାଇଁ ବିସ୍ତୃତ ଯୋଜନା ହେବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି।
ସେହିପରି ଶୀତଳଭଣ୍ଡାର ପ୍ରତିଷ୍ଠା ସହ କୃଷି ବ୍ୟବସାୟକୁ ପ୍ରୋତ୍ସାହନ ଦେବା ପାଇଁ ମଧ୍ୟ ଉଦ୍ୟମ ହେବ। ବିଶେଷକରି ଆଳୁ ଓ ଡାଲି ଉପରେ ଆମେ ନିର୍ଭରଶୀଳ ଥିବାରୁ ଏହି ଚାଷ କିପରି ସମ୍ବଲପୁରରେ ଆହୁରି ଆଗକୁ ଯିବ, ସେ ଦିଗରେ ମଧ୍ୟ ଯୋଜନା ହେବ। ଗାଁଗାଁ ବୁଲି ଚାଷୀମାନଙ୍କ ମଧ୍ୟରେ ପନିପରିବା ଓ ଅନ୍ୟାନ୍ୟ ଫଳ ଉତ୍ପାଦନ ପାଇଁ ସଚେତନତା ସୃଷ୍ଟି କରାଯିବ। ସମ୍ବଲପୁରରେ ଉତ୍ପାଦିତ ହେଉଥିବା ଫଳ ଓ ପନିପରିବାକୁ ବିଦେଶୀ ବଜାରରେ ପହଞ୍ଚାଇବା ଦିଗରେ ପ୍ରଚେଷ୍ଟା ହେବ। 'ନଗର ବନ ଯୋଜନା'ରେ ସମ୍ବଲପୁରର ପରିବେଶକୁ ସୁରକ୍ଷା ଦେବା ପାଇଁ ସାମୂହିକ ଉଦ୍ୟମ ହେବ। ଏଥିପାଇଁ ଚାରା ରୋପଣ କରିବା ପାଇଁ ଶ୍ରୀ ପ୍ରଧାନ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ 'ବିକଶିତ କୃଷି ସଂକଳ୍ପ ଅଭିଯାନ' ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସକାଶେ 'କୃଷି ରଥ'ର ଶୁଭାରମ୍ଭ କରିବା ସହ ଚାଷୀମାନଙ୍କୁ ସଏଲ୍ ହେଲଥ୍ କାର୍ଡ ବିତରଣ କରିଥିଲେ।

### ଫସିଛନ୍ତି...

ଜିଲ୍ଲାରେ ପ୍ରାୟ ୫ ଲକ୍ଷ ଲୋକ ବନ୍ୟା ଜଳରେ ଫସିରହିଛନ୍ତି। ଚଳିତ ବର୍ଷ ବନ୍ୟା ଏବଂ ଭୂସ୍ଖଳନରେ ପ୍ରାଣ ହରାଇଥିବା ଲୋକଙ୍କ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି। କଛାର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଏକ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି, ଏହା ପରେ ଶ୍ରୀଭୂମିରେ ୮୫ ହଜାର ଏବଂ ନାଗାଓଁରେ ୬୨ ହଜାର ଲୋକ ପ୍ରଭାବିତ ହୋଇଛନ୍ତି।

ପ୍ରଶାସନ ୧୨ଟି ଜିଲ୍ଲାରେ ୧୫୫ଟି ରିଲିଫ୍ ଶିବିର ଏବଂ ରିଲିଫ୍ ବଣ୍ଟନ କେନ୍ଦ୍ର ପରିଚାଳନା କରୁଛି, ବର୍ତ୍ତମାନ ୧୦,୨୭୨ ଜଣ ବିସ୍ଥାପିତଙ୍କ ଯତ୍ନ ନେଉଛି। ବର୍ତ୍ତମାନ ସମଗ୍ର ଆସାମରେ ୭୬୪ଟି ଗାଁ ପାଣି ଘେରରେ ଅଛି ଏବଂ ୩,୫୨୪.୩୮ ହେକ୍ଟର ଫସଲ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି ବୋଲି ଏଏସଡିଏମଏ କହିଛି। ରାଜ୍ୟର ଅନେକ ଜିଲ୍ଲାରେ ବନ୍ୟା ପାଣି ଯୋଗୁଁ ବନ୍ଧ, ରାସ୍ତା, ସେତୁ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। ବର୍ତ୍ତମାନ, ଡିବ୍ରୁଗଡ଼ ଏବଂ ନିମାତିଘାଟରେ ମହାଶକ୍ତିଶାଳୀ ବ୍ରହ୍ମପୁତ୍ର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏହାର ଶାଖା ନଦୀ ନୁମାଲିଗଡ଼ରେ ଧନସିରି ଏବଂ କାମପୁରରେ କୋପିଲି ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ରାଜ୍ୟ ଏବଂ ପଡ଼ୋଶୀ ଅଞ୍ଚଳରେ ପ୍ରବଳ ବର୍ଷା ଜାରି ରହିବା ଯୋଗୁଁ ନିମ୍ନ ଅଞ୍ଚଳ ଏବଂ ନଦୀକୂଳ ଅଞ୍ଚଳରେ ରହୁଥିବା ଲୋକଙ୍କ ପାଇଁ ପରିସ୍ଥିତି ଆହୁରି ଖରାପ ହେବାର ସମ୍ଭାବନା ରହିଛି, ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ରବିବାର ସନ୍ଧ୍ୟାରେ ସତର୍କ କରାଇ ଦେଇଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶର୍ମାଙ୍କ ସହ ଫୋନ କରି ପରିସ୍ଥିତିର ସମୀକ୍ଷା କରିଥିଲେ ଏବଂ ସମସ୍ତ ପ୍ରକାରର ସହାୟତାର ପ୍ରତିଶ୍ରୁତି ଦେଇଥିଲେ। ଗତ କିଛି ଦିନ ଧରି ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଜାରି ରହିଥିବାରୁ ବିଭିନ୍ନ ସ୍ଥାନରେ ସଡ଼କ, ରେଳ ଏବଂ ଜଳପଥରେ ସେବା ପ୍ରଭାବିତ ହୋଇଛି।

### ୩ ଯବାନ...

ଲଗାଣ ବର୍ଷା ପରେ ଉପୁଜିଥିବା ବନ୍ୟାସ୍ଥିତିରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ସିକ୍କିମ। ସିକ୍କିମର ବିଭିନ୍ନ ସ୍ଥାନରେ ଫସିରହିଥିବା ୧୫ଶହ ପର୍ଯ୍ୟଟକଙ୍କ ମଧ୍ୟରୁ ଅଦ୍ୟାବଧି ହଜାରେଙ୍କୁ ଉଦ୍ଧାର କରାଯାଇଛି। ଭୂସ୍ଖଳନ ପରେ ରାସ୍ତା ବନ୍ଦ ଥିବାରୁ କେହି କୁଆଡେ ବି ଯାଇପାରୁନାହାନ୍ତି। ସେପଟେ ତିସ୍ତା ନଦୀର ଜଳସ୍ତର ବଢୁଥିବାରୁ ବନ୍ୟା ଅଧିକ ଉଗ୍ରରୂପ ନେଉଛି । ଉତ୍ତର ସିକ୍କିମ ଅଧିକ ପ୍ରଭାବିତ ହୋଇଥିବା ବେଳେ ଫିଡାଙ୍ଗ ବ୍ରିଜ କ୍ଷତିଗ୍ରସ୍ତ ହୋଇଛି।

### ମୁଖ୍ୟସ୍ରୋତକୁ ...

ଦେଇଛନ୍ତି। ମାଓ ସଙ୍ଗଠନ ଦୁର୍ବଳ ହେଉଥିବା ବେଳେ ନିଜ ଜୀବନ ବଞ୍ଚାଇବା ପାଇଁ ଏହି ମାଓବାଦୀମାନେ ଆତ୍ମସମର୍ପଣ କରିଥିବା ବେଳେ ସେମାନଙ୍କୁ ସରକାରଙ୍କ ନିୟମ ଅନୁଯାୟୀ ଥଇଥାନ କରାଯିବ ବୋଲି ଏସପି କହିଛନ୍ତି।

### କଠୁଆରେ ...

ବି ସନ୍ଦିଗ୍ଧ ଗତିବିଧି ଦେଖାଗଲେ, ତୁରନ୍ତ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଉଛି। ଜମ୍ମୁ-କାଶ୍ମୀରରେ ବର୍ତ୍ତମାନ ଭାରତୀୟ ସେନା, ପୁଲିସ ଏବଂ ସିଆରପିଏଫ୍ ପକ୍ଷରୁ ମିଳିତ ସର୍ଚ୍ଚ ଅପରେସନ ଜାରି ରହିଛି। କଠୁଆ, କିସ୍ତୱାଡ୍ ଓ ସମ୍ବା ଅଞ୍ଚଳରେ ଥିବା ଜଙ୍ଗଲରେ ମଧ୍ୟ ସ୍ୱତନ୍ତ୍ର ସର୍ଚ୍ଚ ଅପରେସନ କରାଯାଉଛି। କଠୁଆର ଲୋବାଙ୍ଗ ଓ ସରଥଲ ଭଳି ଅଞ୍ଚଳରେ ସନ୍ଦିଗ୍ଧ ଆତଙ୍କୀ ଗତିବିଧି ନେଇ ସୂଚନା ମିଳିବା ପରେ ଗତ ୨୭ରୁ ମିଳିତ ଅଭିଯାନ ଜାରି ରହିଛି, ଯାହା ଆଜି ଷଷ୍ଠ ଦିନରେ ପହଞ୍ଚିଛି।

### ସରକାରୀ...

ସମୟରେ ସରୁନାହିଁ। ସଚିବଙ୍କ ନିକଟରେ ଫାଇଲ ପହଞ୍ଚିବାରେ ବିଳମ୍ବ ହେଉଛି। ତେଣୁ ଫାଇଲ୍‌ଗୁଡ଼ିକ କେମିତି ଶୀଘ୍ର ଗୋଟିଏ ଟେବୁଲର ଅନ୍ୟ ଟେବୁଲକୁ ଯାଇପାରିବ, ତା' ଉପରେ ଗୁରୁତ୍ୱ ଦିଆଯାଇଛି। ତେଣୁ ସବୁ ବିଭାଗରେ ଓ୍ୱାସରେ ଶୀଘ୍ର ଫାଇଲ କରିପାରୁଥିବା ଅଫିସରଙ୍କୁ ଚିହ୍ନଟ କରାଯିବ। ସେହି ଅନୁସାରେ ସଚିବମାନେ ସମ୍ପୃକ୍ତ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣ ପ୍ରଶାସନ ବିଭାଗକୁ ରିପୋର୍ଟ କରିବେ।
ଅନ୍ୟପକ୍ଷରେ ମତ୍ସ୍ୟ ଓ ପଶୁପାଳନ ନିର୍ଦ୍ଦେଶାଳୟ ଭଳି ବହୁ ବୈଷୟିକ ନିର୍ଦ୍ଦେଶାଳୟ ଦାୟିତ୍ୱରେ ବୈଷୟିକ ଅଧିକାରୀ ରହୁଛନ୍ତି। ବୈଷୟିକ ଅଧିକାରୀମାନେ ପ୍ରଶାସନିକ ନିଷ୍ପତ୍ତି ନେବାରେ ମଧ୍ୟ ସମସ୍ୟା ହେଉଛି। ତେଣୁ ଏହିସବୁ ନିର୍ଦ୍ଦେଶାଳୟରେ ଜଣେ ଜଣେ ବରିଷ୍ଠ ଓଏଏସ ଅଫିସରଙ୍କୁ ଦାୟିତ୍ୱ ଦେବାକୁ ନିଷ୍ପତ୍ତି ହୋଇଛି।

### ରଥ...

କିଛିବର୍ଷ ତଳେ ପୁରୀରେ ଗୋଟିଏ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଇସ୍କନ କର୍ତ୍ତୃପକ୍ଷ ଅଣ୍ଟା ଭିଡ଼ିଥିଲେ। ଏଥିପାଇଁ ଜୋରସୋରରେ ଆୟୋଜନ ଚଳାଇଥିଲେ। ହେଲେ ସବୁ ସ୍ତରରୁ ବିରୋଧ ପରେ ଇସ୍କନ ଏଥିରୁ ଓହରିଯାଇଥିଲା। ଏହାପରଠାରୁ ଇସ୍କନ ପ୍ରତ୍ୟକ୍ଷ ହେଉ କିମ୍ବା ପରୋକ୍ଷରେ ଶ୍ରୀଜଗନ୍ନାଥଙ୍କ ରଥ ଓ ପଥକୁ ନେଇ ବିବାଦ ସୃଷ୍ଟି କରିବାରେ ଲାଗିଛି। ଓଡ଼ିଶା ରାଜଧାନୀରେ ଇସ୍କନର ଭବ୍ୟ ମନ୍ଦିର ରହିଛି। ଏଠାରେ ମଧ୍ୟ ବହୁ ଆଡମ୍ବରରେ ରଥଯାତ୍ରା ଆୟୋଜିତ ହୋଇଥାଏ ଏବଂ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଏଥିରେ ଅଂଶଗ୍ରହଣ କରିଥାନ୍ତି । ଯଦି ଓଡିଶାରେ କାଠ ନିର୍ମିତ ଚକରେ ରଥଯାତ୍ରା ହୋଇପାରୁଛି ତେବେ କୋଲକତାରେ ଯୁଦ୍ଧ ବିମାନ ଚକ ଲଗାଇବାର ଆବଶ୍ୟକ କ'ଣ ପାଇଁ ପଡିଲା ବୋଲି ସାଧାରଣରେ ମତପ୍ରକାଶ ପାଉଛି ।

ଓଡ଼ିଶାରେ ବହୁ ସଂଖ୍ୟାରେ ଇସ୍କନ ଭକ୍ତ ରହିଛି । ଏମାନେ ପ୍ରାୟତଃ ଓଡିଆ। ତେଣୁ ଓଡିଶା, ଓଡିଆ ଓ ଓଡିଶାର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ ନେଇ ଇସ୍କନ ଯେଉଁ ଖେଳ ଖେଳୁଛି ସେଥିରୁ ତାହାକୁ ନିବୃତ୍ତ କରିବାପାଇଁ ଇସ୍କନର ଏହି ଓଡିଆ ସଦସ୍ୟମାନେ ଆଗେଇ ଆସିବା ଉଚିତ୍ ବୋଲି ମତପ୍ରକାଶ ପାଉଛି । ଏହା ନହେଲେ ଆଗାମୀ ଦିନରେ ଶାନ୍ତିପ୍ରିୟ ରାଜ୍ୟ ଓଡିଶାରେ ଇସ୍କନକୁ ନେଇ ଅଶାନ୍ତି ସୃଷ୍ଟି ହେବ ବୋଲି ଜଗନ୍ନାଥପ୍ରେମୀମାନେ ଖୋଲାଖୋଲି ଭାବେ ମତ ଦେଉଛନ୍ତି।

### ଓଡ଼ିଶା...

କରୁଛନ୍ତି ତାହା ତାଙ୍କ ପାଇଁ ବୁମେରାଂ ହୋଇପାରେ ବୋଲି ସଂଘ ଆଶଙ୍କା ପ୍ରକାଶ କରିଛି। ପୂର୍ବରୁ ମଧ୍ୟ ପୋଲିସକୁ ଏହି କ୍ଷମତା ଦିଆଯାଇଥିଲା। କିନ୍ତୁ ଏହାଦ୍ୱାରା ସମସ୍ୟା ହେବାରୁ ଓଡିଶା ମୋଟର ଭେଇକିଲ ଏନଫୋର୍ସମେଣ୍ଟ ବିଭାଗ ଖୋଲାଯାଇଥିଲା।
ଏବେ ମଧ୍ୟ ପୋଲିସ ପକ୍ଷରୁ ମନଇଚ୍ଛା ଘରୋଇ ବସ ବିରୋଧରେ ଇ-ଚାଲାଣ କଟାଯାଉଛି। ଏହାଦ୍ୱାରା ବସ ମାଲିକମାନେ ଅଜତାରେ ନିର୍ଯାତିତ ହେଉଛନ୍ତି। ନିକଟରେ ପ୍ରାୟ ୫୦୦ ଘରୋଇ ବସର ଇ-ଚାଲାଣ କଟାଯାଇଛି। ତେଣୁ ସରକାର ନିଜର ଭାବମୂର୍ତ୍ତୀର ସୁରକ୍ଷା ଦୃଷ୍ଟିରୁ ପୋଲିସକୁ ଅତିରିକ୍ତ କ୍ଷମତା ନଦେବାକୁ ସଂଘ ଅପିଲ କରିଛି।

## ନାବାଳକର ସଲୀଳ ସମାଧି

**ଉଦଳା,୨।୬(ସଂଚାର ବ୍ୟୁରୋ):** ଘରଠାରୁ କିଛି ଦୂରରେ ଖେଳୁଥିଲା ପୁଅ। ହେଲେ ଖେଳୁ ଖେଳୁ ପୋଖରୀରେ ବୁଡିଗଲା ଆଉ ଚାଲିଗଲା ଜୀବନ। ଗାଁ ପୋଖରୀରେ ବୁଡି ଜଣେ ୭ ବର୍ଷ ନାବାଳକର ଜୀବନ ଯାଇଛି। ଏଭଳି ଅଭାବନୀୟ ଘଟଣା ମୟୂରଭଞ୍ଜ ଜିଲ୍ଲା ଶରତ ଥାନା ଧପଡା ଗାଁରେ ଦେଖିବାକୁ ମିଳିଛି। ଗ୍ରାମର ବିଭୀଷଣ ସେନାପତିଙ୍କ ୭ ବର୍ଷ ପୁଅ କୀର୍ତିରାଜ ଘରଠାରୁ ୪ ଶହ ମିଟର ଦୂରରେ ଥିବା ଗାଁ ପୋଖରୀ ନିକଟରେ ସାଙ୍ଗମାନଙ୍କ ସହ ଖେଳୁଥିଲେ। ହେଲେ ଅଚାନକ ସେ ପୋଖରୀ ଭିତରେ ପଡ଼ିଯାଇଥିଲେ ଏବଂ ତାଙ୍କ ସାଙ୍ଗମାନେ ଚିତ୍କାର କରିବାରୁ ଘର ଲୋକେ ପହଞ୍ଚି ପୋଖରୀରୁ କୀର୍ତିରାଜକୁ ଉଦ୍ଧାର କରିଥିଲେ । ପରେ ଗୁରୁତର ଅବସ୍ଥାରେ ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଯାହାକୁ ନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେପଟେ ଖବର ପାଇ ଶରତ ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି ।

## ୩୦ ପେଟି ବିୟର ଜବତ, ୨ ଗିରଫ



**ଚୌଦ୍ୱାର,୨।୬(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ଚୌଦ୍ୱାର ଅବକାରୀ ବିଭାଗକୁ ପୁଣି ମିଳିଛି ସଫଳତା। ସୂଚନାନୁଯାୟୀ, ଅବକାରୀ ବିଭାଗ ଦ୍ୱାରା ଗୋଟିଏ ବୋଲେରୋ ଓ ଏକ ବାଇକ ଜବତ କରାଯିବା ସହ ଗାଡ଼ିରୁ ୩୦ ପେଟି ବିୟର ଜବତ କରିଛି। ଏହି କାରବାରରେ ଜଡ଼ିତ ଥିବା ୨ ଜଣଙ୍କୁ ଗିରଫ କରାଯାଇଛି। ଚୌଦ୍ୱାର ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇ ବେଆଇନ ମଦ ଚୌଦ୍ୱାର ମଧ୍ୟ ଦେଇ ଯାଉଛି। ଏନେଇ ଏକ ଟିମ ଗାଡ଼ିଗୁଡ଼ିକୁ ଧରିବାରୁ ସେଥିରେ ମଦଥିବା ଦେଖିବାକୁ ପାଇଥିଲେ। ଜବତ ମଦର ମୂଲ୍ୟ ପ୍ରାୟ ୫୦ ହଜାରରୁ ଅଧିକ ହେବ ବୋଲି ଅବକାରୀ ବିଭାଗ କହିଛି। ଗିରଫ ବ୍ୟକ୍ତିମାନେ ଟାଙ୍ଗୀ ସପନପୁର ଓ ଚୌଦ୍‌ୱାର ଶଙ୍କରପୁର ଅଞ୍ଚଳର ବୋଲି ଜଣାପଡିଛି। ଏହି କାରବାରରେ ଆଉ କିଏ ସାମିଲ ଅଛନ୍ତି ଓ ମଦ କେଉଁଠୁ କୁଆଡ଼େ ଯାଉଥିଲା, ସେନେଇ ଅଧିକ ତଦନ୍ତ ଚାଲିଛି ।

## ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଉଦଯାପିତ



**କୋଣାର୍କ, ୨।୬ (ସଂଚାର ବ୍ୟୁରୋ) :** କୋଣାର୍କ ଯାତ୍ରୀନିବାସ ବାଙ୍କୁଏଟ ହଲରେ ସାମାଜିକ ଆନୁଷ୍ଠାନ ପ୍ରୋଜେକ୍ଟ ପଏଣ୍ଟ ପକ୍ଷରୁ ୪ଦିନିଆ ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ନେହେରୁ ଯୁବ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ସତ୍ୟପ୍ରକାଶ ପଟ୍ଟନାୟକ,ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମର ଉପାଧକ୍ଷ ଶୁଭ୍ରୋ ରାଓ, ସମାଜସେବୀ ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପ୍ରୋଜେକ୍ଟ ପଏଣ୍ଟର ଅଧକ୍ଷ ଡ଼ଃ ସଂଗ୍ରାମ କେଶରୀ ସାମନ୍ତରାୟ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏଥିରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଶତାଧିକ ଯୁବ ପ୍ରତିଭା ଅଂଶଗ୍ରହଣ କରିଥିଲେ। ଯୁବ ସଂସଦ, ଜଳବାୟୁ ପରିବର୍ତ୍ତନ, ନିଯୁକ୍ତି, ଡିଜିଟାଲ ଉଦ୍ଭାବନ, ନେତୃତ୍ୱରେ ମହିଳା, ଆଦିବାସୀ ସଂସ୍କୃତି ଏବଂ ପର୍ଯ୍ୟଟନ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଶେଷରେ ନିରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ବିଧାୟକ କେ. ଅନୀଲଙ୍କୁ ପୌର ସମ୍ବର୍ଦ୍ଧନା



**ବ୍ରହ୍ମପୁର, ୨।୬ (ସଂଚାର ବ୍ୟୁରୋ) :** ସ୍ଥାନୀୟ ବିଧାୟକ କେ. ଅନୀଲ କୁମାରଙ୍କୁ ପୌର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆନ୍ଧ୍ରା ଭାଷାଭିଵର୍ଦ୍ଧନି ସମାଜମ୍ ପକ୍ଷରୁ ସ୍ଥାନୀୟ ଗିରି ମାର୍କେଟ୍ ସ୍ଥିତ ପ୍ରକାଶମ୍ ହୋଲ ପରିସରରେ ଆୟୋଜିତ ଘଣ୍ଟଶାଳା ଆରାଧନା ଉତ୍ସବ କାର୍ଯ୍ୟକ୍ରମରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସହରର ୨୫ରୁ ଊର୍ଦ୍ଧ୍ୱ ବିଭିନ୍ନ ବ୍ୟାପାର, ଶିକ୍ଷା, କଳା, ସଂସ୍କୃତି, କ୍ଲବ ସଂଘର ପ୍ରତିନିଧିଙ୍କ ଦ୍ୱାରା ବିଧାୟକଙ୍କ ସମେତ ସହଧାର୍ମିଣୀ ରମାଦେବୀଙ୍କୁ ମଧ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ହର୍ଷଶ୍ରୀ ବି. ପ୍ରସାଦ ରାଓଙ୍କ ରଚିତ ସତକ ଦ୍ୱୟମ୍ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଘଣ୍ଟଶାଳା ଆରାଧକୁଲା ଗ୍ରୁପ(ବିଶାଖାପାଟଣା ଶାଖା)ଙ୍କ ଦ୍ୱାରା ଘଣ୍ଟଶାଳାଙ୍କ ଗୀତ, କବାଡି, ହାରିକାଦା ସହ ଅନ୍ୟାନ୍ୟ ସଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜିତ ହୋଇଥିଲା।

## ଆଦିବାସୀଙ୍କ ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ପ୍ରଦାନ




**ରାଇଘର, ୨।୬ (ସଂଚାର ବ୍ୟୁରୋ) :** ଓଡିଶା ଆଦିବାସୀ ଅଧିକାର ମଞ୍ଚ ଓ ଓଡିଶା କୃଷକ ଶୋଭା ପକ୍ଷରୁ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଠାରେ ଏକ ବିଶାଳ ରାଲି କରାଯାଇ ରାଇଘର ତହସିଲଦାର, ବନ ଅଧିକାରୀ ଓ ବ୍ଲକ ଅଧିକାରୀଙ୍କୁ ୧୫ ଦଫା ବିଶିଷ୍ଟ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ମୋ ଜଙ୍ଗଲ ଜମି ଯୋଜନା ଦ୍ୱାରା ଯଥା ଶୀଘ୍ର ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଏବଂ ଦଖଲ ଜଙ୍ଗଲ ଜମିର ଅଧିକାର ପ୍ରଦାନ, ଜଙ୍ଗଲ ଅଧିକାର ଆଇନକୁ ଉଲଂଘନ କରିବା ବନ୍ଦ କରିବା, ମଣ୍ଡିରେ ଧାନ ଦେଇଥିବା ୩୪୪ ଚାଷୀଙ୍କୁ ତୁରନ୍ତ ଧାନ ଟଙ୍କା ଦିଆଯାଉ,ରାଇଘର ବ୍ଲକକୁ ଯଥାଶୀଘ୍ର ସେଟେଲମେଣ୍ଟ କରାଯାଉ, ଦଖଲ ଘର ବାଡ଼ି ପଟା ଓ ଦଖଲ କାମୀ ଜମିପଟା ପ୍ରଦାନ କରାଯାଉ ଏହିଭଳି ୧୫ ଗୋଟି ଦାବିକୁ ନେଇ ଦାବିପତ୍ର ପ୍ରଦାନ କରାଯାଇଛି। ଓଡିଶା ଆଦିବାସୀ ଅଧିକାର ମଞ୍ଚ ପକ୍ଷରୁ ଦିଆଯାଇଥିବା ଡାକରା ରେ କଂଗ୍ରେସ, ବଜେଡି ପକ୍ଷରୁ ଅନେକ ନେତାଙ୍କ ଉପସ୍ଥିତ ଦେଖିବାକୁ ମିଳିଥିଲା। ବିଜେଡି ନେତା ପ୍ରଦୀପ ମାଝୀ ରାଜ୍ୟ ସରକାରଙ୍କୁ ନିନ୍ଦା କରୁଥିବା ଦେଖିବାକୁ ମିଳିଛି।

## ପୋଖରୀରେ ବୁଡି ଶିଶୁକନ୍ୟା ମୃତ

**ଗୋପ, ୨।୬ (ସଂଚାର ବ୍ୟୁରୋ):** ପୋଖରୀରେ ବୁଡି ୧୮ ମାସର ଶିଶୁ କନ୍ୟାଟିର ମୃତ୍ୟୁ ହୋଇଛି । ଏଭଳି ଅଭାବନୀୟ ଘଟଣା ଘଟିଛି କୋଣାର୍କ ଥାନା କୁରୁଜଙ୍ଗ ପଞ୍ଚାୟତ ଭାଣପୁର ଗ୍ରାମରେ। ଘରେ ମା ରୋଷେଇ କରୁଥିବା ବେଳେ ଶିଶୁ କନ୍ୟାଟି ବାରିପଟ ପୋଖରୀକୁ ଚାଲିଯାଇଥିଲା। ଦୀର୍ଘ ସମୟ ପରେ ଶିଶୁ କନ୍ୟାକୁ ପରିବାର ଲୋକେ ବହୁ ଖୋଜା ଖୋଜି ପରେ ବାରିପଟ ପୋଖରୀରେ ଭାସୁଥିବା ଦେଖି ଉଦ୍ଧାର କରିଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ପରିବାର ଲୋକେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଦୀପକ କାଣ୍ଡିଙ୍କର ଏକ ମାତ୍ର ଶିଶୁକନ୍ୟା। ଶିଶୁ କନ୍ୟାଟିର ଅକାଳ ବିୟୋଗରେ ପରିବାର ଭାଙ୍ଗିପଡ଼ିଥିବା ବେଳେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ମହିଳାଙ୍କୁ ସ୍ୱାବଲମ୍ବି କରିବା ଯୋଜନା ପ୍ରହସନ

# ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ କାଫେ ପରିତ୍ୟକ୍ତ

- ସରକାରୀ ଅର୍ଥ ଶ୍ରାଦ୍ଧ
- ପ୍ରଶାସନର ଉଦାସୀନତା
- ଆଉ ଏକ ବିଫଳ ପ୍ରକଳ୍ପ



**କାକଟପୁର/ଅସ୍ତରଙ୍ଗ, ୨।୬ (ସଂଚାର ବ୍ୟୁରୋ) :** ପ୍ରଶାସନର ଚରମ ଅବହେଳା। ମହିଳାଙ୍କୁ ସ୍ୱାବଲମ୍ବି କରିବା ନାଁରେ ଶ୍ରାଦ୍ଧ ହେଲା ସରକାରୀ ଟଙ୍କା। ଉଦ୍‌ଘାଟନ ସମୟରେ ରାଜନୈତିକ ଗୋଷ୍ଠୀ ମଧ୍ୟରେ ବାକ ବିତଣ୍ଡା ଯୋଗୁଁ ଆଜି ପର୍ଯ୍ୟନ୍ତ ପରିତ୍ୟକ୍ତ ଅବସ୍ଥାରେ ପଡିଛି ମିଶନ ଶକ୍ତି କାଫେ। ହେଲେ ଯୋଜନା କାର୍ଯ୍ୟକାରୀ ହେଉଛି କି ନାହିଁ, ତାହା ଦେଖିବାକୁ କେହି ନାହାଁ।

ପୁରୀ ଜିଲ୍ଲା କାକଟପୁର ବ୍ଲକ ନିକଟରେ ଲକ୍ଷାଧିକ ଟଙ୍କାର ବ୍ୟୟରେ ମିଶନ ଶକ୍ତି କାଫେ ନିର୍ମାଣ କରାଯାଇଥିଲା। ଏହି କାଫେ ଭାଗ୍ୟ ଏବେ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ରାଜ୍ୟ ସରକାର ଲକ୍ଷ୍ୟକୁ ପୂରଣ କରିବାକୁ ଯାଇ ମହିଳାଙ୍କୁ ସ୍ୱାବଲମ୍ବି କରାଇବା ସହିତନିଜେ କିପରି ଅର୍ଥ ରୋଜଗାର କରିପାରିବେ ସେଥି ନେଇ ତତ୍ପର ହୋଇପଡ଼ିଥିଲେ। ଯାହାକୁ ନେଇ କାକଟପୁର ବ୍ଲକ ନିକଟରେ ନିର୍ମାଣ ହୋଇଥିଲା ମିଶନ ଶକ୍ତି କାଫେ। କିନ୍ତୁ ଉଦ୍‌ଘାଟନ ସମୟରେ ରାଜନୈତିକ ଗୋଷ୍ଠୀ କନ୍ଦଳ ଯୋଗୁଁ ଉଦ୍‌ଘାଟନ ମଧ ହୋଇନଥିଲା। ମିଶନ ଶକ୍ତି କାଫେ ଖୋଲା ଯାଇଥିଲେ ବ୍ଲକକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଜନସାଧାରଣ ଓ ବ୍ଲକ କର୍ମଚାରୀମାନେ ସୁରୁଖୁରୁରେ ସୁସ୍ୱାଦୁ ଖାଦ୍ୟ ପାଇପାରିଥାନ୍ତେ। ହେଲେ ଆଜି ପର୍ଯ୍ୟନ୍ତ ମିଶନ ଶକ୍ତି କାଫେ ଖୋଲା ହୋଇପାରିଲା ନାହିଁ। କାଫେରେ ଲାଗିଥିବା ବିଭିନ୍ନ ଯନ୍ତ୍ରାଂଶ ଠାରୁ ଆରମ୍ଭ କରି ବିଭିନ୍ନ ସରଞ୍ଜାମ ଅଚଳ ହୋଇ ପଡ଼ିଥିବାର ଆଶଙ୍କା କରାଯାଉଛି।

ଏ ସମ୍ବନ୍ଧରେ ଜାଣିବାକୁ କାକଟପୁର ବିଡ଼ିଓ ବିଷ୍ଣୁ ଗୋବିନ୍ଦଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ସମ୍ଭବ ହୋଇପାରିନଥିଲା। ସ୍ଥାନୀୟ ଅଞ୍ଚଳବାସୀ ଦାବୀ କରିଛନ୍ତି ତୁରନ୍ତ ମିଶନ ଶକ୍ତି କାଫେ ଖୋଲିବା ପାଇଁ।

### ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର

## ଚତୁଃପାର୍ଶ୍ୱରେ ପାଚେରୀ ନିର୍ମାଣ ଦାବି



**ନାଉଗାଁ, ୨।୬ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ପୂର୍ତ୍ତ ବିଭାଗ ଅଧିନ ନାଉଗାଁ-ଅରଖକୁଦ ରାସ୍ତାର ପୋହଳ ଗ୍ରାମ ନିକଟରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏବେ ଏହା ଜନସାଧାରଣଙ୍କ ସମେତ ଗୃହପାଳିତ ପଶୁଙ୍କ ପାଇଁ ବିପଦ ସାଜିଛି। ଉକ୍ତ ଟ୍ରାନ୍ସଫର୍ମରର ଚତୁଃପାର୍ଶ୍ୱରେ ପାଚେରୀ ଅଥବା ତାର ବାଡ ବୁଲାଇବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ସୂଚନା ଅନୁସାରେ ପୂର୍ତ୍ତ ବିଭାଗର ଜଗତସିଂହପୁର ବିଭାଜନ ପକ୍ଷରୁ ନାଉଗାଁ-ଅରଖକୁଦ ରାସ୍ତାକୁ ସମ୍ପ୍ରସାରଣ କରାଯାଇଛି। ଏହି ରାସ୍ତା ପାର୍ଶ୍ୱର ପୋହଳ ଗ୍ରାମ ନିକଟରେ ଗ୍ରାମକୁ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ବସାଯାଇଛି। କିନ୍ତୁ ଏହି ଟ୍ରାନ୍ସଫର୍ମରଟି ଆରମ୍ଭରୁ ଖୋଲା ମେଲାରେ ରହିଛି। ଅତି ନିମ୍ନଭାଗରେ ବିଦ୍ୟୁତ ଟ୍ରାନ୍ସଫର୍ମର, ଏଲଟି ବକ୍ସ ଓ ଶକ୍ତିଶାଳୀ ତାର ଜୀବନ୍ତ ଅବସ୍ଥାରେ ଖୋଲା ପଡ଼ିଥିବା ବେଳେ କେଉଁ ସମୟରେ ଧନଜୀବନ ହାନୀ ଘଟିବା ସମ୍ଭାବନା ଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀମାନେ କମ୍ପାନୀର ଲାଭ ପାଇଁ ବ୍ୟସ୍ତ ଥିବା ବେଳେ ଲୋକଙ୍କ ସୁରକ୍ଷା ପ୍ରତି ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଆଗକୁ ବର୍ଷା ଋତୁ ଆସୁଥିବା ବେଳେ ଉକ୍ତ ଟ୍ରାନ୍ସଫର୍ମରର ଚତୁଃପାର୍ଶ୍ୱରେ ପାଚେରୀ ନିର୍ମାଣ କରିବା ସହିତ ରକ୍ଷଣାବେକ୍ଷଣ କରାଯିବା ପାଇଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ଦ୍ୱାରା ଦାବି କରାଯାଇଛି।



## ବାଲିଅନ୍ତା ବ୍ଲକରେ ବିକଶିତ କୃଷି ସଂକଳ୍ପ କାର୍ଯ୍ୟକ୍ରମ

**ବାଲିଅନ୍ତା, ୨।୬ (ସଂଚାର ବ୍ୟୁରୋ):** ଆଜି ବାଲିଅନ୍ତା ବ୍ଲକର ୨ଟି ପଞ୍ଚାୟତରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୃଷି ବୈଜ୍ଞାନିକ ଏବଂ ଚାଷୀଙ୍କ ମଧ୍ୟରେ ସିଧାସଳଖ ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରତାପଶାସନ ପଞ୍ଚାୟତର ମା' ଦୁଲ୍ଲାଦେବୀ ମନ୍ଦିର ପରିସର ଓ ସରକଣା ପଞ୍ଚାୟତ ସରକାରୀ କଲ୍ୟାଣମଣ୍ଡପରେ ଏନେଇ ସଭା ଅନୁଷ୍ଠିତ ହୋଇଥିଲା। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ୨ଟି ପଞ୍ଚାୟତରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏନେଇ ଆୟୋଜିତ ସଭାରେ ମଣ୍ଡଳ କୃଷି ଅଧିକାରୀ ସ୍ଥିତପ୍ରଜ୍ଞା ଖମାରୀ ସଭାପତିତ୍ୱ କରିଥିଲେ। ସିଫା କୃଷି ବୈଜ୍ଞାନିକ କେନ୍ଦ୍ରର ପ୍ରଧାନ ବୈଜ୍ଞାନିକ ଡ. ଗୌରୀଶଙ୍କର ସାହା ମୁଖ୍ୟ ଅତିଥି, ଫସଲ ବିଶେଷଜ୍ଞ ସୁରେନ୍ଦ୍ର ସିଂହ, ଆତ୍ମା ଅଧକ୍ଷ ଚୈତନ୍ୟ ପାତ୍ର, ଉଦ୍ୟାନ କୃଷି ବିଭାଗ ଅଧିକାରୀ ପଦ୍ମିନୀ ବଳ, ସହକାରୀ କୃଷି ଅଧିକାରୀ ଗୌତମ ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରକଣା ସରପଞ୍ଚ ବିଷ୍ଣୁପ୍ରିୟା ସାହୁଙ୍କ ସମେତ ଶତାଧିକ ଚାଷୀ କୃଷକ ସାଥୀ ଓ କୃଷି କର୍ମଚାରୀ ଉପସ୍ଥିତ ଥିଲେ।

## ମାଧବାନନ୍ଦ ମନ୍ଦିରରୁ ବିଳମ୍ବିତ ରାତ୍ରରେ ଚୋରି



**କାକଟପୁର/ଅସ୍ତରଙ୍ଗ, ୨।୬ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା କାକଟପୁର ଅଂଚଳରେ ମାତିଛନ୍ତି ଲୁଟେରା। ସିଧାସଳଖ ଟାର୍ଗେଟ କରୁଛନ୍ତି ବିଭିନ୍ନ ମନ୍ଦିର। ଲୁଟି ଚାଲିଛନ୍ତି ଗୋଟିଏ ପରେ ଗୋଟିଏ ମନ୍ଦିରର ଆସବାବ ପତ୍ର, ଟଙ୍କା ଓ ସୁନା। କିଛି ଦିନର ବ୍ୟବଧାନ ପରେ ପୁନର୍ବାର ରବିବାର ବିଳମ୍ବିତ ରାତ୍ରରେ ଲୁଟେରାମାନେ କାକଟପୁର ଥାନା ଅଧୀନ ମାଧବାନନ୍ଦ ମନ୍ଦିର ଫାଟକ ତାଲା ଭାଙ୍ଗି ଠାକୁରଙ୍କ ରୂପାଅଳଙ୍କାର ସହ ନିକଟରେ ଥିବା ଏକ ପୂଜା ସାମଗ୍ରୀ ଦୋକାନରୁ ଆସବାବପତ୍ର ଚୋରି କରିଛନ୍ତି। ଏ ନେଇ ମାଧବାନନ୍ଦ ମନ୍ଦିର ପୂଜକ କାକଟପୁର ଲିଖିତ ଅଭିଯୋଗ ଦେବା ପରେ ଘଟଣାସ୍ଥଳରେ ସାଇଣ୍ଟିଫିକ ଅଧିକାରୀ ଆଦିତ୍ୟ ରଞ୍ଜନ ନାୟକ ପହଂଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

## ସୋଆରେ ଆନ୍ତର୍ଜାତିକ ସମ୍ମିଳନୀ 'ଆପ୍‌ସିଟ୍-୨୦୨୫'




**ଭୁବନେଶ୍ୱର, ୨।୬ (ସଂଚାର ବ୍ୟୁରୋ) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ଇଲେକ୍ଟ୍ରିକାଲ୍, ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇଞ୍ଜିନିୟରିଂ (ଇଇଇ) ବିଭାଗ ଏବଂ ଆଇଇଇଇ, ଭୁବନେଶ୍ୱର ଓ କୋଲକାତା ଶାଖାର ମିଳିତ ସହଯୋଗରେ ମେ ୨୩ ରୁ ୨୫ ତିନି ଦିନ ଧରି ଶକ୍ତି, ସଙ୍କେତ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟାରେ ଉନ୍ନତି ସମ୍ପର୍କିତ ଆନ୍ତର୍ଜାତିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି।

ଏହି ପରିପ୍ରେକ୍ଷୀରେ ଜୟପୁର ସ୍ଥିତ ମାଳବୀୟ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲଜି (ଏମ୍‌ଏନ୍‌ଆଇଟି)ର ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଏନ୍. ପି. ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବର୍ତ୍ତମାନ ସମୟରେ ବିଦ୍ୟୁତର ଘୋର ଅଭାବ ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ଉନ୍ନତ ମାନର ବୈଷୟିକ କୌଶଳ ଓ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ଶକ୍ତି ସଂରକ୍ଷଣ ଦ୍ୱାରା କିପରି ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ରାଜ୍ୟ ଓ ଦେଶ ଆଗେଇ ପାରିବ ସେ ବିଷୟରେ ଆଲୋଚନା କରିଥିଲେ।

ଏହି ଅବସରରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ବର୍ତ୍ତମାନ ଶକ୍ତି କ୍ଷେତ୍ରରେ ବିଭିନ୍ନ ପରିବର୍ତ୍ତନ ଦେଖାଦେଉଛି। ପ୍ରାୟତଃ ସମସ୍ତେ ନିଜ ଘରମାନଙ୍କରେ ସୋଲାର ବ୍ୟାଟେରୀ ଠାରୁ ଆରମ୍ଭ କରି ସୋଲାର ସମ୍ପର୍କିତ ଯନ୍ତ୍ରପାତିକୁ ବ୍ୟବହାର କରୁଛନ୍ତି। ଏଥିରେ ଉନ୍ନତ ମାନର ଜ୍ଞାନ କୌଶଳ ମାଧ୍ୟମରେ କିପରି ଉନ୍ନତମାନର ଶକ୍ତି, ସଂକେତ ଓ ସୂଚନା ପ୍ରଯୁକ୍ତିବିଦ୍ୟାକୁ ଆଧାରିତ କରି ଏହାର ବିଭିନ୍ନ ଦିଗ ଉପରେ ସେ ଆଲୋଚନା କରିଥିଲେ। ସେହିପରି ଭୁବନେଶ୍ୱର ଆଇଇଇଇ ସେକ୍ସନର ପ୍ରଫେସର (ଡ) ଶୁଭ୍ରାଂଶୁ ସାମନ୍ତରାୟ, ଭାରତ ସରକାରଙ୍କର ପରମାଣୁ ଶକ୍ତି ବିଭାଗର ଏମ.କେ ବଡପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ। ଆଇଟିଇଆରର ଡିନ୍ ପ୍ରଫେସର (ଡକ୍ଟର) ପ୍ରବୀଣ କୁମାର ସାହୁ ଯୋଗ ଦେଇ ସମ୍ମିଳନୀ ବିଷୟରେ ବିଶେଷ ବିବରଣୀ ପ୍ରଦାନ କରିଥିଲେ।

## 'ମାତୃଭୂମି ଓ ମାତୃଭାଷାର ସଂସ୍କୃତିକୁ ଆଚରଣରେ ପ୍ରତିଫଳିତ କର'

### ମାଟ୍ରିକ ମେଧା ସମ୍ମାନ-୨୦୨୫



**କୋଣାର୍କ, ୨।୬ (ସଂଚାର ବ୍ୟୁରୋ):** ଉଚ୍ଚ ଶିକ୍ଷା ଲାଭକରି ଯଶସ୍ୱୀ ହୁଅ, ଜଣେ ସ୍ୱାଭିମାନୀ ଓଡ଼ିଆ ଭାବରେ ନିଜର ମାତୃଭୂମି ଓ ମାତୃଭାଷାର ସଂସ୍କୃତିକୁ ଆଚରଣରେ ପ୍ରତିଫଳିତ କର।" ଗତ ମାଟ୍ରିକ ପରୀକ୍ଷାରେ ୯୦ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଏହି ବାର୍ତ୍ତା କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ଦିଆଯାଇଛି। କୋଣାର୍କ ସାହିତ୍ୟ ସଂସଦ ଓ ବସନ୍ତମଞ୍ଜରୀ ପାଠାଗାର ପକ୍ଷରୁ କୋଣାର୍କସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ମାଟ୍ରିକ ମେଧା ସମ୍ମାନ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲିଗୁଆଳିର ପ୍ରିୟଙ୍କା ଦେବୀ ସ୍କୁଲ ଅଫ୍ ନର୍ସିଂ ଓ କୋଣାର୍କର ମହୋଦଧି ଏଜୁକେସନ ଏକାଡେମୀ ସହଯୋଗ କରିଥିଲେ। କୋଣାର୍କ ସାହିତ୍ୟ ସଂସଦର ଉପଦେଷ୍ଟା ଶିକ୍ଷାବିତ୍ ଗୋପୀନାଥ କରଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପୁରୀ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମେଧାବୀ ଛାତ୍ରଛାତ୍ରୀ ଓ ସେମାନଙ୍କ ପ୍ରଧାନଶିକ୍ଷକମାନଙ୍କୁ ପ୍ରଶଂସାପତ୍ର, ପଦକ ଓ ପାଠ୍ୟୋପକରଣ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର



**ନବରଙ୍ଗପୁର, ୨।୬ (ସଂଚାର ବ୍ୟୁରୋ):** ଆଜି ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତପନ କୁମାର ଖୁଣ୍ଟିଆ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦର ୱାନ,ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଏହି ଜନଶୁଣାଣି ଶିବିରରେ ମୋଟ ୩୬ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୧ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୫ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ଅଭିଯୋଗ ମୁଖ୍ୟତଃ ରାସନ୍ କାର୍ଡ, ଆବାସ ଗୃହ, ପାନୀୟ ଜଳ, ଆୟୁଷ୍ମାନ କାର୍ଡ, ବିଦ୍ୟୁତ୍ ଉପରେ ଥିଲା। ଜିଲ୍ଲାପାଳ ଅଭିଯୋଗ ଶୁଣାଣୀ ଶିବିରରେ ପୂର୍ବରୁ ଏ ପର୍ଯ୍ୟନ୍ତ ବକେୟା ସମସ୍ୟାର ସମାଧାନ କରି ନ ଥିବା ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ତାଗିଦ କରିଥିଲେ ଏବଂ ଶୀଘ୍ର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଅଭିଯୋଗ ଶୁଣାଣି ପରେ ଜିଲ୍ଲାରେ ଆସନ୍ତା ଜୁନ ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବିକାଶ ମେଳାରେ ବିଭାଗୀୟ ପ୍ରଦର୍ଶନୀ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ କହିଥିଲେ।

## ସମ ହସ୍ପିଟାଲରେ ବିଶ୍ୱ ତମାଖୁମୁକ୍ତ ଦିବସ ପାଳିତ




**ଭୁବନେଶ୍ୱର, ୨।୬ (ସଂଚାର ବ୍ୟୁରୋ) :** ଶିକ୍ଷା ଓ ଅନୁସନ୍ଧାନ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ମାନସିକ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶ୍ୱ ତମାଖୁ ମୁକ୍ତ ଦିବସ ଉପଲକ୍ଷେ ଶୁକ୍ରବାର ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ଏହି ଅବସରରେ ମୁଖ୍ୟ ଅତିଥି ଭାବେ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟେ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଯୋଗଦେଇ ତମାଖୁ ଭଳି ନିଶାର ବିଜ୍ଞାପନ ଓ ତା'ର ସମାଜ ଉପରେ ପଡୁଥିବା ପ୍ରଭାବ ଉପରେ ଆଲୋଚନା କରିଥିଲେ। ବଜାରରେ ଉପଲବ୍ଧ ହେଉଥିବା ତମାଖୁର ସୁନ୍ଦର ପ୍ୟାକେଟ୍ ପ୍ରତି ଆକୃଷ୍ଟ ହୋଇ ଯୁବପୀଢ଼ି ତମାଖୁ ସେବନ କରିବାରେ ଅଭ୍ୟସ୍ତ ହେଉଛନ୍ତି। ଏଥିରୁ ସମାଜ ମୁକ୍ତ ରହିବା ନିମନ୍ତେ ପ୍ରଫେସର ସାମନ୍ତସିଂହାର ଆହ୍ୱାନ ଦେଇଥିଲେ। ଏହି ଦିବସ ଉପଲକ୍ଷେ ଏକ ବାର୍ତ୍ତାରେ ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର କହିଥିଲେ ଧୂମ୍ରପାନ କରୁଥିବା ବ୍ୟକ୍ତି ତାଙ୍କ ନିକଟରେ ଥିବା ଅନ୍ୟମାନଙ୍କୁ ମଧ କ୍ଷତି ପହଞ୍ଚାଇଥାନ୍ତି। ଏଥିରେ ଶିଶୁ ଓ ବୟସ୍କ ବ୍ୟକ୍ତିମାନେ ଆକ୍ରାନ୍ତ ହୁଅନ୍ତି। ନିଃଶବ୍ଦରେ ଅନେକଙ୍କର କ୍ଷତି ଘଟେ। ଏହା ମାନବୀୟ ମୂଲ୍ୟବୋଧର ମୌଳିକ ନିୟମର ଅବମାନନା ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ଡାକ୍ତର ତିତାସ୍ ଚୌଧୁରୀ ଗୁଟ୍‌ଖା, ଖଇନି ଓ ସିଗାରେଟର ବିଜ୍ଞାପନ କିପରି ଯୁବବର୍ଗଙ୍କୁ ଆକର୍ଷିତ କରିବାରେ ସଫଳ ହେଉଛି ସେ ବିଷୟରେ ଆଲୋକପାତ କରିଥିଲେ। ସେହିପରି ଡାକ୍ତର ଜିତେନ୍ଦ୍ରୀୟ ବିଶ୍ୱାଳ ଓ ଡାକ୍ତର ସୌମ୍ୟ ରଞ୍ଜନ ଦାଶ ଓ ଡାକ୍ତର ଅମୀୟ କୃଷ୍ଣ ସାହୁ ତମାଖୁ ଜନିତ ବିଜ୍ଞାପନ ଓ ଯୁବବର୍ଗଙ୍କ ମାନସିକତା ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପିଜି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ବିଭିନ୍ନ ବକ୍ତୃତା ଓ କବିତା ମାଧ୍ୟମରେ ସଚେତନତା ମୂଳକ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡାକ୍ତର ରାକେଶ ମହାନ୍ତି, ଡାକ୍ତର ଲଗ୍ନଜୀତ ଦାଶ, ଡାକ୍ତର ହିରଣ୍ମୟ ମହାପାତ୍ର, ଡାକ୍ତର ରୁପେଶ ସେନାପତି, ଡାକ୍ତର ସ୍ନେହାଂଶୁ ଦେ ପ୍ରମୁଖ ଉପସ୍ଥିତ ଥିଲେ।




## ଉମରକୋଟରେ ସନ୍ତରଣ ପ୍ରଶିକ୍ଷଣ ଶିବିର

**ନବରଙ୍ଗପୁର/ଉମରକୋଟ, ୨।୬ (ସଂଚାର ବ୍ୟୁରୋ) :** ଆଜି ନବରଙ୍ଗପୁର ଜିଲ୍ଲାର ଉମରକୋଟ ସ୍ଥିତ ଏ.ଜୀ.ଆର. ପ୍ରତିରକ୍ଷା ଏବଂ ଶାରୀରିକ ଏକାଡେମୀ ଠାରେ ଓଡ଼ିଶା ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଜିଲ୍ଲା ପ୍ରଶାସନ ନବରଙ୍ଗପୁର ପକ୍ଷରୁ ଯୁବପିଢ଼ି ମାନଙ୍କ ପାଇଁ ସନ୍ତରଣ ଏବଂ ପାଣିରେ ବୁଡି ବଞ୍ଚିବାର ମୌଳିକ କୌଶଳ ସମ୍ବନ୍ଧୀୟ ଏକ ସନ୍ତରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ଚନ୍ଦ୍ର ବର୍ମନଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। ପାଣିରେ ବୁଡ଼ି କୌଣସି ପ୍ରାଣହାନୀ ଜନିତ ଦୁର୍ଘଟଣାକୁ ଏଡାଇବା ନିମନ୍ତେ ରାଜ୍ୟ ସରକାରଙ୍କର ଏହି ଅଭିନବ ପ୍ରୟାସ ନିଶ୍ଚିତ ଭାବରେ ଯୁବପିଢ଼ି ମାନଙ୍କ ଉପରେ ପ୍ରଭାବ ପକାଇବ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ।

ଏହି ପ୍ରଶିକ୍ଷଣ ଶିବିରରେ ପ୍ରଥମ ପର୍ଯ୍ୟାୟରେ ୨ରୁ ୭ ତାରିଖ ପର୍ଯ୍ୟନ୍ତ ତିରିଶ ଜଣିଆ ଅଂଶଗ୍ରହଣକାରୀଙ୍କୁ ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବା ସହିତ ଏହିଭଳି ୧୦ଟି ଦଳ ହିସାବରେ ମୋଟ ୩୦୦ ଅଂଶଗ୍ରହଣକାରୀଙ୍କୁ ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ।

# ମୋଦି ଜଣେ ବିରଳ ରାଜନେତା: ରାଜାରାମ




ଭୁବନେଶ୍ୱର,୨।୬(ସଂଚାର ବ୍ୟୁରୋ): ଓଡ଼ିଶା ରାଜନୀତି ପରିପ୍ରେକ୍ଷୀରେ ନିର୍ବାଚନ, ଅନ୍ୟ ରାଜ୍ୟର ରାଜନୀତି ଓ ପ୍ରଧାନମନ୍ତ୍ରୀନରେନ୍ଦ୍ର ମୋଦିଙ୍କର ରଣକୌଶଳ ଉପରେ ଆଧାରିତ ପୁସ୍ତକ 'ମୋଦିତନ୍ତ୍ର' ଉନ୍ମୋଚିତ ହୋଇଛି। ପ୍ରମୁଖ ପ୍ରକାଶନ ସଂସ୍ଥା 'ପେନ୍ ଇନ୍ ବୁକ୍ସ' ପ୍ରକାଶିତ ଏହି ପୁସ୍ତକର ରଚନା ବରିଷ୍ଠ ସାମ୍ବାଦିକ ସୁଧାଂଶୁ ପାତ୍ର କରିଥିବା ବେଳେ ସ୍ଥାନୀୟ ଜୟଦେବ ଭବନରେ ଗତକାଲି ସନ୍ଧ୍ୟାରେ ଅନୁଷ୍ଠିତ ଉନ୍ମୋଚନ ଉତ୍ସବରେ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ ପୁସ୍ତକର ନାମକରଣ ଯଥାର୍ଥ ବୋଲି କହିଥିଲେ। ତାନ୍ତ୍ରିକ ଯେଭଳି ତନ୍ତ୍ର ବଳରେ ନିଜର ସ୍ୱାର୍ଥ ହାସଲ କରେ, ମୋଦି ସେହିଭଳି ନିଜର ରାଜନୈତିକ ତନ୍ତ୍ର ସାଧନା କରୁଛନ୍ତି ଏବଂ ଦେଶ ପାଇଁ ବିପତ୍ତି ଆଣିଛନ୍ତି ବୋଲି ସେ ମତ ରଖିଥିଲେ। ଗୋଟିଏ ପଟେ ଦେଶ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି ବୋଲି ଘୋଷଣା କରାଯାଉଥିବା ବେଳେ ଦେଶରେ ରୋଜଗାର ଓ ବ୍ୟୟ କ୍ଷମତା ହ୍ରାସ ପାଇଛି, ଋଣ ଭାର ବଢ଼ିଛି। ରପ୍ତାନୀ ତୁଳନାରେ ଆମଦାନୀ ବଢ଼ିଛି। ବିଫଳତାକୁ ଲୁଚେଇବା ବା ବିଫଳତାର ଅଠା କଂଗ୍ରେସ ମୁଣ୍ଡରେ ବୋଳିବା ମୋଦିତନ୍ତ୍ରର ଅନ୍ୟତମ ମନ୍ତ୍ର ବୋଲି କହିଥିଲେ ଶ୍ରୀ କାନୁନ୍‌ଗୋ। ଓଡ଼ିଶାରେ ମୋଦିତନ୍ତ୍ରର ମୂଳଦୁଆ ୨୦୨୪ରେ ଚଣ୍ଡିଖୋଲରେ ବିଜୁ ଜୟନ୍ତୀ ଉତ୍ସବରେ ପଡ଼ିଥିଲା ବୋଲି ଶ୍ରୀ କାନୁନ୍‌ଗୋ କହିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦେଇ ବରିଷ୍ଠ ବିଜେପି ନେତା ପ୍ରସନ୍ନ କୁମାର ପାଟଶାଣୀ କହିଥିଲେ ଯେ ମୋଦିଙ୍କ ରାଜନୀତି ଦେଶ ପାଇଁ ଆଶୀର୍ବାଦ। ଓଡ଼ିଶାରେ ମୋଦିଙ୍କ ବିକାଶକୁ ସ୍ୱୀକୃତି ମିଳିଛି। ଅନ୍ୟପଟେ ନବୀନତନ୍ତ୍ର ଓଡ଼ିଶାକୁ ଧୋକା ଦେଇଛି ବୋଲି କହିବା ସହ ବିଜେଡି ସହ ନିଜର ସମ୍ପର୍କ ଛିନ୍ନ କରିବାର କାହାଣୀ ବଖାଣିଥିଲେ ଶ୍ରୀ ପାଟଶାଣୀ। ନବୀନ ତାଙ୍କୁ ଲେଖକ ହିସାବରେ ଭଲ ପାଆନ୍ତି ବୋଲି କହିଥିଲେ ପାଟଶାଣୀ। ତେବେ ପାଣ୍ଡିଆନଙ୍କ ନାମ ନେଇ ଶ୍ରୀ ପାଟଶାଣୀ ବିଜେଡିର ଆଭ୍ୟନ୍ତରୀଣ ବ୍ୟବସ୍ଥାକୁ ସମାଲୋଚନା କରିଥିଲେ। ବିଜେଡି ପ୍ରତିଷ୍ଠା ବେଳେ ପାଣ୍ଡିଆନ କେଉଁଠି ଥିଲେ ବୋଲି ସେ ପ୍ରଶ୍ନ କରିଥିଲେ।

ଅନ୍ୟତମ ଅତିଥି ଭାବେ ଯୋଗଦେଇ ଆପ୍‌ର ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ମୋଦିଙ୍କ ଶାସନ ବ୍ୟବସ୍ଥାକୁ କଡ଼ା ସମାଲୋଚନା କରିଥିଲେ। ପୂର୍ବ ସରକାରମାନଙ୍କରେ ପ୍ରତିବାଦର ସ୍ୱରକୁ ଚପାଯିବାର ଉଦାହରଣ ଥିଲା, ହେଲେ ମୋଦିଙ୍କ ସରକାରରେ ପ୍ରତିବାଦ କରାଯିବାର ବ୍ୟବସ୍ଥା ହିଁ ନାହିଁ ବୋଲି ସେ କହିଥିଲେ। ଗଣତନ୍ତ୍ରର ହତ୍ୟା କରିବା ହିଁ ମୋଦୀତନ୍ତ୍ର ବୋଲି ସେ କହିଥିଲେ। ମିଶନ୍ ଶକ୍ତି ମହିଳାଙ୍କୁ ସଭାକୁ ଡାକି ବାଧ୍ୟତାମୂଳକ ଭାବେ ପଞ୍ଜୀକରଣ କଲାବେଳେ ରୋଜଗାର ଏକ ଲକ୍ଷରୁ ଅଧିକ ଦର୍ଶାଇବା ପାଇଁ ପ୍ରରୋଚିତ କରି ରାଜ୍ୟରେ ୧୬ ଲକ୍ଷ ଲକ୍ଷପତି ଦିଦି ଭଳି ମିଛ ପ୍ରଚାର କରାଯାଉଛି ବୋଲି ଶ୍ରୀ ମହାପାତ୍ର କହିଥିଲେ। ତେବେ ଅତିଥି ଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଜଣେ ବିରଳ ରାଷ୍ଟ୍ରନାୟକ ଭାବେ ଅଭିହିତ କରିଥିଲେ। ମୋଦି ସମାଲୋଚନାକୁ ଆହ୍ୱାନ ଭାବେ ଗ୍ରହଣ କରନ୍ତି ଏବଂ ବିପତ୍ତିକୁ ସୁଯୋଗରେ ପରିଣତ କରିବାର କଳା ଭଲ ଭାବେ ଜାଣନ୍ତି। ଯେଉଁ ଚା' ପାଇଁ କଂଗ୍ରେସ ତାଙ୍କୁ ସମାଲୋଚନା କରୁଥିଲା, ସେଇ ଚା'କୁ ପାଥେୟ କରି ସେ ନିର୍ବାଚନ ଲଢ଼ିଲେ, ଅନ୍ତର୍ଜାତୀୟ ଚା' ଦିବସ ପାଳନ କଲେ ବୋଲି ଶ୍ରୀ ଶତପଥୀ କହିଥିଲେ। ଲେଖକୀୟ ଅଭିଭାଷଣରେ ଶ୍ରୀ ପାତ୍ର କହିଲେ ଯେ ସତ୍ୟ କହିବା ଏବଂ ବର୍ତ୍ତମାନକୁ ଦେଖି ଭବିଷ୍ୟତ ବାବଦରେ ଲୋକଙ୍କୁ ସଚେତନ କରିବା ଜଣେ ସାମ୍ବାଦିକର କର୍ତ୍ତବ୍ୟ, ଯାହା ସେ ଗଣମାଧ୍ୟମରେ ଏବଂ ନିଜ ବହିରେ କରିଛନ୍ତି।

### ରଥଯାତ୍ରା ପାଇଁ ପୁଲିସ୍‌ର ମାଷ୍ଟର ପ୍ଲାନ୍

# ବରିଷ୍ଠ ଅଧିକାରୀମାନଙ୍କୁ ସକ୍ରିୟ ରହିବାକୁ ନିର୍ଦ୍ଦେଶ




କଟକ, ୨।୬ (ସଂଚାର ବ୍ୟୁରୋ): ଆସନ୍ତା ୨୭ ତାରିଖରେ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଅନୁଷ୍ଠିତ ହେବାକୁ ଥିବା ବେଳେ ଏହାର ଶୃଙ୍ଖଳିତ ସୁପରିଚାଳନା ନିମନ୍ତେ ଆଜି ଅପରାହ୍ନରେ ସ୍ଥାନୀୟ ରାଜ୍ୟ ପୁଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସକ୍ରିୟ ତଥା ସଜାଗ ରହିବାକୁ ସମସ୍ତ ବରିଷ୍ଠ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିର ପରମ୍ପରା ଅନୁଯାୟୀ, ଶ୍ରୀଜୀଉଙ୍କ ରୀତିନୀତି ମଧ୍ୟରେ ଆସନ୍ତା ୧୧ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା, ୨୬ରେ ନବଯୌବନ ଦର୍ଶନ ଓ ୨୭ ତାରିଖରେ ରଥଯାତ୍ରା ଅନୁଷ୍ଠିତ ହେବାକୁ ଥିବା ବେଳେ ଜୁଲାଇ ୧ରେ ହେରା ପଞ୍ଚମୀ, ଜୁଲାଇ ୪ରେ ସନ୍ଧ୍ୟା ଦର୍ଶନ, ଜୁଲାଇ ୫ରେ ବାହୁଡ଼ା ଯାତ୍ରା, ଜୁଲାଇ ୬ରେ ସୁନାବେଶ, ଜୁଲାଇ ୭ରେ ଅଧରପଣା ଓ ଜୁଲାଇ ୮ରେ ନୀଳାଦ୍ରିବିଜେ ଅନୁଷ୍ଠିତ ହେବ। ଏହାକୁ ଉପଯୋଗ କରିବା ସକାଶେ ଦେଶବିଦେଶରୁ ଲକ୍ଷାଧିକ ଭକ୍ତ ପୁରୀ ଆସିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ସୁରକ୍ଷା ବନ୍ଦୋବସ୍ତ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ରଥଯାତ୍ରା ନିମନ୍ତେ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରିବା ସହ ବରିଷ୍ଠ ପୁଲିସ ଅଧିକାରୀମାନେ ସ୍ୱତନ୍ତ୍ର କାର୍ଯ୍ୟରେ ନିୟୋଜିତ ହେବେ। ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସିସିଟିଭି ସ୍ଥାପନ, ଟ୍ରାଫିକ ସୁପରିଚାଳନା ନିମନ୍ତେ ରୋଡ ଡିଭାଇଡର, ଡିଲିନେଟର ଓ ଟ୍ରାଫିକ ଜୋନ ବ୍ୟବସ୍ଥା, ସହରର ବିଭିନ୍ନ ସ୍ଥାନରେ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା, ଶୃଙ୍ଖଳିତ ଟ୍ରାଫିକ ବ୍ୟବସ୍ଥାର ପରିଚାଳନା ଆଦି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ସମୁଦ୍ର କୂଳରେ ପୁଲିସ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି ଓ ଅସ୍ଥାୟୀ ପୁଲିସ ଆଉଟପୋଷ୍ଟ ଖୋଲାଯିବା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ଏହାଛଡ଼ା ରେଳବାଇ ପୁଲିସ ପକ୍ଷରୁ ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା, ଜଟଣୀ ଆଦି ରେଳ ଷ୍ଟେସନରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ନେଇ ମଧ୍ୟ ଆଲୋଚନା ହୋଇଛି।

## ନନ୍ଦନକାନନରେ ଧଳାବାଘ ଛୁଆର ମୃତ୍ୟୁ



ଭୁବନେଶ୍ୱର, ୨।୬ (ସଂଚାର ବ୍ୟୁରୋ) : ନନ୍ଦନକାନନ ପ୍ରାଣୀଉଦ୍ୟାନରେ ଧଳା ବାଘ ଛୁଆର ମୃତ୍ୟୁ । ମୃତ ବାଘ ଛୁଆ ଶରୀରରେ ମାଂସରୁ ପଙ୍ଗୁ ହେବାର ଲକ୍ଷଣ ଦେଖାଯାଇଥିଲା। ଫଳରେ ଡାଇଗ୍ନୋଷ୍ଟିକ୍ ଇମେଜିଂ, ଔଷଧ ଓ ପୁଷ୍ଟିକର ଖାଦ୍ୟ ସମେତ ନିୟମିତ ଚିକିତ୍ସା ଯତ୍ନ ନିଆଯାଉଥିଲା। ଗତବର୍ଷ ନଭେମ୍ବର ୨ରେ ରୁପାର ୩ ଗର୍ଭରୁ ୪ଟି ଶାବକ ଜନ୍ମ କରିଥିଲା । ଗତ ଶନିବାର ରାତିରେ ବାଘ ଛୁଆର ମୃତ୍ୟୁ ଘଟିଛି। ପୋଷ୍ଟମର୍ଟମ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ନନ୍ଦନକାନନ ଉପ ନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି। ମୃତ୍ୟୁ ପରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବାଘ ସଂଖ୍ୟା ୨୭କୁ ହ୍ରାସ ପାଇଛି । ଯେଉଁଥିରେ ୧୮ଟି ସାଧାରଣ ରଙ୍ଗର ବାଘ, ୫ଟି ଧଳା ବାଘ ଓ ୪ଟି ମେଲାନିଷ୍ଟିକ୍ ବାଘ ରହିଛନ୍ତି। ରୁପାର ଅନ୍ୟ ଛୁଆମାନଙ୍କରେ ମଧ୍ୟ ସମାନ ଲକ୍ଷଣ ଦେଖାଯାଉଛି। ରୋଗ ବିରୋଧରେ ସ୍କ୍ରିନିଂ ଓ ଚିକିତ୍ସା ଜାରି ରହିଥିବା ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

### ବରଗଡରେ 'ଭିନ୍ନ ଏକ ଜୀବନ' କାର୍ଯ୍ୟକ୍ରମ

# କର୍କଟକୁ ହରାଇଥିବା ବିଜେତା ସମ୍ମାନିତ



ବରଗଡ, ୨।୬(ସଂଚାର ବ୍ୟୁରୋ): ଆଜି ଜାତୀୟ କର୍କଟ ବିଜେତା ଦିବସ ଅବସରରେ ବରଗଡ ଜିଲ୍ଲାରେ ଏକ ସକାରାତ୍ମକ ଓ ପ୍ରେରଣାଦାୟୀ ପଦକ୍ଷେପ ଗ୍ରହଣ କରାଯାଇଛି। ଯାହା ଥିଲା 'ଭିନ୍ନ ଏକ ଜୀବନ' କାର୍ଯ୍ୟକ୍ରମ। ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନମାନେ ମିଶି ଏହି ଦିନଟିକୁ ଏମିତି ଏକ ଉତ୍ସବ ଭାବରେ ପାଳିଲେ, ଯାହା କ୍ୟାନସର ସର୍ଭାଇଭର୍ସ ଓ ତାଙ୍କ ପରିବାର ପାଇଁ ଆଶା, ଭଲପାଇବା ଓ ମନୋବଳ ର ସନ୍ଦେଶ ନେଇ ଆସିଛି।

ଏହି କାର୍ଯ୍ୟକ୍ରମର ବିଶେଷତା ହେଉଛି ଅନେକ ସଂଗଠନ ଓ ସମାଜସେବୀମାନେ ଏକତ୍ରିତ ହୋଇ ବହୁ କର୍କଟ ବିଜେତାଙ୍କ ଘରେ ପହଞ୍ଚି ସେମାନଙ୍କୁ ଓ ତାଙ୍କର ପରିବାରକୁ ଏହି ବିଜୟ ଦିବସ ଅବସରରେ ସମ୍ମାନିତ କରିବା ସହିତ ମିଷ୍ଟାନ୍ନ ଦେଇଥିଲେ। ଏଥିପାଇଁ ପରିବାର ଲୋକଙ୍କ ମନୋବଳ ବଢ଼ିଥିବା ସହିତ ଏକ ନୂଆ ଆଶା ଜନ୍ମ ନେଇଛି। ଏହି ଅଭିଯାନ ରେ ଭୁବନେଶ୍ୱର ରେ ରହୁଥିବା ବରଗଡ ଅଧିବାସୀ ମାନଙ୍କ ଦ୍ୱାରା ଗଠିତ ବରଗଡିଆ@ ଭୁବନେଶ୍ୱର, ବରଗଡ ଫାଇଟର୍ସ ଗ୍ରୁପ, ନିଷ୍ଠା ପରିବାର, ସଂକଳ୍ପ ପରିବାର, ସଂଘମିତ୍ରା ଗ୍ରୁପ, ଜିଲ୍ଲା ସମାଜସେବୀ ସଂଗଠନ, ପରିବର୍ତ୍ତନ ଟ୍ରଷ୍ଟ, ସୋହେଲାର ଜୀବନ ଜ୍ୟୋତି ଅନୁଷ୍ଠାନ ମିଳିତ ଭାବେ ଆଜି ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏଥିରେ ବିଭିନ୍ନ ବ୍ଲକର ଅନେକ ସଂସ୍ଥା ତଥା ବ୍ୟକ୍ତି ବିଶେଷ ସାମିଲ ହୋଇ ଥିଲେ। ଏହା ଦ୍ୱାରା ଏକ ମଜଭୁତ ମାନବୀୟ ଶୃଂଖଳା ଗଠିତ ହୋଇଛି ଯେଉଁଥିରେ କର୍କଟ ପୀଡିତମାନେ ଏକା ନୁହଁନ୍ତି - ସମାଜ ସେମାନଙ୍କ ପାଖରେ ଅଛି ବାର୍ତ୍ତା ପହଞ୍ଚି ପାରିଛି। ସମ୍ବଲପୁରରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞଙ୍କ ଦ୍ୱାରା ଆୟୋଜିତ 'କନସେପ୍ସନ ୨୦୨୫' ରେ ଆଜି ଜାତୀୟ କର୍କଟ ବିଜେତା ଦିବସ ଉପଲକ୍ଷେ ବରଗଡ ଫାଇଟର୍ସ ଗ୍ରୁପର ସଦସ୍ୟ ପୁଷ୍ପାଞ୍ଜଳି ବେହେରା, କୁଶଦେବ ସାହୁ ଓ ଶିଶୁ ସର୍ଭାଇଭର୍ କ୍ଷେତ୍ର ମଣି ମେଣ୍ଡାଲିଙ୍କୁ 'ବିଶେଷ ବିଜେତା' ଭାବରେ ସମ୍ମାନିତ କରାଯାଇଥିଲା। ଏହା ଅନେକଙ୍କ ପାଇଁ ପ୍ରେରଣା ଦେଇଛି। ସେହିପରି ବରଗଡ ସହର ସରକାରୀ ହସ୍ପିଟାଲକୁ ବିଭିନ୍ନ ରୋଗରେ ପୀଡିତ ହୋଇ ଆସୁଥିବା ରୋଗୀ ମାନଙ୍କ ସହାୟକଙ୍କୁ ଦୁଇବର୍ଷ ହେଲା ପ୍ରତ୍ୟେକ ରବିବାର ଦିନ ମାଗଣା ଖାଦ୍ୟ ଦେଇ ଆସୁଥିବା ଜିଲ୍ଲା ସମାଜସେବୀ ସଂଗଠନ ଆଜି ଫାଇଟର୍ସ ଗ୍ରୁପକୁ ସମ୍ମାନିତ କରିଛନ୍ତି।

ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜଣେ ମଣିଷ କର୍କଟରେ ପୀଡିତ ହେଲାପରେ ସେ ଓ ତା ପରିବାର ସଂପୂର୍ଣ୍ଣ ରୂପେ ଭାଙ୍ଗି ପଡିଥାନ୍ତି। କିଛି ଦିନ ବା ମାସ ତାଙ୍କର ସଂପର୍କୀୟ ମାନେ ତାଙ୍କ ସହିତ ରହିବା ପରେ ଧିରେ ଧିରେ ନିଜର ବ୍ୟକ୍ତିଗତ କାରଣରୁ ତାଙ୍କଠୁ ଦୂରେଇ ଯାଇଥାନ୍ତି। ସେତେବେଳେ ତାଙ୍କ ମନୋବଳ ବୃଦ୍ଧି କରିବା ନିହାତି ଜରୁରୀ ହୋଇପଡେ। ତେଣୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସାମାଜିକ ସଂଗଠନ ମାନେ କର୍କଟ ପୀଡିତ ଓ ତାଙ୍କ ପରିବାରକୁ ସୂଚାଇ ଦେବାକୁ ଚାହିଁଛନ୍ତି ଯେ, ସେମାନଙ୍କ ଏଭଳି ସମୟରେ ସେମାନେ ତାଙ୍କ ସହିତ ରହିଛନ୍ତି। ଏହି ଅଭିଯାନର ବାର୍ତ୍ତା ହେଉଛି କ୍ୟାନ୍ସର ହେଲେ ଜୀବନ ଶେଷ ନୁହଁ। ଏହା ଆଉ ଏକ ନୂଆ ଆରମ୍ଭ। ଏହି କାର୍ଯ୍ୟକ୍ରମ କେବଳ ବରଗଡ ଓ ସମ୍ପୂର୍ଣ୍ଣ ଓଡ଼ିଶାର କ୍ୟାନ୍ସର ପରିବାର ପାଇଁ ଏକ ଆଶାର ନୂଆ ଆଲୋକ ଦେଖାଇ ପାରିଛି।

## ଠେଙ୍ଗାରେ ପିଟି ସ୍ତ୍ରୀ ଜୀବନ ନେଲା ସ୍ୱାମୀ

ରାୟଗଡ଼ା, ୨।୬ (ସଂଚାର ବ୍ୟୁରୋ) : ପାରିବାରିକ କଳହର କରୁଣ ପରିଣିତି। ସୈତାନ୍ ସ୍ୱାମୀର ଜଘନ୍ୟ କାଣ୍ଡ ରାକ୍ଷସ ସାଜିଲା ସ୍ୱାମୀ । ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ସାମାନ୍ୟ କଳହକୁ ନେଇ ସ୍ତ୍ରୀକୁ ଠେଙ୍ଗାରେ ପିଟି ନିର୍ମମ ଭାବେ ହତ୍ୟା କରିବା ପରେ ଫେରାର ହେଉଥିବା ବେଳେ ଅଧା ବାଟରେ ମାଡ଼ି ବସିଲା ପୋଲିସ। ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ଅନ୍ତର୍ଗତ ରଘୁବାରୀ ପଞ୍ଚାୟତ ମାତାବାରୁ ଗାଁରେ ଘଟିଛି ଏଭଳି ହତ୍ୟା କାଣ୍ଡ । ରଘୁବାରି ପଞ୍ଚାୟତ ବିଲାଙ୍ଗଦୁନି ଗାଁର ତୁତୁ ମାଝୀଙ୍କ ଝିଅ ସବିତା ମାଝୀ ଉକ୍ତ ପଞ୍ଚାୟତର ମାତାୱାରୁ ଗାଁର ଚିତ୍ର ମାଝୀଙ୍କୁ ବିବାହ କରିଥିଲେ । ଗତ ରବିବାର ଦିନ ସନ୍ଧ୍ୟା ପ୍ରାୟ ୬ ଟା ବେଳେ ସ୍ୱାମୀସ୍ତ୍ରୀ ଦୁଇଜଣ ମଦ ପିଇଥିଲେ ପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିବା ବେଳେ ସ୍ତ୍ରୀ ସବିତା ସ୍ୱାମୀ ଚିତ୍ରକୁ ହାତ ଉଠାଇ ଥିଲେ । ପରେ ସ୍ୱାମୀ ଚିତ୍ର ପାଲଟି ଯାଇଥିଲା ନର ରାକ୍ଷସ । ସ୍ତ୍ରୀ ସବିତାକୁ ଧକା ମାରି ତଳେ ପକାଇ ଏକ ଠେଙ୍ଗା ସାହାର୍ଯ୍ୟରେ ସବିତାଙ୍କ ମୁଣ୍ଡରେ ଆଘାତ କରିଥିଲେ ଫଳରେ ଘଟଣା ସ୍ଥଳରେ ସବିତାଙ୍କ ମୃତ୍ୟୁ ହୋଇ ଥିବା ପୋଲିସ ପ୍ରକାଶ କରିଛି । ଘଟଣା ବିଷୟରେ ଖବର ପାଇ ବିଷମ କଟକ ଏସଡିପିଓ ସନ୍ତୋଷିନୀ ଓରାମଙ୍କ ସମେତ ଅମ୍ବାଦଳା ଆଇଆଇସି ସହ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି । ସେପଟେ ଅଭିଯୁକ୍ତ ଚିତ୍ର ମାଝୀଙ୍କୁ ଗିରଫ କରିବା ସହ ଅଧିକ ପଚରା ଉଚରା କରୁଛି ପୋଲିସ । ପ୍ରକାଶ ଥାଉକି ଅଭିଯୁକ୍ତ ଚିତ୍ର ସ୍ତ୍ରୀକୁ ହତ୍ୟା କରିବା ପରେ ଅନ୍ୟ ରାଜ୍ୟକୁ ଫେରାର ହେବାକୁ ଯାଉଥିବା ବେଳେ ଆଧା ବାଟରୁ ପୋଲିସ ଗିରଫ କରିଥିବା ଜଣାପଡ଼ିଛି । ତେବେ ଅମ୍ବାଦଳା ଥାନାରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ସବିତାଙ୍କ ଶବକୁ ବ୍ୟବଚ୍ଛେଦ ନିମନ୍ତେ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିବା ଜଣାପଡିଛି ।

## ୧୩୧୮ କେଜି ଗଞ୍ଜେଇ ଜବତ , ୬ ଗିରଫ




ଜୟପୁର, ୨।୬ (ସଂଚାର ବ୍ୟୁରୋ) : ହରିୟାନା ଚାଲାଣ ବେଳେ ଧରାପଡିଲା ଗଞ୍ଜେଇ । ୧ ଟନରୁ ଉର୍ଦ୍ଧ ଗଞ୍ଜେଇ ଜବତ ସହ ଘଟଣାରେ ୬ ଜଣଙ୍କୁ ଗିରଫ କରିଛି ପୋଲିସ । ସହରର ପ୍ରବେଶ ପଥରୁ ଟ୍ରକ ଉଠାଇ ନେଇଥିବା ବେଳେ ଆନୁମାନିକ ମୁଲ୍ୟ ଲକ୍ଷାଧିକ ଟଙ୍କା ବୋଲି ଜଣାପଡିଛି । ଜୟପୁର ଟାଉନ ପୁଲିସ ପକ୍ଷରୁ ୧୩୧୮ କେଜି ଗଞ୍ଜେଇ ଜବତ କରିବା ସହ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତ ମାନେ ହେଲେ ବ୍ରାହ୍ମଣୀଗାଁର ଦୁର୍ଗା ବାହାଦୁର କୁସୁମଗୁଡା ଅଞ୍ଚଳର ମିନା ବାରିକ। ଟାଉନ ପୋଲିସ ପେଟ୍ରୋଲିଂ ବେଳେ ଏକ ଗାଡିକୁ ସନ୍ଦେହ କରି ଅଟକାଇଥିଲେ । ଡ୍ରାଇଭର ଗାଡି ନରଖି ଦୃତ ଗତିରେ ଆଗକୁ ଚାଲିଯାଇଥିଲା। ଆଗରୁ କରିଥିବା ଯୋଜନା ମୁତାବକ ଗାଡିଟି ହୋଣ୍ଡାଇ ସୋରୁମ ପଛ ପଟେ ଥିବା ଏକ କବାଡି ଦୋକାନ ନିକଟକୁ ଯାଇ ସେଠାରେ ଅନ୍ୟ ଏକ ଗାଡିକୁ ଓହ୍ଲାଉଥିବା ସମୟରେ ପୁଲିସ ପହଁଚି ଦୁଇଟି ଗାଡିକୁ ଜବତ କରିଛି । ଘଟଣାରେ ସମ୍ପୃକ୍ତ ୬ଜଣଙ୍କ ନାରେ ପୂର୍ବରୁ ଅନେକ ଅପରାଧିକ ମାମଲା ଥିବା ବେଳେ ଅଧିକ ତଦନ୍ତ ଜାରି ରହିଥିବା କହିଛନ୍ତି ଜୟପୁର ଏସଡିପିଓ ପାର୍ଥ କଶ୍ୟପ ।

## ଫାର୍ମାସିଷ୍ଟଙ୍କ ଦାଦାଗିରି

# ରୋଗୀଙ୍କୁ ତାଲା ପକାଇ ବାହାରେ ବୁଲିଲେ



ଚାନ୍ଦବାଲି,୨।୬(ସଂଚାର ବ୍ୟୁରୋ): ଡାକ୍ତରଙ୍କୁ ଭଗବାନଙ୍କ ରୂପ କୁହାଯାଏ। ଅନେକ ସମୟରେ ଡାକ୍ତରଙ୍କ ଅନୁପସ୍ଥିତିରେ ଫାର୍ମାସିଷ୍ଟମାନେ ବି ରୋଗୀ ସେବାରେ ପ୍ରତ୍ୟକ୍ଷ ଭାବେ ଜଡ଼ିତ ରହୁଥିବାରୁ ସେମାନଙ୍କ ସ୍ଥାନ ବି ସମାଜରେ ଯଥେଷ୍ଟ ଉପରେ ରହିଛି। ସେମାନଙ୍କ ଅଭିଜ୍ଞତାକୁ ଭରସା କରନ୍ତି ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟ। କିନ୍ତୁ ଆମେ ଏଠାରେ ଯେଉଁ ଫାର୍ମାସିଷ୍ଟଙ୍କ ବିଷୟରେ କହୁଛୁ, ତାଙ୍କ କାରନାମ ଶୁଣିଲେ ସମ୍ମାନ ନୁହେଁ, ବରଂ ଘୃଣା ଆସିବ। କାରଣ ସେ ରୋଗୀଙ୍କ ଚିକିତ୍ସା କରି ତାଙ୍କୁ ସୁସ୍ଥ କରିବେ କ'ଣ, ବରଂ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦାଦାଗିରି କରିବା ସହ ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ତାଲା ପକାଇ ଦେଇ ପଳାଇଯିବା ଭଳି ଗର୍ହିତ କାର୍ଯ୍ୟ କରିଛନ୍ତି।

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଘଣ୍ଟେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏଭଳି ସାଙ୍ଘାତିକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ବଜରାପୁର ପଞ୍ଚାୟତ ବାଲିଆପାଳ ଗ୍ରାମର ଗୟାଧର ନାମକ ଜଣେ ବ୍ୟକ୍ତି ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଘଣ୍ଟେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲେ। କିନ୍ତୁ ସେଠାକାର ଫାର୍ମାସିଷ୍ଟ ତୁଷାରକାନ୍ତ ନାୟକ ତାଙ୍କ ଚିକିତ୍ସା ବଦଳରେ ଗୟାଧର ଓ ତାଙ୍କ ପତ୍ନୀଙ୍କୁ ବାହାର ପଟୁ ତାଲା ପକାଇ ୨ ଘଣ୍ଟାରୁ ଅଧିକ ସମୟ ଧରି କୁଆଡେ ପଳାଇଯାଇଥିଲେ। ଖବର ପାଇ ରୋଗୀଙ୍କ ସମ୍ପର୍କୀୟ ସେଠାରେ ପହଞ୍ଚି ମେଡିକାଲରେ ତାଲା ପଡିଥିବା ଦେଖିବାକୁ ପାଇଥିଲେ। ଭିତରେ ଥିବା ଗୟାଧର ଓ ତାଙ୍କ ପତ୍ନୀଙ୍କ ପାଟି ଶୁଣିବା ପରେ ସେମାନେ ଭଙ୍ଗା ଝରକା ନିକଟକୁ ଯାଇ ଭିଡିଓ କରିବା ସହ ଅନ୍ୟମାନଙ୍କୁ ଖବର ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଏହି ଫାର୍ମାସିଷ୍ଟଙ୍କ ନାମରେ ସରକାରୀ ମେଡିସିନ ବାହାରେ ବିକ୍ରି କରି ବେଶ୍ ଦି' ପଇସା ରୋଜଗାର କରୁଥିବା ଭଳି ସଙ୍ଗିନ ଅଭିଯୋଗ ମଧ୍ୟ ରହିଛି। ଅନ୍ୟପଟେ ତୁରନ୍ତ ଫାର୍ମାସିଷ୍ଟ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଗୟାଧରଙ୍କ ପରିବାର ପକ୍ଷରୁ ଦାବି ହୋଇଛି। ତେବେ ଫାର୍ମାସିଷ୍ଟ କେଉଁ କାରଣ ପାଇଁ ଏପରି କରିଛନ୍ତି, ସେନେଇ କିଛି ବି ଜଣାପଡ଼ିନାହିଁ।

### ● ଏମକେସିଜି ମେଡିକାଲରେ ପୁଣି ର୍‍ୟାଗିଂ

## ଦୁଇ ହାଉସ ସର୍ଜନଙ୍କୁ ୨୫ ହଜାର ଲେଖାଏଁ ଜୋରିମାନା

ବ୍ରହ୍ମପୁର,୨।୬(ସଂଚାର ବ୍ୟୁରୋ): ବ୍ରହ୍ମପୁର ଏମକେସିଜି ମେଡିକାଲରେ ପୁଣି ର୍‍ୟାଗିଂ। ଜଣେ ଏମବିବିଏସ ଚତୁର୍ଥ ବର୍ଷର ଛାତ୍ରଙ୍କୁ ଦୁଇ ଜଣ ହାଉସ ସର୍ଜନ ର୍‍ୟାଗିଂ କରିଥିବା ଅଭିଯୋଗ ହୋଇଛି। ର୍‍ୟାଗିଂ କରିଥିବା ଦୁଇ ହାଉସ ସର୍ଜନଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ଜୋରିମାନା ହୋଇଛି। ଆଣ୍ଟି ର୍‍ୟାଗିଂ କମିଟି ବୈଠକରେ ଏପରି ନିଷ୍ପତ୍ତି ହୋଇଛି। ଗତ ମେ ୧୨ ତାରିଖରେ ଜଣେ ଏମବିବିଏସ ଚତୁର୍ଥ ବର୍ଷର ଛାତ୍ରଙ୍କୁ ର୍‍ୟାଗିଂ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ମେ ୧୩ ତାରିଖରେ ଏମକେସିଜି ମେଡିକାଲ ଡିନଙ୍କୁ ଦୁଇ ଜଣ ର୍‍ୟାଗିଂ କରିଥିବା ନେଇ ଲିଖିତ ଅଭିଯୋଗ କରିଥିଲେ ସମ୍ପୃକ୍ତ ଛାତ୍ର। କିଛିଦିନ ପୂର୍ବରୁ ଆଣ୍ଟି ର୍‍ୟାଗିଂ କମିଟିରେ ଅଭିଯୋଗ ହେବା ପରେ ଆଜି ଏମକେସିଜି ମେଡିକାଲରେ ବୈଠକ ଅନୁଷ୍ଠିତ ହୋଇଥିଲା।

## କ୍ୟାପିଟାଲ ହସ୍ପିଟାଲରେ ସ୍ତ୍ରୀର ମୃତଦେହକୁ ଛାଡି ସ୍ୱାମୀ ଫେରାର

ଭୁବନେଶ୍ୱର, ୨।୬ (ସଂଚାର ବ୍ୟୁରୋ) : କ୍ୟାପିଟାଲ ହସ୍ପିଟାଲରେ ଏକ ଅଭାବନୀୟ ଘଟଣା ଆଜି ଦେଖିବାକୁ ମିଳିଛି । ସ୍ତ୍ରୀ କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କଲା ପରେ ସେଠାରେ ଡାକ୍ତର ମାନେ ମୃତ ଘୋଷିତ କରିଥିଲେ । ଏହାପରେ ସ୍ୱାମୀ ସ୍ତ୍ରୀ ର ମୃତଦେହ କୁ ଛାଡି ଫେରାର ହୋଇ ଯାଇଥିଲେ । ସେମାନେ ମଞ୍ଚେଶ୍ୱର ଥାନା ଚକେଇଶିଆଣି ଅଞ୍ଚଳର ବାସିନ୍ଦା ବୋଲି ଜଣାପଡିଛି। ସୂଚନା ଅନୁସାରେ ପରକିଆପ୍ରୀତି ରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ପରେ ସ୍ତ୍ରୀ ଆତ୍ମହତ୍ୟା କରିଥିବା ଶଶୁର ଘର ଲୋକ ଅଭିଯୋଗ କରୁଥିବା ବେଳେ ଝିଅର ବାପ ଘର ଲୋକ ଜ୍ୱାଇଁ ନାଁ ରେ ଆଣିଲେ ହତ୍ୟା ଅଭିଯୋଗ ।ମଞ୍ଚେଶ୍ୱର ଥାନାରେ ପରିବାର ଲୋକଙ୍କ ଏଫ୍‌ଆଇଆର୍ ପରେ ଗୁପ୍ତେଶ୍ୱରଙ୍କୁ ଅଟକ ରଖିଛି ପୋଲିସ୍ । ନନ୍ଦିତା ଗୁପେଶ୍ୱର ପ୍ରାୟ ୮ ବର୍ଷ ହୋଇଛି ବାହାଘର। ପରିବାର ଲୋକ ଆଣିଲେ ପରକ୍ରୀୟା ପ୍ରୀତି ଅଭିଯୋଗ । ପରକିଆପ୍ରୀତି ଗୁପ୍ତେଶ୍ୱରଙ୍କ ଧରିବା ପରେ ହୋଇଥିଲା ଝଗଡ଼ା । ଝଗଡ଼ା ପରେ ହତ୍ୟା କରିଥିବା ନେଇ ଅଭିଯୋଗ ଆଣିଲେ ପରିବାର ।

## ଝାଡଖଣ୍ଡ ସୀମାନ୍ତରୁ ଅଢେଇ ଟନ୍ ବିସ୍ଫୋରକ ଜବତ



ସୁନ୍ଦରଗଡ଼, ୨।୬ (ସଂଚାର ବ୍ୟୁରୋ) :ପୁଣି ଅଢେଇ ଟନ୍ ବିସ୍ଫୋରକ ଜବତ। ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗରୁ ୪ ଟନ୍ ବିସ୍ଫୋରକ ଲୁଟ୍ ହୋଇଥିଲା। ଏହି ଘଟଣାରେ ପୁଣି ଅଢେଇ ଟନ୍ ବିସ୍ଫୋରକ ଜବତ ହୋଇଛି। ଝାଡଖଣ୍ଡ ସରଣ୍ଡାରେ ଏସ୍‌ଓଜି, ଡିଭିଏଫ୍, ସିଆରପିଏଫ୍ ଓ ଝାଡ଼ଖଣ୍ଡ ଜାଗୁଆରର ମିଳିତ ଅପରେସନରେ ବିସ୍ଫୋରକ ଜବତ କରାଯାଇଛି। ଗତ ସପ୍ତାହରେ କେ . ବଲାଙ୍ଗ ବାଙ୍କୋ ଖଣିକୁ ଟ୍ରକରେ ୪ ଟନରୁ ଅଧିକ ବିସ୍ଫୋରକ ଆସୁଥିବାବେଳେ ସନ୍ଦିଗ୍ଧ ମାଓବାଦୀ ଲୁଟି ନେଇଥିଲେ । ସରଣ୍ଡା ଜଙ୍ଗଲରେ ଏବେବି ସର୍ଚ୍ଚ ଅପରେସନ ଜାରି ରହିଛି । ସର୍ଚ୍ଚ ଅପରେସନରେ କୋବ୍ରା ବାଟାଲିୟନ, ଡିଭିଏଫ୍, ଆଇଆର୍‌ବି ଓ ଏସ୍‌ଓଜି ଯବାନ ସାମିଲ ଅଛନ୍ତି। ତେବେ ମାଓବାଦୀ ମାନେ ଏସବୁ ବିସ୍ଫୋରକ ମାଟି ତଳେ ଲୁଚାଇ ରଖିଥିବା କୁହାଯାଉଛି ।

# ଏନ୍‌ଇପି-୨୦୨୦ ପ୍ରତ୍ୟାହାର ପାଇଁ ଏସଏଫ୍‌ଆଇର ଆହ୍ୱାନ




ଭୁବନେଶ୍ୱର,୨।୬(ସଂଚାର ବ୍ୟୁରୋ): ଜାତୀୟ ଶିକ୍ଷାନୀତି (ଏନ୍‌ଇପି)-୨୦୨୦ ଦେଶର ଶିକ୍ଷା ବ୍ୟବସ୍ଥାର ବ୍ୟବସାୟୀକରଣ ଓ ଘରୋଇକରଣ ସହ ଦେଶର ସଙ୍ଘୀୟ ଢାଞ୍ଚା ଓ ସାଂସ୍କୃତିକ ବିବିଧତା ଦୁର୍ବଳ କରିବ ବୋଲି ଏସ୍‌ଏଫ୍‌ଆଇର ସର୍ବଭାରତୀୟ ଯୁଗ୍ମ ସମ୍ପାଦିକା ଦିପସିତା ଧର କହିଛନ୍ତି। ସ୍ଥାନୀୟ ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଏସ୍‌ଏଫ୍‌ଆଇର ରାଜ୍ୟ ସାଙ୍ଗଠନିକ ସମ୍ମିଳନୀକୁ ଉଦଘାଟନ କରି ଦୀପସିତା କହିଛନ୍ତି ଯେ ବ୍ରିଟିଶ ଉପନିବେଶବାଦ କବଳରୁ ମୁକ୍ତ ହେବା ପରେ ଆମ ଦେଶର ଛାତ୍ର ଓ ଯୁବକମାନେ ସ୍ୱପ୍ନ ଦେଖିଥିଲେ ଯେ ସେମାନଙ୍କୁ ଉତ୍ତମ ଶିକ୍ଷା ଓ ନିଯୁକ୍ତି ମିଳିବ। ଦେଶରେ ସରକାର ପରେ ସରକାର ବଦଳୁଛି। କିନ୍ତୁ ଆଦିବାସୀ, ଦଳିତ ଓ ଗରିବ ମଣିଷର ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା ବେଶ୍ ମହଙ୍ଗା ହେବାରେ ଲାଗିଛି ଓ ଶିକ୍ଷିତ ଯୁବକ ବେକାରୀ ଫାଶରେ ଶଢୁଛନ୍ତି। ଅତୀତର ସମସ୍ତ ଶିକ୍ଷାନୀତିଠାରୁ ଏନ୍‌ଇପି ଅତ୍ୟନ୍ତ ଭୟଙ୍କର। ଏହା ଦେଶର ସଙ୍ଘୀୟ ଢାଞ୍ଚାକୁ ଉଲ୍ଲଙ୍ଘନ କରି ଶିକ୍ଷାର ବ୍ୟବସାୟୀକରଣ ସହ ସାମ୍ପ୍ରଦାୟିକ ପାଠ୍ୟକ୍ରମ ପ୍ରଚଳନ କରି ସମ୍ବିଧାନର ବୈଜ୍ଞାନିକ ଓ ଧର୍ମନିରପେକ୍ଷ ମୂଳଦୁଆ ଉପରେ ଆଘାତ କରିବ ବୋଲି ସେ କହିଥିଲେ। ଦେଶର ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଓ ଭାରତୀୟ ସମାଜର ସାଂସ୍କୃତିକ ବିବିଧତା ସୁରକ୍ଷା ପାଇଁ ଏନ୍‌ଇପି-୨୦୨୦ ପ୍ରତ୍ୟାହାର ପାଇଁ ଛାତ୍ରୀ ନେତ୍ରୀ ଧର ଦାବି କରିଥିଲେ ।

'ଓଡ଼ିଶାର ଶିକ୍ଷାର ସ୍ଥିତି ଓ ଜାତୀୟ ଶିକ୍ଷାନୀତି-୨୦୨୦' ପୁସ୍ତିକା ଉନ୍ମୋଚନ ପରେ ଏସଏଫ୍‌ଆଇର ରାଜ୍ୟ ଉପଦେଷ୍ଟା ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା ବକ୍ତବ୍ୟ ରଖି କହିଲେ ଯେ ଓଡ଼ିଶାରେ ସରକାରୀ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ିଗଲାଣି। ରାଜ୍ୟରେ ସବୁ ସରକାରୀ, ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜରେ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଇତିମଧ୍ୟରେ ରାଜ୍ୟରେ ୭୦୦୦ ସ୍କୁଲରେ ଚାବି ପଡ଼ିଛି। ବିଜେଡି ଓ ବିଜେପି ମିଳିତ ସରକାର ଅମଳରେ ପ୍ରତ୍ୟକ୍ଷ ଅନୁଦାନ ବ୍ୟବସ୍ଥା ଉଚ୍ଛେଦ କରି ଠିକା ଓ ଅସ୍ଥାୟୀ ନିଯୁକ୍ତି ଆରମ୍ଭ କରିଥିଲେ। ବିଜେପି ସରକାର ଅମଳରେ ଶିକ୍ଷାର କେବଳ ଘରୋଇକରଣ ହେବ ନାହିଁ, ଉଭୟ ନିଯୁକ୍ତି ଓ ପାଠ୍ୟକ୍ରମର ସାମ୍ପ୍ରଦାୟିକ ଓ ଦଳୀୟକରଣ ପ୍ରକ୍ରିୟା ଆରମ୍ଭ ହେଲାଣି। ଶିକ୍ଷା ପାଇଁ ଛାତ୍ର ସମାଜ ସଂଗଠିତ ହେବା ସହ ରାଜ୍ୟକୁ ଉଭୟ କର୍ପୋରେଟ ଲୁଟ ଓ ସାମ୍ପ୍ରଦାୟିକ ରାଜନୀତିରୁ ରକ୍ଷା ପାଇଁ ଓଡ଼ିଶାର ଛାତ୍ର ସମାଜ ଛାତ୍ର ସମାଜ ଆଗାମୀ ଛାତ୍ର ସଂସଦ ନିର୍ବାଚନରେ ବିଦ୍ୟାର୍ଥୀ ପରିଷଦ ଭଳି ବିଭାଜନକାରୀ ଶକ୍ତିଙ୍କୁ ପରାସ୍ତ କରିବାକୁ ଆଗେଇ ଆସିବାକୁ ଧର ପରାମର୍ଶ ଦେଇଥିଲେ।

ଏହି ସମ୍ମିଳନୀରେ ବେରୋଜଗାର, ଶିକ୍ଷାର ବ୍ୟବସାୟୀକରଣ ଓ ଛାତ୍ର ସଂସଦ ନିର୍ବାଚନ ଉପରେ ପ୍ରସ୍ତାବ ଗୃହୀତ ହୋଇଛି। ସ୍ମୃତି ସୂରଞ୍ଜନ ଜେନା ଓ ଇତିଶ୍ରୀ ସୂର୍ ସମ୍ମିଳନୀ ଲିଖନ ବିବରଣୀ କମିଟିରେ ସଭ୍ୟ ଥିଲେ । ଚନ୍ଦନ କାମିକା, ଚନ୍ଦନ ସାହୁ ଓ ରାକ୍ଷୀ ସ୍ୱାଇଁଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସମ୍ମିଳନୀ ଆରମ୍ଭ ହେବା ପରେ ରାଜ୍ୟ ଆବାହକ ଶୁଭ୍ରାଂଶୁ ଶେଖର ଉଦଗାତା ପହେଲଗାଁ ଆତଙ୍କବାଦୀ ଆକ୍ରମଣ ଓ ପାଲେଷ୍ଟାଇନ ଉପରେ ଇସ୍ରାଏଲର ବର୍ବର ଆକ୍ରମଣ ନିନ୍ଦା କରାଯିବା ସହ ମୃତକଙ୍କ ପ୍ରତି ଶୋକ ପ୍ରକାଶ କରାଯାଇଥିଲା। ପୁରୀ, ଖୋର୍ଦ୍ଧା, ସୁନ୍ଦରଗଡ଼ କଟକ, ନୟାଗଡ଼, ବାଲେଶ୍ୱର, ଗଞ୍ଜାମ, ଯାଜପୁର ଜିଲ୍ଲାରୁ ଶତାଧିକ ପ୍ରତିନିଧି ସମ୍ମିଳନୀରେ ଯୋଗ ଦେଇଥିଲେ। ଏହି ଅବସରରେ ୧୩ଜଣିଆ ରାଜ୍ୟ କମିଟି ନିର୍ବାଚିତ ହୋଇଛି। ଚନ୍ଦନ କାମିଲା ସଭାପତି, ନରେନ୍ଦ୍ର ହେମ୍ବ୍ରମ ଉପସଭାପତି, ଚନ୍ଦନ ସାହୁ ସମ୍ପାଦକ, ରାକ୍ଷୀ ସ୍ୱାଇଁ କୋଷାଧ୍ୟକ୍ଷ ଓ ଲିପୁ ବଳିଆରସିଂହ ଯୁଗ୍ମ ସମ୍ପାଦକ, ଅଭିଳାଷ ମଲ୍ଲିକ, ମାନସ ରଞ୍ଜନ ଦଳବେହେରା, ପ୍ରୀତି ବାର୍ଲା ଓ ଅନିଲ କୁମାର ସାହୁଙ୍କୁ ରାଜ୍ୟ କମିଟି ଗଠିତ ହୋଇଛି। ଆସନ୍ତା ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ କେରଳ କୋଝିକୋଡ଼ଠାରେ ଆୟୋଜିତ ହେବାକୁ ଥିବା ଅଷ୍ଟାଦଶ ସର୍ବଭାରତୀୟ ସମ୍ମିଳନୀ ପାଇଁ ଓଡ଼ିଶାର ୩ ଜଣ ପ୍ରତିନିଧି ଓ ଜଣେ ଦର୍ଶକ ନିର୍ବାଚିତ ହୋଇଛନ୍ତି।

## ବୌଦ୍ଧରୁ ୫୦ ଲକ୍ଷ ଟଙ୍କାର ହାତୀ ଦାନ୍ତ ଜବତ



ବୌଦ୍ଧ, ୨।୬ (ସଂଚାର ବ୍ୟୁରୋ) : ବୌଦ୍ଧରୁ ୫୦ ଲକ୍ଷ ଟଙ୍କାର ହାତୀ ଦାନ୍ତ ଜବତ। ହାତୀ ଦାନ୍ତ ଚୋରା ଚାଲାଣକାରୀକୁ ମାଡ଼ି ବସିଲା ଏସଟିଏଫ। ବୌଦ୍ଧ ଜିଲ୍ଲା ତେଲିବନ୍ଧ ଛକ ନିକଟରେ ପ୍ରମୋଦ ପରିଡ଼ାକୁ ଧରିଲା ଏସ୍‌ଟିଏଫ୍ । ପ୍ରମୋଦ ଠାରୁ ଦୁଇଟି ହାତୀ ଦାନ୍ତ ଜବତ କରାଯାଇଛି । ଯାହାର ମୂଲ୍ୟ ୫୦ ଲକ୍ଷ ଟଙ୍କା ହେବ। ଜବତ ୨ଟି ହାତୀ ଦାନ୍ତକୁ ବୌଦ୍ଧ ଏସିଏଫ୍‌ଙ୍କୁ ହସ୍ତାନ୍ତର କରିଛି ଏସ୍‌ଟିଏଫ୍ ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଏବେ ବି ଫେରିନି ୬୧୮୧ କୋଟି ମୂଲ୍ୟର ୨୦୦୦ ଟଙ୍କିଆ ନୋଟ୍

**ମୁମ୍ବାଇ, ୨।୬:** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ୨୦୦୦ ଟଙ୍କାର ନୋଟ୍ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେବାର ପ୍ରାୟ ଦୁଇ ବର୍ଷ ବିତିଗଲାଣି, କିନ୍ତୁ ଏହି ନୋଟଗୁଡ଼ିକର ଏକ ବଡ଼ ସଂଖ୍ୟା ଏବେ ବି ଲୋକଙ୍କ ପାଖରେ ପଡ଼ି ରହିଛି। ଏଗୁଡ଼ିକର ମୋଟ ମୂଲ୍ୟ ୬୧୮୧ କୋଟି ଟଙ୍କା ହେବ। ଗତ ମେ ୧ ତାରିଖ ସୁଦ୍ଧା ଏହି ପରିମାଣ ୬୨୬୬ କୋଟି ଟଙ୍କା ଥିଲା। ଅର୍ଥାତ୍ ଆଉ ବିଶେଷ ପରିମାଣର ୨୦୦୦ ଟଙ୍କିଆ ନୋଟ ଫେରୁନାହିଁ। ରିଜର୍ଭ ବ୍ୟାଙ୍କ୍ ୨ ଜୁନରେ ଜାରି ଏକ ବିବୃତ୍ତିରେ କହିଛି ଯେ ୧୯ ମଇ, ୨୦୨୩ ରେ ବ୍ୟବସାୟ ଶେଷ ହେବା ବେଳକୁ ପ୍ରଚଳନରେ ଥିବା ୨୦୦୦ ଟଙ୍କାର ନୋଟର ମୋଟ ମୂଲ୍ୟ ୩.୫୬ ଲକ୍ଷ କୋଟି ଟଙ୍କା ଥିଲା, ଯାହା ୩୧ ମେ, ୨୦୨୫ ସୁଦ୍ଧା ହ୍ରାସ ପାଇ ୬,୧୮୧ କୋଟି ଟଙ୍କାରେ ପହଞ୍ଚିଛି। ରିଜର୍ଭ ବ୍ୟାଙ୍କ୍ ୨ ଜୁନରେ ଜାରି ଏକ ବିବୃତ୍ତିରେ କହିଛି ଯେ ୧୯



ମଇ, ୨୦୨୩ ରେ ବ୍ୟବସାୟ ଶେଷ ହେବା ବେଳକୁ ପ୍ରଚଳନରେ ଥିବା ୨୦୦୦ ଟଙ୍କାର ନୋଟର ମୋଟ ମୂଲ୍ୟ ୩.୫୬ ଲକ୍ଷ କୋଟି ଟଙ୍କା ଥିଲା, ଯାହା ୩୧ ମେ, ୨୦୨୫ ସୁଦ୍ଧା ହ୍ରାସ ପାଇ ୬,୧୮୧ କୋଟି ଟଙ୍କାରେ ପହଞ୍ଚିଛି। ତେଣୁ, ୧୯ ମଇ, ୨୦୨୩ ସୁଦ୍ଧା ପ୍ରଚଳନରେ ଥିବା ୨୦୦୦ ଟଙ୍କାର ନୋଟର ୯୮.୨୬ ପ୍ରତିଶତ ଫେରି ଆସିଛି, ରିଜର୍ଭ ବ୍ୟାଙ୍କ କହିଛି।

ସୂଚନାଯୋଗ୍ୟ, ନୋଟ ପ୍ରତ୍ୟାହାର ନିଷ୍ପତ୍ତି ପରେ ମଧ ୨୦୦୦ ଟଙ୍କାର ନୋଟ୍ ବୈଧ ରହିବ। ଭାରତୀୟ ରିଜର୍ଭ ବ୍ୟାଙ୍କ ୧୯ ମଇ, ୨୦୨୩ ରେ ୨୦୦୦ ଟଙ୍କାର ନୋଟ୍ ପ୍ରଚଳନରୁ ପ୍ରତ୍ୟାହାର ଘୋଷଣା କରିଥିଲା। ବର୍ତ୍ତମାନ ବି ରିଜର୍ଭ ବ୍ୟାଙ୍କର ୧୯ଟି ଆଞ୍ଚଳିକ କାର୍ଯ୍ୟାଳୟ ମାଧମରେ ଏସବୁ ନୋଟ ବଦଳ କରିହେବ। ପୁଣି ଡାକଘର ମାଧମରେ ଏସବୁ ନୋଟ ପଠାଇଲେ ତାହା ଗ୍ରାହକଙ୍କ ବ୍ୟାଙ୍କ ଖାତାରେ ଜମା ହୋଇପାରିବ।



## ପାକିସ୍ତାନ ଅର୍ଥନୀତିଠୁ ଆଦାନୀ ଗ୍ରୁପ୍ ୩ ଗୁଣା ବଡ଼

ନୂଆଦିଲ୍ଲୀ, ୨।୬: ପହଲଗାମ ଆତଙ୍କୀ ଅକ୍ରମଣ ପରେ ପାକିସ୍ତାନର ଆତଙ୍କବାଦୀ ଆଡା ଉପରେ ଅପରେସନ୍ ସିନ୍ଦୂର ଜରିଆରେ ଭାରତ ଆକ୍ରମଣ କରିଥିଲା। ଏହାକୁ ନେଇ ଦୁଇ ଦେଶ ଭିତରେ ଉତ୍ତେଜନା ଦେଖାଦେଇଥିଲା ଓ ଶେଷରେ ଅସ୍ତ୍ରବିରତି ଘୋଷଣା ହୋଇଥିଲା। ଏହାପରଠାରୁ ପାକିସ୍ତାନ କିଭଳି ଭାରତଠାରୁ ବିଭିନ୍ନ ମାନଦଣ୍ଡରେ ତଳୁଆ ଅଛି ତାହାକୁ ନେଇ ତୁଳନାତ୍ମକ ଚିତ୍ର ଉପସ୍ଥାପନ କରାଯାଉଛି। ଏହି ଦୌଡ଼ରେ ସାମିଲ ହୋଇଛନ୍ତି ବିଶିଷ୍ଟ ଶିଳ୍ପପତି ହର୍ଷ ଗୋଏଙ୍କା। ସେ ଜଣାଇଛନ୍ତି ଯେ ଭାରତର ଗୋଟିଏ କମ୍ପାନି ସହ ପୂରା ପାକିସ୍ତାନ ଅର୍ଥନୀତି ସମକକ୍ଷ ନୁହେଁ। ଏକା ଆଦାନୀ ଗ୍ରୁପ୍ ପାକିସ୍ତାନ ଅର୍ଥନୀତିଠାରୁ ବଡ଼। ତଥାପି ସେମାନେ ଆମ ସହ ଲଢ଼ିବାକୁ ସାହସ କରୁଛନ୍ତି ବୋଲି ଗୋଏଙ୍କା କହିଛନ୍ତି। ପାକିସ୍ତାନ ଅର୍ଥନୀତି ୫୦ ବିଲିୟନ୍ ଡଲାର ଥିବା ଆକଳନ କରାଯାଇଛି। ଆଦାନୀ ଗ୍ରୁପ୍‌ର ବଜାର ପୁଞ୍ଜି ପରିମାଣ ହେଉଛି ୧୬୧ ବିଲିୟନ୍ ଡଲାର। ଅର୍ଥାତ ପାକିସ୍ତାନ ଅର୍ଥନୀତିଠାରୁ ଏହି କମ୍ପାନି ତିନି ଗୁଣା ବଡ଼। ଆଦାନୀ ଗ୍ରୁପ୍ ଅଧୀନରେ ୧୫ଟି ବନ୍ଦର ଥିବା ବେଳେ ପାକିସ୍ତାନରେ ମାତ୍ର ୩ଟି ବନ୍ଦର ରହିଛି। ଆଦାନୀର ଅକ୍ଷୟ ଶକ୍ତି କ୍ଷମତା ୧୦.୯ ଗିଗାୱାଟ୍ ହୋଇଥିବା ବେଳେ ସମଗ୍ର ପାକିସ୍ତାନରେ ୯-୧୦ ଗିଗାୱାଟ୍‌ର ଅକ୍ଷୟ ଶକ୍ତି କ୍ଷମତା ରହିଛି।

## ଶରତ ବେହେରା ଆଇସିଏମ୍ଏଆଇ ଭୁବନେଶ୍ୱର ଶାଖା ଅଧକ୍ଷ



ଭୁବନେଶ୍ୱର, ୨।୬: ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ୍ ଆକାଉଣ୍ଟାଣ୍ଟ୍‌ସ ଅଫ୍ ଇଣ୍ଡିଆ (ଆଇସିଏମ୍ଏଆଇ) ଭୁବନେଶ୍ୱର ଶାଖାର ୨୦୨୫-୨୬ ବର୍ଷର ନୂଆ ପରିଚାଳନା କର୍ମକର୍ତ୍ତା ଚୟନ କରାଯାଇଛି। ଶରତ କୁମାର ବେହେରାଙ୍କୁ ନୂଆ ଅଧକ୍ଷ, ଅଭିନାଶ କୋଟନୀ ଉପାଧକ୍ଷ, ସୌମ୍ୟରଞ୍ଜନ ଜେନା ସମ୍ପାଦକ ଓ ବରଦା ପ୍ରସନ୍ନ ନାୟକଙ୍କୁ କୋଷାଧକ୍ଷ ଭାବେ ନିର୍ବାଚନ କରାଯାଇଛି। ଶାଖାର ପୂର୍ବତନ ଅଧକ୍ଷ ରମେଶ ଚନ୍ଦ୍ର ପାତ୍ର ନୂଆ ଅଧକ୍ଷ ଶ୍ରୀ ବେହେରାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ପୂର୍ବ ଭାରତ ଆଞ୍ଚଳିକ ପରିଷଦର ସମ୍ପାଦକ ଦାମୋଦର ମିଶ୍ର ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ କନିଷ୍ଠ ବିଜ୍ଞାନ ଅଲମ୍ପିଆଡ୍ ଦଳରେ ଆଲେନ୍ ଛାତ୍ର ରୁହନ



କୋଟା, ୨।୬: ଚଳିତ ବର୍ଷ ଡିସେମ୍ବରରେ ରୁଷ୍‌ରେ ଅନୁଷ୍ଠିତ ହେବାକୁ ଥିବା ୨୨ତମ ଅନ୍ତର୍ଜାତୀୟ କନିଷ୍ଠ ବିଜ୍ଞାନ ଅଲମ୍ପିଆଡ୍ (ଆଇଜେଏସ୍ଓ)ରେ ଆଲେନ୍ ଭୁବନେଶ୍ୱରର ଛାତ୍ର ରୁହନ ମହାନ୍ତି ଭାରତର ପ୍ରତିନିଧିତ୍ୱ କରିବେ। ହୋମି ଜାହାଙ୍ଗୀର ଭାବା ସେଣ୍ଟର୍ ଫର୍ ସାଇନ୍ସ ଏଜୁକେସନ୍, ମୁମ୍ବାଇର ମେଣ୍ଟର୍‌ସିପ୍‌ରେ ଭାରତୀୟ ପଦାର୍ଥ ବିଜ୍ଞାନ ସଂଘ (ଆଇପିଏଟି) ପକ୍ଷରୁ ଅନୁଷ୍ଠିତ ଆଇଜେଏସ୍ଓର ଓରିଏଣ୍ଟେସନ୍ ତଥା ଚୟନ ଶିବିର ଫଳାଫଳକୁ ଆଲେନ୍ ଭୁବନେଶ୍ୱର କେନ୍ଦ୍ର ମୁଖ୍ୟ ରଜନୀଶ ଶ୍ରୀବାସ୍ତବ ଘୋଷଣା କରିଛନ୍ତି। ଗତ ମେ' ୧୫ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଏହି ଶିବିରରେ ଚୟନ କରାଯାଇଥିବା ଛଅ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଲେନ୍‌ର ୪ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ରୁହନ। ଅନ୍ୟ ତିନି ଆଲେନ୍ ବିଦ୍ୟାର୍ଥୀ ହେଉଛନ୍ତି ଆଦିଶ ଜୈନ୍, ଅନମୋଲ କୁମାର ଓ ଏସ୍‌ଭି ତେଜସ୍।

## ହୁଣ୍ଡାଇ ବଦଳାଇଦେଲା ବ୍ରାଣ୍ଡ ଆମ୍ବାସଡର
## ଶାହରୁଖ ଗଲେ, ପଙ୍କଜ ଆସିଲେ

ନୂଆଦିଲ୍ଲୀ, ୨।୬: ଓଟିଟି ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ଛାଡିଥିବା ଅଭିନେତା ପଙ୍କଜ ତ୍ରିପାଠୀ ଏବେ ଆଗାମୀ ଦିନରେ ହୁଣ୍ଡାଇ କାରର ପ୍ରଚାର କରୁଥିବାର ଦେଖାଯିବେ। ହୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍ ପଙ୍କଜ ତ୍ରିପାଠୀଙ୍କୁ ନୂତନ ବ୍ରାଣ୍ଡ ଆମ୍ବାସାଡର ଭାବରେ ନିଯୁକ୍ତ କରିଛି। ଶୁକ୍ରବାର ଦିନ ଏହା ଘୋଷଣା କରି କମ୍ପାନୀ କହିଛି ଯେ ତାଙ୍କର ସରଳ ପ୍ରତିଛବି ଏବଂ ଲୋକଙ୍କ ସହିତ ଯୋଡ଼ି ହେବାର ଦୃଢ଼ କ୍ଷମତା ଯୋଗୁଁ ସେ ଦେଶରେ ହୁଣ୍ଡାଇର ପ୍ରତିଛବିକୁ ଲୋକଙ୍କ ମଧରେ ଭଲ ଭାବରେ ରଖିପାରିବେ। ଏହା ଉଲ୍ଲେଖନୀୟ ଯେ ଭାରତୀୟ ବଜାରରେ ହୁଣ୍ଡାଇର ବହୁତ ପ୍ରଶଂସକ ଅଛନ୍ତି ଏବଂ ଏହାକୁ ପସନ୍ଦ କରାଯାଏ। ଭାରତରେ ସର୍ବାଧିକ ବିକ୍ରି ହେଉଥିବା ଏସୟୁଭି ମଧରେ ହୁଣ୍ଡାଇ କ୍ରେଟା ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ବଲିଉଡ ଅଭିନେତା ଶାହରୁଖ ଖାନ ୧୯୯୮ ମସିହାରୁ ଏହାର




ବ୍ରାଣ୍ଡ ଆମ୍ବାସାଡର ଥିଲେ। ଏହି କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ହେବା ପରେ ପଙ୍କଜ ତ୍ରିପାଠୀ କହିଛନ୍ତି ଯେ ତାଙ୍କର ଏହି କମ୍ପାନୀ ସହିତ ବ୍ୟକ୍ତିଗତ ସମ୍ପର୍କ ରହିଛି। ହୁଣ୍ଡାଇର ଭାରତରେ ପ୍ରାୟ ୨୦ ବର୍ଷ ଯାତ୍ରା ରହିଛି ଏବଂ ଏପର୍ଯ୍ୟନ୍ତ ଏହା ୩୭ ଲକ୍ଷ ଯାନ ରପ୍ତାନି ସହିତ ୧ କୋଟି ୨୭ ଲକ୍ଷ ଯାନ ବିକ୍ରି କରିଛି। ହୁଣ୍ଡାଇ ଏକ ବିବୃତ୍ତିରେ କହିଛି ଯେ କମ୍ପାନୀ କେବଳ ଯାନ ତିଆରି କରେ ନାହିଁ ବରଂ ଲୋକଙ୍କୁ ଜୀବନ ସହିତ ମଧ ଯୋଡେ। ପଙ୍କଜ ତ୍ରିପାଠୀଙ୍କୁ ହୁଣ୍ଡାଇର ଆମ୍ବାସଡର କରାଯିବା ପରେ, ସେ ଶାହରୁଖ ଖାନଙ୍କ ସ୍ଥାନ ନେବେ କି ଉଭୟଙ୍କୁ ବିଭିନ୍ନ ସ୍ଥାନରେ କମ୍ପାନୀ ପାଇଁ ପ୍ରଚାର କରୁଥିବାର ଦେଖାଯିବ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

## ଜୟଆଲୁକ୍କାସ ଫାଉଣ୍ଡେସନ୍ ଦେଲା ୫୦ 'ଜୟ ହୋମ୍'

ଭୁବନେଶ୍ୱର, ୨।୬: ଆର୍ଥିକ ସ୍ତରରେ ଦୁର୍ବଳ ବର୍ଗର ଲୋକମାନଙ୍କ ଘର ଆବଶ୍ୟକତାକୁ ପୂରଣ କରୁଛି ଦେଶର ଅଗ୍ରଣୀ ଗହଣା ପ୍ରତିଷ୍ଠାନ ଜୟ ଆଲୁକ୍କାସ। ଜୟଆଲୁକ୍କାସ ଫାଉଣ୍ଡେସନ ପକ୍ଷରୁ କର୍ଣ୍ଣାଟକରେ ଅଭାବଗ୍ରସ୍ତ ପରିବାରକୁ ୫୦ ଜୟ ହୋମ୍ ଚାବି ହସ୍ତାନ୍ତର କରାଯାଇଛି। ଜୟଆଲୁକ୍କାସ ଗ୍ରୁପ୍‌ର ଅଧକ୍ଷ ଜୟ ଆଲୁକ୍କାସଙ୍କ ସଭାପତିତ୍ୱରେ ଆୟୋଜିତ



କାର୍ଯ୍ୟକ୍ରମରେ କର୍ଣ୍ଣାଟକ ଗୃହ ମନ୍ତ୍ରୀ ଜି ପରମେଶ୍ୱର ହିତାଧିକାରୀମାନଙ୍କୁ ଚାବି ହସ୍ତାନ୍ତର କରିଥିଲେ। ଅନ୍ୟମାନଙ୍କ ମଧରେ ଏମାର୍ ପ୍ରପର୍ଟିଜ୍‌ର ସିଇଓ ମହମ୍ମଦ ରିହାନ୍ ନୱାବ, କେଏସ୍ଆର୍‌ଟିସିର ଉପାଧକ୍ଷ ମହମ୍ମଦ ରିଜୱାନ୍ ନୱାବ, ବେଙ୍ଗାଲୁରୁ ଜୁଏଲର୍ସ ସଂଘର ସଭାପତି ଚେତନ କୁମାର ମେହେଟ୍ଟା ଓ ଜୟଆଲୁକ୍କାସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥୋମାସ ମାଥ୍ୟୁ ଉପସ୍ଥିତ ଥିଲେ।

## ରିଲାଏନ୍ସ ଡିଜିଟାଲ୍‌ର 'ବୁଟ୍ ଅପ୍ ଇଣ୍ଡିଆ' ସେଲ୍

ଭୁବନେଶ୍ୱର, ୨।୬: ରିଲାଏନ୍ସ ଡିଜିଟାଲ୍ ପକ୍ଷରୁ ବଡ଼ ଲାପ୍‌ଟପ୍ ସେଲ୍ 'ବୁଟ୍ ଅପ୍ ଇଣ୍ଡିଆ' ସେଲ୍ ଆରମ୍ଭ କରାଯାଇଛି। ମେ' ୩୧ରୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସେଲ୍ ଅଭିଯାନ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ସହ ସେମାନଙ୍କୁ ସଶକ୍ତ କରିବ ଏବଂ ଭାରତର ପରବର୍ତ୍ତୀ ପିଢ଼ିର ଲିଡର୍ ଓ ନବସୃଜନକାରୀଙ୍କୁ ଏକ ପ୍ଲାଟଫର୍ମ ପ୍ରଦାନ କରିବ। ଏହି ସେଲ୍‌ରେ ଗ୍ରାହକମାନେ ରିଲାଏନ୍ସ ଡିଜିଟାଲ୍ ଓ ମାଇଁଜିଓଷ୍ଟୋର୍ ଓ ରିଲାଏନ୍ସଡିଜିଟାଲ୍ ଡଟ୍ ଇନ୍‌ରେ ଆକର୍ଷଣୀୟ ଅଫର ପାଇପାରିବେ। ଏଥିରେ ଲାପ୍‌ଟପ୍, ଆସେସୋରିଜ୍ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ଆକର୍ଷଣୀୟ ମୂଲ୍ୟରେ ମିଳିବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି। ଏହି ସେଲ୍‌ର ପ୍ରମୁଖ ଆକର୍ଷଣଗୁଡ଼ିକ ହେଉଛି ସାରା ଦେଶରେ ଛାତ୍ରଛାତ୍ରୀମାନଙ୍କୁ ୧ କୋଟି ଶିକ୍ଷା ବୃତ୍ତି, ୨୫ଟି କାର୍, ୪୦ ବାଇକ୍ ଓ ୪୫୦ରୁ ଅଧିକ ଇଲେକ୍ଟ୍ରୋନିକ୍ସ ଉତ୍ପାଦ ଜିତିବାର ସୁଯୋଗ। ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ନିଶ୍ଚିତ ଉପହାର ରହିଛି। ଏହା ସହିତ ବ୍ୟାଙ୍କ ଅଫର ଓ କ୍ୟାସ୍‌ବ୍ୟାକ୍ ମଧ ରହିଛି। ଏହି ସେଲ୍‌ରେ ଛାତ୍ରଛାତ୍ରୀ, ଗେମର୍, ସୃଜନଶୀଳବ୍ୟକ୍ତି ପର୍ଯ୍ୟନ୍ତ ପ୍ରତି ବର୍ଗର ଲୋକମାନଙ୍କ ପାଇଁ ଲାପ୍‌ଟପ୍ ରହିଛି।

Reliance digital
PERSONALISING TECHNOLOGY

# ଭାରତ ସୃଷ୍ଟି କରିବ ସର୍ବାଧିକ ଧନୀ

## ଜାପାନ ତୁଳନାରେ ୪ ଗୁଣା ଅଧିକ

ନୂଆଦିଲ୍ଲୀ, ୨।୬: ବଡ଼ ବଡ଼ ଧନୀ ଲୋକ ସୃଷ୍ଟି କରିବାରେ ବିଶ୍ୱର ସବୁ ଦେଶକୁ ଭାରତ ପଛରେ ପକାଇ ଦେବ। ୨୦୨୮ ସୁଦ୍ଧା ଭାରତରେ ଧନୀ ଲୋକଙ୍କ ସଂଖ୍ୟାରେ ୫୦ ପ୍ରତିଶତ ବୃଦ୍ଧି ଘଟିବ ବୋଲି ମ୍ୟାକେଞ୍ଜି ଆଣ୍ଡ୍ କୋ. ଆକଳନ କରିଛି। ଏସିଆ ମହାଦେଶରେ ଧନୀ ଲୋକଙ୍କ ସଂଖ୍ୟା ଦୃଷ୍ଟିରୁ ଜାପାନ ଦ୍ୱିତୀୟ ସ୍ଥାନରେ ରହିଛି। କିନ୍ତୁ ୨୦୨୮ ସୁଦ୍ଧା ସେଠାରେ ସେଭଳି ଲୋକଙ୍କ ସଂଖ୍ୟା ମାତ୍ର ୧୨ ପ୍ରତିଶତ ବଢ଼ିବ। ଜାପାନ ତୁଳନାରେ ଭାରତରେ ୪ ଗୁଣା ଅଧିକ ବଡ଼ ଧନୀ ସୃଷ୍ଟି ହେବେ।

ଧନୀ ଲୋକଙ୍କ ସଂଖ୍ୟା ଦୃଷ୍ଟିରୁ ଭାରତ ଏବେ ବିଶ୍ୱର ଚତୁର୍ଥ ସ୍ଥାନରେ ରହିଛି। ୧୦ ନିୟୁତ ଡଲାର (୮୭ କୋଟି ଟଙ୍କାରୁ ଅଧିକ) ସମ୍ପତ୍ତି ଥିବା ଧନୀ ଲୋକଙ୍କ ସଂଖ୍ୟା ଦେଶରେ ୮୫,୬୯୮ ରହିଛି। ଧନୀ ସଂଖ୍ୟା ଦୃଷ୍ଟିରୁ ପ୍ରଥମ



ତିନିଟି ସ୍ଥାନରେ ଆମେରିକା, ଚୀନ୍ ଓ ଜାପାନ ରହିଛନ୍ତି। ଆମେରିକାରେ ୯,୦୫,୪୧୩, ଚୀନ୍‌ରେ ୪,୭୧,୬୩୪ ଓ ଜାପାନରେ ୧,୨୨,୧୧୯ ଧନୀ ରହିଛନ୍ତି। ନାଇଟ୍ ଫ୍ରାଙ୍କ୍ ନାମକ ସଂସ୍ଥାର ରିପୋର୍ଟ ଅନୁସାରେ ୨୦୨୩ ତୁଳନାରେ ୨୦୨୪ରେ ଭାରତର ଧନୀ ଲୋକଙ୍କ ସଂଖ୍ୟା ୬ ପ୍ରତିଶତ ବଢ଼ି ୮୦,୬୮୬ ହୋଇଥିଲା। ୨୦୨୮ ସୁଦ୍ଧା ସେମାନଙ୍କ ସଂଖ୍ୟା ୯ ପ୍ରତିଶତ ବଢ଼ି ୯୩,୭୫୩ ହୋଇଯିବ। ସାରା ବିଶ୍ୱରେ ଆମେରିକା, ଚୀନ୍, ଜାପାନ ଓ ଭାରତ ବ୍ୟତୀତ ଜର୍ମାନୀ, କାନାଡା, ବ୍ରିଟେନ୍, ଫ୍ରାନ୍ସ ଓ ଅଷ୍ଟ୍ରେଲିଆରେ ଅଧିକ ଧନୀ ବାସ କରୁଛନ୍ତି। ଭାରତରେ ୧୯୧ ଜଣ ବିଲିଓନେୟାର ଅଛନ୍ତି। ୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତି ଥିବା ଲୋକମାନଙ୍କୁ ବିଲିଓନେୟାର କୁହାଯାଉଛି। ବିଶ୍ୱର ଶୀର୍ଷ ଧନୀମାନଙ୍କ ଭିତରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମୁଖ୍ୟ ମୁକେଶ ଅମ୍ବାନି ୯.୨୧ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ସହ ୧୬ତମ ସ୍ଥାନରେ ରହିଛନ୍ତି। ସେହିପରି, ଗୌତମ ଆଦାନୀ ୫.୬୭ ଲକ୍ଷ କୋଟି ଟଙ୍କା ସମ୍ପତ୍ତି ସହ ୨୪ତମ ସ୍ଥାନରେ ରହିଛନ୍ତି।

## ସୁନା ରୁପା ଦର



ସୁନା ଦର ଏବେ ଆକାଶଛୁଆଁ ହେବାକୁ ଲାଗିଛି। ତାହା ସହିତ ରହିଛି ଗଢା ମଜୁରୀ। ଗତ କିଛି ମାସ ଭିତରେ ସୁନାର ଦର କ୍ରମାଗତ ଭାବେ ବଢି ଚାଲିଥିବାରୁ ସୁନା ବ୍ୟବସାୟ ମଧ ପ୍ରଭାବିତ ହୋଇଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୭, ୩୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୯ ହଜାର ୨୦୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୭, ୬୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯ ହଜାର ୫୦୦ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୭,୬୪୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯, ୫୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୭, ୭୯୦ ଟଙ୍କା ଓ ୨୨ କ୍ୟାରେଟ୍ ୮୯,୫୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୭, ୬୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯, ୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୭, ୬୪୦ ଓ ୮୯, ୫୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୧୧, ୦୦୦ ଟଙ୍କା ହୋଇଛି।

## ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୩୯ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

### ସରଦେଇପୁର-ନିମାପଡା ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ

# ରାସ୍ତାର ସ୍ଥାୟିତ୍ୱକୁ ନେଇ ସନ୍ଦେହ

**ଚଳିତ ବର୍ଷ ଡିସେମ୍ବରକୁ ଅବଧି,ରାସ୍ତା କାର୍ଯ୍ୟ ସରିବ ତ.?**

**ବାଲିପାଟଣା,୨।୬(ସଂଚାର ବ୍ୟୁରୋ):** ପୂର୍ତ୍ତ ବିଭାଗ ଅଧିନ ସରଦେଇପୁର-ନିମାପଡା ଚାରିଥାକିଆ ରୋଡ଼ କାମ ଚାଲିଥିବା ବେଳେ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏପରିକି କୋଟି କୋଟି ବ୍ୟୟରେ ହେଉଥିବା ଏହି କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ଏଭଳି କାମ ହୁଏ ଖୁବ କମଦିନରେ ରାସ୍ତାର ଅବସ୍ଥା ବିପର୍ଯ୍ୟସ୍ତ ହେବ ଏଥିରେ ସନ୍ଦେହ ନାହିଁ। ପ୍ରକାଶଥାଉକି ସାମ୍ପ୍ରତିକ ଜନସଂଖ୍ୟା ବୃଦ୍ଧି ଏବଂ ଯାନବାହାନ ଗୁଡିକର ଅଧିକ ବ୍ୟବହାର ଯୋଗୁଁ ଗମନାଗମନର ସୁବ୍ୟବସ୍ଥା ନିମନ୍ତେ ଏହି ରାସ୍ତାକୁ ୪ ଥାକିଆ କରାଯିବା ପାଇଁ ଯୋଜନା କରାଯାଇଛି। ଏଥିପାଇଁ ଠିକାପ୍ରସ୍ତାବ ଗୃହିତ ହୋଇ ୨୦୨୩ ଏପ୍ରିଲ ୧୯ ରେ ଶିଳାନ୍ୟାସ କରାଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ଦୁଲ୍ଲାଦେବୀ ମନ୍ଦିରରୁ ମଞ୍ଜରୀଦେବୀ କଲେଜ ପର୍ଯ୍ୟନ୍ତ ୧୨୦୦ ମିଟର ଏବଂ ବୁଦ୍ଧିପଡ଼ା ଛକରୁ ବାଲିପାଟଣା ପ୍ରାୟ ୬. ୫୦୦ କିମି ରାସ୍ତା ୪ ଥାକିଆ ହେବାପାଇଁ ଯୋଜନା ରଖାଯାଇଛି କ୍ଷଏଥିପାଇଁ ପାଖାପାଖି ୪୦ କୋଟି ଟଙ୍କା ବ୍ୟବରାଦ କରାଯାଇଛି। କେ ବି ଏମ କନଷ୍ଟ୍ରକ୍ସନ ନାମକ ଏକ ଠିକାସଂସ୍ଥା ଏହାର କାର୍ଯ୍ୟଭାର ନେଇଛି। ସେହି ଅନୁସାରେ ଏହି ରାସ୍ତା ପ୍ରଶସ୍ତୀକରଣ କରାଯାଉଛି। ଆବଶ୍ୟକ ସ୍ଥଳେ ଗଛଗୁଡିକ କଟା ଯାଉଛି ଏବଂ ଜବରଦଖଲ ଉଚ୍ଛେଦ କରାଯାଇଛି। କିଛି ଜବରଦଖଲ ଉଚ୍ଛେଦ ଏବଂ ଗଛ କାଟିବାରେ ସମସ୍ୟା ଦେଖାଦେଇଥିବାରୁ କାମ ଆଗେଇପାରୁନାହିଁ ବୋଲି ଜଣାପଡ଼ିଛି। ବର୍ତ୍ତମାନ ଏହି ରାସ୍ତା କାର୍ଯ୍ୟ ଚାଲିଥିବା ବେଳେ ସ୍ଥାନେ ସ୍ଥାନେ ପିଚୁ କରାଯାଇଛି। ବାଲିପାଟଣା ଛକରୁ ବିଶ୍ୱନାଥପୁର ଏବଂ ବୁଦ୍ଧିପଡ଼ା ଛକ ନିକଟରୁ ଶିଶିଲୋ ଛକ ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ କରାଯାଇଛି। ସେହିପରି ଆବଶ୍ୟକ ସ୍ଥଳେ କଲଭର୍ଟ ନିର୍ମାଣ କରାଯାଉଛି। ମାତ୍ର ଏଗୁଡିକ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ବାଳକାଟି ଦୁଲ୍ଲାଦେବୀ ମନ୍ଦିର ନିକଟରୁ ମଞ୍ଜରୀ ଦେବୀ କଲେଜ ପର୍ଯ୍ୟନ୍ତ କେବଳ ଡଷ୍ଟ ପଡ଼ିକି ରହିଛି। ଏହି ରାସ୍ତା ପାର୍ଶ୍ୱରେ ଥିବା କିଛି ଗଛ କଟାଯାଇନଥିବା ବେଳେ ଜବରଦଖଲ ଉଚ୍ଛେଦ ହୋଇନାହିଁ। ଯାହାଦ୍ୱାରା ରାସ୍ତା କାମରେ ବାଧା ସୃଷ୍ଟି ହୋଇଛିକ୍ଷଅନ୍ୟପଟେ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷହେବାର ଅବଧି ଚଳିତ ବର୍ଷ ଡିସେମ୍ବରକୁ ଥିବା ବେଳେ ଏହି ସମୟରେ ସମ୍ପୂର୍ଣ୍ଣ ହେବ ନା ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି। ସେହିପରି ଦେଖିବାକୁ ଗଲେ ରାସ୍ତା କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ। ରାସ୍ତାରେ ପଡୁଥିବା ଡଷ୍ଟ ଗୁଡିକ ସିମେଣ୍ଟ ଭାଗ କମ ରହୁଥିବା ବେଳେ ସେଗୁଡିକ ଖୁବ କମ ଦିନରେ ନଷ୍ଟ ହେଉଥିବା ଦେଖାଯାଉଛି। ସେହିପରି ଯେଉଁ ରାସ୍ତା ଗୁଡିକ ପିଚୁ ହୋଇଛି ସଠିକ ଭଗମାପ ନ ହେବାରୁ ସେଗୁଡିକ ଖୁବକମ ଦିନରେ ନଷ୍ଟ ହେବାରେ ଲାଗିଛି। ଏପରିକି କିଛି ସ୍ଥାନରେ ପିଚୁ ଉଠିଯାଇଥିବା ଦେଖାଯାଉଛି। ସେହିପରି ରାସ୍ତାର ବିଭିନ୍ନ ସ୍ଥାନରେ ନିର୍ମାଣ ହେଉଥିବା କିଛି କଲଭର୍ଟ କାର୍ଯ୍ୟ ମଧ୍ୟ ଅତି ନିମ୍ନମାନର ହେଉଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ଏପରିକି ରାସ୍ତା ନିର୍ମାଣ ନିମନ୍ତେ ପଡୁଥିବା ମାଟି ମଧ୍ୟ ଅତି ନିମ୍ନମାନର ହେଇଥିବାରୁ କମ ବର୍ଷାରେ ଧୋଇ ଯାଉଥିବା ଦେଖାଯାଉଛି। ସେହିପରି ବ୍ୟୟ ଅଟକଳ ଅନୁସାରେ କାମ ହେଉନଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ସମ୍ପୃକ୍ତ ଠିକାଦାରଙ୍କ ଲାଭଖୋର ଏବଂ ଆନ୍ତରିକତା ମନୋଭାବ ଯୋଗୁଁ ଏହି ରାସ୍ତା କାମ ଅତି ନିମ୍ନମାନର ହେଉଥିବା ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମାତ୍ର ଏଭଳି କାମ ଚାଲିଥିଲେ ମଧ୍ୟ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ମାନେ କୌଣସି ଦିନ କ୍ଷେତ୍ର ପରିଦର୍ଶନରେ ଆସିନାହାନ୍ତି। ଫଳରେ କାମ ପାଇଥିବା ଠିକାଦାର ମନଇଚ୍ଛା କାମ କରୁଥିବା ଲୋକେ କହିଛନ୍ତି। ପ୍ରକାଶଥାଉକି ଏହି ରାସ୍ତା ଉପରେ ୨୩ ଟି ନିର୍ବାଚନମଣ୍ଡଳୀ ଏବଂ ୫ ଗୋଟି ବ୍ଲକର ହଜାର ହଜାର ଲୋକେ ନିର୍ଭର କରିଥିବା ବେଳେ ଏହି ରାସ୍ତା କାମ ଉତ୍ତମଧରଣର କରିବା ପାଇଁ ବିଭାଗ ନିକଟରେ ଦାବି ଜଣାଇଛନ୍ତି ବୁଦ୍ଧିଜୀବୀ, ବରିଷ୍ଠ ନାଗରୀକ ଏବଂ ଅଞ୍ଚଳବାସୀ।




## ସିକ୍କିମ ଦୁର୍ଘଟଣାର ଦୁଃଖ କହିଲେ ଇତିଶ୍ରୀଙ୍କ ପରିବାର



**ଯାଜପୁର ରୋଡ଼,୨।୬(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଞ୍ଚଳ ସହର ଅନ୍ତର୍ଗତ ୱାର୍ଡ ନମ୍ବର - ୧୬ ସ୍ଥିତ ଉମାପଦା ଗ୍ରାମର ଝିଅ ତଥା ଓଡ଼ିଶା ରାଜ୍ୟ ବିଜେପି ମହିଳା ମୋର୍ଚ୍ଚାର ସମ୍ପାଦିକା ଇତିଶ୍ରୀ ଜେନା ଓ ତାଙ୍କ ପରିବାରବର୍ଗ ଗତ ୩୦ ତାରିଖରେ ସିକ୍କିମ ପାହାଡ଼ିଆ ଘାଟିରେ ଦୁର୍ଘଟଣା ଶିକାର ହୋଇ ଆଜି ପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ସିକ୍କିମର ଏକ ଟୁରିଷ୍ଟ ଗାଡିରେ ଗାଙ୍ଗଟକକୁ ବୁଲିବାକୁ ଉମାପଦା ଅଞ୍ଚଳ ଭାଇ ଭଉଣୀଙ୍କର ଚାରୋଟି ପରିବାର ଯାଇଥିଲେ। ତେବେ ଆଜି ଯାଜପୁର ରୋଡ ରେଳଷ୍ଟେସନରେ ଟ୍ରେନରୁ ଓହ୍ଲାଇଲେ ଇତିଶ୍ରୀଙ୍କ ଦୁଇ ଭଉଣୀ ମଂଜୁଲତା ଓ ଝରଣାଙ୍କ ସହ ଶିଶିର ନାୟକ'ଙ୍କ ଦୁଇ ଝିଅ ଜାନୀ ଓ ଗୁନି। ରେଳ ଷ୍ଟେସନରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସିକ୍କିମ ମୁଖ୍ୟମନ୍ତ୍ରୀଙ୍କ ସହଯୋଗରେ ପଠାଗଲା। କିନ୍ତୁ ସେଦିନର ସେହି କାଳ ରାତି ଓ ଛାତିଥରା ଘଟଣାକୁ ବଖାଣିଛନ୍ତି। ତେବ ବୁଲିବାକୁ ୧୧ ଜଣ ଯାଇଥିବା ବେଳେ ଆଜି ୪ ଜଣ ଫେରୁଛୁ ବୋଲି କୋହଭରା କଣ୍ଠରେ କହିଛନ୍ତି, ଫେରିଥିବା ଇତିଶ୍ରୀଙ୍କ ଦୁଇ ଭଉଣୀ। ସେପଟେ ଦୁଇ ଉଦ୍ଧାର ପୁତୁରା ସିକିମରେ ଚିକିତ୍ସିତ ହେଉଛନ୍ତି। ଏପରିସ୍ଥଳେ ଅଧିକ ଚିକିତ୍ସା ପାଇଁ ସେମାନଙ୍କୁ ଓଡ଼ିଶା ଫେରାଇ ଆଣିବାକୁ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି, ଇତିଶ୍ରୀଙ୍କ ବଡ଼ ଭଉଣୀ ମଞ୍ଜୁ। ତେବେ ମଞ୍ଜୁଙ୍କ କହିବାକଥା'ଯେ ସିଲିଗୁଡ଼ିରେ ଓହ୍ଲେଇ ଗ୍ୟାଙ୍ଗଟକ ଯାଇଥିଲୁ। ଗ୍ୟାଙ୍ଗଟକରେ ହୋଟେଲରେ ରହିଥିଲୁ। ତାପରେ ବୁଲାବୁଲି କରି ଲିଚୁଙ୍ଗ ବୋଲି ଏକ ଜାଗାକୁ ଯାଇ ଫେରୁଥିଲୁ। ପରିବାର ଲୋକ, ଡ୍ରାଇଭର ରାତିରେ ଫେରିବାକୁ ମନା କରୁଥିଲେ, ହେଲେ ହୋଟେଲବାଲା କହିଥିଲା ଯିବାପାଇଁ। ସେ କହିଲା ପ୍ୟାକେଜ ସିଷ୍ଟମ ତୁମେ ଆସ। ସେ ଆମକୁ ଜବରଦସ୍ତ ନେଇକି ଆସିଲା। ପରିବାରର କିଛି ସଦସ୍ୟ ଗୋଟେ ଗାଡ଼ିରେ, ଆମେ ଗୋଟେ ଗାଡ଼ିରେ ଫେରୁଥିଲୁ। ତାଙ୍କ ଗାଡ଼ିର ଲାଇଟ୍ ଆମ ଗାଡ଼ି ଉପରେ ପଡୁଥାଏ। କିନ୍ତୁ ଯେତେବେଳେ ଲାଇଟ୍ ଲିଭିଗଲା, ଡ୍ରାଇଭର ଡାଉଟ୍ କଲା ଏବଂ ଗାଡି ରଖିବା ପରେ ସେ ଓହ୍ଲାଇ ବର୍ଷାରେ ତିନ୍ତିକି ଦେଖିଲା କଡ଼େ କଡ଼େ, କାଳେ ଗାଡ଼ି ଗଳି ପଡ଼ିଛି କି। ବହୁ ଖୋଜା ଖୋଜି କରିଥିଲା କିନ୍ତୁ କିଛି ମିଳି ନଥିଲା।ତାଙ୍କୁ ଏକ ପାଖରେ ଥିବା ଗୁରୁଦ୍ୱାରରେ ଛାଡି ଖୋଜି ଆସିଥିଲା। ପରେ କୋରେଇ ବିଧାୟକ ଶ୍ରୀ ଆକାଶ ଦାସ ନାୟକ'ଙ୍କ ସହ ଯୋଗାଯୋଗ କରିଥିଲୁ। ସିକିମର ସରକାର ଓ ଓଡ଼ିଶା ସରକାର ମିଳିତ ସହଯୋଗ ମିଳିଥିବା ସହ ଜଣାପଡ଼ିଥିଲା ଏହି ପାହାଡିଆ ଘାଟିତଳେ ଥିବା ତ୍ରିସ୍ତା ନଦୀରେ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ପଡ଼ିଥିବା କଥା ଇତିଶ୍ରୀଙ୍କ ଦୁଇ ଭଉଣୀ ମଂଜୁଲତା ଓ ଝରଣା କହିଛନ୍ତି।

## ବ୍ଲକ କଂଗ୍ରେସର ଦାବିପତ୍ର

**ଭେଡେନ,୨।୬(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ର ବିଭିନ୍ନ ଗ୍ରାମ ରେ ଗତ ସପ୍ତାହ ବ୍ୟାପି ହୋଇଥିବା ଲଗାଣ ବର୍ଷା ରେ ବ୍ୟାପକ ଫସଲ କ୍ଷତି ହୋଇଛି। ଖୁବ ଶୀଘ୍ର ଏହି କ୍ଷୟ କ୍ଷତି ର ଆକଳନ କରାଯାଇ ଚାଷୀ ମାନଙ୍କୁ କ୍ଷତିପୂରଣ ଦେବାକୁ ଭେଡେନ ବ୍ଲକ କଂଗ୍ରେସ ଦାବି କରିଛି। ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ପଣ୍ଡା ଙ୍କ ନେତୃତ୍ୱ ରେ ବ୍ଲକ କଂଗ୍ରେସ ର ଏକ ପ୍ରତିନିଧି ଦଳ ଶୋଭାଯାତ୍ରା ରେ ଯାଇ ଭେଡେନ ତହସିଲ ଅଫିସ ଠାରେ ତହସିଲଦାର ରଶ୍ମିତା ସ୍ୱାଇଁ ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଶୋଭାଯାତ୍ରା ରେ କ୍ଷୀରସିନ୍ଧୁ ଡାଙ୍ଗ, ବିରସେନ ଖମାରି, ଧ୍ରୁବ ବିଶ୍ୱାଳ, ଦଶରଥ ମେହେର, ମାଧବ ସାହୁ, ପ୍ରସାଦି ଦାଶ ଏବଂ ଅନ୍ୟମାନେ ସାମିଲ ଥିଲେ ।



- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ

## ୧୯୧ ଅଭିଯୋଗର ହେଲା ଶୁଣାଣି

**ବାରିପଦା,୨।୬(ସଂଚାର ବ୍ୟୁରୋ):** ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ସକାଳ ୭ଘଟିକା ସମୟରେ ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳ ହେମ କାନ୍ତ ସୟ ଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଆରମ୍ଭ ହୋଇଥିଲା . ଉକ୍ତ ଜନଶୁଣାଣୀ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ଆଇ ଏ ଏସ ପ୍ରୋବେଶନର ମିସ କାଶୀଷ ବକ୍ସି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଆଧୀକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଭାତ କୁମାର ବେହେରା ଓ ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡ ର ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଆଜିର



ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୧୯୧ଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା। ଉକ୍ତ ୧୯୧ଗୋଟି ଅଭିଯୋଗ ମଧ୍ୟରୁ ୧୬୬ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ, ୨୫ଗୋଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ୫ଟି ଆପତ୍ତିର ତତ୍କାଳ ସମାଧାନ ହୋଇଥିଲା। ଅଭିଯୋଗ ର ଗୁରୁତ୍ୱ କୁ ବିଚାର କରି ଜିଲ୍ଲାପାଳ ୪ଜଣ ଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୦, ୦୦୦/-ଟଙ୍କା ଏବଂ ଜଣଙ୍କୁ ରେଡ କ୍ରସ ପାଣ୍ଠି ରୁ ୫୦୦୦/-ଟଙ୍କା ମଂଜୁର କରିଛନ୍ତି ଆଜିର ଜନ ଅଭିଯୋଗ ଶୁଣାଣୀରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ଓ ଆଜି ଜନ ଶୁଣାଣି ଶିବିରକୁ ଆସିଥିବା ଆବେଦନକାରି ମାନଙ୍କ ପାଇଁ ଶେଡ଼ ବ୍ୟବସ୍ଥା କରାଯିବା ସହ ଲୋକମାନଙ୍କୁ ପିଇବା ପାଇଁ ଥଣ୍ଡା ପାନୀୟ ଜଳ ବଣ୍ଟନ କରାଯାଇଥିଲା।

## ଜଟଣୀ କ୍ରିକେଟ ଏକାଡେମୀ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ, ଗ୍ରୀନ କ୍ଲବ ଭୁବନେଶ୍ୱର ଚମ୍ପିୟାନ



**ଖୋର୍ଦ୍ଧା,୨।୬(ସଂଚାର ବ୍ୟୁରୋ):** ଜଟଣୀ କ୍ରିକେଟ ଏକାଡେମୀ ପକ୍ଷରୁ ୧୬ ବର୍ଷରୁ କମ ବର୍ଗର କ୍ରିକେଟ ଖେଳାଳି ମାନଙ୍କୁ ନେଇ ଏକ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି।ସ୍ଥାନୀୟ ଜଟଣୀ କଲେଜ ପଡ଼ିଆ ଠାରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ୮ ଟି ଦଳ ଭାଗ ନେଇଥିଲେ। ଫାଇନାଲ ପର୍ଯ୍ୟାୟରେ ପ୍ରିନ୍ସ କ୍ଲବ୍ ଭୁବନେଶ୍ୱର ଆର ଆର କ୍ଲବ୍ ପିପିଲିକୁ ହରାଇ ଚମ୍ପିୟାନ ହୋଇଛି। ପ୍ରଥମେ ଟସ୍ ରେ ବିଜୟ ହୋଇ ପ୍ରିନ୍ସ କ୍ଲବ୍ ଭୁବନେଶ୍ୱର ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୨୮ ରନ କରିଥିଲେ। ଜବାବରେ ପିପିଲି ଦଳ ୨୦ ଓଭରରେ ୯ ୱିକେଟ ହରାଇ ମାତ୍ର ୮୪ ରନ କରିଥିଲେ। ଏହି ମ୍ୟାଚ୍ କୁ ୪୪ ରନ ରେ ଜିତି ପ୍ରିନ୍ସ କ୍ଲବ୍ ଭୁବନେଶ୍ୱର ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିବା ବେଳେ ଆର ଆର କ୍ଲବ୍ ପିପିଲି ରନର୍ସ ଅପ ହୋଇଛି। ପ୍ରିନ୍ସ କ୍ଲବ୍ ର ଦିପ୍ତାଂଶୁ ଦାସଙ୍କ ୮୦ ରନ ପାଇଁ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଛନ୍ତି। ଏହି ମ୍ୟାଚ୍ କୁ ଜେ ପି ସାମନ୍ତରାୟ, ସ୍ମୃତିରଞ୍ଜନ ନାୟକ, ବିଶ୍ୱନାଥ ପରିଚାଳନା କରିଥିଲେ। ଉଦଯାପନୀ ଉତ୍ସବରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ର କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଯୁବ ସମାଜସେବୀ ତଥା ବିଜୁ ଜନତା ଦଳର ଭୁବନେଶ୍ୱର ସାଂସଦ ପ୍ରାର୍ଥୀ କ୍ୟାପଟେନ ମନ୍ମଥ ରାଉତରାୟ ମୁଖ୍ୟ ଅତିଥି ଭାବେ, ଅଜିତ ସାମନ୍ତରାୟ ସମ୍ମାନିତ ଅତିଥି ଭାବେ, ଜଟଣୀ କ୍ରିକେଟ ଏକାଡେମୀର ସଚିବ ମନୋହର ମେଣ୍ଡାଲି, ସଭାପତି ବେଣୁଧର ଦାସ ବିଶେଷ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ। ଶ୍ରେଷ୍ଠ ବ୍ୟାଟର ଭାବେ ଦିପ୍ତାଂଶୁ ଦାସ, ଶ୍ରେଷ୍ଠ ବୋଲର ଭାବେ ଜେମ୍ସ ଲିମା, ଶ୍ରେଷ୍ଠ ଫିଲ୍ଡର ଭାବେ ଆଦିତ୍ୟ ବର୍ଦ୍ଧନ, ଶ୍ରେଷ୍ଠ ୱିକେଟ ରକ୍ଷକ ଭାବେ ସରୋଜ ରାଣା ପୁରସ୍କୃତ ହୋଇଛନ୍ତି।

## ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଘୋଷଯାତ୍ରା ଉପଲକ୍ଷେ ଚୂଡାନ୍ତ ପ୍ରସ୍ତୁତି ବୈଠକ




**ନୀଳଗିରି,୨।୬(ସଂଚାର ବ୍ୟୁରୋ):** ଚଳିତ ବର୍ଷ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ରେ ଜଗତର ନାଥ ଜଗନ୍ନାଥଙ୍କ ଆଗାମୀ ଘୋଷଯାତ୍ରା ଉପଲକ୍ଷେ ଦ୍ୱିତୀୟ ତଥା ଚୁଡାନ୍ତ ପ୍ରସ୍ତୁତି ବୈଠକ ସୋମବାର ଅପରାହ୍ନ ୬ ଘଟିକା ସମୟରେ ସ୍ଥାନୀୟ ଗୋଷ୍ଠି ଉନ୍ନୟନ ଅଧିକାରିଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୁର୍ଯ୍ୟବଂଶି ମୟୂର ବିକାଶ ଅଧ୍ୟକ୍ଷତା କରିଥିବା ବେଳେ ସ୍ଥାନୀୟ ଉପ ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ ମଞ୍ଚ ପରିଚାଳନା କରିଥିଲେ। ଏହି ବୈଠକରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ରାଜ ପ୍ରାସାଦ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ, ଆଇ .ଏସ୍ ଭଗତସାମଲ କଲ୍ୟାଣ ରାଓ, ଏନ୍ଏସିଭାରପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ସେବାୟତ, ମହାରଣା ସମେତ ବହୁ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତି ରହି ରଥଯାତ୍ରା ପ୍ରସ୍ତୁତି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶି ମୟୂର ବିକାଶ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାତାର ସହ ଉପଖଣ୍ଡର ପ୍ରତ୍ୟେକ ବିଭାଗ ନିଜ ନିଜ ଦାୟିତ୍ୱକୁ ସୁଚାରୁ ରୂପେ ସମ୍ପାଦନ କରିବାକୁ ନିବେଦନ କରିଥିଲେ। ଆଗାମୀ ରଥଯାତ୍ରା ଉପଲକ୍ଷେ ବିଦ୍ୟୁତ ଓ ପାନୀୟଜଳ ନିରବଛିନ୍ନ ଯୋଗାଣ, ସ୍ୱାସ୍ଥ୍ୟ ପରିମଳ ସହ ରଥଦାଣ୍ଡରେ ଭକ୍ତଙ୍କ ସୁରକ୍ଷା, ଅସ୍ଥାୟୀ ପରିସ୍ରାଗାର, ରଥଉପରେ ରହୁଥିବା ବ୍ୟକ୍ତିଙ୍କ ତାଲିକା ସଂଖ୍ୟା, ଗମନାଗମନ, ପ୍ରାଥମିକ ଚିକିତ୍ସା ସହିତ ସାଇକେଲ ଷ୍ଟାଣ୍ଡ, ସିସି ଟିଭି, ଅଗ୍ନିଶମ ସେବା ପାଇଁ ବିଭାଗୀୟ ଅଧିକାରିଙ୍କୁ ଦାୟିତ୍ୱ ଏବଂ ଭକ୍ତ ମାନଙ୍କ ମନୋରଞ୍ଜନ ପାଇଁ ପ୍ରଦର୍ଶନୀ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରାଯାଇଥିଲା।

- ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ

## ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ



**ବାରିପଦା,୨।୬(ସଂଚାର ବ୍ୟୁରୋ):** ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାର ପ୍ରଭାରୀ ମନ୍ତ୍ରୀ ତଥା ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନ ଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ ତଥା ସଚେତନ କରିବା ଉଦେଶ୍ୟ ରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମର ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକ ରେ ସାଂସଦ ନବ ଚରଣ ମାଝୀ, ବିଧାୟକ ସାରସକଣା ଭାଦବ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ,ଉଦଳା ବିଧାୟକ ଭାସ୍କର ମଢେଇ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଇରଙ୍ଗପୁର ବିଧାୟକ ଜଲେନ ନାୟକ, ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ସୟ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମର ରୂପରେଖ ବିଷୟରେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ରୂପରେଖ ଅନୁସାରେ ଲୋକମାନଙ୍କୁ ସରକାରୀ ଯୋଜନା ସମ୍ବନ୍ଧରେ ଅବଗତ ତଥା ବ୍ୟାପକ ସଚେତନତା ସୃଷ୍ଟି କରିବା ନିମନ୍ତେ ଚଳିତ ଜୁନମାସ ୫ତାରିଖି ରୁ ଜୁନ୨୦ ତାରିଖ ପର୍ଯ୍ୟନ୍ତ କ୍ଷେତ୍ରୀୟ ସ୍ତର ଠାରୁ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ସହିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ଓରମାସ ପକ୍ଷରୁ ଜୁନ ୧୧ ତାରିଖରୁ ଜୁନ ୧୭ ତାରିଖ ପର୍ଯ୍ୟନ୍ତ ବିକାଶ ମେଳା ଜରିଆରେ ବିଭିନ୍ନ ଜନ କଲ୍ୟାଣ କାରୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଯିବ ଓ ଜୁନ ୧୯ ତାରିଖରେ ଆଦିବାସୀ ଶକ୍ତି ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗ ଯଥା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଉଦ୍ୟାନ କୃଷି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ, ଜଳସେଚନ,ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସଂଖ୍ୟା ଲଘୁ ଓ ପଛୁଆ ବର୍ଗ କଲ୍ୟାଣ ଇତ୍ୟାଦି ବିଭାଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପ୍ରକଳ୍ପ ଗୁଡିକର ସମୀକ୍ଷା କରିଥିଲେ ଏବଂ ଯୋଜନା ଗୁଡିକର ସଠିକ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମାନ୍ୟବର ମନ୍ତ୍ରୀ କହିଥିଲେ ଯେ ବିଭାଗୀୟ ଅଧିକାରୀ ଓ ଜନ ପ୍ରତିନିଧି ମାନଙ୍କ ସହ ଉତ୍ତମ ସମ୍ପର୍କ ତଥା ଉତ୍ତମ ସମନ୍ୱୟ ରହିଲେ ଏକ ସୁସ୍ଥ ବାତାବରଣ ସହିତ ସରକାରୀ ଯୋଜନାର ଶତ ପ୍ରତିଶତ ସୁଫଳ ଲୋକମାନେ ପାଇପାରିବେ।

**ଏମକେସିଜିରେ ରେଗିଂ ଅଭିଯୋଗ**

## ଦୁଇ ହାଉସ ସର୍ଜନଙ୍କୁ ୨୫ ହଜାର ଜରିମାନା

**ବ୍ରହ୍ମପୁର,୨।୬(ସଂଚାର ବ୍ୟୁରୋ):** ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜରେ ପୁଣି ରାଗିଂ ଅଭିଯୋଗ ହୋଇଛି। ଏନେଇ ଆଣ୍ଟି ରାଗିଂ ସେଲରୁ ଅଭିଯୋଗ ଆସିବା ପରେ ମେଡିକାଲ କଲେଜ କର୍ତ୍ତୃପକ୍ଷ ସୋମବାର ଅପରାହ୍ନରେ ଜରୁରୀ ବୈଠକ କରିଥିଲେ। ମେଡିକାଲ କଲେଜ ଡିନ ପ୍ରଫେସର ଡାକ୍ତର ସୁଚିତ୍ରା ଦାସଙ୍କ ସୂଚନା ଅନୁସାରେ, ଦୁଇ ଜଣ ହାଉସ ସର୍ଜନ ଚତୁର୍ଥ ବର୍ଷ ଛାତ୍ରଙ୍କୁ ମାନସିକ ଭାବେ ରାଗିଂ କରିଥିବା ତଦନ୍ତରୁ ଜଣାପଡ଼ିଛି। ଏହି ହାଉସ ସର୍ଜନମାନେ ଚତୁର୍ଥ ବର୍ଷ ଛାତ୍ରଙ୍କୁ "କଥାବାର୍ତ୍ତା ସମୟରେ ଆମକୁ କାହିଁକି ସମ୍ମାନ ଦେଉନ" ବୋଲି କହି ରାଗିଂ କରିଥିଲେ। ଘଟଣା ମେ ମାସ ୧୨ ତାରିଖରେ ହୋଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଥିବା ମେଡିକାଲ କଲେଜ ଡିନ କହିଛନ୍ତି। ଏନେଇ ବୈଠକରେ ଆଲୋଚନା ଓ ତଦନ୍ତ ହୋଇଥିଲା। ବୈଠକ କ୍ରମେ ହାଉସ ସର୍ଜନଙ୍କ ଠାରୁ ଦଣ୍ଡ ବିଧାନ ନିୟମ ଅନୁସାରେ ୨୫ ହଜାର ଟଙ୍କା ଜରିମାନା ନିଷ୍ପତ୍ତି କରାଯାଇଛି।




# ବିଇଏମସିର ନୂଆ ନୀତି ! ଦେଖିକି ଚାଲ, ରାସ୍ତାରେ ଖାଲ

## ଆଲୋକୀକରଣର ମଧ୍ୟ ବ୍ୟବସ୍ଥା ନାହିଁ

**ବ୍ରହ୍ମପୁର,୨।୬(ସଂଚାର ବ୍ୟୁରୋ):** ବିଭିନ୍ନ ସମସ୍ୟା ଘେରରେ ରହିଥିବା ରେଶମ ସହରରେ ରାସ୍ତା ଏକ ପ୍ରମୁଖ ସମସ୍ୟା କହିଲେ ଭୁଲ ହେବନି। ସହର ସାରା ଗଳିକନ୍ଦି ହେଉ କିମ୍ବା ମୁଖ୍ୟ ରାସ୍ତା ଗୁଡିକରେ ସୃଷ୍ଟି ହୋଇଥିବା ଖାଲ ଖମା ଲୋକଙ୍କ ପାଇଁ ମରଣଯନ୍ତା ସଦୃଶ। ଯାହାଦ୍ୱାରା ଅଧିକାଂଶ ଦୁର୍ଘଟଣା ହେଉଥିବା ଅଭିଯୋଗ ହୋଇଛି। କିନ୍ତୁ ରାସ୍ତା ମରାମତି କ୍ଷେତ୍ରରେ ବ୍ରହ୍ମପୁର ମହାନଗର ନିଗମ ବିଶେଷ ଗୁରୁତ୍ୱ ଦେଉନାହିଁ। ଯାହାକି ବି ମରାମତି ହେଉଛି ସାମାନ୍ୟ ବର୍ଷା ହେଲେ ସେଠାରେ ବିରାଟ ଖାଲ ସୃଷ୍ଟି ହେଉଛି। ଯାହାଫଳରେ ମୁଖ୍ୟ ରାସ୍ତା ଓ ସାହି ରାସ୍ତା ଗୁଡିକରେ ବିରାଟ ଖାଲ ସୃଷ୍ଟି ହେବା ସହ ବାଇକ ଚାଳକଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ଏପରିକି ନିଗମର ବହୁ ୱାର୍ଡରେ ଭଲ ରାସ୍ତା ଏବେ କଚା ରାସ୍ତାରେ ପରିଣତ ହୋଇଥିବା ଦୃଷ୍ଟି ଗୋଚର ହୋଇଛି। ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୩୦ ନଂ ୱାର୍ଡ ଲେକଚର କଲୋନୀ ରାସ୍ତାଟି ଏଭଳି ସମସ୍ୟା ମଧ୍ୟରେ ରହିଛି। ଆଜକୁ ଦୀର୍ଘ ୯ ବର୍ଷ ହେଲା ଏହି ରାସ୍ତା ମରାମତି ହୋଇ ନାହିଁ। ବର୍ତ୍ତମାନ ଏହି ରାସ୍ତା ସହର ମଧ୍ୟରେ ଗ୍ରାମାଞ୍ଚଳ ରାସ୍ତା ଭଳି ଭ୍ରମ ସୃଷ୍ଟି କରୁଛି। କିନ୍ତୁ ମରାମତି ଦିଗରେ ସ୍ଥାନୀୟ ଲୋକ ପ୍ରତିନିଧ ଓ ନିଗମ କର୍ତ୍ତୃପକ୍ଷ କୌଣସି କର୍ଣ୍ଣପାତ କରୁ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସୂଚନା ଥାଉ କି, ଏହି ରାସ୍ତାଟି ବିଜିପୁର ଗୋସାଣୀନୂଆଗାଁ ସହ ଷ୍ଟେସନ ରୋଡକୁ ମଧ୍ୟ ସଂଯୋଗ କରୁଛି। ସନ୍ତୋଷୀ ମା ମନ୍ଦିର ସମ୍ମୁଖରୁ ଷ୍ଟେସନ ରୋଡକୁ ସଂଯୋଗ କରୁଥିବା ଯୋଗୁଁ ଅନେକ ସହରବାସୀ ଏହା ଉପରେ ନିର୍ଭର କରୁଛନ୍ତି। ରାସ୍ତାଟି ଉକ୍ତ ୱାର୍ଡର ତୋଟା ସାହି ଓ ନେହେରୁ ନଗରକୁ ମଧ୍ୟ ସଂଯୋଗ କରୁଛି। ପ୍ରତିଦିନ ଏହି ରାସ୍ତା ଦେଇ ସ୍କୁଲ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ଲୋକଙ୍କ ଯାତାୟତ ଲାଗି ରହିଥାଏ। ଏପରିକି ଏହି ରାସ୍ତା ଦେଇ ଷ୍ଟେସନକୁ ମଧ୍ୟ ବହୁ ଲୋକ ଯାତାୟତ କରିଥାନ୍ତି। ନିକଟରେ ରହିଥିବା ସନ୍ତୋଷୀ ମା ମନ୍ଦିରକୁ ପ୍ରତି ଶୁକ୍ରବାର ଗଞ୍ଜାମ ଜିଲା ସମେତ ଜିଲା ବାହାର ଶ୍ରଦ୍ଧାଳୁଙ୍କ ଭିଡ ଜମିଥାଏ। ଏହି ଦିନରେ ଭିଡ ଅଧିକ ରହୁଥିବା କାରଣରୁ ଆଖପାଖ ଅଞ୍ଚଳ ବାସିନ୍ଦା ମୁଖ୍ୟ ରାସ୍ତା ବଦଳରେ ଲେକଚର କଲୋନୀ ରାସ୍ତା ଦେଇ ଯିବା ଆସିବା କରିଥାନ୍ତି। ସ୍ଥାନୀୟ ବାସିନ୍ଦା ମଧ୍ୟ ଉକ୍ତ ରାସ୍ତା ଦେଇ ମନ୍ଦିରକୁ ଯାଇଥାନ୍ତି। କିନ୍ତୁ ରାସ୍ତାଟି କାଦୁଅ ପାଣିରେ ଭରି ହୋଇଥିବା କାରଣରୁ ଯାତାୟତ ହୋଇପାରୁ ନାହିଁ। ୨ ଚକିଆ ଯାନଠାରୁ ଆରମ୍ଭ କରି ଚାଲିକି ଯିବା ମଧ୍ୟ ସମ୍ଭବପର ହୋଇପାରୁ ନାହିଁ। ଏଥିସହ ବହୁ ବରିଷ୍ଠ ନାଗରିକ ଓ ସ୍କୁଲ ଛାତ୍ରୀଛାତ୍ର ରାସ୍ତାରେ ଯାତାୟତ କରିପାରୁ ନାହାନ୍ତି। ଅନେକ ସମୟରେ ୪ ଚକିଆ ଯାନବାହାନ ଭାରସାମ୍ୟ ହରାଇ ଓଲଟି ପଡୁଥିବା ନଜିର ରହିଛି। ଅନ୍ୟପଟେ ରାସ୍ତାରେ ଆଲୋକୀକରଣର ବ୍ୟବସ୍ଥା ମଧ୍ୟ ନାହିଁ।



## ସାଂସଦଙ୍କ ପ୍ରତିନିଧିଙ୍କୁ ଆକ୍ରମଣ ଅଭିଯୋଗ !

**ଜଗତସିଂହପୁର,୨।୬(ସଂଚାର ବ୍ୟୁରୋ):** ଜିଲ୍ଲା ତିର୍ତ୍ତୋଲ ବ୍ଲକ ର ନୂତନ ରୂପେ ଚୟନ ହୋଇଥିବା ସାଂସଦ ବ୍ଲକ ପ୍ରତିନିଧି ସୁନନ୍ଦ ବିଶ୍ୱାଳ ଗତ କିଛି ଦିନ ହେଲା ତିର୍ତ୍ତୋଲ ରୁ କେଉଁ ଆଡେ ଅନ୍ତରଧ୍ୟାନ ହୋଇଯାଇଛନ୍ତି। ବହୁ ଦଳୀୟ ଲୋକ ସୁବେଛା ଦେବାକୁ ଆସୁଥିବା ବେଳେ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଛି। କେବଳ ସେତିକି ନୁହଁ କିଛି ହାତ ଗଣତି ନେତାଙ୍କ ଫୋନ ଉଠାଉଥିବା ବେଳେ ସାଧାରଣ ଲୋକଙ୍କ ଠାରୁ ଦୂରରେ ରହିଥିବା ଶୁଣିବାକୁ ମିଳୁଛି। ସ୍ଥାନୀୟ ମଣିଜଙ୍ଗା ଏରସମା ରାସ୍ତାର ନୂଆପାଖିରୀ ବଜାର ର କିଛି ସ୍ଥାନୀୟ ଲୋକଙ୍କ ଠାରୁ ଶୁଣିବାକୁ ମିଳୁଛି ଯେ ଗତ ସପ୍ତାହରେ ନୂଆପୋଖରୀ ବଜାର ଠାରେ ସୁନନ୍ଦଙ୍କର କିଛି ଲୋକଙ୍କ ସହିତ ମଧ୍ୟ ରାତ୍ରିରେ ପାଟିତୁଣ୍ଡ ହେବା ଓ ପରେ ପରେ ହାତାହାତୀ ହେବା ଫଳରେ ନିଶାସକ୍ତ ଅବସ୍ଥାରେ ସୁନନ୍ଦ ଙ୍କ ମୁଣ୍ଡକୁ ବିଜେଡି ର ଏକ ନେତା ବୋତଲ ରେ ପିଟି ଦେବାରୁ ସୁନନ୍ଦ ଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଫଳରେ ସୁନନ୍ଦ ଙ୍କ ସହିତ ଥିବା ଏକ ଯୁବକ କୁ ଧରି ବହେ ଉତ୍ତମ ମଧ୍ୟମ ଦେଇଥିଲେ ସ୍ଥାନୀୟ ଯୁବକ ନୂଆପୋଖରୀ ଯୁବକ। ଏହାପରେ ସୁନନ୍ଦ ଙ୍କ ସହିତ ଯୁବକ ଜଣଙ୍କ ସେଇ ଜାଗାରୁ ଫେରାର ଥିବା ଜଣାପଡ଼ିଛି।ରକ୍ତ ଜୁଡୁବୁଡୁ ହୋଇ ସୁନନ୍ଦ ରାସ୍ତାରେ ପଡ଼ିଥିବା କିଛି ଦେଖେଣା ହାରି ଦେଖିଥିବା ବେଳେ ସୁନନ୍ଦ ଙ୍କ ଘରକୁ ଖବର ଦେଇଥିବା ଜଣା ପଡ଼ିଛି।





# ଶିକ୍ଷାକୁ ବିପଦ ଜଳବାୟୁ ପରିବର୍ତ୍ତନ

୨୦୨୪ ମସିହାରେ ଜଳବାୟୁ ପରିବର୍ତ୍ତନ ଜନିତ କାରଣଗୁଡ଼ିକ ଦ୍ୱାରା ଦକ୍ଷିଣ ଏସିଆରେ ଶିକ୍ଷାଦାନ ସବୁଠାରୁ ଅଧିକ ବାଧାପ୍ରାପ୍ତ ହୋଇଛି। ଏହି ବର୍ଷ ଦକ୍ଷିଣ ଏସିଆର ୧୨.୮ କୋଟି ଛାତ୍ରଛାତ୍ରୀଙ୍କ ଶିକ୍ଷା, ଜଳବାୟୁ ପରିବର୍ତ୍ତନ ଯୋଗୁଁ ପ୍ରଭାବିତ ହୋଇଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଶିକ୍ଷାର୍ଥୀ ଭାରତର।

୨୦୨୫ ଜାନୁଆରି ୨୪ରେ ଆନ୍ତର୍ଜାତିକ ଶିକ୍ଷା ଦିବସ ଅବସରରେ ମିଳିତ ଜାତିସଂଘର ଶିଶୁକଲ୍ୟାଣ ସଂସ୍ଥା 'ୟୁନିସେଫ୍' ପକ୍ଷରୁ ୨୦୨୪ ମସିହାରେ ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ କାରଣ ଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିବା ବିଦ୍ୟାଳୟଗୁଡ଼ିକ ସଂପର୍କରେ ଏକ ରିପୋର୍ଟ ଉନ୍ମୋଚିତ ହୋଇଥିଲା। ଏହା ଅନୁସାରେ ୨୦୨୪ ମସିହାରେ ପ୍ରତ୍ୟେକ ସାତ ଜଣରୁ ଜଣେ ଛାତ୍ରଛାତ୍ରୀଙ୍କ ଶିକ୍ଷା ଜଳବାୟୁ ପରିବର୍ତ୍ତନ ସଂପର୍କିତ ବିପତ୍ତି ଯୋଗୁଁ ବାଧାପ୍ରାପ୍ତ ହୋଇଛି। ବିଶ୍ୱ ସ୍ତରରେ ପ୍ରାକ୍-ପ୍ରାଥମିକରୁ ଉଚ୍ଚ ମାଧ୍ୟମିକ ପର୍ଯ୍ୟନ୍ତ ଅନ୍ତତଃ ୨୪.୨ କୋଟି ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟ ଶିକ୍ଷା ଜଳବାୟୁ ଘଟଣାଗୁଡ଼ିକ ଯୋଗୁଁ ବାଧାପ୍ରାପ୍ତ ହୋଇଛି। ମିଳିତ ଜାତିସଂଘର ଏହି ରିପୋର୍ଟରେ ୨୦୨୪ ଜାନୁଆରିରୁ ଡିସେମ୍ବର ମାସ ମଧ୍ୟରେ ଜଳବାୟୁ ବିପତ୍ତି ଯୋଗୁଁ ବିଦ୍ୟାଳୟ ଶିକ୍ଷା କିପରି ବାଧାପ୍ରାପ୍ତ ହୋଇଛି ସେ ସଂପର୍କରେ ବିଶ୍ଳେଷଣ କରାଯାଇଛି। ଏହି ରିପୋର୍ଟରେ ବିଦ୍ୟାଳୟ ଶିକ୍ଷା ବାଧାପ୍ରାପ୍ତ ହେବା ଯୋଗୁଁ ଦାୟୀ ୧୧୯ଟି ଜଳବାୟୁ ବିପତ୍ତିକୁ ଚିହ୍ନଟ କରାଯାଇଛି।

ଏଥିରେ ବିଭିନ୍ନ ଜଳବାୟୁ ସଂପର୍କିତ ବିପତ୍ତି ଯୋଗୁଁ ବିଦ୍ୟାଳୟ ବନ୍ଦ ହୋଇଯିବା, ବିଦ୍ୟାଳୟ ଖୋଲିବାରେ ବିଳମ୍ବ କିମ୍ବା ବିଦ୍ୟାଳୟ ବା ଶ୍ରେଣୀଗୃହଗୁଡ଼ିକ କ୍ଷତିଗ୍ରସ୍ତ ହୋଇଯିବା ପରି ଘଟଣାମାନ ଅନ୍ତର୍ଭୁକ୍ତ।

ଏହି ରିପୋର୍ଟ ମୁତାବକ 'ଗ୍ରୀଷ୍ମ ଲହରି' ଯୋଗୁଁ ବିଦ୍ୟାଳୟ ଶିକ୍ଷା ସବୁଠାରୁ ଅଧିକ ବାଧିତ ହୋଇଛି। ଅନ୍ୟୂନ ୧୭.୧ କୋଟି ଶିଶୁ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। ଗ୍ରୀଷ୍ମମଣ୍ଡଳୀୟ ବାତ୍ୟା ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ୧.୮ କୋଟି ଛାତ୍ରଛାତ୍ରୀଙ୍କୁ ପ୍ରଭାବିତ କରିଛି। ଏହାର ପରବର୍ତ୍ତୀ ମାସ ଅକ୍ଟୋବର ଓ ନଭେମ୍ବରରେ ବାତ୍ୟା ଘଟଣାମାନ ଆହୁରି ବୃଦ୍ଧି ପାଇଥିଲା। ଫଳରେ ବିଦ୍ୟାଳୟ ଶିକ୍ଷା ବ୍ୟାହତ କରିବାରେ ବାତ୍ୟା ଓ ବନ୍ୟା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସେହିପରି ଚରମ ପାଣିପାଗ ଜନିତ କାରଣରୁ ଜାନୁଆରି, ଫେବ୍ରୁଆରି ଓ ମାର୍ଚ୍ଚରେ ଘନକୁହୁଡ଼ି ଓ ଶୀତ ଲହରି ତଥା ପ୍ରଦୂଷଣ ଯୋଗୁଁ ଅଧିକ ଛାତ୍ରଛାତ୍ରୀ ଶ୍ୱାସ, କାଶ ଓ ଅନ୍ୟାନ୍ୟ ଭୂତାଣୁ ଜନିତ ରୋଗରେ ପୀଡ଼ିତ ହୋଇ ଶିକ୍ଷାନୁଷ୍ଠାନ ଯାଇପାରି ନ ଥିଲେ। ନଭେମ୍ବର ମାସରେ ମଧ୍ୟ ଏହି ବିପତ୍ତି ପରିଲକ୍ଷିତ ହୋଇଥାଏ। ଏଲ୍ ନିନୋ ମଧ୍ୟ ଶିଶୁମାନଙ୍କର ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପକାଇ ସେମାନଙ୍କର ଶିକ୍ଷାକୁ ବାଧା ଦେଉଛି ବୋଲି ୟୁନିସେଫ୍ ଦର୍ଶାଇଛି।



# ଧୂସର ହେଉଛି ଗ୍ରିନ୍‌ଲ୍ୟାଣ୍ଡର ନୀଳ ହ୍ରଦ!

ଚରମ ପାଣିପାଗ ପରିବର୍ତ୍ତନର କୁପରିଣତି ଗ୍ରିନ୍‌ଲ୍ୟାଣ୍ଡରେ ସ୍ପଷ୍ଟ ଅନୁଭୂତ ହୋଇଛି। ବିଶେଷ କରି ପଶ୍ଚିମ ଗ୍ରିନ୍‌ଲ୍ୟାଣ୍ଡର ୭,୫୦୦ଟି ହ୍ରଦରେ ପର୍ଯ୍ୟାବରଣୀୟ ରୂପାନ୍ତରୀକରଣ ଦେଖିବାକୁ ମିଳିଛି। ଫଳରେ ଏହି ହ୍ରଦଗୁଡ଼ିକ ଅଙ୍ଗାର ଶୋଷକରୁ ଅଙ୍ଗାର ଉତ୍ସରେ ପରିଣତ ହୋଇଥିବା ନୂତନ ଅଧ୍ୟୟନରୁ ଜଣାଯାଇଛି।

ବାଷ୍ପୀଭୂତ ଜଳକଣା ସବୁ ବରଫପାତ ଅପେକ୍ଷା ଅଧିକ ବୃଷ୍ଟିପାତ ଆକାରରେ ପଡ଼ିବା ଏହାର ମୁଖ୍ୟ କାରଣ। ଗବେଷକମାନଙ୍କ ନିରୀକ୍ଷଣ ଅନୁଯାୟୀ, ୨୦୨୨ ସେପ୍ଟେମ୍ବରରେ ରେକର୍ଡ ତାପମାତ୍ରା ସାଙ୍ଗକୁ ଏହି ଜଳୀୟବାଷ୍ପ ବାହିକା (ଆଟମସ୍‌ଫେରିକ୍ ରିଭର୍) ଦ୍ୱାରା ସଂଘଟିତ ବର୍ଷା ଉକ୍ତ ହ୍ରଦଗୁଡ଼ିକର ଜୈବଭୂରାସାୟନିକ, ଗଠନଗତ ଓ ଜୈବିକ ଚରିତ୍ରକୁ ବଦଳାଇଦେଇଛି। ୨୦୨୨ ସେପ୍ଟେମ୍ବରରେ ସଂଖ୍ୟାଧିକ ଆଟମସ୍‌ଫେରିକ୍ ରିଭର୍‌ର ଆବିର୍ଭାବ ଯୋଗୁଁ ବାୟୁମଣ୍ଡଳର ତାପମାତ୍ରା ସ୍ୱାଭାବିକ ଠାରୁ ଉଚ୍ଚରେ ରହିଥିଲା। ଫଳରେ ଗ୍ରିନ୍‌ଲ୍ୟାଣ୍ଡରେ ରେକର୍ଡ ପରିମାଣର ବରଫ ପାହାଡ଼ ତରଳିବା ଦେଖାଯାଇଥିଲା। ଅଧିକ ତାପମାତ୍ରା ଯୋଗୁଁ ମୃତ୍ତିକାରେ ହିମୀକୃତ ହୋଇ ରହିଥିବା ଜୈବିକ ଅଙ୍ଗାର ତରଳି ପ୍ରବାହିତ ହୋଇଥିଲା ଯହିଁରେ ଅଙ୍ଗାର, ଲୌହ ଓ ମାଗ୍ନେସିଅମ୍ ସମେତ ଅନ୍ୟାନ୍ୟ ଖଣିଜ ପଦାର୍ଥ ମଧ୍ୟ ରହିଥିଲା। ଫଳରେ ୨୦୧୩ ମସିହା ତୁଳନାରେ ୨୦୨୨ ମସିହା ବେଳକୁ ହ୍ରଦ ଜଳରେ ହାରାହାରି ଦ୍ରବୀଭୂତ ଅଙ୍ଗାର ପରିମାଣରେ ୨୨ ପ୍ରତିଶତ ବୃଦ୍ଧି ଘଟିଛି। ୨୦୨୨ ପରେ ବର୍ଷକ ଭିତରେ ହ୍ରଦର ନୀଳ ରଙ୍ଗ ଗାଢ଼ ଧୂସର ରଙ୍ଗ ହୋଇଯାଇଥିଲା। ସେଥିଯୋଗୁଁ ହ୍ରଦ ଜଳରେ ସୂର୍ଯ୍ୟାଲୋକ ପ୍ରବେଶ ୫୦ ପ୍ରତିଶତ ବାଧାପ୍ରାପ୍ତ ହୋଇଥିଲା, ଯାହା ପର୍ଯ୍ୟାବରଣ ପ୍ରଣାଳୀରେ ରୂପାନ୍ତରୀକରଣ ପାଇଁ ଦାୟୀ ବୋଲି ଗବେଷକମାନେ କହିଛନ୍ତି। ୨୦୧୪ ଅଗଷ୍ଟ ତୁଳନାରେ ୨୦୨୩ ଅଗଷ୍ଟ ବେଳକୁ ଜଳର ମିଥେନ୍ ସାନ୍ଦ୍ରତା ୭୨ ପ୍ରତିଶତ ବଢ଼ିଯାଇଥିଲା। ମୋଟାମୋଟି ଭାବେ ହ୍ରଦଗୁଡ଼ିକ ଅଙ୍ଗାର ଶୋଷକ ଭାବେ ପରିଗଣିତ ହେଉଥିବା ବେଳେ ଗ୍ରୀଷ୍ମକାଳରେ ହ୍ରଦରୁ ୩୫୦ ପ୍ରତିଶତ ଅଧିକ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନ ହୋଇଥିଲା।

> **ଗ୍ରିନ୍‌ଲ୍ୟାଣ୍ଡରେ ରେକର୍ଡ ପରିମାଣର ବରଫ ପାହାଡ଼ ତରଳିବା ସହ ମୃତ୍ତିକାରେ ହିମୀକୃତ ହୋଇ ରହିଥିବା ଜୈବିକ ଅଙ୍ଗାର ତରଳି ପ୍ରବାହିତ ହେବାରୁ ହ୍ରଦଗୁଡ଼ିକ ଅଙ୍ଗାର ଶୋଷକରୁ ଅଙ୍ଗାର ଉତ୍ସରେ ପରିଣତ ହୋଇଛନ୍ତି**



# ପରିସ୍ଥିତିକୁ ସଙ୍ଗିନ କରିବ 'ମେଟା'ର ସଦ୍ୟ ନିଷ୍ପତ୍ତି!

ଫେସବୁକ୍ ଓ ଇନ୍‌ଷ୍ଟାଗ୍ରାମ୍ ପରି ସାମାଜିକ ଗଣମାଧ୍ୟମର ମୂଳ କମ୍ପାନି 'ମେଟା' ପକ୍ଷରୁ ସତ୍ୟାସତ୍ୟ ଯାଞ୍ଚ (ଫ୍ୟାକ୍ଟ ଚେକିଂ) କାର୍ଯ୍ୟକ୍ରମ ବନ୍ଦ କରାଯିବା ଏବଂ ବିଷୟବସ୍ତୁ ନିୟନ୍ତ୍ରଣ (କଣ୍ଟେଣ୍ଟ ମଡରେସନ୍) ହ୍ରାସ କରିବାର ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି ଦ୍ୱାରା ସାମାଜିକ ଗଣମାଧ୍ୟମରେ ଜଳବାୟୁ ସମ୍ପର୍କିତ ତ୍ରୁଟିପୂର୍ଣ୍ଣ ସୂଚନାର ପ୍ରସାର ଅଧିକ ବ୍ୟାପକ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୦ରେ ମେଟା କମ୍ପାନି ଫେସ୍‌ବୁକ୍‌ରେ 'କ୍ଲାଇମେଟ୍ ସାଇନ୍ସ ଇନ୍‌ଫର୍ମେସନ୍ ସେଣ୍ଟର' ଆରମ୍ଭ କରି ଜଳବାୟୁ ସଂକ୍ରାନ୍ତ ଭୁଲ୍ ତଥ୍ୟର ମୁକାବିଲା ଦିଗରେ ପଦକ୍ଷେପ ନେଇଥିଲା। ଏହି ପ୍ରକ୍ରିୟା ଦ୍ୱାରା ତୃତୀୟ ପକ୍ଷ ତଥ୍ୟ ଯାଞ୍ଚକାରୀ (ଫ୍ୟାକ୍ଟ ଚେକର୍) ମାନେ ଜଳବାୟୁ ସଂକ୍ରାନ୍ତ ମିଛ ଓ ଭ୍ରମାତ୍ମକ ତଥ୍ୟକୁ ଚିହ୍ନିତ କରନ୍ତି। ଏହା ପରେ 'ମେଟା' ସେହି ତଥ୍ୟ ସହ ସତର୍କ ସୂଚନା ଯୋଡ଼ିବା ଓ ତାହାର ପ୍ରସାରକୁ ନିୟନ୍ତ୍ରଣ କରିବା ଭଳି କାର୍ଯ୍ୟାନୁଷ୍ଠାନର ନିଷ୍ପତ୍ତି ନେଇଥାଏ। ତେବେ ଆସନ୍ତା ମାର୍ଚ୍ଚରେ ଆମେରିକାରେ ତୃତୀୟ ପକ୍ଷ ଫ୍ୟାକ୍ଟ ଚେକର୍‌ଙ୍କ ସହ ମେଟାର ରାଜିନାମା ସମାପ୍ତ ହେବାକୁ ଯାଉଛି। ଫଳରେ ଆଗକୁ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଭ୍ରମାତ୍ମକ ସୂଚନାର ପ୍ରସାର ଅବାଧରେ ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ଜଳବାୟୁ ପରିବର୍ତ୍ତନକୁ ନେଇ ଅତିରଞ୍ଜିତ ଓ ମିଥ୍ୟା ତଥ୍ୟ ସମ୍ବଳିତ ପୋଷ୍ଟ ବ୍ୟାପକ ହେବାର ଭୟ ଦେଖାଦେଇଛି। ସେହିପରି କୃତ୍ରିମ ମେଧା (ଏଆଇ) ଦ୍ୱାରା ବନ୍ୟା, ବାତ୍ୟା, ମରୁଡ଼ି ପରି ଜଳବାୟୁ ସଂକଟର ମନଗଢ଼ା ଚିତ୍ର ପ୍ରସ୍ତୁତି ଓ ପ୍ରସାରଣ ଦ୍ୱାରା ଭ୍ରାନ୍ତି ବୃଦ୍ଧି ମଧ୍ୟ ପାଇବ। ଯଦି ଏପରି ଘଟେ ତେବେ ପରିସ୍ଥିତି ଅତ୍ୟନ୍ତ ଅପ୍ରୀତିକର ହୋଇଯିବ। ଜଳବାୟୁ ପରିବର୍ତ୍ତନ ଦ୍ୱାରା ସଂଘଟିତ ବିପର୍ଯ୍ୟୟ ସମୟରେ ଲୋକେ ଜୀବନ ରକ୍ଷାକାରୀ ନିଷ୍ପତ୍ତି ନେବାକୁ ଠିକ୍ ଓ ନିର୍ଭରଯୋଗ୍ୟ ସୂଚନା ପାଇଁ ବ୍ୟାକୁଳ ଥାଆନ୍ତି। ସେମାନେ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ତଥ୍ୟ ଉପରେ ନିର୍ଭରଶୀଳ ମଧ୍ୟ ହୋଇପଡ଼ନ୍ତି। ଏପରି ସ୍ଥିତିରେ ବିନା ଯାଞ୍ଚରେ ଆସୁଥିବା ତଥ୍ୟର ବନ୍ୟା ମାନବ ସମାଜ ଲାଗି ଘାତକ ହେବା ସ୍ୱାଭାବିକ। ସବୁଜଗୃହ ଗ୍ୟାସ୍ ଜାଳିବା ଦ୍ୱାରା ଜଳବାୟୁ ପରିବର୍ତ୍ତନ ଘଟୁଥିବା କଥାରେ ବୈଜ୍ଞାନିକମାନେ ଏକମତ, ଏଭଳି କଥାକୁ ବ୍ୟାଖ୍ୟା କରି ଅବଶ୍ୟ ଲୋକଙ୍କୁ ଭୁଲ୍ ସୂଚନାରୁ ଦୂରେଇ ରଖିବା ସମ୍ଭବ। କିନ୍ତୁ ଜଳବାୟୁ ସଂକ୍ରାନ୍ତ ଭୁଲ୍ ସୂଚନା ପ୍ରସାରିତ ହେବା ପୂର୍ବରୁ ତାହାକୁ ରୋକିବା ଅତ୍ୟନ୍ତ ଜରୁରି। ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ପରି ଆପ୍‌ରେ ଫ୍ୟାକ୍ଟ ଚେକିଂ ବନ୍ଦ ନିଷ୍ପତ୍ତି ଏହି ଦୁଇ ସାମାଜିକ ଗଣମାଧ୍ୟମରେ ତ୍ରୁଟିପୂର୍ଣ୍ଣ ତଥ୍ୟ ଭରିବା ସହ ଅଶେଷ କ୍ଷତି ସାଧନ କରିପାରେ।

# ଜନ୍ମଦିନରେ ବୃକ୍ଷରୋପଣ



ମୁଁ ବାପାଙ୍କ ସହ ମିଶି ଗଛ ଲଗାଏ। ପ୍ରତି ବର୍ଷ ମୋ ଜନ୍ମଦିନରେ ଗଛ ଲଗାଉଥିବାରୁ ସମସ୍ତଙ୍କଠାରୁ ପ୍ରଶଂସା ମଧ୍ୟ ପାଏ। ମତେ ଗୋଟେ ସ୍ଲୋଗାନ୍ ଭଲ ଲାଗେ, ଯେଉଁଟା ହେଉଛି ''ଗଛ ଲଗାଅ, ପରିବେଶ ବଞ୍ଚାଅ''। ଏବେ ଖରାଦିନ ଆସିଲାଣି। ବହୁତ ଗରମ ହେବ। ଆଜିକାଲି ତ ବଡ଼ କୋଠା ସହିତ କଳକାରଖାନା, ସପିଂ ମଲ୍ ଆଦି ନିର୍ମାଣ କରାଯାଉଛି। ଯାହାଫଳରେ ବଡ଼ ବଡ଼ ଗଛ ସବୁକୁ କାଟିବାକୁ ପଡୁଛି। କିନ୍ତୁ ଏହା ଆମ ଭବିଷ୍ୟତ ପାଇଁ ବହୁତ ଖରାପ। ସେଥିପାଇଁ ବଡ଼ମାନେ କୁହନ୍ତି ଯେତେ ସମ୍ଭବ ଗଛ ଲଗାନ୍ତୁ ଏବଂ ଏହାର ଯତ୍ନ ନିଅନ୍ତୁ। ତେଣୁ ମୋ ବାପା ମତେ ସବୁ ଜନ୍ମଦିନରେ ଗଛ ଲଗାଇବାକୁ କହିଥାନ୍ତି, ଯାହା ଫଳରେ ଆମ ଆଗାମୀ ପିଢ଼ି ଯେମିତି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତୁ। ଗଛ କାଟିଦେବା ଦ୍ୱାରା ଅମ୍ଳଜାନର ପରିମାଣ କମୁଛି, ଉତ୍ତାପ ରେକର୍ଡ ସୃଷ୍ଟି କରୁଛି ଏବଂ ବର୍ଷାର ପରିମାଣ କମିଯାଉଛି। ଚାରିଆଡ଼େ ସବୁଜ ଦେଖାଗଲେ ଆମ ପୃଥିବୀ ମଧ୍ୟ ସୁନ୍ଦର ଲାଗିବ। ତେଣୁ ସମସ୍ତେ ନିଜର ଗୁରୁତ୍ୱପୂର୍ଣ୍ଣ ଦିନଗୁଡ଼ିକରେ ଗଛ ଲଗାଇବା ଉଚିତ।

- ଅରୋସ୍ମିତା ସ୍ୱାଇଁ, ନବମ ଶ୍ରେଣୀ
ବ୍ରିଜ୍‌ୱେଲ୍ ଗ୍ଲୋବାଲ୍ ସ୍କୁଲ୍, ନୂଆଗାଁ, ଭୁବନେଶ୍ୱର

**ପରିବେଶ ଯୋଦ୍ଧା**



# ପ୍ରକୃତି ସହ ଅମରେଶଙ୍କ ମିତ୍ରତା

ବିକାଶ ନାଁରେ ଏବେ ଗଛକଟା ଚାଲିଛି। ବିକାଶ ତ' ହେଉଛି, କିନ୍ତୁ ପରିବେଶର ଯେଉଁ କ୍ଷତି ଘଟୁଛି, ତାହା ପୂରଣ ହେଉନାହିଁ। ପ୍ରାୟ ୩୨ ବର୍ଷ ତଳୁ ପରିବେଶର ଏହି ଅଧୋଗତି ଦେଖି, ଗଛ ଲଗାଇବାର ନିଷ୍ପତ୍ତି ନେଇଥିଲେ ଅମରେଶ ନରେଶ ସାମନ୍ତ। ସେ 'ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ' ଅନୁଷ୍ଠାନ ଗଠନ କରି ଜଗତସିଂହପୁରସ୍ଥିତ ନିଜ ଗାଁ ବିଶ୍ୱାଳିରୁ ବୃକ୍ଷରୋପଣ ଅଭିଯାନ ଆରମ୍ଭ କରିଥିଲେ।

ପ୍ରଥମେ ସେ ଧାଡ଼ିଧାଡ଼ି କରି ଗଛ ଲଗାଇବା ଆରମ୍ଭ କରିଥିଲେ। ୧୯୯୯ ମହାବାତ୍ୟାର ସ୍ଥିତିକୁ ଦେଖି ୨୦୦୧ ମସିହାରୁ ବ୍ୟାପକ ବୃକ୍ଷରୋପଣ ଅଭିଯାନ ଆରମ୍ଭ କରିଥିଲେ। ଏଥିପାଇଁ ସେ ବହୁ ସମୟରେ ସମ୍ମାନିତ ହେବା ସହ ୨୦୨୧ ମସିହାରେ ୭୫ତମ 'ମନ କି ବାତ୍' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରିବେଶ ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ପ୍ରଶଂସା ବି କରିଥିଲେ।

ଶ୍ରୀ ସାମନ୍ତ କହନ୍ତି, ''ବିକଶିତ ସହରଗୁଡ଼ିକରେ ରାସ୍ତା ସଂପ୍ରସାରଣ ଓ କଳକାରଖାନା ସ୍ଥାପନ ନାମରେ ଲକ୍ଷାଧିକ ଗଛ କଟାଯାଉଛି। ଏହାର କୁପ୍ରଭାବ ଆମକୁ ହିଁ ଭୋଗିବାକୁ ପଡୁଛି। ଆମ ଗାଁ କୁଜଙ୍ଗର ବିଶ୍ୱାଳି ଦେଇ ଜାତୀୟ ରାଜପଥ ଯାଇଛି। ଏହା ପାଖରେ ମହାନଦୀ ଓ ଏହା ପାର୍ଶ୍ୱରେ ପାରାଦ୍ୱୀପ ବନ୍ଦର। ଏଣୁ ପିଲାଦିନୁ ଆମେ ରାଜପଥ କଡ଼ ଓ ନଦୀପାର୍ଶ୍ୱରେ ଧାଡ଼ି ଧାଡ଼ି କରି ଗଛ ଲଗାଉଥିଲୁ। ଆମେ ଲଗାଇଥିବା ଅନେକ ଗଛ ମହାବାତ୍ୟାରେ ଉଜୁଡ଼ିଗଲା। ଅବଶିଷ୍ଟ ଯାହା ରହିଯାଇଥିଲା, ରାସ୍ତା ସଂପ୍ରସାରଣରେ କାଟିଦିଆଗଲା। ଏହାପରେ ଆମେ ବ୍ୟାପକ ଭାବେ ଗଛ ଲଗାଇବା ଆରମ୍ଭ କରିଥିଲୁ। ଶିଶୁ, ଅଁଳା, ପିଜୁଳି, କରଞ୍ଜ, ଝାଉଁ ଓ ଆକାଶିଆ ଭଳି ବଡ଼ ବଡ଼ ଗଛ ପାରାଦ୍ୱୀପ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଆଦି ଅଞ୍ଚଳର ଅବ୍ୟବହୃତ ଜମିରେ ବହୁ ପରିମାଣର ଲଗାଇବା ଆରମ୍ଭ କରିଥିଲୁ। ଏହା ପଛରେ ଉଦ୍ଦେଶ୍ୟ ଥିଲା ଯେ ବାତ୍ୟା ବା କାଳବୈଶାଖୀରେ ଏସବୁ ସମ୍ପୂର୍ଣ୍ଣ ଉଜୁଡ଼ିଯିବ ନାହିଁ। କିଛି ଭାଙ୍ଗିଲେ, ଅନ୍ୟ କିଛି ରହିଯିବ।''

ଏହାପରେ ୨୦୧୦ ମସିହାରୁ ସେ ମହାନଦୀ ମୁହାଣ ଓ ତତ୍‌ସଂଲଗ୍ନ ଅଞ୍ଚଳରେ ହେନ୍ତାଳ ଓ ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ପ୍ରୟାସ ଜାରି ରଖିଛନ୍ତି। 'ଦାନା' ବାତ୍ୟା ସମୟରେ ଏହିସବୁ ହେନ୍ତାଳ ବଣ ଉପକୂଳକୁ ସୁରକ୍ଷା ଦେବାରେ ପ୍ରମୁଖ ଭୂମିକା ନେଇଥିଲା। ଖାଲି ସେତିକି ନୁହେଁ, ଲୋକମାନଙ୍କୁ ପରିବେଶ ନେଇ ସଚେତନ କରିବା ପାଇଁ ୨ ଥର ସେ ସାଇକେଲ୍ ଯାତ୍ରା ବି କରିଛନ୍ତି। ଗୋଟିଏ ଥର ପାରାଦ୍ୱୀପରୁ ବ୍ରହ୍ମପୁର ୭ ଦିନ ପାଇଁ ସାଇକେଲ ଯାତ୍ରା କରି ବୃକ୍ଷରୋପଣର ଉପକାରିତା ଓ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରଚେଷ୍ଟା କରିଥିଲେ। ଦ୍ୱିତୀୟ ଥର ଭୁବନେଶ୍ୱରରୁ କେନ୍ଦୁଝର, ପାରାଦ୍ୱୀପ ହୋଇ ଦୀଘା ଯାଏ ୧୮ ଦିନିଆ ପରିବେଶ ସଚେତନତା ସାଇକେଲ ଯାତ୍ରା କରିଥିଲେ।



ଗତ ରବିବାର ସାଧାରଣତନ୍ତ୍ର ଦିବସରେ ସମ୍ମାନିତ ଅତିଥି ଭାବେ ଯୋଗ ଦେବାକୁ ଶ୍ରୀ ସାମନ୍ତଙ୍କୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା। ଏଥିସହ 'ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ'ର ସଦସ୍ୟମାନଙ୍କ ଦ୍ୱାରା ବହୁ ବର୍ଷ ଧରି ସୃଷ୍ଟି କରାଯାଇଥିବା ଗ୍ରାମ୍ୟ ଜଙ୍ଗଲ ଓ ହେନ୍ତାଳ ବଣ ସୃଷ୍ଟି ନିମନ୍ତେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ତାଙ୍କୁ ଦୁଇ ଦୁଇ ଥର 'ପ୍ରକୃତି ବନ୍ଧୁ' ଓ 'ପ୍ରକୃତି ମିତ୍ର' ସମ୍ମାନରେ ସମ୍ମାନିତ କରାଯାଇଛି।

# 'ବରଫଶୂନ୍ୟ' ହୋଇଯିବ ମେରୁ ମହାସାଗର!



ଆଗାମୀ ତିନି ବର୍ଷ ଭିତରେ ଉତ୍ତର ମେରୁରେ ଅବସ୍ଥିତ ଆର୍କଟିକ୍ ମହାସାଗରରେ ପ୍ରଥମ ଥର 'ବରଫଶୂନ୍ୟ' ଦିବସ ଦେଖିବାକୁ ମିଳିବ ବୋଲି ଗବେଷକମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। 'ନେଚର୍ କମ୍ୟୁନିକେସନ୍' ଜର୍ନାଲ୍‌ରେ ପ୍ରକାଶିତ ଏକ ଅନୁଧ୍ୟାନ ଅନୁଯାୟୀ, ବୈଶ୍ୱିକ ତାପମାତା ବୃଦ୍ଧି ଯୋଗୁଁ ଆର୍କଟିକ୍ ମହାସାଗରର ବରଫଗୁଡ଼ିକ ପ୍ରତି ଦଶନ୍ଧିରେ ୧୨ ପ୍ରତିଶତ ହାରରେ ତରଳିବାରେ ଲାଗିଛି। ଏହି ଧାରା ବଜାୟ ରହିଲେ ୨୦୨୭ ମସିହା ବେଳକୁ ଆର୍କଟିକ୍ ମହାସାଗର ସାମୟିକ ଭାବେ 'ବରଫଶୂନ୍ୟ' ହୋଇଯିବ ବୋଲି ଅନୁମାନ କରାଯାଉଛି।

ତାପମାତ୍ରା ନିୟନ୍ତ୍ରଣ ପାଇଁ ସବୁଜବାଷ୍ପ ନିର୍ଗମନକୁ ଯେତେ ହ୍ରାସ କଲେ ବି ୨୦୩୨ରୁ ୨୦୪୨ ମସିହା ଭିତରେ ଆର୍କଟିକ୍ ମହାସାଗରରେ 'ବରଫଶୂନ୍ୟ' ଦିବସ ପରିଲକ୍ଷିତ ହେବା ସୁନିଶ୍ଚିତ। ଅବଶ୍ୟ ଆର୍କଟିକ୍ ମହାସାଗରର ଏଭଳି ବରଫଶୂନ୍ୟ ଦିବସ ଦ୍ୱାରା ପରିବେଶରେ ନାଟକୀୟ ପରିବର୍ତ୍ତନ ହେବ ନାହିଁ ବୋଲି କଲରାଡୋ ବୋଲ୍‌ଡର ବିଶ୍ୱବିଦ୍ୟାଳୟର ଗବେଷକମାନେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି। ତେବେ ତାହା ଯୁଗ ଯୁଗ ଧରି ବରଫ ଦ୍ୱାରା ଆଚ୍ଛାଦିତ ଆର୍କଟିକ୍ ମହାସାଗରର ପ୍ରାକୃତିକ ପରିବେଶ ଚରିତ୍ରକୁ ବଦଳାଇଦେବ।

ଉଲ୍ଲେଖଯୋଗ୍ୟ, ୧୯୭୯ରୁ ଉଭୟ ଉତ୍ତର ଓ ଦକ୍ଷିଣ ମେରୁରେ ରହିଥିବା ବରଫର ଉପସ୍ଥିତି ବାବଦରେ ଉପଗ୍ରହରୁ ତଥ୍ୟ ସଂଗ୍ରହ ଜାରି ରହିଛି। ବୈଶ୍ୱିକ ତାପମାତ୍ରା ବୃଦ୍ଧି ଯୋଗୁଁ ଏକଦା ୧୯୭୯ରୁ ୧୯୯୨ ମସିହା ଭିତରେ ଆର୍କଟିକ୍ ମହାସାଗରରେ ୨୬ ଲକ୍ଷ ବର୍ଗମାଇଲ ବା ସାଢ଼େ ୬୮ ଲକ୍ଷ ବର୍ଗକିଲୋମିଟର ପରିମିତ ଅଞ୍ଚଳରେ ବ୍ୟାପିଥିବା ବରଫ ତରଳି ଏବେ ୪୨.୮ ଲକ୍ଷ ବର୍ଗକିଲୋମିଟରକୁ ସଂକୁଚିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ ଯେ ବରଫ ଆୟତନ ୧୦ ଲକ୍ଷ ବର୍ଗକିଲୋମିଟର୍‌ରୁ କମ୍ ହେଲେ ସେହି ଅବସ୍ଥାକୁ 'ବରଫଶୂନ୍ୟ' ବୋଲି କୁହାଯାଇଥାଏ। ପ୍ରଚଳିତ ଧାରା ବଜାୟ ରହିଲେ ଆଗାମୀ ୨୦୩୦ ଦଶକରେ ଆର୍କଟିକ୍ ମହାସାଗର 'ବରଫଶୂନ୍ୟ' ହୋଇଯିବା କିଛି ଅସମ୍ଭବ ନୁହେଁ।

ଚାଷୀ ଚିନ୍ତାରେ କରିବ କ'ଣ ?

# ଲଘୁଚାପ ବର୍ଷାରେ ଚାଷୀର ଭାଙ୍ଗିଛି ମେରୁଦଣ୍ଡ



**ସୁବର୍ଣ୍ଣପୁର,୨।୬(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାରେ ଅଦିନିଆ ଲଘୁଚାପ ବର୍ଷା ଫଳରେ ଚାଷୀ ଚାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବର୍ତ୍ତମାନ ଗୁଙ୍ଗୁରିପାଲି, ବିନିକା, ଉଲୁଣ୍ଡା ବ୍ଲକରେ ରବି ଧାନ ଅମଳ ସମୟ ହୋଇଥିବା ବେଳେ ୫୦ ପ୍ରତିଶତ ପାଚିଲା ଧାନ ଏବେ ବିଲରେ ଆଉ ଖଳାରେ ରହିଛି। ଲଗାଣ ବର୍ଷା ମାଡ଼ ଖାଇ ଧାନ ତଳେ ପଡ଼ିଯାଇଛି ୪୦ ପ୍ରତିଶତ ଚାଷୀ ଧାନ କାଟି ସାରିଛନ୍ତି। ଖଳାରେ ଆଉ ଘରେ ରଖିଥିବା ଧାନ କିଛି ମାତ୍ରାରେ ଗଜା ହେବାକୁ ବସିଲାଣି। ବ୍ଲକରେ ଗୁଡ଼ିକରେ ମଣ୍ଡି ରହିଥିବା ବେଳେ ମଣ୍ଡି ସ୍ୱୟଂ ସହାୟକ ଗୋଷ୍ଠୀ କିଣୁ ଥିବା ବେଳେ ମଣ୍ଡିରେ ପେକ୍ସ ଧାନ କିଣୁଥିବା ଜଣା ପଡ଼ିଛି। ଅନ୍ୟ ପକ୍ଷରେ ଅଦିନିଆ ଲଘୁଚାପ ସହ ଆଗୁଆ ମୌସୁମିର ଆଗମନ ଫଳରେ ଆଗକୁ ଚାଷୀ ରବି ଧାନ ଅମଳ କରୁଥିବି ବେଳେ ମୌସୁମୀ ଆଗମନ ଦେଖି ଚାଷୀ ଚିନ୍ତାରେ ପଡ଼ିଯାଇଛନ୍ତି। ବର୍ତ୍ତମାନ ସ୍ଥିତିରେ ଚାଷୀଙ୍କ ମୁଣ୍ଡରେ ଏବେ ଘୋର ଚିନ୍ତା ପଶିଛି। ନିଜର କଷ୍ଟ ଉପାର୍ଜିତ ଧାନ ବିକିବା ପାଇଁ ଚାଷୀଙ୍କ ନିଦ ହଜିଯାଇଛି। ଠିକ୍ ଧାନ କାଟି ସଂଗ୍ରହ କରି ବିକ୍ରି କରିବା ସମୟରେ ଅଦିନିଆ ବର୍ଷା ସବୁ ସ୍ୱପ୍ନକୁ ଧୂଳିସାତ କରିଦେଇଛି।କିଏ ବାହାଘର, କିଏ ପାଠପଢ଼ା, କିଏ ଦୈନନ୍ଦିନ ଜୀବନରେ ଚଳଣି ପାଇଁ ବହୁ ପରିଶ୍ରମ କରି ଧାନ ଫସଲ କରିଥିଲା। ହେଲେ ଅମଳ ପୂର୍ବରୁ ହିଁ ଦାଉ ସାଧୁଛି ଋତୁ। ଚାଷୀଙ୍କର ଏହି ସ୍ଥିତିକୁ ଦେଖି ସକ୍ରିୟ ହେଲେଣି ଦଲାଲ। ଧାନର ଆଦ୍ରତା ମାନ, ଡିସକଲର, ଗଜା ଆଦି ଢାଲ କରି ଏବେ ଚାଷୀଙ୍କୁ ଲୁଟିବାର ସବୁ ପ୍ରକ୍ରିୟା ଆରମ୍ଭ କରିଲେଣି ଦଲାଲ।ନିଜର ରାଜନୈତିକ ବାହାବା ନେବା ପାଇଁ ଏବେ ସବୁଦ ବିଭିନ୍ନ ଢଙ୍ଗରେ ପାରିବା ପଣିଆ ଦେଖେଇ ଲୋକଙ୍କୁ ଭକୁଆ ବନେଇବା ଚେଷ୍ଟା କରୁଥିବା ବେଳେ, ଦେଶର ମେରୁଦଣ୍ଡ କୁହାଯାଉଥିବା ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ରାଜନେତା ଗଲେ କୁଆଡେ? ସୁବର୍ଣ୍ଣପୁର ଜିଲ୍ଲାର ନିର୍ବାଚିତ ପ୍ରତିନିଧି ମାନେ ସମ୍ବେଦନଶୀଳ ହୋଇ ଚାଷୀଙ୍କ ହିତ ଦୃଷ୍ଟିକୁ ଧ୍ୟାନ ଦେବା ପାଇଁ ଚାଷୀ ଆଶା ବାନ୍ଧିଛନ୍ତି। କେନ୍ଦ୍ର କେବିନେଟରେ ଧାନ ଉପରେ ଅଣ୍ଡରୀ ଟଙ୍କା ବୃଦ୍ଧିକୁ ନେଇ ବାହା ବାହା ହେବାକୁ ଚେଷ୍ଟା କରୁଥିବା ନିର୍ବାଚିତ ପ୍ରତିନିଧି ଚାଷୀଙ୍କ ଏହି ଦୁଃଖଦ ସମୟରେ ଏକ ସ୍ୱତନ୍ତ୍ର ନୀତି ରାଜ୍ୟ ସରକାର ଘୋଷଣା କରିବା ପାଇଁ ଦାବି କରୁଛନ୍ତି।ରାଜ୍ୟ ସରକାର ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି।



# ଥାନାଧିକାରୀଙ୍କ ଥାର୍ଡ ଡିଗ୍ରୀ

● ସନାତନିକେଶରୀ ହିନ୍ଦୁବାହିନୀ ପକ୍ଷରୁ ଥାନା ଆଗରେ ଧାରଣା



**କଣାସ,୨।୬(ସଂଚାର ବ୍ୟୁରୋ):** କଣାସ ଥାନା ଗଡ଼ବଡପୁଟ ଗ୍ରାମପଞ୍ଚାୟତର ବଡଗଡପୁଟ ଗ୍ରାମରେ ଗତ ୩୧ ତାରିଖ ଦିନ କୁଆଡୁ ପାଣିନେବାକୁ କେନ୍ଦ୍ରକରି ନିନା ବଳବନ୍ତରାୟ ଓ ଉଷା ବଳବନ୍ତରାୟ ଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ମନ୍ଦାରବନ୍ତ ଫାଣ୍ଡି ଓ କଣାସ ଥାନାକୁ ଉଭୟପକ୍ଷ ଅଭିଯୋଗ କରିଥିଲେ। ଗଡ଼ବଡପୁଟ ସରପଞ୍ଚଙ୍କ ସ୍ୱାମୀ ବାପି ବଳବନ୍ତରାୟ କଣାସ ଥାନାରେ ପହଁଚି ଉଭୟଙ୍କ ମଧ୍ୟରେ ବୁଝାମଣା କରି ଥାନାରେ ପ୍ରତିଶ୍ରୁତି ଦେଇ ଉଭୟ ପରିବାରକୁ ନେଇଥିଲେ। ଆଜି ନିନା ବଳବନ୍ତରାୟଙ୍କ ପୁତ୍ର ବାଦଲ ବଳବନ୍ତରାୟଙ୍କୁ କଣାସ ଥାନା ଅଧିକାରୀ ମାଡ ମାରିଥିବା ଅଭିଯୋଗ କରି ଆଜି ନିନା ବଳବନ୍ତରାୟ ପରିବାର ଓ ସନାତନୀକେଶରୀ ହିନ୍ଦୁବାହିନୀ ପକ୍ଷରୁ ୨୦ ଜଣ ବ୍ୟକ୍ତି ଥାନା ଅଧିକାରୀଙ୍କ ବିରୋଧରେ କାଯ୍ୟା ଅନୁଷ୍ଠାନ ଦାବି କରି ଥାନା ଆଗରେ ବସି ରହିଛନ୍ତି। ଖବର ପାଇ ପିପିଲି ଏସଡିପିଓ ଦେବାଶିଷ ମିଶ୍ର ଘଟଣା ସ୍ଥଳରେ ପହଁଚି ଧାରଣରତ ବ୍ୟକ୍ତିମାନଙ୍କ ସହିତ ଆଲୋଚନା ଜାରି ରଖିଛନ୍ତି। ଧାରଣା ପଠୋ ଇ ମେଲରେପଠାଗଲା।

# ଯୁଗ୍ମ ଜନଶୁଣାଣିରେ ୫୮ ଅଭିଯୋଗର ହେଲାଶୁଣାଣି



**ସୁନ୍ଦରଗଡ,୨।୬(ସଂଚାର ବ୍ୟୁରୋ):** ଲାଠିକଟା ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁନ୍ଦରଗଡ଼ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ଉପସ୍ଥିତ ରହି ମୋଟ ୫୮ ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରେ ୨୪ ଟି ବ୍ୟକ୍ତିଗତ ଓ ୩୪ ଟି ସାମୁହିକ ଅଭିଯୋଗ ରହିଥିବା ବେଳେ ୭ ଟି ଅଭିଯୋଗର ସମାଧାନ ଶୁଣାଣି ସ୍ଥଳରେ ହିଁ ହୋଇଥିଲା । ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ, ଡ୍ରେନ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା,ବ୍ରିଜ ନିର୍ମାଣ, ଆବାସ ସମସ୍ୟା, ରାସନ୍ ସମସ୍ୟା, ଜମିଜମା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା। ଏଥିରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଡିଏଫଓ ଯଶୋବନ୍ତ ସେଠୀ , ପାନପୋଷ ଉପ ଜିଲ୍ଲାପାଳ ବିଜୟ କୁମାର ନାୟକ, ଆଇ ଏ ଏସ ଶିକ୍ଷାନୱୀଶ ଫାୱୀ ରସିଦ ଓ ଲାଠିକଟା ବିଡିଓ ମାନସ ସାହୁ ଓ ଲୋକ ଅଧ୍ୟକ୍ଷ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଗ୍ରାମାଞ୍ଚଳରେ ଆଧୁନିକ କୃଷି ପ୍ରଚାରରେ ବିକଶିତ କୃଷି ସଂକଳ୍ପ ଅଭିଯାନ"

**ସୁବର୍ଣ୍ଣପୁର,୨।୬(ସଂଚାର ବ୍ୟୁରୋ):** ମେ ୨୯ରୁ ଜୁନ ୧୨ ମଧ୍ୟରେ ସୁବର୍ଣ୍ଣପୁର ଜିଲ୍ଲାରେ ଆୟୋଜିତ ବିକଶୀତ କୃଷି ସଂକଳ୍ପ ଅଭିଯାନରେ ଆଜି ବିଜ୍ଞାନିକ ଦଳ ଦୁଇଟି ଗ୍ରାମରେ ଚାଷୀଙ୍କ ମଧ୍ୟରେ ଆଧୁନିକ କୃଷି ପ୍ରଯୁକ୍ତି ଏବଂ ଚିରନ୍ତନ କୃଷି ପଦ୍ଧତି ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଗସ୍ତ କରିଥିଲେ। ସୋନେପୁର ବ୍ଲକ୍ ଅଧୀନରେ ଥିବା ହରଡଖୋଲ୍ ଗ୍ରାମ ପଂଚାୟତ ଏବଂ ଖରଝୁରା ଗ୍ରାମ ପରିଦର୍ଶନ କରିଥିଲା। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସଂଯୁକ୍ତ ଉଦ୍ୟମରେ ଆୟୋଜିତ ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ବୈଜ୍ଞାନିକ କୃଷି ପ୍ରସାର ଏବଂ ଉନ୍ନତ ଫସଲ ଉତ୍ପାଦନ ପାଇଁ ଯୋଜନାଗୁଡ଼ିକର କ୍ଷେତ୍ର ସ୍ତରରେ ପ୍ରୟୋଗ ସୁନିଶ୍ଚିତ କରିବା। ଏହି ଗସ୍ତ ସମୟରେ, ଅଧିକାରୀମାନେ ଚାଷୀଙ୍କ ସହିତ ଖରିଫ ଫସଲ ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ସିଞ୍ଚନ ପଦ୍ଧତି ଏବଂ ବିଭିନ୍ନ ସରକାରୀ ଅନୁଦାନ ବିଷୟରେ ପ୍ରଦର୍ଶନ ଏବଂ ଆଲୋଚନା କରିଥିଲେ। ଜିଲ୍ଲାର ସମସ୍ତ ଚାଷୀଙ୍କୁ ସର୍ବାଧିକ ବୈଷୟିକ ଜ୍ଞାନ ପ୍ରଦାନ କରିବା ଏବଂ ତା'ର ସରକାରୀ ଯୋଜନା ବିଷୟରେ ଅବଗତ କରାଯାଇଥିଲା।




ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ

# ଜିଲ୍ଲାପାଳ ଅନୁପସ୍ଥିତ ଯୋଗୁଁ ଅଭିଯୋଗକାରୀଙ୍କ ମଧ୍ୟରେ ଅସନ୍ତୋଷ

**କଣାସ,୨।୬(ସଂଚାର ବ୍ୟୁରୋ):** ଆଜି କଣାସ ପଞ୍ଚାୟତ ସମିତି ସଭା ଗୃହରେ ପୁରୀ ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଯୋଗ ଦେଇନଥିବାରୁ ଅଭି ଯୋଗକରୀମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି। ପୂର୍ବ କାର୍ଯ୍ୟସୂଚି ଅନୁଯାୟୀ ସକାଳ ସାତଟାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଉପଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ଆଶୁତୋଷ ଦେ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚିନ ପଟେଲ, ବିଡିଓ ସୌମ୍ୟ ରଞ୍ଜନ ସ୍ୱାଇଁ, ଅତିରିକ୍ତ ତହସିଲିଦାର ଉପେନ୍ଦ୍ର କୁମାର ସେଠୀ, କଣାସ ଥାନା ଅଧିକାରୀ ପ୍ରଦୀପ କୁମାର ଜୁଝାରସିଂହ, ଅତିରିକ୍ତ ବିଡିଓ ମଙ୍ଗଳ ସିଂହ ହେମ୍ବ୍ରମ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ ଓ ସମସ୍ତ ଜିଲ୍ଲା ଅଧିକାରୀମାନେ ଉପସ୍ଥିତ ରହିଥିଲେ। ୯୦ ଟି ଅଭିଯୋଗ ଦାଖଲ କରାଯାଇଥିଲା ନୂତନ ଭାବେ ରାସନ କାର୍ଡ ପାଇବା ପାଇଁ ଅଧିକ ଅଭିଯୋଗ ଦାଖଲ କରାଯାଇଥିବାବେଳେ, ବନ ଭିଭାଗ ପକ୍ଷରୁ ଗଛ ଲଗା ନଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଥିବାବେଳେ ଧାନମଣ୍ଡ ଖୋଲାଯାଇନଥିବାରୁ ଚାଷୀମାନେ ଶାଗମାଛ ଦରରେ ଦଲାଲଙ୍କ ମାଧ୍ୟମରେ ଆନ୍ଧ୍ର ବେପାରୀଙ୍କୁ ବିକ୍ରି କରୁଥିବା ଅନେକ ଅଭିଯୋଗ ଦାଖଲ ହୋଇଥିଲା। ଆଡି ନଦୀରୁ ପଙ୍କ ଉଦ୍ଧାର ଏବଂ ସ୍ଲୁଇସି ଗେଟ ନିର୍ମାଣ କରିବା ପାଇଁ ଅଭିଯୋଗ ହେବା ସହିତ ଭତ୍ତାରୁ ବଞ୍ଚିତ ହୋଇଥିବା କେତେକ ବ୍ୟକ୍ତି ମଧ୍ୟ ଅଭିଯୋଗ କରିଥିଲେ। ଫଟୋ ଇ ମେଲରେ ପଠାଗଲା।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର

**ବରଗଡ଼,୨।୬(ସଂଚାର ବ୍ୟୁରୋ):** ପାଇକମାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ପଦ୍ମପୁର ଉପଜିଲ୍ଲାପାଳ ଅରୁଗୁଲା ସ୍ନେହା ଏବଂ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବରଗଡ ସୁଭାଷ ଅଗ୍ରୱାଲ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ସୂଚନାଯୋଗ୍ୟକି, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୮୫ ଗୋଟି ଅଭିଯୋଗ ମଧ୍ୟରୁ ୪୬ ଗୋଟି ବ୍ୟକ୍ତିଗତ, ୩୯ ଗୋଟି ସାମୁହିକ ଅଭିଯୋଗର ଶୁଣାଣି ପରେ ହସ୍ତଗତ ହୋଇଥିବା ଅଭିଯୋଗ ମଧ୍ୟରୁ ତତକ୍ଷଣାତ ଗୋଟିଏ ଅଭିଯୋଗ କୁ ସମାଧାନ କାରିବା ସହ ଅନ୍ୟାନ୍ୟ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।



# ପାଣ୍ଡରା ମାଳି ସମାଜ ପକ୍ଷରୁ ଶୀତଳ ଷଷ୍ଠୀ ଶିବ ବିବାହ ପାଳିତ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



**କଳାହାଣ୍ଡି,୨।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ପାଣ୍ଡରା ମାଳି ସମାଜ ପକ୍ଷରୁ ଧର୍ମଗଡ଼ ବିଜୁ କଲ୍ୟାଣ ମଣ୍ଡପ ଠାରେ ଶୀତଳ ଷଷ୍ଠୀ ବା ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଧର୍ମଗଡ଼ ପାରଦେଶ୍ୱର୍ ମନ୍ଦିର ରୁ ବର ଯାତ୍ରୀ ବାହାରି ବିଜୁ କଲ୍ୟାଣ ମଣ୍ଡପ କୁ ଆସିଥିଲା ଓ ବିଜୁ କଲ୍ୟାଣ ମଣ୍ଡପ ରେ ଦେବ ଦେବ ମହାଦେବ ଓ ଦେବୀ ପାର୍ବତୀ ଙ୍କ ଯଥା ରୀତି ନୀତି ଅନୁସାରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଟିପିଗୁଡ଼ା ର ଡ଼ମ୍ବରୁ ଧର ନାଏକ ଓ ତାଙ୍କ ସ୍ତ୍ରୀ ପାଙ୍କଜିନି ନାଏକ ବର ପକ୍ଷ କର୍ତ୍ତା ହୋଇ ଥିବା ବେଳେ ଧର୍ମଗଡ଼ ବସ୍ତି ପଡା ର ରାଜିନ୍ଦ୍ର ଭୋଇ ଓ ତାଙ୍କ ସ୍ତ୍ରୀ ଅଞ୍ଜଳି ଭୋଇ କନ୍ୟା ପକ୍ଷ କର୍ତ୍ତା ହୋଇ ଥିଲେ, କଳାହାଣ୍ଡି, ନୂଆପଡା, ପଡ଼ୋଶୀ ନବରଙ୍ଗପୁର ଅଞ୍ଚଳ ରେ ରହୁ ଥିବା ୩୬ ବର୍ଗର ପଣ୍ଡରା ମାଳି ସମାଜ ଲୋକ ଙ୍କୁ ନେଇ ପାଣ୍ଡରା ମାଳି ସମାଜ ଗଠନ ହୋଇ ଥିବା ବେଳେ ପ୍ରଥମ ଥର ଶିବ ବିବାହ କାର୍ଯ୍ୟକ୍ରମ କରା ଯାଇଛି। ବାଜା, ବାଣ, ସହ ଭଜନ କୀର୍ତ୍ତନ ରେ ଭକ୍ତି ମୟ ପୁରା ପରିବେଶ ପ୍ରକମ୍ପିତ ହୋଇ ଉଠି ଥିବା ବେଳେ ପୂଜକ ଉପେନ୍ଦ୍ର କୁମାର ପଣ୍ଡାଙ୍କ ଦ୍ୱାରା ବୈଦିକ ରୀତି ରେ ବିବାହ କାର୍ଯ୍ୟ ସଂମ୍ପନ କରା ଯାଇଥିଲା। ଏହି ଅବସର ରେ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ଏକ ସମ୍ବର୍ଦ୍ଧନା ସଭା ମଧ୍ୟ ଅନୁଷ୍ଠିତ ହୋଇ ଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବରେ ସମାଜ ସେବୀ ଭଜମନ ବୋଡେକ୍ ସମ୍ମାନିତ ଅତିଥି ଭାବରେ କୁଳପତି ପ୍ରକାଶ ଚନ୍ଦ୍ର ନାଏକ, ସଭାପତି ଈଶ୍ୱର ଚନ୍ଦ୍ର ପୂଜାରୀ, ପାଣ୍ଡରା ମାଳି ସମାଜ ଯୁବ ବାହିନୀ ପୂର୍ବତନ ସଭାପତି ଦୁର୍ଗା ପ୍ରସାଦ ନାଏକ, ଯୁବ ବାହିନୀ ସଭାପତି ଭବାନୀ ଶଙ୍କର ବଣିଆ, ସମ୍ପାଦକ ଲୋକେଶ ନାଏକ, ଉପସଭାପତି ବିପୁଳ ବଣିଆ, ଧର୍ମଗଡ଼ ଏନଏସି ଯୁବ ବାହିନୀ ସଭାପତି ସୌମ୍ୟ ରଞ୍ଜନ ନାଏକ, ମୁନିରାମ ମାଝୀ, ବାଳକୃଷ୍ଣ ନାଏକ, ରତନ ନାଏକ ଲୋକେଶ୍ୱର୍ ପାରି, ରଞ୍ଜନ ନାଏକ, ଖୁସି ରାମ ଟୋଲ୍ଲିଆ, ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ହିମାଦ୍ରୀ ନାଏକ, କଲ୍ୟାଣୀ ନାଏକ, ମିନତୀ ଜୁଜାରି ଲୋଚନ ନାଏକ, କୁନ୍ତ ବଟ ନାଏକ ଭଜମନ ନାଏକ, ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ବର୍ଷ ଓଡ଼ିଶା ମାଧ୍ୟମିକ ଓ ସିବି ଏସି ଦଶମ ଦ୍ୱାଦଶ ଓ ସ୍ନାତକ ରେ କୃତିତ୍ୱ ଅର୍ଜନ କରି ଥିବା ୩୩ ଜଣ ଛାତ୍ରଛାତ୍ରୀ ଙ୍କୁ ଗଣ ପତି ମେମୋ ରିଆଲ ଓ ସମତା ଚୌହାନ ଜରିଆ ରେ ତିନି ଡାକ୍ତରୀ ଛାତ୍ର, ଲିପସୁ ରଞ୍ଜନ ବୋଡେକ୍, ବିଜୟ ନାଏକ, ଭୋଲେଶ୍ୱର୍ ନାଏକ ଙ୍କୁ ମାନ ପତ୍ର ଉପ ଢୋ କନ ଶହ ନଗଦ ଦଶ ହଜାର ଟଙ୍କା ପ୍ରଦାନ କରା ଯାଇ ଥିଲା। କଳାହାଣ୍ଡି ଇନଭାରସିଟି ଟପର ଅମନ କୁମାର ନାଏକ ଙ୍କୁସମ୍ବର୍ଦ୍ଧନା କରାଯାଇଥିଲା ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ପ୍ରାନ୍ତ ରୁ ମାଳି ସମାଜ ର କର୍ମକର୍ତ୍ତା, ମହିଳା, ଯୁବକ, ସାମିଲ ହୋଇ ଥିବା ବେଳେ ଦେଖିବାକୁ ମିଳିଥିଲା।

# ୫ରେ ପିସିସି ସଭାପତି ଓ ପ୍ରଭାରୀଙ୍କ ଗସ୍ତ

**କଳିଙ୍ଗନଗର,୨।୬(ସଂଚାର ବ୍ୟୁରୋ):** ଆସନ୍ତା ୫ ତାରିଖି ଗୁରୁବାର ସକାଳ ୧୦ ଘଟିକା ସମୟରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାଶ। ରାଜ୍ୟ ପ୍ରଭାରୀ ଶ୍ରୀଯୁକ୍ତ ଅଜୟ କୁମାର ଲଲୁ ଜି। ଓଡ଼ିଶାର ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ଶରତ ରାଉତ ଙ୍କ ସମେତ ରାଜ୍ୟ କଂଗ୍ରେସ ର ବହୁ ନେତା କଳିଙ୍ଗନଗର ଗସ୍ତ ରେ ଆସିବେ, । ସମସ୍ତ ପ୍ରଥମେ କଳିଙ୍ଗନଗର ସ୍ଥିତ ବୀର ଭୂମି ଆମ୍ବ ଗଡ଼ିଆ ଆଦିବାସୀ ସହିଦ ସ୍ତମ୍ଭ ଠାରେ ଉପସ୍ଥିତ ରହିବେ।ସଭାପତି ସହିଦ ମାନଙ୍କୁ ପୁଷ୍ପ ମାଲ୍ୟ ଦେବେ। ଆମ୍ବ ଗଡ଼ିଆ ଠାରୁ ଡୁବୁରୀ ଇନ୍ଦିରା ପଡ଼ିଆ ଯାଏଁ ସମ୍ବିଧାନ ବଞ୍ଚାଅ ପଦଯାତ୍ରା ହେବ। ସେଦିନ ବିଶ୍ୱପରିବେଶ ଦିବସ ଥିବାରୁ ଇନ୍ଦିରା ପଡ଼ିଆରେ କଳିଙ୍ଗନଗର ଅଞ୍ଚଳକୁ ପ୍ରଦୂଷଣ ମୁକ୍ତ କରିବା ଦାବିରେ ଏକ ସଭା ଅନୁଷ୍ଠିତ ହେବ।

# ପଞ୍ଚାୟତ ପ୍ରତିନିଧିଙ୍କୁ ଅଣଦେଖା ଅଭିଯୋଗ

● ଜିଲ୍ଲାପାଳଙ୍କୁ ଭେଟିଲା ବିଜେଡି ଟିମ୍



**ବ୍ରହ୍ମପୁର,୨।୬(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାରେ ଉଦ୍ଦେଶ୍ୟମୂଳକ ଭାବେ ରାଜନୈତିକ ଚାପରେ ବଶବର୍ତ୍ତୀ ହୋଇ ଜିଲ୍ଲାର ବିଭିନ୍ନ ବ୍ଲକରେ ପଞ୍ଚାୟତର ବିକାଶମୂଳକ କାମ ବନ୍ଦ ରଖିବା, ପୁରୁଣା ବିଲ୍ କୁ ସ୍ଥଗିତ ରଖିବା, ପାତ୍ରପୁର ଏବଂ ଗଞ୍ଜାମର ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅଣଦେଖା କରିବା ବିରୋଧରେ ଆଜି ଜିଲ୍ଲାପାଳଙ୍କୁ ଭେଟିଛି ବିଜେଡିର ଏକ ଟିମ୍। ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁବକ୍ସି ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଛତ୍ରପୁରରେ ଜିଲ୍ଲାପାଳଙ୍କୁ ଭେଟି ଏହି ବାବଦରେ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ସମିତି ବୈଠକରେ ବାହାର ଗୁଣ୍ଡା ଲଗାଇ ଧମକ ଚମକ କରାଯାଉଥିବା ସତ୍ତ୍ୱେ ପ୍ରଶାସନ ତରଫରୁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଆଗାମୀ ଦିନରେ ବ୍ଲକର ପ୍ରଶାସନିକ କାର୍ଯ୍ୟରେ ପଞ୍ଚାୟତର ଗାଇଡଲାଇନ ନ ଭାଙ୍ଗି ଏହାର ସମାଧାନ ଦିଗରେ ଉଚିତ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଅବଗତ କରାଇଛି ବିଜୁ ଜନତା ଦଳ। ଏହି ଅବସରରେ ଟିକିଟି ବିଜେଡି ବିଧାୟକ ପ୍ରାର୍ଥୀ ତଥା ଯୁବ ନେତା ଶ୍ରୀରୂପଦେବ ଏବଂ ଛତ୍ରପୁରର ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ସୁବାସ ବେହେରାଙ୍କ ସମେତ ଟିକିଟି ଏବଂ ଛତ୍ରପୁର ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ସମିତି ସଭ୍ୟ, ସରପଞ୍ଚ ଏବଂ ପିଆରଆଇ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

● ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

# ୪୭ ଅଭିଯୋଗ ଦରଖାସ୍ତ ଗ୍ରହଣ

**ସୁବର୍ଣ୍ଣପୁର,୨।୬(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୋନପୁର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୪୭ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ୪୦ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୦୭ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଗୋଟିଏ ଦରଖାସ୍ତ ରେଡକ୍ରସ ରୁ ଆର୍ଥିକ ସହାୟତା ନିମନ୍ତେ ଗ୍ରହଣ କରାଯାଇଥିବା ବେଳେ ଅନ୍ୟ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡ଼ିଓ ସୋନପୁର ପ୍ରତୀକ କରଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ ସୋନପୁର ଡଃ ସୌମ୍ୟାରୂପା ରଥ ସମେତ ତହସିଲଦାର ସୋନପୁର ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

୭ଲକ୍ଷର ପ୍ରକଳ୍ପ ବିବାଦ ଘଟଣା

# ବିଡିଓ ମୁହଁ ଖୋଲୁନାହାନ୍ତି, ମତ ବଦଳାଉଛନ୍ତି ମନୋଜ




**ବିଞ୍ଝାରପୁର,୨।୬(ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ନିକଟରେ ଫଳକ ଲଗାଇ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ଆସିଥିଲା। ଫଳକ ଥାଇ ପ୍ରକଳ୍ପ କୁଆଡେ଼ ଗଲା ବୋଲି ଅଭିଯୋଗ ଆସିଥିଲା।ଆଉ ଅଭିଯୋଗ ଆସିବା ପରେ ବିଡ଼ିଓଙ୍କ ଉପରେ ତଦନ୍ତ ଭାର ଦିଆଯାଇଥିଲା।କିନ୍ତୁ ଅଭିଯୋଗକୁ ଭିତ୍ତି କରି ତଦନ୍ତ କଣ ହେଲା ତା ବିଷୟରେ ବିଡ଼ିଓ କିଛି ସ୍ପଷ୍ଟୀକରଣ ରଖି ନଥିବା ବେଳେ ସାମ୍ନାକୁ ଆସି ସ୍ପଷ୍ଟୀକରଣ ରଖିଛନ୍ତି ମଙ୍ଗଳ ଚଣ୍ଡୀ ନିର୍ମାଣ କାର୍ଯ୍ୟରେ ସଂପୃକ୍ତ ଥିବା କଲ୍ୟାଣପୁର ପଞ୍ଚାୟତର ମନୋଜ ନାୟକ।ତେବେ ପ୍ରଥମେ ମନ୍ଦିର ନିର୍ମାଣ କାର୍ଯ୍ୟରେ କୌଣସି ସରକାରୀ ଟଙ୍କା ଲାଗିନଥିବା କହୁଥିବା ମନୋଜ ଏବେ ମତ ପରିବର୍ତ୍ତନ କାହିଁକି କରିଛନ୍ତି ତାକୁ ନେଇ ଉଠିଛି ପ୍ରଶ୍ନ। ଘଟଣା ପ୍ରକାଶ ଥାଉ କି କଲ୍ୟାଣପୁର ପଞ୍ଚାୟତର ଅଧିଷ୍ଠାତ୍ରୀ ଦେବୀ ମଙ୍ଗଳ ଚଣ୍ଡୀଙ୍କ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ୭ ଲକ୍ଷ ଟଙ୍କା ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ୟୟ ବରାଦ ହୋଇଥିବା ଫଳକ କହୁଥିବା ବେଳେ ପ୍ରକଳ୍ପର ଚିହ୍ନ ନଥିବା ଅଭିଯୋଗ କରିଥଲେ କଲ୍ୟାଣପୁର ବାସିନ୍ଦା। ଅଭିଯୋଗ ର ତଦନ୍ତ ଭାର ବିଡ଼ିଓ ସହକାରୀ ଯନ୍ତ୍ରୀଙ୍କ କାନ୍ଧ ରେ ନ୍ୟସ୍ତ କରିଥିଲେ।ଅପର ପକ୍ଷେ ଏ ନେଇ କନିଷ୍ଠ ଯନ୍ତ୍ରୀ ଙ୍କୁ ପଚାରିବାରୁ ନିର୍ମାଣାଧୀନ ଥିବା ମାଙ୍କ ମନ୍ଦିର ଭିତ୍ତି ପ୍ରସ୍ତର ସ୍ଥାପନ ରେ ଉକ୍ତ ଟଙ୍କାର ବିନିଯୋଗ ହୋଇଥିବା ବେଳେ ଏକ ଭେଣ୍ଡର କୁ ପରୋକ୍ଷ ରେ ଦୋଷ ଦେଇ ଖସି ଯିବାକୁ ବସିଥିଲେ କନିଷ୍ଠ ଯନ୍ତ୍ରୀ ଅମୂଲ୍ୟ ତ୍ରିପାଠୀ। ବାରମ୍ବାର ଖବର ପ୍ରକାଶିତ ପରେ ମନ୍ଦିର ପାଖରେ ଆଉ ଏକ ଫଳକ ଲଗାଇଥିଲା ବ୍ଲକ ପ୍ରଶାସନ।ପୁର୍ବରୁ ମନ୍ଦିର ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ସେହି ଗ୍ରାମର ମନୋଜ ନାୟକ ଉକ୍ତ କାର୍ଯ୍ୟରେ କୌଣସି ସରକାରୀ ଅନୁଦାନ ଲାଗି ନ ଥିବା କହୁଥିବାର ଏକ ପ୍ରତିକ୍ରିୟା ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା।

# ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀ ମୃତ, ତନାଘନା ଜାରି

**ସୁନ୍ଦରଗଡ଼,୨।୬(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲା ତଳସରା ଥାନା ଅଧୀନ ମୁଖ୍ୟ ରାସ୍ତା ବାଲିଶଙ୍କରା ୨୩ ମାଇଲଠାରେ ଏକ ଦୁର୍ଘଟଣା ଘଟିଛି। ଏକ ଅଜଣା ଗାଡ଼ି ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାଳିଡିହି ଗ୍ରାମର ଅବିନାଶ ପ୍ରଧାନଏବଂ ବିରଞ୍ଚି ପ୍ରଧାନ ବୋଲି ଜଣାପଡିଛି। ଅନ୍ୟପକ୍ଷେ ଘଟଣାସ୍ଥଳରେ କୌଣସି ସିସିଟିଭି ଲାଗି ନ ଥିବାରୁ ଗାଡିକୁ ଚିହ୍ନଟ କରିବାରେ ସମସ୍ୟା ଦେଖାଦେଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଅଜଣା ଗାଡିକୁ ଖୋଜି ବାହାର କରିବା ସହ ସମ୍ପୃକ୍ତ ଗାଡି ଡ୍ରାଇଭରଙ୍କୁ ତୁରନ୍ତ ଗିରଫ କରିବାକୁ ସାଧାରଣାରେ ଦାବି ହୋଇଛି।




# ବିଜେଡ଼ିରେ ଭୂକମ୍ପ, ଦଳ ଛାଡ଼ିବେ ୪ ସଭାପତି!

**ତିର୍ତ୍ତୋଲ,୨।୬(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରେ ବିଧାୟକ ଡା ରମାକାନ୍ତ ଭୋଇ ଙ୍କ କାର୍ଯ୍ୟ କଳାପରେ ଅସନ୍ତୁଷ୍ଟ ହୋଇ ୪ ପ୍ରମୁଖ ସଭାପତି ଛାଡ଼ିବେ ଦଳ ବୋଲି ସୂଚନା ମିଳିଛି। ବିଶେଷ ସୂତ୍ରରୁ ଖବର ମିଳିଛି ଶାସକ ବି.ଜେ. ପି ସରକାର ତିର୍ତ୍ତୋଲ ବିଧାୟକ ଙ୍କ କାର୍ଯ୍ୟ କଳାପ ଉପରେ ତୀକ୍ଷ୍ଣ ନଜର ରଖିଛି, ତେଣୁ ତିର୍ତ୍ତୋଲ ବିଧାୟକ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ମଙ୍ଗୁଆଳ ପଚାରୁ ନଥିବାରୁ ଏଥିରେ ଆସନ୍ତୁଷ୍ଟ ହୋଇ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ସଭାପତି ସୁମିତି ଦାସ, ତିର୍ତ୍ତୋଲ ଯୁବ ବିଜେଡି ସଭାପତି ସୁଜିତ ମହାନ୍ତି, ବିଜୁ ଛାତ୍ର ବିଜେଡି ସଭାପତି କାଳନ୍ଦୀ ଦାସ ଓ ତିର୍ତ୍ତୋଲ ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ ବିଜେଡି ଛାଡିବା କୁ ନେଇ ଚର୍ଚ୍ଚା ହେଲାଣି । ଏମାନେ କହିବା ମୁତାବକ ଦଳ ପାଇଁ ଖଟି ଦେଇ ଡା ରମାକାନ୍ତ ଭୋଇ ଙ୍କୁ ୨୦୨୪ ନିର୍ବାଚନ ରେ ଜିତେଇ ବା ପରେ ବିଧାୟକ ରମାକାନ୍ତ ତାଙ୍କର କିଛି ଚମଚା ଙ୍କ ପ୍ରେମରେ ପଡି ଏମାନଙ୍କୁ କରଛଡ଼ା ଦେଉଛନ୍ତି। ଫଳରେ ତିର୍ତ୍ତୋଲ ବିଜେଡି କର୍ମୀ ମାନଙ୍କ ମନରେ ବିଜେଡି ଦଳ ଭଲ ପାଇବା ମରିମରି ଆସିଲାଣି, ଖୁବଶୀଘ୍ର ଏମାନେ ଦଳ ପରିର୍ତ୍ତନ କରିବାର ମୌସୁମୀ ପଵନ ବହି ଲାଣି, କିଛି ଦିନ ତଳେ ନିର୍ବାଚନ ମଣ୍ଡଳୀ ସ୍ତରୀୟ ସଭାପତି ନିର୍ବାଚନ ଙ୍କୁ ନେଇ ଗୁଞ୍ଜରଣ ଶୁଭୁ ଥିଲା, ଏବେ ବିଧାୟକ ତିର୍ତ୍ତୋଲ ଏହିସବୁ ପଦବୀଙ୍କୁ ପୂରଣ କରିବା ଲାଗି ପ୍ରାର୍ଥୀ କାଳେ ଖୋଜୁଛନ୍ତି ତେଣୁ ତିର୍ତ୍ତୋଲ ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ, ଛାତ୍ର ସଭାପତି କାଳନ୍ଦୀ ଦାସ, ଯୁବ ସଭାପତି ସୁଜିତି ମହାନ୍ତି ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ର ଯୁବ ବି ଜେ ଡି. ସଭାପତି ସୁମିତି ଦାସ ଖୁବ ଶୀଘ୍ର ବିଜେଡି ଦଳ ତ୍ୟାଗ କରି ଅନ୍ୟ ଦଳରେ ମିଶିବା ପାଇଁ ବ୍ଲୁ ପ୍ରିଣ୍ଟି କରି ସାରଲେଣି ବୋଲି ଖବର ଆସୁଛି ।